ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ନଭେମ୍ବର ୧୧/୨୦୧୯ (୧୬ ପୃଷ୍ଠା) | Bhubaneswar, Monday, November 11/2019 | ★★★★★★
୪୫ଶ ଭାଗ ୩୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଶେଫାଳୀଙ୍କ ବିରଳ କୃତିତ୍ୱ

ଦେଶର ସର୍ବକନିଷ୍ଠ ଖେଳାଳି ଭାବେ ୧୫ ବର୍ଷୀୟା ଶେଫାଳୀ ବର୍ମା ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଦେଇଛନ୍ତି।

୧୪

୦୨

## ପୁଣି ବଡ଼ ପରଦାରେ ଶିଳ୍ପା ସେଟ୍ଟୀ

ଦୀର୍ଘ ୧୩ ବର୍ଷ ପରେ ପୁଣି ବଡ଼ ପରଦାରେ ଶିଳ୍ପାଙ୍କୁ ଦେଖିବାକୁ ମିଳିବ। ଶବୀର ଖାନ୍‌ଙ୍କ ଆକ୍ସନ ଫିଲ୍ମ 'ନିକମ୍ମା'ରୁ ସେ ବଲିଉଡ୍ କମ୍‌ବ୍ୟାକ୍ କରିବେ।



# ଅପେକ୍ଷାରତ

ଦୀର୍ଘ ବର୍ଷ ଧରି ଲାଗି ରହିଥିବା ଅଯୋଧ୍ୟା ବିବାଦର ଚୂଡ଼ାନ୍ତ ରାୟ ୯ ନଭେମ୍ବର ୨୦୧୯ରେ ସୁପ୍ରିମକୋର୍ଟ ପ୍ରକାଶ କରିଛନ୍ତି। ୨.୭୭ ଏକର ବିଶିଷ୍ଟ ବିବାଦୀୟ ଭୂମିରେ ରାମ ମନ୍ଦିର ପ୍ରତିଷ୍ଠା ହେବା ନେଇ ରାୟରେ କୁହାଯାଇଛି। ଏଥିସହିତ ନିର୍ଦ୍ଦେଶ ଦିଆଯାଇଛି ଯେ, ଅଯୋଧ୍ୟାର ଏକ ପ୍ରମୁଖ ସ୍ଥାନରେ ୫ ଏକର ପରିମିତ ଉପଯୁକ୍ତ ଜମି ସୁନ୍ନି ୱାକଫ୍ ବୋର୍ଡକୁ ହସ୍ତାନ୍ତର କରାଯାଉ। ବିଧ୍ୱସ୍ତ ମସ୍‌ଜିଦ ଢାଞ୍ଚା ତଳେ ଏକ ମନ୍ଦିର ଥିବା ନେଇ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା ସର୍ଭେ କରିଛି। ଅନ୍ୟପକ୍ଷରେ ବାବ୍ରୀ ମସ୍‌ଜିଦ ଭଙ୍ଗାଯିବା ଆଇନର ଉଲ୍ଲଂଘନ ଥିଲା ବୋଲି ସୁପ୍ରିମକୋର୍ଟଙ୍କ ପୀଠ ରାୟ ଦେଇଛନ୍ତି।

ଆଇନଗତ ଦିଗକୁ ତର୍ଜମା କରିଚାଲିଲେ ଅନେକ କିଛି ବିଷୟ ଆଲୋଚନା ପରିସରକୁ ଆସିବ। କିନ୍ତୁ ଆଜିର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଦେଖିଲେ ଅଯୋଧ୍ୟା ପ୍ରସଙ୍ଗକୁ ନେଇ ଭାରତର ଯୁବପିଢ଼ି ଚିନ୍ତିତ ନାହାନ୍ତି। ସେମାନଙ୍କୁ ଏବେ ଯେଉଁ ବିଷୟ ବ୍ୟଥିତ କରିଚାଲିଛି, ତାହା ହେଉଛି ବେକାର ସମସ୍ୟା। କଥାରେ ଅଛି ଭୋକିଲା ପେଟରେ ଧର୍ମଚିନ୍ତା ଆସେ ନାହିଁ। କେବଳ ଇତିହାସକୁ ରୋମନ୍ଥନ କଲେ ବଞ୍ଚିବା କଷ୍ଟକର। ବରଂ ଇତିହାସରୁ ଶିକ୍ଷା ଗ୍ରହଣ କରି ଭବିଷ୍ୟତରେ କିଭଳି ଜୀବନକୁ ବିକାଶୋନ୍ମୁଖୀ କରିହେବ ତାହା ହେବା କଥା ମୁଖ୍ୟ ପ୍ରସଙ୍ଗ। ଏବର ପରିସ୍ଥିତିକୁ ଦେଖିଲେ ସବୁଆଡ଼େ ବିକାଶ ବିଷୟ ଉଲ୍ଲେଖ କରାଯାଉଛି। ମାତ୍ର ବାସ୍ତବତା ଭିନ୍ନ ଚିତ୍ର ଆଙ୍କୁଛି। ଅର୍ଥନୈତିକ ମାନ୍ଦାବସ୍ଥା ବର୍ତ୍ତମାନ ଦେଶର ମେରୁଦଣ୍ଡକୁ ଦୋହଲାଇ ଦେଇଛି। ବ୍ୟକ୍ତି ପାଖରେ ଅର୍ଥ ନ ରହିଲେ ତା'ର ବଜାରଯିବା ବନ୍ଦ। ଏହି ପରିପ୍ରେକ୍ଷୀରେ ଭାରତୀୟ ବଜାର ଅର୍ଥନୀତିକୁ ଦେଖିଲେ ଏହା ଏକ ଉପଭୋକ୍ତା ଦେଶ ଭାବେ ଜଣାଶୁଣା। ଏଠାରେ ଭାରତୀୟମାନେ ପ୍ରଯୁକ୍ତିବିଦ୍ୟା (ଆଇଟି)ରେ ଉତ୍କର୍ଷଲାଭ କରିଛନ୍ତି ବୋଲି ଡିଣ୍ଡିମ ପିଟା ଯାଉଛି। ପ୍ରକୃତରେ ଦେଖିଲେ ଏ ଦେଶର ଗବେଷକ ଗୁଗଲ୍, ଫେସ୍‌ବୁକ୍, ଟୁଇଟର ଭଳି ପ୍ରଯୁକ୍ତିବିଦ୍ୟାଭିତ୍ତିକ ଆପ୍ଲିକେଶନ ଦୁନିଆକୁ ଭେଟି ଦେଇପାରି ନାହାନ୍ତି। ଚାଇନା କଥା ଦେଖିଲେ ମେସେଜିଂ ଆପ୍ 'ୱିଚାଟ୍' ଏବଂ ଗୁଗଲ୍ ଭଳି ସର୍ଚ୍ଚଇଞ୍ଜିନ୍ 'ବାଇଡୁ' ଉଦ୍ଭାବନ କରି ତା'ର ପ୍ରଯୁକ୍ତିବିଦ୍ୟାକୁ ସଶକ୍ତ କରିପାରିଛି। କେବଳ ଚାଇନା ନୁହେଁ, ପୃଥିବୀର ଖୁବ୍ ଛୋଟ ଦେଶ ଯେଉଁ କ୍ଷେତ୍ରରେ ଅଗ୍ରଗତି କରିପାରିଛନ୍ତି ଭାରତ ସେଥିରେ ସାମର୍ଥ୍ୟ ରଖିପାରି ନ ଥିବାର ଦୃଷ୍ଟାନ୍ତ ଖୋଜିଲେ ବାରମ୍ବାର ମିଳୁଛି। ମହାକାଶକୁ ଭାରତ ପଠାଉଥିବା ଅନେକ ରକେଟର ଯନ୍ତ୍ରପାତି ଦେଖିଲେ ବାହାର ଦେଶରୁ ଆମଦାନୀ ହେଉଛି। ସେଗୁଡ଼ିକୁ ଯୋଡ଼ାଯୋଡ଼ି କରି ବାହାବା ନିଆଯାଉଛି। ଏହିଭଳି ଅନେକ କ୍ଷେତ୍ରକୁ ବାଛିବାଛି ଦେଖିଲେ ଏବେ ଭାରତ ବିଶ୍ୱ ସମୁଦାୟ ସମ୍ମୁଖରେ ନୂଆ ଚିନ୍ତାଧାରା ଛାଡ଼ିପାରୁ ନାହିଁ। ପଡ଼ୋଶୀ ଦେଶ ସହ ସୁସମ୍ପର୍କ ନ ଥିବାରୁ ବାଣିଜ୍ୟିକ କାରବାର ଆଖିଦୃଶିଆ ହୋଇପାରୁ ନାହିଁ। ବହିର୍ବ୍ୟାପାର ସମ୍ପର୍କ ଦୃଢ଼ୀଭୂତ ହୋଇପାରୁ ନ ଥିବାରୁ ବାଂଲାଦେଶ ଭଳି ବନ୍ଧୁ ରାଷ୍ଟ୍ର ମନ ଉଣା କଲେଣି।

ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ବିବାଦ ଯୋଗୁ ଅତୀତରେ ଅନେକ ହିଂସାକାଣ୍ଡ ଓ ଦଙ୍ଗା ହୋଇଛି। ଏହି ଭୂମି ପାଇଁ ବହୁ ଲୋକଙ୍କ ଜୀବନ ଯାଇଛି। ହୁଏତ ଭାରତୀୟ ଯୁବପିଢ଼ି ଅନୁଭବ କଲାଣି ଯେ, ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ସାମ୍ପ୍ରଦାୟିକ ବିବାଦରେ ଲିପ୍ତ ରହିଲେ କୌଣସି ସମ୍ପ୍ରଦାୟ ବା ବର୍ଗକୁ ଲାଭ ମିଳିବ ନାହିଁ। ଜନସଂଖ୍ୟା, ଅଶିକ୍ଷା, ଗରିବୀ, ଅନ୍ଧବିଶ୍ୱାସ, ବେକାରି, ଦୁର୍ନୀତି, ଜଳାଭାବ ଓ ପ୍ରଦୂଷଣ ଭଳି ସମସ୍ୟାର ତାଲିକା ପ୍ରସ୍ତୁତ କଲେ ତାହା ଲମ୍ବିଚାଲିବ।

ଆମେ ସମସ୍ତେ ଜାଣୁ ଯେ ପୃଥିବୀ ଇତିହାସରେ ଶାସକମାନେ ସବୁବେଳେ ଧର୍ମ ଆଢୁଆଳରେ ରହି କୁଶାସନ ବିଛାଇବାକୁ ଚେଷ୍ଟା କରନ୍ତି। ଧର୍ମ ନାମରେ ସାଧାରଣ ନାଗରିକଙ୍କୁ ଅନ୍ଧ କରିବା ନୂଆ ଚିନ୍ତାଧାରା ନୁହେଁ। ସେହି ଅନ୍ଧ ନାଗରିକ କେବେହେଲେ ବାସ୍ତବ ଚିତ୍ର ଦେଖିବାରେ ସଫଳ ହୁଏନାହିଁ। ସେଥିପାଇଁ ଆଜିର ଉତ୍କଟ ପରିସ୍ଥିତିରେ ଶାନ୍ତି ପ୍ରତିଷ୍ଠା କରିବାକୁ ଯାଇ ସର୍ବୋଚ୍ଚ ନ୍ୟାୟାଳୟର ସାମ୍ବିଧାନିକ ପୀଠ ଦେଇଥିବା ନିଷ୍ପତ୍ତିକୁ ଖୁଣି ହେବ ନାହିଁ। ଏହା ଏକ ଭିନ୍ନ ପ୍ରଶ୍ନ ହୋଇପାରେ ଯେ, ଶାନ୍ତି ସ୍ଥାପନର ଦୁହାଇ ଦେଇ 'ଜୋର ଯା'ର ମୁଲକ ତାର' ଚିନ୍ତାଧାରାକୁ ବଳବତ୍ତର କରାଯାଇଛି। ନ୍ୟାୟ ବ୍ୟବସ୍ଥାରେ ଶାନ୍ତି ପ୍ରତିଷ୍ଠା କରିବାର ଉଦ୍ୟମ ଭାରତୀୟ ବ୍ୟବସ୍ଥାର ବିରାଟବଡ଼ ଦୁର୍ବଳତା ଦର୍ଶାଉଛି। ସତେଯେମିତି ସରକାର ନିଜ ମୁଣ୍ଡରେ ଦାୟିତ୍ୱ ନେବା ପରିବର୍ତ୍ତେ ଅଦାଲତର ୫ ଜଣ ବିଚାରପତିଙ୍କ ଦ୍ୱାରା ନିଜର କର୍ତ୍ତବ୍ୟକୁ ସମ୍ପାଦନ କରୁଛି। ଅବଶ୍ୟ ଏଠାରେ ଅବସର ନେବାକୁ ଯାଉଥିବା ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା କରିବାକୁ ପଡ଼ିବ।

**ତଥାଗତ ସତପଥୀ**

ଗୋଗୋଇଙ୍କ ନିକଟ ଅତୀତର ପ୍ରାୟ ସବୁ କାର୍ଯ୍ୟ ସାମାଜିକ ସ୍ତରରେ ତୀବ୍ର ସମାଲୋଚନାର ଶିକାର ହୋଇଛି। ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟର କାର୍ଯ୍ୟରତା ଜଣେ ଯୁବତୀ ଗୋଗୋଇଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ ଆଣିବାଠାରୁ ଆରମ୍ଭ କରି ନିଜ ରାଜ୍ୟ ଆସାମରେ ଜୋରଜବରଦସ୍ତ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି) କରାଇ ଅନେକ ଲକ୍ଷ ଲୋକଙ୍କୁ ନାଗରିକତ୍ୱରୁ ବିଦା କରିଦେବା ଭଳି ବିବାଦୀୟ କାର୍ଯ୍ୟ ତାଙ୍କ ଭାବମୂର୍ତ୍ତିକୁ ପ୍ରବଳ ଭାବେ ଆଘାତ ପହଞ୍ଚାଇଥିଲା। ଏହି ଗୋଟିଏ ହିନ୍ଦୁତ୍ୱ ସପକ୍ଷବାଦୀ ରାୟ ମାଧ୍ୟମରେ ନିଜର ଭାବମୂର୍ତ୍ତି ଉଦ୍ଧାର କରିପାରିଛନ୍ତି ଗୋଗୋଇ।

ଏବେ ଶାନ୍ତି ପ୍ରତିଷ୍ଠା ହୋଇଛି। ସବୁ ରାଜନୈତିକ ଦଳର ଗୁଣ୍ଡାମାନେ ଭବିଷ୍ୟତରେ କ'ଣ କରିବେ, ସେଥିପାଇଁ ନେତାଙ୍କୁ ଅନାଇ ବସିଛନ୍ତି। ଝଡ଼ ପୂର୍ବର ନୀରବତା ଭଳି ଏବେ ସବୁ ପ୍ରଶାନ୍ତ ମନେହେଉଛି। ଅନ୍ୟପଟେ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, ହିନ୍ଦୁ ଓ ମୁସଲମାନ କେହି ବିବାଦୀୟ ଜମି ଉପରେ ନିଜର ମାଲିକାନା ପ୍ରମାଣ କରିପାରି ନାହାନ୍ତି। ସେଥିପାଇଁ କୌଣସି ଧର୍ମ ପରିବର୍ତ୍ତେ କେନ୍ଦ୍ର ସରକାରଙ୍କୁ ଜମି ହସ୍ତାନ୍ତର କରିବାକୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ମନ୍ଦିର ଗଢ଼ିବା ସହିତ ମସ୍‌ଜିଦ ଗଢ଼ିବା ଦାୟିତ୍ୱ କେନ୍ଦ୍ରକୁ ଦିଆଗଲା। ଉଭୟ ମନ୍ଦିର ଓ ମସ୍‌ଜିଦର ପରିଚାଳନା ଟ୍ରଷ୍ଟ ବୋର୍ଡ଼ ଗଠନ କରିବ କେନ୍ଦ୍ର ସରକାର। ଏହା ନିଶ୍ଚିତଭାବେ ଭାଜପା ପାଇଁ ଏକ ବିରାଟ ବିଜୟ। ମଙ୍ଗ ହରାଇ ବସିଛନ୍ତି ବିରୋଧୀ।

କିନ୍ତୁ ଭାରତ କୁଆଡ଼େ ଯିବ ? ଆମ ଦେଶର ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ସମସ୍ତେ ଜାଣିଛନ୍ତି। ଏକବିଂଶ ଶତାବ୍ଦୀରେ ଧର୍ମପୀଠ ଦ୍ୱାରା କେତେ ଯୁବତୀଯୁବକଙ୍କ ପେଟ ପୂରିବ, ତାହା ଦେଖିବାକୁ, ଆମେ ଯଦି ବଞ୍ଚିଥିବୁ, ଅପେକ୍ଷାରତ।

# ୩ ଲକ୍ଷ ହେକ୍ଟର ଫସଲ ନଷ୍ଟ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ବାତ୍ୟା 'ବୁଲ୍‌ବୁଲ୍' ଦ୍ୱାରା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଏବଂ ମୟୂରଭଞ୍ଜ ଆଦି ୬ ଜିଲା ପ୍ରଭାବିତ ହୋଇଛି। ପ୍ରାଥମିକ ଆକଳନ ଅନୁଯାୟୀ ଏହିସବୁ ଜିଲାର ପ୍ରାୟ ୩ ଲକ୍ଷ ହେକ୍ଟର ଚାଷଜମି ପ୍ରଭାବିତ ହୋଇଛି। ତନ୍ମଧ୍ୟରୁ ୨ ଲକ୍ଷ ହେକ୍ଟରରୁ ସାମାନ୍ୟ ଅଧିକ ଜମି ୩୩%ରୁ ଊର୍ଦ୍ଧ୍ୱ ପ୍ରଭାବିତ ହୋଇଛି। ସେହିପରି ବିଭିନ୍ନ ଗଣମାଧ୍ୟମରେ ୩ ମୃତ୍ୟୁ ସମ୍ପର୍କିତ ଖବର ପ୍ରକାଶ ପାଇଥିଲା। ହେଲେ ତନ୍ମଧ୍ୟରୁ ୨ ମୃତ୍ୟୁ ବୁଲ୍‌ବୁଲ୍ ଦ୍ୱାରା ନୁହେଁ, ଅନ୍ୟ ଗୋଟିଏ ମୃତ୍ୟୁ ସମ୍ପର୍କିତ ତଦନ୍ତ ଜାରି ରହିଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ପ୍ରଦୀପ ଜେନା ସୂଚନା ଦେଇଛନ୍ତି। କ୍ଷୟକ୍ଷତି ସମ୍ପର୍କରେ ୬ ଜିଲାର ଜିଲାପାଳ ଏବଂ କୃଷି ଅଧିକାରୀଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା କରାଯାଇଛି। ଜିଲାପାଳଙ୍କୁ ୫ ଦିନ ମଧ୍ୟରେ କ୍ଷୟକ୍ଷତି ସମ୍ପୂର୍ଣ୍ଣ ରିପୋର୍ଟ ପ୍ରସ୍ତୁତ କରି ଦେବା ପାଇଁ କୁହାଯାଇଛି।

ଅନ୍ୟପକ୍ଷରେ ସୋମବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆକାଶମାର୍ଗରୁ 'ବୁଲ୍‌ବୁଲ୍' ପ୍ରଭାବିତ ଅଞ୍ଚଳକୁ ଅନୁଧ୍ୟାନ କରି କ୍ଷୟକ୍ଷତି ଦେଖିବେ। ଏହାପରେ ସନ୍ଧ୍ୟାରେ ଲୋକସେବା ଭବନରେ 'ବୁଲ୍‌ବୁଲ୍' ପରବର୍ତ୍ତୀ ପୁନରୁଦ୍ଧାର ଏବଂ ସହାୟତା ସମ୍ପର୍କିତ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବେ। ବୈଠକ ପରେ କ୍ଷୟକ୍ଷତି ସହାୟତା ସମ୍ପର୍କିତ ବିଶେଷ ଘୋଷଣା ହୋଇପାରେ ବୋଲି ଜଣାପଡ଼ିଛି।

ବୁଲ୍‌ବୁଲ୍ ପ୍ରଭାବ କମିବା ପରେ ପ୍ରଭାବିତ ଜିଲାରେ ସ୍ଥାନୀୟ ପ୍ରଶାସନ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି), ଜିଲାପାଳ, ଉପଜିଲାପାଳ, ତହସିଲଦାର ପ୍ରମୁଖ ତୃଣମୂଳ ଅଞ୍ଚଳ ଗସ୍ତ କରିଥିବା ଜଣାପଡ଼ିଛି। ସେହିଭଳି ଭୁବନେଶ୍ୱରରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ଏସ୍‌ଆର୍‌ସି ଜେନା ଏବଂ ଅନ୍ୟ ଅଧିକାରୀମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାତ୍ୟା/ବର୍ଷା କାରଣରୁ ୮୬୬୦ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରଣ ☞ପୃଷ୍ଠା-୪

### ବୁଲ୍‌ବୁଲ୍: ପ୍ରାଥମିକ କ୍ଷୟକ୍ଷତି ଆକଳନ

- ୫୫୦୦ ଘର ଆଂଶିକ କ୍ଷତିଗ୍ରସ୍ତ
- ଆଜି ଆକାଶମାର୍ଗରୁ କ୍ଷୟକ୍ଷତି ଦେଖିବେ ମୁଖ୍ୟମନ୍ତ୍ରୀ



## ପଶ୍ଚିମବଙ୍ଗରେ ୧୦ ମୃତ

### କେନ୍ଦ୍ରୀୟ ସହାୟତା ଯୋଗାଇଦେବାକୁ ମମତାଙ୍କୁ ମୋଦିଙ୍କ ପ୍ରତିଶ୍ରୁତି

**କୋଲକାତା,୧୦।୧୧(ପି.ଟି.)**

ସାମୁଦ୍ରିକ ବାତ୍ୟା ବୁଲ୍‌ବୁଲ୍ ପଶ୍ଚିମବଙ୍ଗ ଉପକୂଳ ଜିଲାଗୁଡ଼ିକରେ ବ୍ୟାପକ କ୍ଷତି ଘଟାଇବା ପରେ ବାଂଲାଦେଶରେ ପ୍ରବେଶ କରିଛି। ଏଥିରେ ପଶ୍ଚିମବଙ୍ଗରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ରବିବାର ସକାଳ ପର୍ଯ୍ୟନ୍ତ ପ୍ରବଳ ବର୍ଷା ସାଙ୍ଗକୁ ୧୩୫ କିଲୋମିଟର ପର୍ଯ୍ୟନ୍ତ ବେଗରେ ପବନ ବହିଥିଲା। ଫଳରେ ଶହ ଶହ ଗଛ ଭାଙ୍ଗିବା ସହିତ ଅନେକ ବିଦ୍ୟୁତ ଖୁଣ୍ଟି ଉପୁଡ଼ି ପଡିଥିବାରୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ରବିବାର କଥା ହୋଇଛନ୍ତି। ବୁଲ୍‌ବୁଲ୍ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଲାଗି ସମସ୍ତ କେନ୍ଦ୍ରୀୟ ସହାୟତା ଯୋଗାଇଦେବାକୁ ସେମାନେ ମମତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପଶ୍ଚିମବଙ୍ଗକୁ ୧୦ଟି ଏବଂ ଓଡ଼ିଶାକୁ ୬ଟି ଏନ୍‌ଡିଆର୍‌ଏଫ୍ ଟିମ୍ ପଠାଯିବା ସହ ଆଉ ୧୮ଟି ଟିମ୍‌କୁ ଷ୍ଟାଣ୍ଡବାଏ ରଖାଯାଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ପୂର୍ବ ଭାରତରେ ବାତ୍ୟାଜନିତ କ୍ଷୟକ୍ଷତିର ସମୀକ୍ଷା କରାଯାଉଛି ବୋଲି ମୋଦି ଟୁଇଟ୍ କରିଛନ୍ତି।

ଉତ୍ତର ଓ ଦକ୍ଷିଣ ୨୪ ପ୍ରଗଣା ସମେତ ପୂର୍ବ ମିଦନାପୁର ଜଲାରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। କେବଳ ଉତ୍ତର ୨୪ ପ୍ରଗଣାରେ ବାତ୍ୟାରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ଗଛ ପଡ଼ି ଓ ୨ ଜଣଙ୍କର କାନ୍ଥ ଭୁଶୁଡ଼ି ମୃତ୍ୟୁ ହୋଇଥିବା ଜଣେ ☞ପୃଷ୍ଠା-୪

## ଟି.ଏନ୍. ଶେଷାନଙ୍କ ପରଲୋକ

**ନୂଆଦିଲ୍ଲୀ, ୧୦।୧୧(ପି.ଟି.)**



ଦେଶର ନିର୍ବାଚନ ପ୍ରକ୍ରିୟାରେ ସଂସ୍କାର ଆଣି ଚର୍ଚ୍ଚିତ ହୋଇଥିବା ଭାରତର ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର ତିରୁନେଲାଇ ନାରାୟଣ ଆୟର ଶେଷାନ (ଟି.ଏନ୍. ଶେଷାନ)ଙ୍କ ☞ପୃଷ୍ଠା-୪

## ଚହରଙ୍କ ହ୍ୟାଟ୍ରିକ: ଭାରତ ସିରିଜ ବିଜୟୀ

**ନାଗପୁର, ୧୦।୧୧**

ଲୋକେଶ ରାହୁଲ ଓ ଶ୍ରେୟାସ ଆୟାରଙ୍କ ଅର୍ଦ୍ଧଶତକ ପରେ ଦୀପକ ଚହରଙ୍କ ମ୍ୟାଜିକ୍ ସ୍ପେଲ୍ ଏବଂ ହ୍ୟାଟ୍ରିକ ସଫଳତା ବଳରେ ଭାରତ ରବିବାର ଅନୁଷ୍ଠିତ ଟି୨୦ କ୍ରିକେଟ ମ୍ୟାଚରେ ବାଂଲାଦେଶକୁ ୩୦ ରନରେ ହରାଇ ଦେଇଛି। ଭାରତ ପକ୍ଷରୁ ଧାର୍ଯ୍ୟ ୧୭୫ ରନ ବିଜୟ ଲକ୍ଷ୍ୟର ପିଛା କରି ବାଂଲାଦେଶ ୧୯.୨ ଓଭରରେ ୧୪୪ ରନ କରି ଅଲଆଉଟ ହୋଇ ଯାଇଥିଲା। ଏଥିସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ୨-୧ରେ ଜିତିଛି ଟିମ୍ ଇଣ୍ଡିଆ। ମ୍ୟାଚରେ ଦୀପକ ମାତ୍ର ୭ ରନ ଦେଇ ୬ ଉଇକେଟ ନେଇଥିଲେ। ଯାହାକି ଅନ୍ତର୍ଜାତୀୟ ଟି୨୦ରେ ସର୍ବଶ୍ରେଷ୍ଠ ବୋଲିଂ ସଫଳତା। ପୂର୍ବରୁ ଶ୍ରୀଲଙ୍କାର ଅଜନ୍ତା ମେଣ୍ଡିସ ୨୦୧୨ରେ ହାମ୍ବନତୋଟାଠାରେ ଜିମ୍ବାୱେ ବିପକ୍ଷରେ ୮ ରନ ବିନିମୟରେ ୬ ଉଇକେଟ ନେଇ ରେକର୍ଡର ଅଧିକାରୀ ଥିଲେ। ଦୀପକ ନିଜ ୩ୟ ଓଭରର ଶେଷ ବଲ୍‌ରେ ଶାଫିଉଲ ଇସଲାମଙ୍କୁ ଏବଂ ୪ର୍ଥ ଓଭରର ପ୍ରଥମ ବଲ୍‌ରେ ମୁସ୍ତାଫିଜୁର ରହମନ ଓ ଦ୍ୱିତୀୟ ବଲ୍‌ରେ ଅମିନୁଲ ଇସଲାମଙ୍କୁ ଆଉଟ କରି ହ୍ୟାଟ୍ରିକ ପୂରଣ କରିଥିଲେ। ମ୍ୟାଚ ଶେଷରେ ତାଙ୍କ ବୋଲିଂ ଫିଗର ୩.୨-୦-୭-୬ ରହିଥିଲା। ଏଥିପାଇଁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।



### ଡୋଭାଲଙ୍କ ଘରେ ଧାର୍ମିକ ନେତାଙ୍କ ବୈଠକ

## ଶାନ୍ତି, ସହାବସ୍ଥାନ ପାଇଁ ସହମତି



ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କ ବାସଭବନରେ ଦୁଇ ସମ୍ପ୍ରଦାୟର ଧର୍ମଗୁରୁଙ୍କ ବୈଠକ।

**ନୂଆଦିଲ୍ଲୀ,୧୦।୧୧(ପି.ଟି.)**

ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ମାମଲାରେ ସୁପ୍ରିମକୋର୍ଟଙ୍କ ଐତିହାସିକ ରାୟ ଆସିବା ଦିନକ ପରେ ଉକ୍ତ ଅଞ୍ଚଳରେ ଶାନ୍ତି ଓ ସହାବସ୍ଥାନ ପାଇଁ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଧାର୍ମିକ ନେତାଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି। ନୂଆଦିଲ୍ଲୀରେ ରବିବାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ୍ ଡୋଭାଲଙ୍କ ବାସଭବନରେ ଆନ୍ତଃ ଧାର୍ମିକ ଆସ୍ଥାକୁ ନେଇ ଏକ ବୈଠକ ହୋଇଛି। ଏଥିରେ ଶିୟା ଧର୍ମଗୁରୁ ମୌଲାନା କଲ୍‌ବେ ଜାୱଦ୍, ସ୍ୱାମୀ ଚିଦାନନ୍ଦ ସରସ୍ୱତୀ, ସ୍ୱାମୀ ପରମାତ୍ମାନନ୍ଦ ଓ ଯୋଗଗୁରୁ ରାମଦେବଙ୍କ ସମେତ ଅନେକ ଆଧ୍ୟାତ୍ମିକ ଗୁରୁ ଯୋଗଦେଇଥିଲେ। ସେହିପରି ମଜ୍‌ଲିସ-ଇ-ମୁଶାୱରାତ୍‌ର ନାଭିଦ୍ ହମିଦ୍ ଏବଂ ଜମାତ୍-ଇ-ଇସ୍‌ଲାମି ହିନ୍ଦ୍ ନେତା ସଲିମ୍ ଇଞ୍ଜିନିୟର ମଧ୍ୟ ବୈଠକରେ ସାମିଲ ଥିଲେ। ଅଯୋଧ୍ୟା ରାୟ ପରେ ଦେଶରେ ଶାନ୍ତି ଓ ସହାବସ୍ଥାନର ସନ୍ଦେଶ ପ୍ରେରଣ କରିବା ହେଉଛି ଏହି ବୈଠକର ଲକ୍ଷ୍ୟ। ଦୁଇ ସମ୍ପ୍ରଦାୟ ମଧ୍ୟରେ ରାୟକୁ ନେଇ ଯେପରି କୌଣସି ପ୍ରକାର ଉତ୍ତେଜନା ପ୍ରକାଶ ନ ପାଇବ ସେନେଇ ଏନ୍‌ଏସ୍‌ଏ ଡୋଭାଲ ଓ ଧର୍ମଗୁରୁମାନେ ଆଲୋଚନା କରିଥିବା ରାମଦେବ କହିଛନ୍ତି।

### ଆଜିର ମନ୍ତବ୍ୟ

"ମହିଳାଙ୍କ ସୁରକ୍ଷାର ଅଭାବ ଏକ ଲଜ୍ଜାଜନକ ବିଷୟ।

-ମୋହନ ଭାଗବତ, ଆର୍‌ଏସ୍‌ଏସ୍ ମୁଖ୍ୟ

### କିଛି ତଥ୍ୟ

ନଭେମ୍ବର ପ୍ରଥମ ସପ୍ତାହରେ ଦେଶର ପୁଞ୍ଜି ବଜାରରେ ବିଦେଶୀ ପୁଞ୍ଜି ନିବେଶକମାନେ ପ୍ରାୟ ୧୨,୦୦୦ କୋଟି ଟଙ୍କା ନିବେଶ କରିଛନ୍ତି।

- ଷ୍ଟକ ବଜାର ଡିପୋଜିଟୋରୀ ଡାଟା

**୨୬ରେ ନିଷ୍ପତ୍ତି ନେବ ସୁନ୍ନି ୱାକଫ୍ ବୋର୍ଡ**
ପୃଷ୍ଠା-୩


Vencobb Fresh Chicken — Taste the difference!

10.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 66 | 114 | 124 |
| CTC | 65 | 113 | 123 |
| DKL | 67 | 115 | 125 |
| BDK | 67 | 115 | 125 |
| BLS | 67 | 115 | 125 |
| ANG | 67 | 115 | 125 |
| BHM | 62 | 109 | 119 |

*Conditions Apply

Issued in the Interest of Consumers




Contact Number - 9748164499, 7894470058, 7337254400

Authorised Dealer

TRUPTI AUTOMOTIVES — Angul, Jajpur, Dhenkanal, Cuttack, Jagatsinghpur, Kendrapada — 9583040249, 9583040257

CONSORTIUM AUTOMOBILES — Khorda, Puri, Nayagarh, Kandhmal, Ganjam, Gajpati — 7375087787

PAL MOVERS — Balasore, Bhadrak, Mayurbhanj, Keonjhar — 9437960713, 9938405992

JALAN AUTOMOBILES — Sambalpur, Deogarh, Jharsuguda, Sundergarh, Rourkela — 7381002302, 7381062291

LAXMI SALES AND SERVICE — Bargarh, Balangir, Sonepur, Boudh, Nuapda — 8144917704, 8144917701

KALINGA AUTO SYNDICATE — Koraput, Nabarangpur, Malkangiri, Kalahandi, Rayagada — 9937167720, 7682826345



ଅଭିନେତ୍ରୀ ମଲାଇକା ଆରୋରା ପୁଅ ଅରହାନ୍‌ଙ୍କ ୧୭ତମ ଜନ୍ମଦିନ ମୁମ୍ବାଇରେ ପୂର୍ବତନ ସ୍ୱାମୀ ଅର୍‌ବାଜ ଖାନ୍ ଓ ପରିବାର ସହ ପାଳନ କରିଛନ୍ତି।

# ସମ୍ପର୍କରେ ବ୍ୟବଧାନ ବଢ଼ାଉଛି କାର୍ଯ୍ୟଚାପ

## ପରିବାରକୁ ସମୟ ଦେଇପାରୁ ନାହାନ୍ତି ୬୪% ଭାରତୀୟ

**ନୂଆଦିଲ୍ଲୀ:** ଦୌଡୁଛି ଜୀବନ। ନିଃଶ୍ୱାସ ନେବାକୁ ତରନାହିଁ। ଏହି ରେସ୍‌ରେ ଏବେ ସାମିଲ ହୋଇଛନ୍ତି ପ୍ରାୟ ଅଧିକାଂଶ ମଣିଷ। ହେଲେ କାର୍ଯ୍ୟକ୍ଷେତ୍ରରେ ବଢୁଥିବା ଚାପ ଏବେ ସେମାନଙ୍କ ବ୍ୟକ୍ତିଗତ ଜୀବନକୁ ଆଉ ସ୍ୱାଭାବିକ କରି ରଖୁନାହିଁ। ବିଶେଷକରି ଭାରତୀୟଙ୍କ କ୍ଷେତ୍ରରେ ଏହା ଏବେ ବଡ଼ ସମସ୍ୟା ଭାବେ ଉଭା ହୋଇଛି। କର୍ମକ୍ଷେତ୍ରରେ ପଡୁଥିବା ଚାପ କାରଣରୁ ୬୪% ଭାରତୀୟ ପରିବାରକୁ ସମୟ ଦେଇପାରୁନାହାନ୍ତି।

କର୍ମଚାରୀଙ୍କୁ କର୍ମତତ୍ପର କରିବାକୁ ଚାଇନାରେ ଆରମ୍ଭ ହୋଇଥିଲା ଫର୍ମୁଲା '୯୯୬'। ଏହି ୱାର୍କ କଲଚର ଅନୁଯାୟୀ ଅଫିସ ସମୟ ସକାଳ ୯ଟାରୁ ଆରମ୍ଭ ହୋଇ ରାତି ୯ଟା ଯାଏ ସ୍ଥିର କରାଯାଇଛି। ସପ୍ତାହକୁ ୬ଦିନ ଏପରି ଧରାବନ୍ଧା ଜୀବନ ସହ କର୍ମଚାରୀଙ୍କୁ ଖାପଖୁଆଇ ଚଳିବାକୁ ପଡ଼େ। ଏହି ନିୟମକୁ ଏବେ ଅଧିକାଂଶ ଭାରତୀୟ କମ୍ପାନୀ ଆପଣେଇବାରେ ଲାଗିଛନ୍ତି। ଏହି କାରଣରୁ ପରିବାରକୁ ଗୁଣାତ୍ମକ ସମୟ ଦେଇପାରୁନାହାନ୍ତି କର୍ମଜୀବୀ। ପ୍ରତି ୩ଜଣ ପ୍ରଫେଶନାଲଙ୍କ ଭିତରୁ ଜଣେ ଏପରି ସମସ୍ୟା ସହ ଜଡ଼ିତ। ଗୋଦରେଜ ଇଣ୍ଟିରିଓ ପକ୍ଷରୁ ନିକଟରେ କରାଯାଇଥିବା ସର୍ଭେ 'ମେକ୍ ସ୍ପେସ ଫର ଲାଇଫ୍'ରେ ଏହି ତଥ୍ୟ ପଦାକୁ ଆସିଛି। ଅଭିଯାନରେ ସାମିଲ ହୋଇଥିବା ଅଧିକାଂଶ ବ୍ୟକ୍ତି ମାନିଛନ୍ତି ଯେ, ସେମାନେ କାମ ସହ ପରିବାର ସଦସ୍ୟଙ୍କ ମଧ୍ୟରେ ଆବଶ୍ୟକ ସନ୍ତୁଳନ ରଖି ପାରୁନାହାନ୍ତି। ଚାଇନାର ବୃହତ୍ ଟେକ୍ନୋଲୋଜି କମ୍ପାନୀ ଏବଂ ଷ୍ଟାର୍ଟଅପ୍‌ରେ '୯୯୬' ଫର୍ମୁଲାରେ କାମ କରାଯାଉଛି। ଯୁବପିଢ଼ିଙ୍କ ଇଣ୍ଟରପ୍ରିନ୍ୟୁୟର ଆଦର୍ଶ କୁହାଯାଉଥିବା ଗ୍ଲୋବାଲ ଇ-କମର୍ସ କମ୍ପାନୀ ଅଲିବାବାର ପ୍ରତିଷ୍ଠାତା ଜାକ୍ ମା ଏବଂ ତାଙ୍କର ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ରିଚାର୍ଡ ଲିୟୁ ଅଧିକ ସମୟ କାମକୁ ଆଦର୍ଶ ବୋଲି ମାନିଥାନ୍ତି। ଗୋଦରେଜ ଇଣ୍ଟିରିଓ ସିଓଓ ଅନୀଲ ମାଥୁର କହିଛନ୍ତି, 'ଟେକ୍ନୋଲୋଜି ଜୀବନକୁ ଆରାମଦାୟକ କରିଦେଲାଣି' ଏବେ ଲୋକମାନଙ୍କ ମଧ୍ୟରେ ଏହି ଭ୍ରମ ସୃଷ୍ଟି ହୋଇଛି। ହେଲେ ଏହା ହିଁ ଏପରି ସମସ୍ୟାକୁ ଡାକି ଆଣିଛି। ଯନ୍ତ୍ର ସହିତ ଅଭ୍ୟସ୍ତ ମଣିଷ ପରିବାର, ପିଲାଛୁଆଙ୍କୁ ସମୟ ଦେଇପାରୁନାହାନ୍ତି। ସର୍ଭେରେ ସାମିଲ ହୋଇଥିବା ୬୪% ପରିବାର, ୨୧.୨% ସାଙ୍ଗସାଥୀଙ୍କୁ ସମୟ ଦେଇପାରୁ ନ ଥିବା କହିଛନ୍ତି। ୨୮% ଏଥିପାଇଁ ନିଜର ବ୍ୟକ୍ତିଗତ କାର୍ଯ୍ୟଶୈଳୀକୁ ଦାୟୀ କରିଛନ୍ତି। ତେବେ ୬୧% ଦେଇଥିବା ମତ ସବୁଠାରୁ ଅଧିକ ଚିନ୍ତା କରିବା ଭଳି ଥିଲା। ସେମାନେ କହିଥିଲେ, କାମର ଧାଁ ଦୌଡ଼ ଭିତରେ ସେମାନେ ନିଜର ରୁଚି ଭୁଲିଗଲେଣି। ପରିବାର ଦାୟିତ୍ୱ କାନ୍ଧକୁ ନେବାପରେ ସେମାନେ ନିଜର ବ୍ୟକ୍ତିଗତ ଜୀବନର ଅଭିଳାଷକୁ ମାଡ଼ିମକଚି ରଖିଦେବାକୁ ପଡୁଛି। ସର୍ଭେରେ ଆହୁରି ମଧ୍ୟ କୁହାଯାଇଛି, ଭାରତୀୟମାନେ କାମ ଚାପରେ ଚିଡ଼ଚିଡ଼ା ହୋଇଯାଉଛନ୍ତି। ସେମାନଙ୍କ ନିକଟରେ ଥକ୍କାପଣ ଦେଖିବାକୁ ମିଳୁଛି। ସେମାନେ ହସିବା ଏକପ୍ରକାର ଭୁଲି ଯାଉଛନ୍ତି। ଏଥିରୁ ମୁକୁଳିବାକୁ ହେଲେ ଦୈନନ୍ଦିନ ଜୀବନଶୈଳୀରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଏହା କରିପାରିଲେ ଜୀବନର ଗାଡ଼ି ସ୍ୱାଭାବିକ ଭାବେ ଚାଲିବ।



# 'ନିକମ୍ମା'ରୁ ବଲିଉଡ୍ କମ୍‌ବ୍ୟାକ୍

## ଜାଣିଶୁଣି ଫିଲ୍ମ ଦୁନିଆରୁ ଦୂରେଇ ଯାଇଥିଲେ ଶିଳ୍ପା



**ମୁମ୍ବାଇ:** କୁହାଯାଏ କଳା ଓ ପ୍ରତିଭା ପ୍ରଦର୍ଶନ କ୍ଷେତ୍ରରେ ବୟସ ଏକ ପ୍ରତିବନ୍ଧକ ନୁହେଁ। ଯଦି ପ୍ରତିଭା ଅଛି, ସୁଯୋଗ ଆପଣାଛାଏଁ ହାତରେ ଆସି ଧରାଦେବ। ବି-ଟାଉନ୍‌ରେ ଅନେକ ଅଭିନେତ୍ରୀ/ଅଭିନେତା ଆସନ୍ତି ଆଉ ଯାଆନ୍ତି। କିଏ ଗୋଟିଏ, ଦୁଇଟି ଫିଲ୍ମ କରି ହଜିଯାଆନ୍ତି ତ ପୁଣି କିଏ ଦଶନ୍ଧି ଦଶନ୍ଧି ଧରି ବଲିଉଡ୍‌ରେ ରାଜ୍ କରୁଥିବା ମଧ୍ୟ ଦେଖିବାକୁ ମିଳିଛି। ମାଧୁରୀ, କାଜୋଲ୍, ଜୁହି, ରାଣୀ ମୁଖାର୍ଜୀଙ୍କଠାରୁ ବିଗ୍ ବି ଅମିତାଭ୍, ରିଷି କପୁର, ଶାହରୁଖ, ସଲମାନ୍‌ଙ୍କ ପର୍ଯ୍ୟନ୍ତ ପିଢ଼ି ପରେ ପିଢ଼ି ଏମାନେ ଦର୍ଶକଙ୍କ ମନୋରଞ୍ଜନ କରିଚାଲିଛନ୍ତି। ଆଉ ଦର୍ଶକ ମଧ୍ୟ ଏମାନଙ୍କୁ ଭଲପାଇବା ଦେଉଛନ୍ତି। ଏହାରି ଭିତରେ ଲୋକପ୍ରିୟ ନାୟିକା ଶିଳ୍ପା ସେଟ୍ଟୀ ପୁଣି ପରଦାକୁ ଫେରିବେ ବୋଲି ଜଣାପଡ଼ିଛି। ଶବ୍ବୀର ଖାନ୍‌ଙ୍କ ଆକ୍ସନ ଫିଲ୍ମ 'ନିକମ୍ମା'ରୁ ଶିଳ୍ପା ବଲିଉଡ୍ କମ୍‌ବ୍ୟାକ୍ କରିବାକୁ ଯାଉଛନ୍ତି। ଏବେ ଦୀର୍ଘ ୧୩ ବର୍ଷ ପରେ ପୁଣି ବଡ଼ ପରଦାରେ ତାଙ୍କୁ ଦେଖିବାକୁ ମିଳିବ। ତେବେ ସେ ଜାଣିଶୁଣି ଅନେକ ଚିନ୍ତା କରିବା ପରେ ନିଜକୁ ଏତେ ବର୍ଷ ଧରି ଫିଲ୍ମ ଦୁନିଆଠାରୁ ଦୁରେଇ ରଖିଥିବା କହିଛନ୍ତି। ଫିଲ୍ମ ଜଗତରୁ ଦୀର୍ଘ ଦିନର ଲମ୍ବା ବ୍ରେକ୍ ବାବଦରେ ଶିଳ୍ପା କୁହନ୍ତି, "ମୁଁ ବହୁତ ଭାବିବା ପରେ ଏହି ନିଷ୍ପତ୍ତି ନେଇଛି। ହିରୋଇନ୍ ହେବା ମୋ ଭାଗ୍ୟରେ ଥିଲା। ଯେତେବେଳେ ଜଣେ କଳାକାର ଫିଲ୍ମ ଦୁନିଆରୁ ଦୂରେଇ ଯାଏ, ତାକୁ ନିଜ ଫେମ୍ ବା ଲୋକପ୍ରିୟତା କମି କମି ଆସିଲା ଭଳି ଅନୁଭବ ହୋଇଥାଏ, ଯାହାକୁ ସହଜରେ ଗ୍ରହଣ କରାଯାଇପାରେ ନାହିଁ। ତେବେ ମୁଁ ଟିଭିରେ ଲଗାତର କାମ କରୁଥିବା କାରଣରୁ ମୋତେ ଏଭଳି ଅନୁଭବ ହୋଇନାହିଁ। ମୁଁ ଏତେ ବର୍ଷ ଭିତରେ ଟିଭି ମାଧ୍ୟମରେ ଦର୍ଶକଙ୍କ ସହ ଯୋଡ଼ି ହୋଇ ରହିଥିଲି।" ୨୦୦୭ରେ ଶିଳ୍ପା 'ଲାଇଫ୍ ଇନ୍ ଏ ମେଟ୍ରୋ' ଓ 'ଅପ୍‌ନେ' ଫିଲ୍ମରେ ନଜରକୁ ଆସିଥିଲେ। ମାତ୍ର ୧୫ ବର୍ଷ ବୟସରୁ ତାଙ୍କୁ ଅଫର୍ ମିଳିବା ଆରମ୍ଭ ହୋଇଯାଇଥିଲା। ଏକ ସାକ୍ଷାତ୍‌କାରରେ ଶିଳ୍ପା ନିଜ କ୍ୟାରିୟର୍ ବିଷୟରେ ଖୁଲାସା କରିଛନ୍ତି।

# ଚର୍ଚ୍ଚାରେ ୪ ଭଉଣୀ

**ଥିରୁଭାନନ୍ତପୁରମ୍:** ଗୋଟିଏ ଦିନରେ ଜନ୍ମ ନେଇଥିଲେ ୪ ଝିଅ ଏବଂ ପୁଅ। ମା'-ବାପାଙ୍କ ଖୁସି କହିଲେ ନ ସରେ। ଜନ୍ମ ଦିନରେ ହିଁ ବାପା ଖୁସିରେ ଘରର ନାମ ରଖିଥିଲେ 'ପଞ୍ଚ ରତ୍ନମ୍'। ଏବେ ୪ ଭଉଣୀଙ୍କ ବିବାହ ମଧ୍ୟ ଗୋଟିଏ ଦିନରେ ହିଁ ଠିକ୍ ହୋଇଥିବା ଜଣାପଡ଼ିଛି। କେରଳର ଥିରୁଭାନନ୍ତପୁରମ୍‌ରେ ଘଟିଛି ଏଭଳି ଏକ ଘଟଣା, ଯାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ୧୯୯୫ ନଭେମ୍ବର ୧୮ରେ ରେମା ଦେବୀ ଏବଂ ପ୍ରେମ କୁମାର୍ ୪ କନ୍ୟା ଏବଂ ଗୋଟିଏ ପୁତ୍ର ସନ୍ତାନର ମାତା-ପିତା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ। ପରେ ୪ ଝିଅଙ୍କ ନାମ ଉଥରାଜା, ଉଥାରା, ଉଥମ୍ମା, ଉଥରା ଏବଂ ପୁଅର ନାମ ଉଥରାଜନ୍ ରଖାଯାଇଥିଲା। ମା' ବାପା ସମସ୍ତଙ୍କୁ ଏକପ୍ରକାର ଲାଳନପାଳନ କରିବା ସହ ସମସ୍ତଙ୍କ ପାଇଁ ସମାନ ଜିନିଷ ଦେଇ ସବୁ ଇଚ୍ଛା ପୂରଣ କରୁଥିଲେ। ବାପା ଜଣେ ବ୍ୟବସାୟୀ ହୋଇଥିବାବେଳେ ୨୦୦୪ରେ ସେ ହୃଦ୍‌ରୋଗର ଶିକାର ହୋଇଥିଲେ। ଏହାପରେ ପରିବାରର ଆର୍ଥିକ ସ୍ଥିତି ଖରାପ ଯୋଗୁ ମାନସିକ ଚାପରେ ସେ ଆତ୍ମହତ୍ୟା କରିଥିଲେ। ଏଥିରେ ପରିବାର ଉପରେ ଦୁଃଖର ବାଦଲ ଘେରିଯାଇଥିବାବେଳେ ମା' ନିଜକୁ ଦୃଢ଼ କରି ବ୍ୟାଙ୍କ୍‌ରେ ଚାକିରି କରି ପିଲାମାନଙ୍କୁ ସମ୍ଭାଳିଥିଲେ। ଏବେ ୪ ଭଉଣୀଙ୍କ ମଧ୍ୟରୁ ଜଣେ ଫ୍ୟାସନ୍ ଡିଜାଇନର୍, ୨ ଭଉଣୀ ଆନାସ୍ଥେସିଆ ଟେକ୍ନିସିଆନ୍ ଏବଂ ଅନ୍ୟ ଜଣେ ଲେଖିକାଭାବେ ପ୍ରତିଷ୍ଠିତ ଥିବାବେଳେ ଭାଇ ସଫ୍ଟୱେର୍ ଇଞ୍ଜିନିୟରଭାବେ କାର୍ଯ୍ୟରତ। ସମସ୍ତଙ୍କୁ ଏବେ ୨୪ ବର୍ଷ ବୟସ ହୋଇଯାଇଛି। ତେଣୁ ଚାରି ଝିଅଙ୍କ ବିବାହ ମଧ୍ୟ ଗୋଟିଏ ଦିନରେ ହିଁ କରିବା ପାଇଁ ମା' ନିଷ୍ପତ୍ତି ନେଇଥିଲେ। ଏବେ ଏମାନଙ୍କ ବିବାହ ମଧ୍ୟ ଗୋଟିଏ ଦିନରେ ହିଁ ଠିକ୍ ହୋଇଛି। ୨୦୨୦ ଏପ୍ରିଲ୍ ୨୬ରେ ଏକ ମନ୍ଦିରରେ ଏମାନଙ୍କ ବିବାହ ଅନୁଷ୍ଠିତ ହେବ। ଏଥିପାଇଁ ପରିବାର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେବେ ପୁଅର ବିବାହ ପରେ ହେବ ବୋଲି ମା' ରେମା କହିଛନ୍ତି। ହେଲେ ୪ ଭଉଣୀଙ୍କ ଗୋଟିଏ ଦିନରେ ଜନ୍ମ ଏବଂ ବିବାହ ମଧ୍ୟ ଏକା ଦିନରେ ଠିକ୍ ହେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।

**ଗୋଟିଏ ଦିନରେ ଜନ୍ମ, ଏକାସାଙ୍ଗେ ବିବାହ**



# ଖାଇବା ଆଶାରୁ ଖଡ଼ି ଧରିଲେ ଦିବ୍ୟା

**ହାଇଦ୍ରାବାଦ୍:** ନବେ ଦଶକରେ ଆରମ୍ଭ କରାଯାଇଥିବା ମଧ୍ୟାହ୍ନଭୋଜନ ଯୋଜନାର ପ୍ରଭାବ ପ୍ରମାଣିତ କରିଛି ତେଲେଙ୍ଗାନାର ଏକ ଘଟଣା। ହାଇଦ୍ରାବାଦ୍‌ର ଗୁଡିମଲକାପୁର ସରକାରୀ ସ୍କୁଲ୍‌କୁ ଦିବ୍ୟା ନାମକ ଝିଅଟିଏ ପ୍ରତିଦିନ ମଧ୍ୟାହ୍ନଭୋଜନ ସମୟରେ ବାସନଟିଏ ଧରି ଆସି ପହଞ୍ଚିଯାଏ। ପିଲାମାନଙ୍କ ସହ ଖାଇବା ଲକ୍ଷ୍ୟ ନେଇ ସେ ଆସେ। ହାତରେ ବାସନ ଧରି କ୍ଲାସ୍ ରୁମ୍‌କୁ ପ୍ରବେଶ କରିବାର ଦୃଶ୍ୟ ଭାଇରାଲ ହେଲା। ମିଡିଆରେ ଏହି ଛବିକୁ 'ଭୋକିଲା ନଜର' ଶୀର୍ଷକରେ ଉପସ୍ଥାପନ କରାଯାଇଥିଲା। ଏହି ଫଟୋକୁ ଏମ୍.ବି.ଫାଉଣ୍ଡେଶନ ଏନଜିଓର ରାଷ୍ଟ୍ରୀୟ ସଂଯୋଜକ ଭେଙ୍କଟ ରେଡ୍ଡୀ ଦେଖିବା ପରେ ଦିବ୍ୟାକୁ ତା ଅଧିକାର ପ୍ରଦାନ କରିଛନ୍ତି। ସେହି ସ୍କୁଲ୍‌ରେ ଦିବ୍ୟାର ନାମ ଲେଖାଯାଇଛି। ଖାଇବା ଆଶାରୁ ହାତରେ ଖଡି ଧରିଛି ସେ। ଦିବ୍ୟା ମା'ବାପାଙ୍କ ସହ ପାଖ ବସ୍ତିରେ ରହେ। ବାପା ଜରି ଗୋଟାନ୍ତି ଓ ମା' ଅନ୍ୟ ଘରେ ବାସନ ସଫା କରନ୍ତି। ସ୍କୁଲ୍‌ରେ ଦିବ୍ୟାର ନାଁ ଲେଖାଯିବା ପରେ ଏବେ ସେ ସବୁଦିନ ସ୍କୁଲ୍‌କୁ ଯାଉଛି ଓ ମଧ୍ୟାହ୍ନଭୋଜନ ବି ଖାଉଛି। ଯେଉଁଦିନ ସେ ପ୍ରଥମେ ସ୍କୁଲକୁ ଗଲା ତାହାର ଫଟୋ ମଧ୍ୟ ଫେସ୍‌ବୁକ୍‌ରେ ଶେୟାର କରିଛନ୍ତି ରେଡ୍ଡୀ।



# ବାହାଘର ଖର୍ଚ୍ଚ ବଢ଼ାଉଛି ଇନ୍‌ଷ୍ଟାଗ୍ରାମ୍



**ନୂଆଦିଲ୍ଲୀ:** ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଆମ ଜୀବନଶୈଳୀ ଉପରେ ଯେତିକି ସକାରାତ୍ମକ ପ୍ରଭାବ ପକାଉଛି, ସେତିକି ନକାରାତ୍ମକ ପ୍ରଭାବ ମଧ୍ୟ ପକାଉଛି। ଏହା ସାହାଯ୍ୟରେ ଆଖି ପିଛୁଳାକେ ବିଶ୍ୱର ଖବର ମିଳିପାରୁଥିବା ବେଳେ ଏହି ସୋସିଆଲ ମିଡିଆ ପାଇଁ ଲୋକମାନେ ଅଯଥା ଖର୍ଚ୍ଚାନ୍ତ ମଧ୍ୟ ହେଉଛନ୍ତି। ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ ଆଦି ସୋସିଆଲ୍ ସାଇଟ୍‌ରେ ଫଟୋ ପୋଷ୍ଟ କରି ଲାଇକ୍ କମେଣ୍ଟ ପାଇବା ପାଇଁ ଯୁବପିଢ଼ି ବାହାଘରରେ ଦରକାରଠାରୁ ଅଧିକ ଖର୍ଚ୍ଚ କରୁଛନ୍ତି। ଇଂଲଣ୍ଡରେ ହୋଇଥିବା ଏକ ସର୍ଭେ ଅନୁସାରେ, ଇନ୍‌ଷ୍ଟାଗ୍ରାମ୍‌ରେ ବାହାଘର ଫଟୋରେ ଅଧିକ ଲାଇକ୍ ପାଇବା ପାଇଁ ଦମ୍ପତିମାନେ ଆବଶ୍ୟକତାଠାରୁ ୩୦ ପ୍ରତିଶତ ଅର୍ଥ ଅଧିକ ଖର୍ଚ୍ଚ କରୁଛନ୍ତି। ଏହି ସର୍ଭେରେ ୨୮୦୦ ଦମ୍ପତିଙ୍କୁ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪୨ ପ୍ରତିଶତ ଦମ୍ପତିଙ୍କ କହିବା କଥା, ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ସକାଶେ ବାହାଘର ବେଳେ ସୁନ୍ଦର ଫଟୋ ଉଠାଇବା ପାଇଁ ସେମାନଙ୍କ ମନରେ ଚିନ୍ତା ରହିଥିଲା। ପ୍ରତି ୪ରୁ ଗୋଟିଏ ଦମ୍ପତି ବାହାଘର ଫଟୋରେ ଅଧିକ ଲାଇକ୍ ପାଇବା ପାଇଁ ୩୦ ପ୍ରତିଶତ ଅଧିକ ଟଙ୍କା ଖର୍ଚ୍ଚ କରିଥିବା କହିଥିଲେ। ଦିନକୁ ଦିନ ଏହି ଟ୍ରେଣ୍ଡ ବଢୁଥିବା ଦେଖାଯାଉଛି। ଇନ୍‌ଷ୍ଟାବର୍ଦ୍ଦି ମ୍ୟାରେଜ୍ ପାଇଁ ବ୍ୟଗ୍ରତା ପ୍ରକାଶ କରୁଥିବା ଦମ୍ପତିଙ୍କ ସଂଖ୍ୟା ପ୍ରତିବର୍ଷ ୨ରୁ ୩ ପ୍ରତିଶତ ବୃଦ୍ଧି ପାଉଛି। ନିର୍ବନ୍ଧ ମୁଦି ଓ ହନିମୁନ୍ ଅପେକ୍ଷା ଫଟୋ ପାଇଁ ସୁନ୍ଦର ଜାଗା ପସନ୍ଦ କରିବାରେ ଦମ୍ପତିମାନେ ଅଧିକ ଖର୍ଚ୍ଚ କରୁଥିବା ଏହି ସର୍ଭେରୁ ଜଣାପଡ଼ିଛି।

# କ୍ରିସ୍‌ର ଭଲ ସାଙ୍ଗ ରେମୁସ୍

**ନୂଆଦିଲ୍ଲୀ:** ବହୁ ସମୟରେ ଜୀବମାନଙ୍କର ଅଜବ ବନ୍ଧୁତ୍ୱ ସୋସିଆଲ ମିଡିଆରେ ସାମ୍ନାକୁ ଆସୁଛି। ଏବେ ଏହି ତାଲିକାରେ ସାମିଲ ହୋଇଛନ୍ତି ଚିତା ଓ କୁକୁର। ୩ ମାସର ଚିତା ଛୁଆର ନାଁ କ୍ରିସ୍ ଓ କୁକୁରର ନାଁ ରେମୁସ୍। ଏହି ଦୁଇ ଜୀବଙ୍କର ଭେଟ ହୋଇଥିଲା ଗତ ସେପ୍ଟେମ୍ବରରେ। ଏବେ ସେମାନେ ନିବିଡ ବନ୍ଧୁତ୍ୱରେ ବାନ୍ଧି ହୋଇଯାଇଛନ୍ତି। ଆମେରିକାର ସିନସିନାଟି ଚିଡିଆଖାନାରେ ଜନ୍ମ ଦେଇଥିବା ଚିତା ଛୁଆଗୁଡିକ ମଧ୍ୟରୁ କେବଳ କ୍ରିସ୍ ହିଁ ବଞ୍ଚିଛି। ତା'ର ଏକଲାପଣ ଦୂର କରିବା ପାଇଁ ଚିଡିଆଖାନାର ପ୍ରଶିକ୍ଷକ ତା' ସାଙ୍ଗରେ ଖେଳିବା ପାଇଁ ରେମୁସ୍‌କୁ ବାଛିଥିଲେ। ରେମୁସ୍‌କୁ ବି ଉଦ୍ଧାର କରାଯାଇ ଚିଡିଆଖାନାରେ ରଖାଯାଇଛି। ସେମାନେ ସାଥୀ ହୋଇ ଖେଳିବା ପରେ ଏଭଳି ବନ୍ଧୁତ୍ୱ ଗଢି ଉଠିଛି। ସୋସିଆଲ ମିଡିଆରେ ଏହି ଦୁହିଁଙ୍କ ବନ୍ଧୁତ୍ୱର ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଛି। କିନ୍ତୁ ଚିଡିଆଖାନା କର୍ତ୍ତୃପକ୍ଷ ଏହି ଭିଡିଓକୁ ଏବେ ବନ୍ଦ କରିଦେଇଛନ୍ତି।



# ମଣିଷ ମୁଣ୍ଡିଆ ମାଛ

**ନୂଆଦିଲ୍ଲୀ:** ମାଛର ମୁଣ୍ଡ ପୂରା ମଣିଷ ମୁଣ୍ଡ ଭଳି। ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଛି। କିନ୍ତୁ ଏଭଳି ମାଛକୁ ଠାବ କରାଯାଇଛି ଚାଇନାରେ, ଯାହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଲକ୍ଷାଧିକ ଲୋକ ଏହାକୁ ଦେଖିସାରିଲେଣି। ଚାଇନାର ମିଆଓ ଗାଁରେ ଏହି ମାଛକୁ ଜଣେ ମହିଳା ପ୍ରଥମେ ଦେଖିବାକୁ ପାଇଥିଲେ ବୋଲି ଡେଲି ମେଲ୍ ପକ୍ଷରୁ ପ୍ରକାଶ କରାଯାଇଛି। ମହିଳା ଜଣକ ଭିଡିଓକୁ ଚାଇନାର ମାଇକ୍ରୋ ଲଗିଂ ସାଇଟ୍‌ରେ ପ୍ରଥମେ ଶେୟାର କରିଥିଲେ ଓ ପରେ ଏହାକୁ ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ପୋଷ୍ଟ କରିଛନ୍ତି। ୧୪ ସେକେଣ୍ଡ ଅବଧିର ଏହି ଭିଡିଓରେ ଏଭଳି ଅଦ୍ଭୁତ ମାଛଟିଏ ପହଁରୁଥିବା ଦେଖିବାକୁ ମିଳିଛି। ମଣିଷ ମୁହଁ ଭଳି ଏହାର ଦୁଇଟି ଆଖି, ଗୋଟିଏ ନାକ ଓ ଗୋଟିଏ ପାଟି ରହିଛି।



# ୨୦୦ କୋଟି କ୍ଲବ୍‌ରେ 'ହାଉସ୍‌ଫୁଲ୍-୪'

**ମୁମ୍ବାଇ:** ବଲିଉଡ୍ ମଲ୍‌ଟି ଷ୍ଟାରର କମେଡ଼ି ଫିଲ୍ମ 'ହାଉସ୍‌ଫୁଲ୍-୪' ଏବେ ବି ବକ୍ସ ଅଫିସ୍‌ରେ ବ୍ୟବସାୟ ଜାରି ରଖିଛି। ଫିଲ୍ମର କଣ୍ଟେଣ୍ଟକୁ ନେଇ ସୋସିଆଲ୍ ମିଡିଆରେ ଅନେକ ଟ୍ରୋଲ୍ କରାଯିବା ପରେ ବି ଦର୍ଶକେ ସିନେମା ହଲ୍‌କୁ ଯାଉଛନ୍ତି ଓ ଫିଲ୍ମ ଭଲ ବ୍ୟବସାୟ ମଧ୍ୟ କରୁଛି। ସେପଟେ ଆୟୁଷ୍ମାନ୍ ଖୁରାନାଙ୍କ ଫିଲ୍ମ 'ବାଲା'କୁ ବକ୍ସ ଅଫିସ୍‌ରେ ଟକ୍କର ଦେଉଛି 'ହାଉସ୍‌ଫୁଲ୍-୪'। ଫିଲ୍ମରେ ଅକ୍ଷୟ କୁମାର, କ୍ରିତି ସାନନ, ରିତେଶ୍ ଦେଶମୁଖ୍, କ୍ରିତି ଖରବନ୍ଦା, ବବି ଦେଓଲ ଓ ପୂଜା ହେଗ୍‌ଡେ ପ୍ରମୁଖ ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି। ତେବେ ମିଳିଥିବା ସୂଚନା ଅନୁସାରେ 'ହାଉସ୍‌ଫୁଲ୍-୪' ବକ୍ସ ଅଫିସ୍‌ରେ ଶନିବାର ସୁଦ୍ଧା ୨୦୦ କୋଟିର କ୍ଲବରେ ନିଜକୁ ସାମିଲ କରିସାରିଲାଣି। ଭାରତରେ ସର୍ବମୋଟ ୨୧୩.୬୧ କୋଟି ବ୍ୟବସାୟ କରିଥିବାବେଳେ ବିଦେଶରେ ୩୮.୯୬ କୋଟି ବ୍ୟବସାୟ କରିଛି। ତେବେ ୱାର୍ଲଡ୍ ୱାଇଡ୍ କଲେକ୍ସନ ହେଉଛି ୨୫୨.୫୭କୋଟି। ଏହାସହ ୨୦୧୯ରେ ସବୁଠାରୁ ଭଲ ବ୍ୟବସାୟ କରିଥିବା ଫିଲ୍ମ ତାଲିକାରେ ୬ଷ୍ଠ ସ୍ଥାନରେ ରହିଛି କମେଡି ଫିଲ୍ମ 'ହାଉସ୍‌ଫୁଲ୍-୪'।



ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ବଢ଼ିବ ଶୀତ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ):** ବାତ୍ୟା 'ବୁଲ୍‌ବୁଲ୍' ପ୍ରକୋପ କମିବା ପରେ ଶନିବାରଠାରୁ ରାଜ୍ୟରେ ଶୀତ ଅନୁଭୂତ ହେଉଛି। ଅଧିକାଂଶ ସ୍ଥାନରେ ତାପମାତ୍ରାରେ ୨ରୁ ୩ ଡିଗ୍ରୀ ହ୍ରାସ ପରିଲକ୍ଷିତ ହୋଇଥିବାବେଳେ ରାତିରେ ତାପମାତ୍ରା ମଧ କମୁଛି। ରାଜ୍ୟର ୩ ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିବା ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ରରୁ ସୂଚନା ମିଳିଛି। ଦାରିଙ୍ଗ୍‌ବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରେକର୍ଡ କରାଯାଇଛି। ସୁନ୍ଦରଗଡ଼ରେ ତାପମାତ୍ରା ୧୪ ଡିଗ୍ରୀକୁ ଖସିଆସିଥିବାବେଳେ କୋରାପୁଟରେ ୧୪.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ସେହିପରି ଅନୁଗୋଳ ଓ ଟିଟିଲାଗଡ଼ରେ ତାପମାତ୍ରା ୧୭ଡିଗ୍ରୀ ଥିବାବେଳେ ସୁବର୍ଣ୍ଣପୁରରେ ୧୭.୬, ଫୁଲବାଣୀରେ ୧୮.୮, କେନ୍ଦୁଝରରେ ୧୯, ଭବାନୀପାଟଣାରେ ୧୯.୩, ସମ୍ବଲପୁରରେ ୧୯.୫ ଏବଂ ଝାରସୁଗୁଡାରେ ୧୯.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। 'ବୁଲ୍‌ବୁଲ୍'ର ପ୍ରଭାବ ଯୋଗୁ ବଙ୍ଗୋପସାଗରରୁ ଏବେ ସାମୁଦ୍ରିକ ପବନ ବହୁଥିବାରୁ ଶୀତର ପ୍ରଭାବ ଅଧିକ ଅନୁଭୂତ ହେଉଛି। ରବିବାର ରାଜ୍ୟର କୌଣସି ସ୍ଥାନରେ ବର୍ଷା ହୋଇ ନ ଥିବାବେଳେ ଆସନ୍ତା ୫ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବା ସହ ତାପମାତ୍ରାରେ ହ୍ରାସ ଘଟିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେବେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ଅଧିକ ଶୀତ ଅନୁଭୂତ ହେବ ବୋଲି ସୂଚନା ମିଳିଛି।

## ■ ଜନ୍ମଦିନରେ ବିଭିନ୍ନ ମହଲରୁ କେନ୍ଦ୍ରମନ୍ତ୍ରୀ ପ୍ରତାପଙ୍କୁ ଶୁଭେଚ୍ଛା

# ବୃଦ୍ଧାଶ୍ରମର ଅନ୍ତେବାସୀ କଲେ ଆଶୀର୍ବାଦ

**ବାଲେଶ୍ୱର ଅଫିସ,୧୦।୧୧**

ଭାରତର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ୬୪ତମ ଜନ୍ମଦିନ ବାଲେଶ୍ୱର ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ବିଭିନ୍ନ ମହଲରୁ ତାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ରବିବାର ପୂର୍ବାହ୍ନ ୧୧ଟାରେ ଅମୃତଧାରା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଚାନ୍ଦବାଲି ପଡିଆସ୍ଥିତ ବୃଦ୍ଧାଶ୍ରମରେ ଆୟୋଜିତ ଜନ୍ମଦିନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ଯୋଗ ଦେଇ ଅନ୍ତେବାସୀଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଆଶ୍ରମ ଅନ୍ତେବାସୀ ତାଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅନ୍ତେବାସୀଙ୍କୁ କମ୍ବଳ ଓ ଫଳ ବଣ୍ଟନ କରିଥିଲେ ।

ସେହିପରି ନୀଳଗିରି ନିକଟସ୍ଥ ମିତ୍ରପୁର ମହୋତ୍ସବ ପଡ଼ିଆଠାରେ ଯୁବ ସ୍ୱାଭିମାନ ମଞ୍ଚ ତରଫରୁ କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମ ଦିବସ ଧୁମ୍‌ଧାମରେ ପାଳିତ ହୋଇଥିଲା। ଏହି ଉତ୍ସବରେ ଯୋଗଦେବାକୁ କେନ୍ଦ୍ରମନ୍ତ୍ରୀ ଆସି ପହଞ୍ଚିବାବେଳେ ମର୍ଦ୍ଦରାଜପୁର ଛକଠାରେ ଉପସ୍ଥିତ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ମାଦଳ ବାଦ୍ୟ ସାଙ୍ଗକୁ ଆଦିବାସୀ ନୃତ୍ୟ ଓ କୀର୍ତ୍ତନ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ଚାଲି ଚାଲି ଯାଇ ସ୍ଥାନୀୟ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ମିତ୍ରପୁର ମହାବିଦ୍ୟାଳୟରେ ବୃକ୍ଷରୋପଣ କରି ସେ ମିତ୍ରପୁର ମହୋତ୍ସବ ପଡ଼ିଆରେ ପହଞ୍ଚିଥିଲେ। ମଞ୍ଚ ତରଫରୁ



ଚାନ୍ଦବାଲି ପଡିଆସ୍ଥିତ ବୃଦ୍ଧାଶ୍ରମରେ ଆୟୋଜିତ ଜନ୍ମଦିନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ।

ପୂର୍ବ ପ୍ରସ୍ତୁତି ମୁତାବକ ବେଦପାଠ, ଦୀପ ପ୍ରଜ୍ୱଳନ କରାଯାଇ ଗୋମାତା, ଗୁରୁ ଓ ସାଧୁ ପୂଜନ ସହ ମୁକ୍ତ ବିହଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀଙ୍କର ପିଲାଦିନର ଗୁରୁ ତ୍ରିଲୋଚନ ସାହୁଙ୍କୁ ସେଠାରେ ପୂଜନ କରାଯିବା ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ଥିଲା। ଏହାପୂର୍ବରୁ ପୂର୍ବାହ୍ନରେ ପ୍ରଭାତଫେରି, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ, ପ୍ରାତଃ ଭଜନ ସଂକୀର୍ତ୍ତନ, ମେଗା ରକ୍ତଦାନ ଶିବିର, ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଏବଂ ଔଷଧ ବଣ୍ଟନ, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। ଅନାଥ ପିଲାଙ୍କୁ ଖାଦ୍ୟ, ବସ୍ତ୍ର ବଣ୍ଟନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶୀ, ଛଉ, ନୃତ୍ୟ, ଆଦିବାସୀ ନୃତ୍ୟ, ପାରମ୍ପରିକ ନୃତ୍ୟ, ବନ୍ଦେମାତରମ୍ ଆଦି କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କେନ୍ଦ୍ରମନ୍ତ୍ରୀ ଷଡଙ୍ଗୀ ଏହି ସଭାରେ ବକ୍ତବ୍ୟ ରଖିଥିଲେ।

୧୯୫୫ ନଭେମ୍ବର ୧୦ ତାରିଖରେ ବାଲେଶ୍ୱର ଜିଲା ନୀଳଗିରି ପୌରାଞ୍ଚଳସ୍ଥିତ କାହାଳିଆ ଗ୍ରାମରେ ଷଡଙ୍ଗୀ ଜନ୍ମଗ୍ରହଣ କରିଥିଲେ। ମାତା ସିଦ୍ଧେଶ୍ୱରୀ ଓ ପିତା ଗୋବିନ୍ଦଚନ୍ଦ୍ର ଷଡ଼ଙ୍ଗୀଙ୍କ ପୁତ୍ର ପ୍ରତାପ ପିଲାଟି ଦିନରୁ ଧାର୍ମିକଭାବନା ରଖିଥିଲେ। ୧୯୭୧ରେ ସ୍ଥାନୀୟ କେ.ସି. ହାଇସ୍କୁଲରୁ ମାଟ୍ରିକ ପାସ୍ ପରେ ଫକୀରମୋହନ କଲେଜରେ ଅଧ୍ୟୟନ କରିଥିଲେ। ସେ ବିଏ ପାସ୍ କରିବା ପରେ ୧୯୭୮ରେ ନୀଳଗିରି କଲେଜରେ ଚାକିରି ଜୀବନ ଆରମ୍ଭ କରିଥିଲେ। ହେଲେ ଚାକିରି ମୋହ ତାଙ୍କୁ ବାନ୍ଧି ରଖି ପାରି ନ ଥିଲା। ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡିତ ରହିଥିବା ଯୋଗୁ ସେ ୧୯୮୨-୮୩ରେ ରାଷ୍ଟ୍ରୀୟ ସ୍ୱୟଂସେବକ

- ■ ଧୁମ୍‌ଧାମ୍‌ରେ ଜନ୍ମଦିନ ପାଳିଲା ଯୁବ ସ୍ୱାଭିମାନ ମଞ୍ଚ
- ■ ଗୋମାତା, ଗୁରୁ ଓ ସାଧୁ ପୂଜନ ସହ ମନଛୁଆଁ ସାଂସ୍କୃତିକ କାର୍ଯ୍ୟକ୍ରମ
- ■ ପିଲାଦିନର ଗୁରୁ ତ୍ରିଲୋଚନ ସାହୁଙ୍କ ପୂଜନ

ସଂଘରେ ଯୋଗ ଦେଇଥିଲେ। ୨୦୦୪ ବିଧାନସଭା ନିର୍ବାଚନରେ ଭାଜପା ତାଙ୍କୁ ନୀଳଗିରି ବିଧାନସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ଚୟନ କରିଥିଲା। ଆଉ ଏଥିରେ ସେ ବିପୁଳ ଭୋଟରେ ବିଜୟୀ ହୋଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ୨୦୦୯ରେ ଭାଜପାରୁ ଟିକେଟ ପାଇ ନ ଥିଲେ ମଧ୍ୟ ନିଜର ସାଙ୍ଗଠନିକ ଦକ୍ଷତା ଯୋଗୁ ସେ ସ୍ୱାଧୀନ ଭାବେ ଲଢି ବିଜୟୀ ହୋଇଥିଲେ। ନିଜର ସଚ୍ଚୋଟତାକୁ ଅଳଙ୍କାର ଭାବି ଦୁଇଥର ବିଧାୟକ ହୋଇ ନିର୍ବାଚନମଣ୍ଡଳୀବାସୀଙ୍କ ପ୍ରତିନିଧିତ୍ୱ କରିଆସିଛନ୍ତି। ୨୦୧୯ ସାଧାରଣ ନିର୍ବାଚନରେ ସେ ବାଲେଶ୍ୱର ଲୋକ ସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳର ରାଷ୍ଟ୍ରପାହ୍ୟାୟୁକ୍ତ ଅଣୁକ୍ଷୁଦ୍ର ମଧ୍ୟମଉଦ୍ୟୋଗ, ପ୍ରାଣୀଧନ ଓ ଦୁଗ୍ଧ ଉତ୍ପାଦନ ଓ ମତ୍ସ୍ୟ ସମ୍ପଦ ବିଭାଗର ଦାୟିତ୍ୱ ତୁଲାଉଛନ୍ତି। ଏତଦ୍‌ବ୍ୟତୀତ ସେ ଜଣେ ଗୋ-ସେବକ ଭାବେ ନିଜ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ଜନ୍ମଦିନ ଅବସରରେ ବହୁ ଭାଜପା କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ବୁଦ୍ଧିଜୀବୀ ମହଲ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆଜି ଭାଜପା, ୧୨ରେ କଂଗ୍ରେସ ବିଧାୟକ ଦଳ ବୈଠକ

**୧୩ରେ ବିଜେଡି ବିଧାୟକଙ୍କ ବୈଠକ**

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ବିଧାନସଭା ଶୀତଅଧିବେଶନ ଆସନ୍ତା ୧୩ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ରାଜ୍ୟ ସରକାର ଅତିରିକ୍ତ ବଜେଟ ସମ୍ପର୍କିତ ପ୍ରସ୍ତାବ ଗୃହୀତ କରିବେ। ଅଧିବେଶନ ଆରମ୍ଭ ପୂର୍ବରୁ ଅର୍ଥାତ୍ ସେହିଦିନ ପୂର୍ବାହ୍ନ ୧୦ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଜେଡି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ଦଳ କିପରି ବିରୋଧୀଙ୍କ ସମ୍ମୁଖୀନ ହେବ ସେ ନେଇ ରଣନୀତି ପ୍ରସ୍ତୁତ କରିବ। ଅନ୍ୟପଟେ ଶୀତ ଅଧିବେଶନରେ ଶାସକ ଦଳକୁ ଘେରିବା ପାଇଁ ବିରୋଧୀମାନେ ମଧ୍ୟ ପ୍ରସ୍ତୁତ ହୋଇଛନ୍ତି। ଯାଜପୁର ଜିଲା ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ମୃତ୍ୟୁ ପ୍ରସଙ୍ଗକୁ ଉଭୟ ଭାଜପା, କଂଗ୍ରେସ ଗୃହରେ ଜୋର୍‌ଦାର ଭାବେ ଉଠାଇବେ ବୋଲି ପୂର୍ବରୁ ସୂଚନା ଦେଇଛନ୍ତି। ବିଧାନସଭା ଅଧିବେଶନ ପୂର୍ବରୁ ଅର୍ଥାତ୍ ସୋମବାର ୧୧ଟା ସମୟରେ ଭାଜପା ବିଧାୟକ ଦଳ ବୈଠକ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିପରି କଂଗ୍ରେସ ବିଧାୟକ ଦଳ ବୈଠକ ମଙ୍ଗଳବାର ସନ୍ଧ୍ୟାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

## ■ ଚକଡ଼ା ଯୋଗୁ ଉଜୁଡ଼ିଲା ଧାନ ଫସଲ

# କ୍ଷେତରେ ନିଆଁ ଲଗାଇଲେ ଚାଷୀ



**ତରଭା, ୧୦।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଅର୍ଡା ଗ୍ରାମର ସହଦେବ କର୍ମୀ ନାମକ ଜଣେ ଚାଷୀ ରବିବାର ତାଙ୍କ ଚକଡା ପ୍ରଭାବିତ ଧାନକ୍ଷେତରେ ନିଆଁ ଲଗାଇ ଦେଇଛନ୍ତି। ଫସଲ ଅମଳ ହେବାକୁ ଥିବା ବେଳେ ତାଙ୍କ କ୍ଷେତ ଚକଡା ପ୍ରଭାବିତ ହୋଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଧାରକରଜ କରି ଫସଲ ଉଠିଆ କରିଥିବା ଚାଷୀ ଜଣକ ଭଲ ଉତ୍ପାଦନର ଆଶା ରଖିଥିବା ବେଳେ କ୍ଷେତରେ ମାଟିଆଗୁଣ୍ଡି ପୋକ ଲାଗିଥିଲା। ସରକାରୀ ଏବଂ ବେସରକାରୀସ୍ତରରେ ଔଷଧ କିଣି ସିଞ୍ଚନ କରିଥିଲେ ସୁଦ୍ଧା କୌଣସି ଲାଭ ମିଳି ନ ଥିଲା। କୃଷି ବିଭାଗ ଅଧିକାରୀଙ୍କ ସହ ପରାମର୍ଶ କରିଥିଲେ ବି ଫସଲକୁ ରୋଗପୋକରୁ ସେ ବଞ୍ଚାଇ ପାରି ନ ଥିଲେ। ଏଥିରେ ମ୍ରିୟମାଣ ହୋଇ ସହଦେବ ଚାଷ କରିଥିବା ଅଢେଇ ଏକର ଜମିରୁ ପ୍ରାୟ ଅଧ ଏକର ଜମିରେ ନିଆଁ ଲଗାଇ ଦେଇଥିଲେ। କେବଳ ତାଙ୍କର ନୁହେଁ, ଅର୍ଡା ଗ୍ରାମର ଅଧିକାଂଶ ଚାଷୀଙ୍କ ଜମିରେ ବର୍ତ୍ତମାନ ଚକଡା କାୟା ବିସ୍ତାର କରିଛି, ଯାହାଫଳରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି।

## ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପଡ଼ି ଛାତ୍ର ମୃତ

**ରାଉରକେଲା ଅଫିସ,୧୦। ୧୧:** ଷ୍ଟିଲ ସିଟିର ରଘୁନାଥପାଲୀ ଥାନା ଅନ୍ତର୍ଗତ ପାନପୋଷ ବସ୍ତିରେ ରବିବାର ମଧ୍ୟାହ୍ନରେ ଅନୀଶ ସାହୁ(୫) ନାମକ ଜଣେ ନାବାଳକ ଛାତ୍ର ନିର୍ମାଣାଧୀନ ପାଇଖାନା ଟାଙ୍କି ଭିତରେ ଖସି ମୃତ୍ୟୁବରଣ କରିଛନ୍ତି। ଷ୍ଟାଣ୍ଡାର୍ଡ ୧ରେ ପଢୁଥିବା ଅନୀଶ ବସ୍ତିର ଦିଲୀପ ସାହୁଙ୍କ ପୁଅ। ସେ ପଡ଼ିଶା ଘର ବାଡି ପଛରେ ଖେଳୁଥିବାବେଳେ ପାଇଖାନା ଟାଙ୍କିରେ ଖସି ପଡ଼ିଥିଲେ।

## ■ ବାବ୍ରୀ ମସ୍‌ଜିଦ ପାଇଁ ୫ ଏକର ଜମି

# ୨୬ରେ ନିଷ୍ପତ୍ତି ନେବ ସୁନ୍ନି ୱାକଫ୍ ବୋର୍ଡ

**ଲକ୍ଷ୍ନୌ,୧୦।୧୧(ପି.ଟି.)**

ଅଯୋଧ୍ୟା ଜମି ବିବାଦ ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ବିବାଦୀୟ ଜମିକୁ ରାମ ଲାଲା ପକ୍ଷଙ୍କୁ ଦିଆଯିବା ସହ ସୁନ୍ନି ୱାକଫ୍ ବୋର୍ଡ ମସ୍‌ଜିଦ ନିର୍ମାଣ ପାଇଁ ଅଯୋଧ୍ୟା ସହରର ଏକ ଭିନ୍ନ ସ୍ଥାନରେ ୫ ଏକର ଜମି ଦେବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟକୁ ଐତିହାସିକ ବୋଲି କୁହାଯିବା ସହ ବିଭିନ୍ନ ବର୍ଗର ଲୋକେ ସ୍ୱାଗତ କରିଛନ୍ତି। ହେଲେ ଅଯୋଧ୍ୟା ସହରର ଭିନ୍ନ ଏକ ସ୍ଥାନରେ ୫ଏକର ଜମିକୁ ୱାକଫ୍ ବୋର୍ଡ ଗ୍ରହଣ କରିବ କି ନାହିଁ ସେନେଇ ଆସନ୍ତା ୨୬ ତାରିଖରେ ନିଷ୍ପତ୍ତି ନିଆଯିବ ବୋଲି ମାମଲାର ମୁସ୍‌ଲିମ ପକ୍ଷ ସୂଚନା ଦେଇଛି।

ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଶନିବାର ୨.୭୭ ଏକର ପରିମିତ ବିବାଦୀୟ ଜମିରେ ରାମମନ୍ଦିର ନିର୍ମାଣ ନିମନ୍ତେ ପଥ ପରିଷ୍କାର କରିଛନ୍ତି। ଉକ୍ତ ଭୂମିକୁ ରାମ ଲାଲା ପକ୍ଷଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉତ୍ତରପ୍ରଦେଶ ସୁନ୍ନି ସେଣ୍ଟ୍ରାଲ ୱାକଫ୍ ବୋର୍ଡକୁ ବିକଳ୍ପ ଭାବେ ମସ୍‌ଜିଦ ନିର୍ମାଣ ପାଇଁ ଏକ ପ୍ରମୁଖ ସ୍ଥାନରେ ଉପଯୁକ୍ତ ୫ ଏକର ଜମି ଦେବାକୁ ମଧ୍ୟ କେନ୍ଦ୍ର ସରକାରଙ୍କୁ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ରହିଛି। ଏନେଇ ୱାକଫ୍ ବୋର୍ଡ ଅଧ୍ୟକ୍ଷ ଜଫର ଫାରୁକି ରବିବାର କହିଛନ୍ତି, ଭୂମି ଗ୍ରହଣ ନେଇ ବିଭିନ୍ନ ପ୍ରକାର ମତାମତ ଆସୁଛି। ବାବ୍ରୀ ମସ୍‌ଜିଦ ପାଇଁ ଉକ୍ତ ଜମି ଗ୍ରହଣ ନ କରିବାକୁ କେତେଜଣ ବ୍ୟକ୍ତି ପରାମର୍ଶ ଦେଉଛନ୍ତି। ଏପରି କଲେ ନକାରାତ୍ମକତା ବୃଦ୍ଧି ପାଇବ। ତେବେ ତାଙ୍କର ବ୍ୟକ୍ତିଗତ ମତ ହେଉଛି, ନକାରାତ୍ମକ ବିଚାର ଉପରେ ସକାରାତ୍ମକତାର ବିଜୟ ହୋଇଥାଏ। ବୋର୍ଡର ଜେନେରାଲ ବଡି ମିଟିଙ୍ଗ୍ ନଭେମ୍ବର ୨୬ରେ ବସିବ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୫ ଏକର ଜମି ନିଆଯିବ କି ନାହିଁ ଉକ୍ତ ବୈଠକରେ ନିଷ୍ପତ୍ତି ହେବ। ଏହି ବୈଠକ ନଭେମ୍ବର ୧୩ରେ ବସିବା ପାଇଁ ପୂର୍ବରୁ ସ୍ଥିର ହୋଇଥିଲା। କିନ୍ତୁ ତାହା ୨୬ ତାରିଖକୁ ଘୁଞ୍ଚାଇ ଦିଆଯାଇଛି ବୋଲି ଫାରୁକି ସୂଚନା ଦେଇଛନ୍ତି। ଆଉ କେତେଜଣଙ୍କ ମତରେ ୱାକଫ୍ ବୋର୍ଡ ସରକାରଙ୍କଠାରୁ ଜମି ନେଇ ସେଠାରେ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରୁ। ତା' ପରିସରରେ ଏକ ମସ୍‌ଜିଦ ନିର୍ମାଣ କରାଯାଉ। ଯେତେଦୂର ଜମି କଥା ଉଠୁଛି, ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମାନିବାକୁ ବାଧ୍ୟ। ବୋର୍ଡ ଜମି ଗ୍ରହଣ କରିବାକୁ ନିଷ୍ପତ୍ତି ନେଲେ ତା'କୁ କିପରି ନିଆଯିବ ଓ କ'ଣ ସର୍ତ୍ତ ରହିବ ତାହା ମଧ୍ୟ ସ୍ଥିର କରିବୁ। ବୋର୍ଡ ଅଦାଲତଙ୍କ ରାୟକୁ ସ୍ୱାଗତ କରୁଛି ଓ ଏହାକୁ ଚ୍ୟାଲେଞ୍ଜ କରିବ ନାହିଁ ବୋଲି ଫାରୁକି ସ୍ପଷ୍ଟ କରିଛନ୍ତି। ପ୍ରକାଶ ଯେ, ଗତମାସ ୱାକଫ୍ ବୋର୍ଡ ଜାତୀୟ ସ୍ୱାର୍ଥରେ ବିବାଦୀୟ ଜମିରୁ ନିଜ ଦାବି ପ୍ରତ୍ୟାହାର ପାଇଁ ସସର୍ତ୍ତ ପ୍ରସ୍ତାବ ଦେଇଥିଲା।

# ବଡ଼ଓଷାରେ ଧବଳେଶ୍ୱରଙ୍କ ବଡ଼ସିଂହାର ବେଶ



- ■ ଦର୍ଶନ କଲେ ୬୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ
- ■ ଚେତାଶୂନ୍ୟ ହେଲେ ୨ ମହିଳା
- ■ ଡଙ୍ଗାରେ ଗଲେ ଲାଇଫ୍ ଜ୍ୟାକେଟ୍ ବାଧ୍ୟତାମୂଳକ

**ଖୁଣ୍ଟୁଣୀ,୧୦।୧୧(ଡି.ଏନ୍.ଏ.)**

କଟକ ଜିଲା ଆଠଗଡ ବ୍ଲକ ଅଧୀନ ମଞ୍ଚେଶ୍ୱରସ୍ଥିତ ବାବା ଧବଳେଶ୍ୱରଙ୍କ ପୀଠରେ ରବିବାର ବଡ଼ଓଷା ପାଳିତ ହୋଇଛି। ଏହି ଅବସରରେ ରାତି ୩ଟାରୁ ମନ୍ଦିରର ପହୁଡ ଖୋଲାଯାଇ ସ୍ନାନ ଓ ବିଭିନ୍ନ ନୀତି କରାଯିବା ସହ ଧବଳେଶ୍ୱରଙ୍କ ବଡସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ଏହି ବେଶକୁ ଦର୍ଶନ କରିବା ପାଇଁ ବିଭିନ୍ନ ସ୍ଥାନରୁ ୬୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଆଠଗଡ଼ ଦେବୋତ୍ତର ସୁପରଭାଇଜର କରୁଣାକର ବେହେରା କହିଛନ୍ତି। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିବାବେଳେ ମନୋରଞ୍ଜନ ପାଇଁ ପୀଠ ନିକଟରେ ଥିବା ଭିକାରୀ ବଳ ଭଜନ ମଣ୍ଡପରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସେହିପରି ପାଇକେରାପୁର ପଟରୁ ଠାକୁରଙ୍କ ପୀଠକୁ ଡଙ୍ଗାରେ ଆସୁଥିବା ଭକ୍ତଙ୍କ ଲାଗି ଲାଇଫ ଜ୍ୟାକେଟ୍ ବାଧ୍ୟତାମୂଳକ କରାଯାଇଥିଲା। ପୀଠକୁ ଆଲୋକମାଳାରେ ସଜା ଯାଇଥିବାବେଳେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଭକ୍ତଙ୍କ ପାଇଁ ପାଣି ପାଉଚ ବ୍ୟବସ୍ଥା କରାଯାଇଥିଲା। ଅନ୍ୟପକ୍ଷରେ ଖରାରେ ଧାଡିରେ ଛିଡା ହୋଇଥିବା ଜଗତ୍‌ସିଂହପୁର ଓ ବେଣ୍ଟକାର ଅଞ୍ଚଳର ୨ ଜଣ ମହିଳା ଚେତାଶୂନ୍ୟ ହୋଇଯାଇଥିବା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ତତ୍ତ୍ୱାବଧାରକ ମନମୋହନ ସାହୁ କହିଛନ୍ତି। ଉକ୍ତ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଉପଜିଲାପାଳ, ତହସିଲଦାର, ବିଡିଓ, ଏସ୍‌ଡିପିଓଙ୍କ ଉପସ୍ଥିତିରେ ୧୬ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଅନ୍ୟପକ୍ଷରେ ରବିବାର ବିଳମ୍ବିତ ରାତିରେ ଠାକୁରଙ୍କ ସ୍ନାନ ଓ ଅନ୍ୟାନ୍ୟ ନୀତି ପରେ ଭୋର ସମୟରେ ଗଜଭୋଗ ଲାଗି କରାଯାଇଥିଲା। ପରେ ଏହି ଭୋଗ ସହ ତରଣ ମଧ୍ୟ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା।

### ଠାକୁରଙ୍କ ସ୍ୱତନ୍ତ୍ର ଗଜଭୋଗ

ଧବଳେଶ୍ୱରଙ୍କ ନିକଟରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ଗଜଭୋଗ ଲାଗି କରାଯାଇଥାଏ। ପ୍ରଥମେ ଅରୁଆ ଚାଉଳ ଢିଙ୍କିରେ କୁଟି ଚୂନା ପ୍ରସ୍ତୁତ କରାଯାଏ। ଏହି ଚୂନାକୁ ଜନ୍ତିବା ପରେ ଏଥିରେ ନଡ଼ିଆ, ଗୁଡ଼, ଅଦା, ଗୋଲମରିଚ, କିସ୍‌ମିସ୍ ଓ କାଜୁ ଆଦି ପଡି ଗଜମଣ୍ଡା ପ୍ରସ୍ତୁତ କରାଯାଏ। ସେହିପରି ଏହି ଚୂନାରେ ଛେନା, ଗୁଡ଼, ନଡ଼ିଆ, କାଜୁ, କିସ୍‌ମିସ୍ ପଡ଼ି ତରଣ ପ୍ରସ୍ତୁତ କରାଯାଏ ବୋଲି ମନ୍ଦିରର ପୂଜକ ଅମୂଲ୍ୟ କୁମାର ପତ୍ରୀ କହିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..................................


ଶିବ ପ୍ରସାଦ
ପରିବାରବର୍ଗ


ଟିଙ୍ଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

■ ଲେଭଲ୍ କ୍ରସିଂ ଫାଟକକୁ ଧକ୍କା ଦେଲା ଟ୍ରକ

# ୧୦ମିନିଟ୍ ଅଟକିଲା ମାଲବାହୀ ଟ୍ରେନ

### ଟ୍ରକ ଚାଳକ ଗିରଫ

ଖୁଣ୍ଟୁଣୀ,୧୦।୧୧(ଡି.ଏନ୍.ଏ)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଘଣ୍ଟିଖାଲରେ ବନ୍ଦ ଥିବା ଏକ ଲେଭଲ କ୍ରସିଂ ଫାଟକକୁ ରବିବାର ଏକ ଟ୍ରକ ଧକ୍କା ଦେଇଛି। ଫଳରେ ଟ୍ରକଟି ଟ୍ରାକ ମଧ୍ୟରେ ପଶିଯିବାରୁ ଘଣ୍ଟିଖାଲ ଷ୍ଟେଶନରେ ଏକ ମାଲବାହୀ ଟ୍ରେନ ପ୍ରାୟ ୧୦ମିନିଟ ଅଟକି ରହିଥିଲା। ଖବରପାଇ ରେଳବାଇ ଫାଣ୍ଡି ଅଧିକାରୀ ସୁରେଶ ଚନ୍ଦ୍ର ଗୌଡ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଟ୍ରେନ ଲାଇନରୁ ହଟାଇବା ପରେ ଉକ୍ତ ଟ୍ରେନଟି ଯାଇଥିଲା। ଏହାସହ ପୋଲିସ ଟ୍ରକ ଚାଳକକୁ ଗିରଫ କରିଛି। ସେ ହେଲେ ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ଗରୁଡ଼ବନ୍ଧୀ ଗ୍ରାମର ମଙ୍ଗରାଜ ଦାସ। ସୂଚନା ମୁତାବକ, ରବିବାର ଭୋର ୫ଟା ସମୟରେ ମଙ୍ଗରାଜ ଢେଙ୍କାନାଳରୁ କ୍ରୋମ୍ ଚିପ୍ସ ବୋଝେଇ ଟ୍ରକ(ନଂ.ଓଆର୍ ୦୪-୭୪୪୪) ନେଇ ଖୁଣ୍ଟୁଣୀ ପଟୁ ଏକ କାରଖାନାକୁ ଆସୁଥିଲେ। ଏହି ସମୟରେ ଲେବଲ କ୍ରସିଂ ଫାଟକ ପଡିଯାଇଥିଲା। ଏଥିରେ ମଙ୍ଗରାଜ ଭାରସାମ୍ୟ ହରାଇ ଫାଟକରେ ଧକ୍କା ଦେଇ ଟ୍ରେନ ଲାଇନ୍ ମଧ୍ୟକୁ ଚାଲିଯାଇଥିଲା। ଗେଟମ୍ୟାନ ତୁରନ୍ତ ଘଣ୍ଟିଖାଲ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇ ମାଲବାହୀ ଟ୍ରେନକୁ ଅଟକାଇଥିଲେ। ଏ ନେଇ ଭୁବନେଶ୍ୱର ଆର୍‌ପିଏଫ୍ ଥାନା ପକ୍ଷରୁ ଏକ ମାମଲା ସିଖସି ୨୩୯୩ ରେଲୱେ ଆକ୍ଟ ୧୬୦(୨)ରେ ରୁଜୁ ହୋଇଛି। ଏହାଦ୍ୱାରା ଏହି ଷ୍ଟେଶନ ଦେଇ ଯାଉଥିବା ପ୍ରାୟ ୨୨ଟି ଟ୍ରେନ ପ୍ରଭାବିତ ହୋଇଥିବା ଜଣାପଡିଛି।

# ୫-ଟି'କୁ ନେଇ ପୁଣି ଭାଜପା-ବିଜେଡି ମୁହାଁମୁହିଁ

■ କନିଷ୍ଠଙ୍କ ଗସ୍ତବେଳେ ବରିଷ୍ଠଙ୍କ ଉପସ୍ଥିତି ଏକ ବିସଙ୍ଗତି: ଅପରାଜିତା

■ ବହୁ ଭାଜପାଶାସିତ ରାଜ୍ୟ ଏହି ମଡେଲ ଆପଣାଇବେ: ସସ୍ମିତ

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

୫-ଟି କାର୍ଯ୍ୟକ୍ରମକୁ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ରାଜ୍ୟ ସରକାରଙ୍କ ଉପରେ ପୁଣିଥରେ ବର୍ଷିଛନ୍ତି। କନିଷ୍ଠ ସଚିବଙ୍କ ଗସ୍ତ ବେଳେ ବରିଷ୍ଠ ସଚିବମାନେ ଉପସ୍ଥିତ ରହିବା ପ୍ରଶାସନିକ ବିସଙ୍ଗତି ବୋଲି ଅପରାଜିତା କହିଛନ୍ତି। ଅପରାଜିତା କହିଛନ୍ତି ଯେ, ସେ ଓଡିଶାରେ ୨୦ବର୍ଷ ଏବଂ ଦିଲ୍ଲୀରେ ୫ ବର୍ଷ ଚାକିରି କରିଛନ୍ତି। କିନ୍ତୁ ଏଭଳି ସ୍ଥିତି କୌଣସି ସ୍ଥାନରେ ଦେଖିନାହାନ୍ତି। ଏହା ଶାସନ ବ୍ୟବସ୍ଥାର ବିସଙ୍ଗତି। ବରିଷ୍ଠଙ୍କ ଗସ୍ତ ବେଳେ କନିଷ୍ଠ ଅଧିକାରୀ ସହାୟତା କରିବା କଥା। ମାତ୍ର ବର୍ତ୍ତମାନ ଯାହା ଦେଖାଯାଉଛି ତାହା ଦୁର୍ଭାଗ୍ୟଜନକ। ତେଣୁ ପ୍ରଶାସନ ବ୍ୟବସ୍ଥାର ମଡେଲକୁ ପରିବର୍ତ୍ତନ କରିବାକୁ ହେବ। ୫-ଟି ନୂଆ ଅନୁଭବ ନୁହେଁ। ବରଂ ରାଜ୍ୟ ସରକାର ମନିଟରିଂ ପାରାମିଟର୍ସ ବ୍ୟବସ୍ଥା ହେଉ। କେବଳ ସ୍ୱାସ୍ଥ୍ୟ ବିଭାଗରେ ୫-ଟି ଉପରେ ଗୁରୁତ୍ୱ ନ ଦିଆଯାଇ ଏହା ସବୁ ବିଭାଗରେ କାର୍ଯ୍ୟକାରୀ କରାଯାଉ। ରବିବାର ସମ୍ବଲପୁର ଗସ୍ତରେ ଆସି ଅପରାଜିତା ବୁର୍ଲାସ୍ଥିତ ଭିସୁଟର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି। ଅପରାଜିତା ଆହୁରି କହିଛନ୍ତି, ଏହାକୁ ୩ରୁ ୬ ମାସ ମଧ୍ୟରେ ବ୍ୟବସ୍ଥା କରାଯାଉ। ଅଲଗା ପାୱାର ସେଣ୍ଟର କରି ମନ୍ତ୍ରୀ ଓ ସଚିବଙ୍କୁ ଦୁର୍ବଳ କରିବା ଭୁଲ୍ କଥା। ୫-ଟି କାର୍ଯ୍ୟକ୍ରମ ଭୁଲ୍ ବୋଲି ସେ କହିଛନ୍ତି। ଅପରାଜିତା ସକାଳେ ସମଲାଇ ମନ୍ଦିର ଯାଇ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ କଚେରୀ ରୋଡ ସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ କର୍ମକର୍ତ୍ତାଙ୍କ ସହ ଏକ ସମାବେଶରେ ଯୋଗ ଦେଇଛନ୍ତି। ଅପରାଜିତାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କହିଛନ୍ତି, ସରକାର କାର୍ଯ୍ୟକାରୀ କରୁଥିବା ୫-ଟି କାର୍ଯ୍ୟକ୍ରମର ସଫଳତା ଦେଖି ଅପରାଜିତା ବିଚଳିତ ହୋଇପଡିଛନ୍ତି। ଭାଜପାରେ ନିଜର ପରିଚୟ ହରାଇଥିବାରୁ ହତାଶ ହୋଇ ସେ ଏମିତି କହୁଛନ୍ତି। ପ୍ରଶାସିକାରୁ ରାଜନେତା ପାଲଟିଥିବା ଅପରାଜିତା ବେଳେବେଳେ ନିଜକୁ ପୂର୍ବତନ ପ୍ରଶାସିକା ମନେକରି ତାଙ୍କର ଜ୍ଞାନ ଗାରିମା ପ୍ରଦର୍ଶନ ଲାଗି ଏମିତି ମନ୍ତବ୍ୟ ଦେଇଛନ୍ତି। ୫-ଟି କେବଳ ଓଡିଶାରେ ଯେ ସଫଳ ହୋଇଛି ତାହା ନୁହେଁ ବରଂ ବହୁ ଭାଜପାଶାସିତ ରାଜ୍ୟ ସମେତ କେନ୍ଦ୍ର ସରକାର ଏହି ମଡେଲକୁ ଆପଣାଇବାକୁ ଯାଉଥିବା ସସ୍ମିତ କହିଛନ୍ତି।

# ସ୍କୁଲ ପାଇଖାନା ଟାଙ୍କିରୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

### ହତ୍ୟା ସନ୍ଦେହ, ୩ ଅଟକ

ଜେକେପୁର/ରାୟଗଡା ଅଫିସ, ୧୦।୧୧

ରାୟଗଡ଼ା ଜିଲା କୋଲନରା ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ହାତୀଖମ୍ବା ଗ୍ରାମର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଖାନା ଟାଙ୍କିରୁ ତିନିଦିନ ଧରି ନିଖୋଜ ଥିବା ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ହାତୀଖମ୍ବା ଗ୍ରାମର ଉଦାଲା ରାଜାରାଓ (୫୨)। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ତାଙ୍କୁ କେହି ହତ୍ୟା କରି ପାଇଖାନା ଟାଙ୍କିରେ ଫିଙ୍ଗି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

ଶୁକ୍ରବାର ରାତିରେ ଉଦାଲା ଓ ତାଙ୍କ ସ୍ତ୍ରୀ ପାର୍ବତୀ ଘରେ ଖାଉଥିଲେ। ଏହି ସମୟରେ ଉକ୍ତ ଗ୍ରାମର ମହେନ୍ଦ୍ର ମାଣ୍ଡାଲା(୨୨) ଓ ମାଧବ କାଡ୍ରାକା(୨୨) ତାଙ୍କ ଘରକୁ ଆସିଥିଲେ। ପରେ ଉଦାଲାଙ୍କୁ ଡ଼ାକି ବାହାରକୁ ନେଇଯାଇଥିଲେ। ହେଲେ ବିଳମ୍ବିତ ରାତିରେ ମହେନ୍ଦ୍ର ଓ ମାଧବ ସେମାନଙ୍କ ଘରକୁ ଫେରିଥିଲେ ମଧ୍ୟ ଉଦାଲା ଆସି ନ ଥିଲେ। ସେମାନଙ୍କୁ ଦେଖି ପାର୍ବତୀ ବ୍ୟସ୍ତ ହୋଇ ପଚାରିବାରୁ ଉଦାଲା ଫେରି ଆସିଥିବା କହିଥିଲେ। ତା ପରଦିନ ସକାଳୁ ପାର୍ବତୀ ବହୁ ଖୋଜାଖୋଜି କରିଥିଲେ ହେଲେ ଉଦାଲାଙ୍କର କୌଣସି ଖୋଜଖବର ପାଇ ନ ଥିଲେ। ଏନେଇ ପାର୍ବତୀ ଥାନାରେ ଅଭିଯୋଗ କରିଥିଲେ। ରବିବାର ସକାଳେ ଖୋଜାଖୋଜି କରିବା ସମୟରେ ହାତୀଖମ୍ବା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଇଖାନା ଟାଙ୍କି ପାଖରେ ଦୁର୍ଗନ୍ଧ ହେଉଥିବା ଜାଣିପାରି ମୁକୁନ୍ଦପୁର ସରପଞ୍ଚ ଶିବ କଣ୍ଡାଗରିଙ୍କୁ ଖବର ଦେଇଥିଲେ। ସରପଞ୍ଚ ଆସି ପାଇଖାନା ଟାଙ୍କିର ଘୋଡ଼ଣୀ କାଢିବାରୁ ସେଥିରେ ଉଦାଲାଙ୍କ ମୃତ ଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଚାନ୍ଦିଲି ଥାନା ଅଧିକାରୀ ଅଜିତ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ଥିବା ସନ୍ଦେହ କରି ମହେନ୍ଦ୍ର , ମାଧବ ଓ ରାଜେନ୍ଦ୍ର ପାଲାକାଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ତାଙ୍କୁ ହତ୍ୟା କରାଯାଇ ଏଠାରେ ଫିଙ୍ଗି ଦେଇଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଛନ୍ତି।



ମହମ୍ମଦ ଜୟନ୍ତୀ ଅବସରରେ ରବିବାର କଟକ ଯୋବ୍ରାଠାରୁ ଦରଘା ବଜାରସ୍ଥିତ କଦମ୍‌ରସୁଲ ପର୍ଯ୍ୟନ୍ତ ବାହାରିଥିବା ମୁସଲିମ୍ ଧର୍ମାବଲମ୍ବୀଙ୍କ ବିଶାଳ ଶୋଭାଯାତ୍ରା।

ପ୍ରଥମ ପୃଷ୍ଠାରୁ...

## ଟି.ଏନ୍. ଶେଷାନଙ୍କ...

ରବିବାର ଚେନ୍ନାଇଠାରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ୧୦ମ ମୁଖ୍ୟ ନିର୍ବାଚନ କମିଶନର ଭାବେ ସେ ୧୯୯୦ ଡିସେମ୍ବର ୧୨ରୁ ୧୯୯୬ ଡିସେମ୍ବର ୧୧ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ତାଙ୍କ ସମୟରେ ପ୍ରଥମଥର ପାଇଁ ଭୋଟର ପରିଚୟପତ୍ର କାର୍ଯ୍ୟକାରୀ ହୋଇଥିଲା। ନିର୍ବାଚନ ଆଚରଣ ବିଧିକୁ କଡ଼ାକଡ଼ି ଲାଗୁ କରି ସେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିବା ରାଜନେତାମାନଙ୍କ ପ୍ରବୃତ୍ତିରେ ପରିଣତ ହୋଇଥିଲା। ହେଲେ ଶେଷାନଙ୍କ କଠୋର କାର୍ଯ୍ୟାନୁଷ୍ଠାନ ରାଜନେତାଙ୍କୁ ଆଇନ ମାନିବାକୁ ବାଧ କରିଥିଲା। ଜଣେ ରାଜ୍ୟପାଳ ତାଙ୍କ ପୁଅ ପାଇଁ ପ୍ରଚାର କରିବାରୁ ମଧ୍ୟପ୍ରଦେଶର ଏକ ଆସନରେ ନିର୍ବାଚନକୁ ସ୍ଥଗିତ କରିଥିଲେ ଶେଷାନ। ଫଳରେ ଉକ୍ତ ରାଜ୍ୟପାଳ ଇସ୍ତଫା ଦେବାକୁ ବାଧ ହୋଇଥିଲେ। ୧୯୫୫ ବ୍ୟାଚ୍‌ର ତାମିଲନାଡୁ କ୍ୟାଡର ଆଇଏଏସ୍ ଅଫିସର ଶେଷାନ ନିର୍ବାଚନ କମିଶନ ହେବା ପୂର୍ବରୁ କ୍ୟାବିନେଟ ସଚିବ ଭାବେ କାର୍ଯ୍ୟ କରିଥିଲେ। ୧୯୯୬ରେ ତାଙ୍କୁ ରମନ ମାଗାସେସେ ପୁରସ୍କାର ମିଳିଥିଲା। କେରଳର ପାଲାକ୍କଡ ଜିଲା ତିରୁନେଲାଇରେ ୧୯୩୨ରେ ଜନ୍ମିତ ଶେଷାନ ପଦାର୍ଥ ବିଜ୍ଞାନରେ ସ୍ନାତକ କରିବା ପରେ ମାଡ୍ରାସ ଖ୍ରୀଷ୍ଟିଆନ୍ କଲେଜରେ ଡେମୋନ୍‌ଷ୍ଟ୍ରେଟର ଭାବେ ୩ ବର୍ଷ କାମ କରିଥିଲେ। ଏହି ସମୟରେ ସେ ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଏଡ୍‌ୱାର୍ଡ ଏସ୍. ମାସନ ଛାତ୍ରବୃତ୍ତିରେ ସେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ପଢ଼ି ସାଧାରଣ ପ୍ରଶାସନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ।

ପ୍ରଥମ ପୃଷ୍ଠାରୁ...

## ପଶ୍ଚିମବଙ୍ଗରେ...

ସରକାରୀ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବ ମିଦନାପୁରରେ ଗଛ ତଳେ ଚାପିହୋଇ ଜଣେ ପ୍ରାଣ ହରାଇଛନ୍ତି। ଏପରିକି ଶନିବାର ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ପ୍ରବଳ ବର୍ଷାରେ ଗଛଡାଳ ଭାଙ୍ଗି କୋଲକାତା ସହରରେ ଥିବା ଏକ କ୍ଲବ୍‌ର ଜଣେ କର୍ମଚାରୀ ନିହତ ହୋଇଥିଲେ। ପ୍ରବଳ ବର୍ଷା ଯୋଗୁ ଶନିବାର ଦିନ ତମାମ ଲୋକେ ବାହାରକୁ ବାହାରିପାରି ନ ଥିଲେ।

ଶତାଧିକ ଗଛ ପଡ଼ି କୋଲକାତା ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ରାସ୍ତା ଅବରୋଧ ହୋଇଛି। ଏନ୍‌ଡିଆର୍‌ଏଫ୍ ସମେତ କୋଲକାତା ମ୍ୟୁନିସିପାଲ କର୍ପୋରେଶନ, ପୋଲିସ ଓ ଅଗ୍ନିଶମ କର୍ମଚାରୀମାନେ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତାରୁ ଗଛ କାଟି ଅବରୋଧମୁକ୍ତ କରିବାରେ ଲାଗିଛନ୍ତି। ଭାରତୀୟ ପାଣିପାଗ ବିଭାଗ ରିପୋର୍ଟ ଅନୁଯାୟୀ ବୁଲ୍‌ବୁଲ୍ ଶନିବାର ରାତି ସାଢ଼େ ୮ରୁ ସାଢ଼େ ୧୧ ମଧ୍ୟରେ ସୁନ୍ଦରବନ ଅତିକ୍ରମ କରିଥିଲା। ଧାନ୍‌ଚି ଜଙ୍ଗଲ ନିକଟରେ ସ୍ଥଳଭାଗ ଛୁଇଁବା ବେଳକୁ ଏହା କିଛିଟା ଦୁର୍ବଳ ହୋଇଯାଇଥିଲା। ପବନର ବେଗ ୧୧୦ରୁ ୧୨୦ କିଲୋମିଟର ରହିବା ସହିତ ବେଳେବେଳେ ୧୩୫ କିଲୋମିଟର ବେଗରେ ପ୍ରବାହିତ ହେଉଥିଲା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

## ୩ ଲକ୍ଷ...

କରାଯାଇଥିଲା। ଶେଷ ଖବର ସୁଦ୍ଧା ସମସ୍ତେ ନିଜ ନିଜ ବାସସ୍ଥଳୀକୁ ଫେରିଛନ୍ତି। ବାତ୍ୟାରେ ବିଭ୍ରାଟ ହୋଇଥିବା ବିଜୁଳି ବ୍ୟବସ୍ଥାକୁ ୧୨ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ସଜଡ଼ାଯିବ। ପ୍ରଭାବିତ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ ମଧ୍ୟରୁ ପ୍ରାୟ ୧୫ ଲକ୍ଷଙ୍କୁ ବିଜୁଳି ଯୋଗାଇ ଦିଆଯାଇଛି। ୫୫୦୦ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଥିବାବେଳେ କମ୍‌ସଂଖ୍ୟକ ଘର ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ଏସ୍ଆରସି ଜେନା କହିଛନ୍ତି। ପ୍ରାଥମିକ ଭାବେ ଏସ୍ଆର୍‌ସି ଘରଭଙ୍ଗା ସହାୟତା ପ୍ରଦାନ କରିବେ, ଯଦି ପଞ୍ଚାୟତିରାଜ ବିଭାଗ ଅନ୍ତର୍ଗତ କୌଣସି ବିଷୟ ଉପୁଜେ, ତେବେ ବିଚାର କରାଯାଇ କ୍ଷୟକ୍ଷତି ସହାୟତା ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। କେନ୍ଦ୍ରାପଡ଼ା ଜିଲାର କେତେକ ବୋଟ୍ ଏବଂ ଜଗତ୍‌ସିଂହପୁର ଜିଲାର ୮ଟି ବୋଟ୍ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ଏସ୍ଆର୍‌ସି ସୂଚନା ଦେଇଛନ୍ତି। ସମସ୍ତ ସ୍ଥାନରେ ପାନୀୟ ଜଳ ଯୋଗାଣ ଅବ୍ୟାହତ ରହିଛି। ପ୍ରଭାବିତ ୪୬ ବ୍ଲକ ଓ ୧୨ ପୌରାଞ୍ଚଳରେ ଗମନାଗମନ ପୂର୍ବ ସ୍ଥିତିକୁ ଫେରିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ସଚିବ ଆର୍. ରଘୁପ୍ରସାଦ କହିଛନ୍ତି ଯେ, ୬୫ ପ୍ରାଣୀସମ୍ପଦ ନଷ୍ଟ ହୋଇଛି। ଏହା ମଧ୍ୟରେ ୧୧ ଗୋରୁ ଏବଂ ମଇଁଷି ଆଦି ବଡ଼ ଗୃହପାଳିତ ପଶୁ, ୪ଟି ଛେଳି, ମେଣ୍ଢା ଏବଂ ୫୦ କୁକୁଡ଼ା ଜାତୀୟ ଜୀବ ମରିଛନ୍ତି। ସର୍ବୋପରି ଚାଷଜନିତ କ୍ଷୟକ୍ଷତି ଆକଳନର ସ୍ୱଚ୍ଛତାକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହିସବୁ କ୍ଷୟକ୍ଷତି ଆକଳନ ସମୟରେ ଭିଡିଓଗ୍ରାଫି ଓ ଚିତ୍ରୋତ୍ତୋଳନକୁ ଗୁରୁତ୍ୱ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ସକାଳୁ ସକାଳୁ ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରା କରିପାରନ୍ତି। ଆଜିର ଖର୍ଚ୍ଚ ସକାଶେ କେଉଁଠୁନା କେଉଁଠୁ ଅର୍ଥ ପାଇଯିବେ। ଭୁଲ୍ ବୁଝାମଣାଜନିତ ପାରିବାରିକ ସମସ୍ୟା ଚିନ୍ତାର କାରଣ ହୋଇପାରେ। ଯେତେ ସତର୍କରେ କାମ କଲେ ମଧ କର୍ମ କ୍ଷେତ୍ରରେ ଟେନ୍ସନ ଲାଗି ରହିବ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ସଫଳତା ପାଇବେ।

**ବୃଷ** - ପାରିବାରିକ ଦ୍ୱନ୍ଦ୍ୱ ସହ ସାମାଜିକ ସ୍ଥିତି ସୁଦୃଢ଼ ରହିବ। ସମୂହ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା କାରଣରୁ ଭାବମୂର୍ତ୍ତି ଉଜ୍ଜ୍ୱଳିତ ହେବ। ପ୍ରତିଷ୍ଠା, ପ୍ରଶଂସା ପାଇବା ସହ ପର୍ଯ୍ୟଟନ, କାରିଗରି, କ୍ରୀଡା ଓ ଚଳଚ୍ଚିତ୍ର ପ୍ରଭୃତିରେ ପ୍ରଶଂସିତ ହେବେ। କିନ୍ତୁ ବହୁବ୍ୟୟ ଓ ଆତ୍ମୀୟ ତଥା ନିକଟ ସମ୍ପର୍କୀୟଙ୍କ ହତାଦର ଭାବରୁ ସାମୟିକ ଦୁଃଖିତ ହୋଇପାରନ୍ତି।

**ମିଥୁନ** - ପରିବାରରେ ପିଲାମାନଙ୍କ ମତକୁ ପ୍ରାଧାନ୍ୟ ଦେଇ କାମ କରିବେ। ସମସ୍ୟା ସମାଧାନର ପନ୍ଥା ଅବଶ୍ୟ ଖୋଜି ପାଇବାରେ ଅସୁବିଧା ହେବ ନାହିଁ। ଯେଉଁଥିପାଇଁ ମନରେ ବ୍ୟଗ୍ରତା ଭରି ରହିଛି, ଆଜି ହିଁ ତାହା ପ୍ରାପ୍ତହୋଇ ମନକୁ ଖୁସୀ କରିଦେବ। କର୍ମକ୍ଷେତ୍ରରେ ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ଜଣେ ପଦସ୍ଥ ବ୍ୟକ୍ତି ସହାୟତା କରିବେ।

**କର୍କଟ** - ଅର୍ଥବ୍ୟୟ, ଦୂରଯାତ୍ରା, ପରୋକ୍ଷ ଶତ୍ରୁତା ଓ କାର୍ଯ୍ୟହାନିଜନିତ ବ୍ୟସ୍ତତା ବୃଦ୍ଧି ପାଇବ। ପରିସ୍ଥିତିବଶତଃ ବିବାଦୀୟ ଘଟଣାକୁ ନେଇ ଆଲୋଚନା କରିପାରନ୍ତି। ଉଚ୍ଚ ପଦାଧିକାରୀଙ୍କ ସହ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶ ଗ୍ରହଣ କରିପାରନ୍ତି। ଘରୋଇ କ୍ଷେତ୍ରରେ ପରୋକ୍ଷ ଶତ୍ରୁତାରୁ ମନ ଠିକ୍ ରହିବ ନାହିଁ।

**ସିଂହ** - କୌଣସି କ୍ଷେତ୍ରରେ ପଛକୁ ଫେରିବେ ନାହିଁ। ସକାଳୁ ସକାଳୁ ଯାତ୍ରାରେ ଅଭିଳଷିତ ଜିନିଷ ହାସଲ କରି ପାରିବେ। ଅଟକି ରହିଥିବା କାମ, ପାଇବାକୁ ଥିବା କିଛି ଅର୍ଥ, ବନ୍ଧୁବର୍ଗଙ୍କ ସାହାଯ୍ୟ ଅଯାଚିତ ଭାବରେ ମିଳିବ। ପରିବାର ମଧ୍ୟରେ ଥିବା କିଛି ସମସ୍ୟା ନେଇ ଆଲୋଚନା ସନ୍ତୋଷ ଜନକ ହେବ। ଅବଶ୍ୟ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ।

**କନ୍ୟା** - ଅର୍ଥ ପାଇବେ ଏବଂ ପାରିବାରିକ ସୁଖସୌହାର୍ଦ୍ଦ୍ୟ ମଧ୍ୟରେ ଦିନଟି ଅତିବାହିତ ହେବ। କିନ୍ତୁ ଭାଇ, ବନ୍ଧୁ, କୁଟୁମ୍ବ ଲୋକଙ୍କ ସହ ଜମିଜମା କିମ୍ବା ଗୃହସୀମାକୁ ନେଇ କଳହର ଆଶଙ୍କା ରହିଛି। ଭୁଲ୍ ବୁଝାମଣାରୁ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବିଳମ୍ବିତ ସମୟରେ କାମଗୁଡିକ ସମ୍ପନ୍ନ ହେବାରୁ ସାମୟିକ ବ୍ୟସ୍ତତା ବୃଦ୍ଧି ପାଇପାରେ।

**ତୁଳା** - ସୁଖ, ସୌହାର୍ଦ୍ଦ୍ୟ ଭିତରେ ପୂର୍ବ ସମସ୍ୟା ମନକୁ ସାମୟିକ ବିଚଳିତ କରି ରଖିବ। ପରିବାରର ଆବଶ୍ୟକ ଅର୍ଥ ଯୋଗାଡ କରିବା ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡିପାରେ। ଆନୁଷ୍ଠାନିକ କାମ, ସଭାସମିତି, ନୂତନ ଉଦ୍ୟୋଗ ଏବଂ ସାଂସ୍କୃତିକ କାମରେ ସହଭାଗିତା ହେଲେ ପ୍ରତିଷ୍ଠାର୍ଜନ କରିପାରିବେ।

**ବିଛା** - ନିଜ କାମରେ ମନ ନ ଦେଇ ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇଲେ ମନସ୍ତାପ କରିବାକୁ ପଡିବ। ଅବଶ୍ୟ ଅର୍ଥ ପାଇଲେ ମଧ ଆଜିର ଯାତ୍ରା, ବ୍ୟବସାୟ କେତେକାଂଶରେ ଅସ୍ଥିରତାଯୁକ୍ତ ରହିବ। ଆପଣଙ୍କ କାମ ନେଇ ଅନ୍ୟମାନେ ପ୍ରଶଂସା କରିପାରନ୍ତି। ସାହିତ୍ୟ, ସ୍ଥଗିତ କାର୍ଯ୍ୟ ଓ ସନ୍ତାନଙ୍କ ସକାଶେ କିଛିଟା ଉନ୍ନତିର ଆଲୋକ ଦେଖିପାରିବେ।

**ଧନୁ** - ଦୈହିକ ସୁସ୍ଥତା ସହ ଅଭିଳଷିତ କର୍ମ ସାଫଲ୍ୟରୁ ଖୁସି ରହିବେ। କିନ୍ତୁ ସନ୍ତାନଙ୍କ କୃତ ସମସ୍ୟା, ବନ୍ଧୁ ସମ୍ପର୍କରେ ନ୍ୟୁନତା, କହିଥିବା କଥାକୁ କେନ୍ଦ୍ରକରି ବିରୋଧାଭାସ ସାମୟିକ ଅସ୍ଥିରତା ସୃଷ୍ଟି କରିପାରେ। ଅବଶ୍ୟ କେତେକ କ୍ଷେତ୍ରରେ ବନ୍ଧୁ ମାନଙ୍କ ପରାମର୍ଶକୁ ଗ୍ରହଣ କରିପାରନ୍ତି। ଆଜି ଜଣେ ବ୍ୟକ୍ତିଙ୍କଠାରୁ ଯଥେଷ୍ଟ ସହାୟତା ପାଇପାରନ୍ତି।

**ମକର** - ଭୁଲ୍ ନିଷ୍ପତ୍ତି ନେଇ ହଟହଟା ହେବାକୁ ପଡିପାରେ। ସନ୍ତାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ସାଙ୍ଗକୁ ପରିବାରର ଅପୂରଣୀୟ ଆବଶ୍ୟକତା ଦୁଶ୍ଚିନ୍ତାର ମାତ୍ରାକୁ ବଢାଇ ଦେଇପାରେ। ବ୍ୟତିକ୍ରମର ସମାଧାନ ସାଙ୍ଗକୁ ଶୃଙ୍ଖଳା ରକ୍ଷା କରିବାରେ ନିକଟ ସମ୍ପର୍କୀୟଙ୍କ ସହାୟତାର ଆବଶ୍ୟକତା ରହିଛି। ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

**କୁମ୍ଭ** - ପୂର୍ବ ପରିକଳ୍ପିତ ନୂତନ ଯୋଜନାକୁ ସାକାର କରିବା ଦିଗରେ ବନ୍ଧୁବର୍ଗଙ୍କ ସାହାଯ୍ୟ ଲୋଡିପାରନ୍ତି। ଆଜି ନିଜସ୍ୱ ଢଙ୍ଗରେ କାର୍ଯ୍ୟ କରିବାରେ ଆନନ୍ଦ ଅନୁଭବ କରିବେ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଲଢେଇ କଲେ ମଧ ପ୍ରତିଦାନରେ କିଛି ପାଇବେ ନାହିଁ। କୃଷି, ବାଣିଜ୍ୟ, ବ୍ୟବସାୟ, ସାମ୍ବାଦିକତା ତଥା ରାଜନୀତିରେ ଚେଷ୍ଟା ସଫଳ ହେବ।

**ମୀନ** - ମନକୁ ପ୍ରଫୁଲ୍ଲିତ ରଖିବା ସହ ନୂତନ ସମ୍ପର୍କ ସ୍ଥାପନ କରାଇବ। ଭ୍ରମଣ, ବ୍ୟବସାୟ, ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବା ପାଇଁ ମନବଳାଇ ପାରନ୍ତି। ସ୍ୱାସ୍ଥ୍ୟ ବିଶେଷ ଭଲ ନ ରହିଲେ ମଧ୍ୟ ଦୃଢ ମନୋବଳ ହେତୁ ପ୍ରତ୍ୟେକ ପରିସ୍ଥିତିକୁ ସାମ୍‌ନା କରିପାରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ମାତ୍ର ଦାମ୍ପତ୍ୟ ଜୀବନରେ ବୁଝାମଣା ଠିକ୍ ରହିବ ନାହିଁ।

ଆଜି କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ସୋମବାର, ନଭେମ୍ବର ୧୧ ତାରିଖ, ଶ୍ରୀମନ୍ଦିରରେ ଲକ୍ଷ୍ମୀନୃସିଂହ ବା ଡାଳିକିଆ ବେଶ, ବଡ ଓଷା, ରାଷ୍ଟ୍ରୀୟ ଶିକ୍ଷା ଦିବସ, ରାଶି, ନକ୍ଷତ୍ର- ଅଶ୍ୱିନୀ/ମେଷ, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୬।୫୭ମି. ଗତେ ଘ୭।୨୬ମି. ମଧ୍ୟେ, ଘ୮।୫୫ମି. ଗତେ ଘ୧୧।୦୯ମି. ମଧ୍ୟେ ଅମୃତ ବେଳା। ସକାଳ ଘ୭।୨୧ମି. ଗତେ ଘ୮।୪୪ମି. ମଧ୍ୟେ ରାହୁକାଳ।

## classifieds Everyday
0674-2580101, 2549302

### automobile
**SALE**

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418

### real estate
**SALE**

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68155

213 Decimal Gharabari Sthitiban plot, yellow zone on 60sqft road for sale. Contact: 9338342502 (No Brokers). D-68167

3 Acres bagayat farm @ Dadhimachagadia (boundary wall, Borewells, Out house, Electricity) & 2 Acres at Sakhigopal for sale, Call: 9338342502. D-68168

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

Schedule Caste 19 ଗୁଣ୍ଠ ଜମି ଭିଙ୍ଗାରପୁର ହସଂପାଳଠାରେ ବିକ୍ରିହେବ। 9937816565, 9937568585. D-15176

ସ୍ଥିତିବାନ ବାସପୋଯୋଗୀ ଜମି 60ft ପିଚୁରାସ୍ତାକୁ ଲାଗି ବିକ୍ରିହେବ। 9937816565, 9937568585. D-15177

**Gharabari 5ft boundarywall complete plot sale Chhatabar bypass roadside 3k.m. from 2nd infosys 6000sqft. 36,00,000/- (3side simplex) 9861281504.** D-68423

**Bhubaneswar Pitapalli NH ପାଖରେ BDA plot 30' ରାସ୍ତାଥାଇ ମିଳୁଅଛି। 8338065148.** D-68420

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

କଟକ-ଗୋପାଳପୁର ଧାକୁଲେଇପାଠରୁ 3k.m **sqft.250/-,** ଭୁବନେଶ୍ୱର ବାଳକାଟି ବଜାରରୁ **2k.m 550/-,** ନଖରା **DPS** ପାଖରେ **sqft.700/-** ଘରବାରି ପ୍ଲଟ୍ ମିଳୁଅଛି। **9348020724, 7978939440.** D-68409

**1500sqft. gharabari plot with 40ft. mainroad, 30ft. internal road, park, fountain, 9km from airport, 2km before Xavier University, Bhubaneswar for sale. 9937162220, 9937847725.** D-68507

ଭୁବନେଶ୍ୱର ପିତାପଲ୍ଲି **Biswas +2 Science College backside**ରେ **Yellowzone** ପ୍ଲଟ୍ ମିଳୁଅଛି। **8594954102.** D-68419

### healthcare

Rejuvenate and ayurvedic full body massage by smart therapist. 9114402304. D-68145

Ayurvedic herbal body massage trend therapist Mob: 8018246332. D-66993

Full body herbal massage with refreshment expert therapist. 7381239385, 06742540855. D-68158

Experience full body massage with us (expert). Call: 7377048581, 06742597822. D-68159

Herbal full body massage by smart / expert therapist. Contact: 8338067247. D-68160

Summer special mesmerizing offer expert therapeutic refreshing massage appointment. 9668374480. D-68161

Refresh your mind and soul with best therapy at Orchid Salon/Spa. 9937287222. D-66998

Monalisa Massage Club: All types body massage with hiprofile smart lady rooms service available- 9708545108. D-15137

### business

Part time business start କରନ୍ତୁ। Monthly:- 5,000/- 15,000/- କମାନ୍ତୁ। Mob: 9777434078. D-15040

### AFFIDAVIT

Affidavit before Executive Magistrate, Begunia, 30.10.19 Declare, My Name Biranchi Jayasingh Same (Equal)- Lala Jayasingh, At: Kalarajhara, PO: Haja, P.S: Jankia, Dist: Khordha. All Purpose official use. D-15175

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଶ୍ରୀମନ୍ଦିରରେ ରବିବାରିଆ ଭିଡ଼

# ତିନି ଦ୍ୱାରରେ କଟକଣାକୁ ନେଇ ଶ୍ରଦ୍ଧାଳୁ ଅସନ୍ତୁଷ୍ଟ

**ପୁରୀ ଅଫିସ, ୧୦।୧୧**

କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତଥା ପଞ୍ଚୁକର ତୃତୀୟ ଦିବସରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିଲା। ରବିବାର ସାଙ୍ଗକୁ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଦେଖିବା ଲାଗି ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ଆସିଥିଲେ। ହେଲେ ସିଂହଦ୍ୱାର ବାଦ୍ ଅନ୍ୟ ତିନି ଦ୍ୱାରରେ ଭକ୍ତଙ୍କ ପ୍ରବେଶ ଉପରେ କଟକଣାକୁ ନେଇ ଅନେକ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଶେଷକରି ଏହି ତିନି ଦ୍ୱାର ସମ୍ମୁଖରେ ହୋଇଥିବା ଗହଳି ମଧ୍ୟରେ ବହୁ ବରିଷ୍ଠ ନାଗରିକ ମଧ୍ୟ ଛିଡ଼ା ହୋଇଥିଲେ। ଫଳରେ ସେମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଅପରାହ୍ନ ପ୍ରାୟ ୧ଟାରେ ଉତ୍ତର ଦ୍ୱାରରେ ଏପରି ଗହଳି ହୋଇଥିଲା ଯେ, ଲକ୍ଷ୍ମୀବଜାର ଦେଇ ଲୋକେ ଯା' ଆସ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଥିଲା।

ଦ୍ୱାର ଫିଟିବା ପରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ଲାଗି ସମସ୍ତେ ଭିତରକୁ ପଶିଥିଲେ। ସାତପାହାଚ ନିକଟରେ ସ୍ଥିତି ଏମିତି ହୋଇଥିଲା ଯେ, ନିୟନ୍ତ୍ରଣ ପାଇଁ ମୁତୟନ ଥିବା ପୋଲିସ କର୍ମଚାରୀ ଅସହାୟ ହୋଇପଡ଼ିଥିଲେ। ଭିତରେ ବି ପ୍ରବଳ ଗହଳି



ଉତ୍ତର ଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ଼।

ହୋଇଥିଲା। ସାଧାରଣତଃ ପରିଣତ ବୟସରେ ଆସିଥିବା ହବିଷିଆଳିମାନେ ଠାକୁରଙ୍କୁ ଦର୍ଶନ କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଥିଲା। ଠେଲାପେଲା ଓ ଭିଡ଼କୁ ଡରି ଅନେକ ବ୍ରତଧାରୀ ବେଢ଼ା ପରିସରରେ ଥିବା ଅନ୍ୟ ଦେବଦେବୀଙ୍କୁ କେବଳ ଦର୍ଶନ କରି ଆଶ୍ରୟସ୍ଥଳୀକୁ ଫେରିଥିଲେ। ତେବେ ଦିନତମାମ୍ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଲାଗିଥିଲା। ପୋଲିସ ପକ୍ଷରୁ କେବଳ ସିଂହଦ୍ୱାରରେ ଭକ୍ତଙ୍କୁ ଛଡ଼ାଯାଉଥିବା ଅନେକ ଭକ୍ତ ଜାଣିପାରି ନ ଥିଲେ। ସେମାନେ ଅନ୍ୟ ତିନି ଦ୍ୱାରରେ ପ୍ରବେଶ ପାଇଁ ପହଞ୍ଚିଥିଲେ। କିନ୍ତୁ ସେମାନଙ୍କୁ ଛଡ଼ା ନ ଯାଇ ଫେରାଇ ଦିଆଯାଉଥିଲା। ତେବେ ପୂର୍ବରୁ ଏହି ଦ୍ୱାର ଦେଇ ଯାଉଥିବା ଭକ୍ତମାନେ ପୋଲିସ ସହିତ ମଧ୍ୟ ଯୁକ୍ତିତର୍କ କରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଅପରାହ୍ନ ପ୍ରାୟ ୧ଟାରେ ଉତ୍ତର ଦ୍ୱାର ଏବଂ ଦକ୍ଷିଣ ଦ୍ୱାରରେ ଅଧିକ ଗହଳି ରହିଥିଲା। ଫଳରେ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। ଉତ୍ତର ଦ୍ୱାରରେ ଭକ୍ତମାନେ ଏମିତି ଭିଡ଼ ଜମାଇଥିଲେ ଯେ ଲକ୍ଷ୍ମୀବଜାର ରାସ୍ତା ଉପରେ ଛିଡ଼ାହୋଇ

**ନିୟନ୍ତ୍ରଣ କରିବାକୁ ପୋଲିସ ନାକେଦମ୍**

ରହିଥିଲେ। ଏହାକୁ ନେଇ ଅନେକ ଶ୍ରଦ୍ଧାଳୁ ଅସନ୍ତୋଷ ବ୍ୟକ୍ତ କରିଥିଲେ। କିନ୍ତୁ ଏହି ଭିଡ଼ ଯୋଗୁ ଲକ୍ଷ୍ମୀବଜାର ଦେଇ ଯିବା ଆସିବା କରିବାରେ ଲୋକମାନେ ଅସୁବିଧାରେ ପଡ଼ିଥିଲେ। ଏ ସମ୍ପର୍କରେ ଜଣେ ପୋଲିସ ଅଧିକାରୀ କହିଛନ୍ତି, ସ୍ୱତନ୍ତ୍ର ପର୍ବପର୍ବାଣି ତଥା ଛୁଟି ଦିନଗୁଡ଼ିକରେ କେବଳ ସିଂହଦ୍ୱାର ଦେଇ ଭକ୍ତଙ୍କୁ ଛଡ଼ା ଯାଇଥାଏ। କାରଣ ସବୁ ଦ୍ୱାର ଦେଇ ଭକ୍ତଙ୍କୁ ଭିତରକୁ ଛାଡ଼ିଲେ ଗହଳି ନିୟନ୍ତ୍ରଣ କରିହେବ ନାହିଁ। ବର୍ତ୍ତମାନ ଯେହେତୁ ପଞ୍ଚୁକ ଚାଲିଛି ଏବଂ ଠାକୁରଙ୍କ ସ୍ୱତନ୍ତ୍ର ବେଶ ହେଉଛି, ତେଣୁ ଭକ୍ତଙ୍କ ଭିଡ଼ ଅଧିକ ରହୁଛି। ତେଣୁ ଭିଡ଼ ଦିନଗୁଡ଼ିକରେ ସିଂହଦ୍ୱାର ଦେଇ ପ୍ରବେଶ ଏବଂ ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବାର ବ୍ୟବସ୍ଥା କରାଯାଇଛି। ରବିବାର ଅନେକ ଭକ୍ତ ଅନ୍ୟ ତିନି ଦ୍ୱାରରେ ପ୍ରବେଶ ପାଇଁ ଗହଳି କରୁଥିବା ଦେଖିବାକୁ ମିଳିଥିଲା। ପରେ ବୁଝାଯିବା ପରେ ସେମାନେ ସିଂହଦ୍ୱାର ଦେଇ ପ୍ରବେଶ କରିଥିଲେ। ଫଳରେ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ହୋଇପାରିଥିଲା।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଅୟସକାନ୍ତ ପତି



ମଧୁସ୍ମିତା ଶ୍ରୀଚନ୍ଦନ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର



## ଜିଲା ଚିଠି
### ବଲାଙ୍ଗୀର

## ଅନ୍ଧବିଶ୍ୱାସର ବୀଭତ୍ସତା

ବିଜ୍ଞାନର ଅଗ୍ରଗତି, ଶିକ୍ଷା, ସ୍ୱାସ୍ଥ୍ୟସେବାର ପ୍ରସାର ସତ୍ତ୍ୱେ ଆମ ସମାଜରେ ଅନ୍ଧବିଶ୍ୱାସ ଓ କୁତ୍ସିତ ପ୍ରଥା–ପରମ୍ପରା ରାଜୁତି କରୁଥିବା ଦେଖିବାକୁ ମିଳୁଛି। ଗତ ସେପ୍ଟେମ୍ବର ୧୫ତାରିଖ ରାତିରେ ଏହି ଜିଲାର ଖପ୍ରାଖୋଲ ବ୍ଲକ ଲରମ୍ବା ଥାନା ଅନ୍ତର୍ଗତ ଲୁହାସିଂହା ଗ୍ରାମପଞ୍ଚାୟତର ଚିଚିକାମାଲ ଗାଁରେ ଗୁଣିଗାରେଡ଼ି ସନ୍ଦେହରେ ଏକ ଦମ୍ପତିଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ସେହି ଗାଁରେ ଜଣେ ଶିଶୁର ମୃତ୍ୟୁ ପରେ ଗ୍ରାମବାସୀଙ୍କ ମଧ୍ୟରେ ବଳି ସନ୍ଦେହ ସୃଷ୍ଟି ହୋଇଥିଲା। ଶେଷରେ ଗାଁରେ କଙ୍ଗାରୁ କୋର୍ଟ ବସିଲା। ସମ୍ପୃକ୍ତ ଦମ୍ପତିଙ୍କୁ ଦୋଷୀସାବ୍ୟସ୍ତ କରାଯିବା ପରେ ଗ୍ରାମର କେତେକ ମିଶି ସେମାନଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାର ପ୍ରାୟ ଦେଢ଼ମାସ ପରେ କଣ୍ଟାବାଞ୍ଜି ଥାନା ସାଲେପଡ଼ା ଗାଁର ପେଣ୍ଡ୍ରାଗଡେନ ହରଗୌରୀ ମନ୍ଦିର ନିକଟ ଏକ କୂଅରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତବ୍ୟକ୍ତିଙ୍କ ପୁଅ ଏହାକୁ ବଳି ଘଟଣା ବୋଲି ଦର୍ଶାଇ ଥାନାରେ ଅଭିଯୋଗ କରିଥିଲେ। ପୂର୍ବରୁ ଗତ ମେ'ମାସରେ ବଲାଙ୍ଗୀର ସହର ଚିମିନିଭାଟିପଡ଼ା–ଲକ୍ଷ୍ମୀନଗରପଡ଼ା ପାଖ ଲକ୍ଷ୍ମୀଯୋର ଭିତରୁ ଜଣେ ନିଖୋଜ ୫ ବର୍ଷର ଶିଶୁଙ୍କ ମୃତଦେହ ମିଳିଥିଲା। ଏହାକୁ ପରବର୍ତ୍ତୀ ସମୟରେ ବଳି ସନ୍ଦେହ କରାଯାଇଥିଲା। ସେହି ପଡ଼ାରେ ରହୁଥିବା ଜଣେ କାଳୀସାଧକ ଏଭଳି କାଣ୍ଡ ଭିଆଇଥିବା ମୃତଶିଶୁର ପରିବାର ଲୋକେ ସନ୍ଦେହ ପ୍ରକଟ କରିଥିଲେ। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେବାରୁ ସେତେବେଳେ ପୋଲିସ ଫୋର୍ସ ମୁତୟନ କରିବାକୁ ପଡ଼ିଥିଲା। ୨୦୧୮ ଅକ୍ଟୋବରରେ ସିନ୍ଧେକେଲା ଥାନା ଅନ୍ତର୍ଗତ ଶୁଣ୍ଢିମୁଣ୍ଡା ଉନ୍ଦେର ନଦୀ ପଠାରୁ ଜଣେ ନିଖୋଜ ୯ ବର୍ଷର ବାଳକଙ୍କ ମୁଣ୍ଡଗଣ୍ଡି ବିହୀନ ମୃତଦେହ ମିଳିଥିଲା। ପରବର୍ତ୍ତୀ ସମୟରେ ଏହା ଏକ ଶିଶୁବଳି ଘଟଣା ବୋଲି ସ୍ପଷ୍ଟ ହୋଇଥିଲା। ଶିଶୁବଳି ଘଟଣା ଘଟାଇଥିବା ଅଭିଯୁକ୍ତ ଜଣକ ସମ୍ପୃକ୍ତ ଶିଶୁଙ୍କ ସମ୍ପର୍କୀୟ ଓ ସେ ତାଙ୍କ ସ୍ତ୍ରୀଙ୍କ ଖରାପ ସ୍ୱାସ୍ଥ୍ୟକୁ ଠିକ୍ କରିବା ପାଇଁ ଜଣେ ତାନ୍ତ୍ରିକଙ୍କ କଥାରେ ପଡ଼ି ସମ୍ପୃକ୍ତ ଶିଶୁଙ୍କୁ ବଳି ଦେଇଥିବା ସ୍ୱୀକାର କରିଥିଲେ। ଏଭଳି ଅନେକ ଘଟଣା ବଲାଙ୍ଗୀର ଜିଲାରେ ବିଭିନ୍ନ ସମୟରେ ଘଟୁଛି। ପୋଲିସ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ହେଉଛି। ଅନେକ ଘଟଣାକୁ ପୋଲିସ ବଳି ନୁହେଁ ବୋଲି ସ୍ପଷ୍ଟ କରୁଥିବାବେଳେ କିଛି ଘଟଣାରେ ଗୁଣିଗାରେଡ଼ି, ବଳି ସମ୍ପର୍କ ରହୁଥିବା ଜଣାପଡୁଛି। କମ୍ପ୍ୟୁଟର ଯୁଗରେ ଏଭଳି କୁତ୍ସିତ ଚିନ୍ତାଧାରାରୁ ଜିଲାରେ ବ୍ୟାପକ ସଚେତନତା ଆବଶ୍ୟକ ଥିବା ମନେହେଉଛି। କିଛି ସହରର ଚାକଚକ୍ୟକୁ ଦେଖି ଉନ୍ନତି ଓ ପ୍ରଗତିର ମାପକାଠିରେ ବିକାଶର ସୂଚକାଙ୍କକୁ ମାପିଦେଲେ ସାମାଜିକ କୁସଂସ୍କାର, ବ୍ୟାଧି ଲୋପ ପାଇବ ନାହିଁ। ଅନ୍ଧବିଶ୍ୱାସମୁକ୍ତ ସମାଜ ଗଠନ ଦିଗରେ ସରକାର ଓ ପ୍ରଶାସନର ଏକ ବଡ଼ ଭୂମିକା ରହିଛି। ମାତ୍ର ଏ ଦିଗରେ ଆଖିଦୃଶିଆ କାର୍ଯ୍ୟକ୍ରମ ଦୃଷ୍ଟିଗୋଚର ହେଉନାହିଁ। ପ୍ରଶାସନ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସ୍ୱେଚ୍ଛାସେବୀଙ୍କ ସହ ମିଶି ଶୀଘ୍ର ବଡ଼ଧରଣର ସଂସ୍କାରବାଦୀ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ ନ କଲେ ଅନ୍ଧବିଶ୍ୱାସ ଓ କୁତ୍ସିତ କାଣ୍ଡର ବୀଭତ୍ସତା ଆମ ସାମାଜିକ ଜୀବନକୁ ଆହୁରି ବିପନ୍ନ କରିଦେବ।

– ବୀରେନ୍ଦ୍ର କୁମାର ଝାଙ୍କର

## ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ



**ପୁରୀ ଅଫିସ, ୧୦।୧୧**

କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତଥା ପଞ୍ଚୁକର ତୃତୀୟ ଦିବସରେ ରବିବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ତ୍ରିବିକ୍ରମ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା। ଅବକାଶ ନୀତି ଶେଷ ହେବା ପରେ ଠାକୁରମାନଙ୍କ ତ୍ରିବିକ୍ରମ ବେଶ ହୋଇଥିଲା। ଏହି ବେଶରେ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀମସ୍ତକରେ ଶୋଲ, କନା, ବେତ, ଜମ୍ବୁରା, କଇଁଥ ଅଠା ଇତ୍ୟାଦିରେ ନିର୍ମିତ ଦୁଇଟି ଚୂଳ ଲାଗି ହୋଇଥିଲା। ଏହି ଚୂଳରେ ଶୋଲ, ଜରି ଓ ରଙ୍ଗ ଲଗାଯାଇ ପ୍ରସ୍ତୁତ ବହୁତ ଫୁଲ ଶ୍ରୀମସ୍ତକରେ ସଜା ଯାଇଥିଲା। ଏଥିରେ ସୁନାର କିଆ ମଧ୍ୟ ଖଞ୍ଜା ଯାଇଥିଲା। ଏଥିସହ ଅନେକ ସୁବର୍ଣ୍ଣ ଅଳଙ୍କାରରେ ଠାକୁରଙ୍କୁ ବିଭୂଷିତ କରାଯାଇଥିଲା। ଶ୍ରୀଜଗନ୍ନାଥ ଶଙ୍ଖ, ଚକ୍ର ଏବଂ ଶ୍ରୀବଳଭଦ୍ର ହଳ, ମୁଷଳ ଧାରଣ କରିଥିଲେ। ଏହା ଅତ୍ୟନ୍ତ ମନୋମୁଗ୍ଧକର ବେଶ । ଏହି ବେଶକୁ ଶ୍ରଦ୍ଧାଳୁ ତ୍ରୟୋଦଶୀ ତିଥିରେ ଦର୍ଶନ କଲେ ଅପାର କରୁଣା ଲାଭ କରିବା ସହ ଅଶେଷ ପୁଣ୍ୟ ପ୍ରାପ୍ତି ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି।

## ଦୁଇଦିନିଆ ୟୁଏଇ ଗସ୍ତରେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)**

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନଭେମ୍ବର ୧୦ରୁ ୧୨ ପର୍ଯ୍ୟନ୍ତ ଦୁଇଦିନିଆ ୟୁଏଇ ଗସ୍ତରେ ଯାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ସହ ଏହି ଅବସରରେ ଉଚ୍ଚସ୍ତରୀୟ ସରକାରୀ ଅଧିକାରୀ ଟିମ୍ ଏବଂ ଏକ ବ୍ୟବସାୟିକ ପ୍ରତିନିଧିମଣ୍ଡଳୀ ମଧ୍ୟ ବିଦେଶ ଗସ୍ତରେ ସାମିଲ ହୋଇଛନ୍ତି। ୟୁଏଇ ମନ୍ତ୍ରୀ ସୁଲତାନ ଅହମ୍ମଦ ଅଲ୍ ଜାବେରଙ୍କ ନିମନ୍ତ୍ରଣକ୍ରମେ ଆସନ୍ତା ୧୧ରେ ଅନୁଷ୍ଠିତ ହେବାକୁ ଥିବା ଆବୁଧାବୀ ଅନ୍ତଃରାଷ୍ଟ୍ରୀୟ ପେଟ୍ରୋଲିୟମ ପ୍ରଦର୍ଶନୀ ଏବଂ ସମ୍ମିଳନୀ(ଆଡିପେକ୍)ରେ ଧର୍ମେନ୍ଦ୍ର ଯୋଗଦେବେ। ଏକ ମନ୍ତ୍ରୀସ୍ତରୀୟ ବୈଠକରେ ସେ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଧର୍ମେନ୍ଦ୍ର ଏବଂ ୟୁଏଇ ମନ୍ତ୍ରୀ ସୁଲତାନ ଅହମ୍ମଦ ଅଲ୍ ଜାବେର ଉଭୟ ଏଫଆଇସିଆଇ, ଡିଜିଏଚ୍ ଏବଂ ସିଆଇଆଇ ସହଯୋଗରେ ଆୟୋଜିତ ଭାରତ ପ୍ୟାଭିଲିୟନକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ଡିଜିଏଚ୍ ପକ୍ଷରୁ ଭାରତର ଅନ୍ୱେଷଣ ଓ ଉତ୍ପାଦନ ଏବଂ ତୈଳ ଓ ଗ୍ୟାସ କ୍ଷେତ୍ରରେ ବିଦେଶୀ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ଏକ ରୋଡ ଶୋ' ଆୟୋଜନ କରାଯିବ। ୟୁଏଇର ଉର୍ଜା ଓ ଶିଳ୍ପମନ୍ତ୍ରୀଙ୍କୁ ଭେଟି ହାଇଡ୍ରୋକାର୍ବନ, ଇସ୍ପାତ୍ କ୍ଷେତ୍ର ସମ୍ବନ୍ଧରେ ଆଲୋଚନା କରିବା ସହିତ ଦୁଇ ଦେଶ ମଧ୍ୟରେ ଚାଲୁଥିବା ସମସ୍ତ ବ୍ୟବସାୟିକ କାମ ଉପରେ ଚର୍ଚ୍ଚା କରିବାର କାର୍ଯ୍ୟକ୍ରମ ରହିଛି। ଆଡିପେକ୍ ୨୦୧୯ କାର୍ଯ୍ୟକ୍ରମ ଅଧୀନରେ ଯୋଗଦେଇଥିବା ଅନ୍ତର୍ଜାତୀୟ ଉର୍ଜା ସଙ୍ଗଠନର ମୁଖ୍ୟ ଏବଂ ବିଶ୍ୱ ତୈଳ ଓ ଗ୍ୟାସ କମ୍ପାନୀର ସିଇଓଙ୍କୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ମଧ୍ୟପୂର୍ବ ଦେଶଗୁଡ଼ିକରେ ଇସ୍ପାତ୍ ଯୋଗାଣର ସମ୍ଭାବନା ଉପରେ ମଧ୍ୟ ଧର୍ମେନ୍ଦ୍ର ଗୁରୁତ୍ୱାରୋପ କରିଛନ୍ତି।

### ମୃତ୍ୟୁ ଏମିତି ବି ଆସେ: ମାଙ୍କଡ଼ ଭାଙ୍ଗିଲା ଡାଳ, ଛିଣ୍ଡିଲା ତାର

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛାତ୍ରୀ ମୃତ

**ମାହାଙ୍ଗା, ୧୦।୧୧ (ସ୍ୱ.ପ୍ର.)**

ମୃତ୍ୟୁ କେତେବେଳେ କିଭଳି ଭାବେ ଆସିବ ତାହାକୁ କେହି କହିପାରିବେ ନାହିଁ। କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ପନ୍ଦରବାଟିଆ ଗ୍ରାମରେ ରବିବାର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟଣାରୁ ଜଣାପଡୁଛି। ସେ ହେଲେ ବିଶ୍ୱଭୂଷଣ ପାଳଙ୍କ ଝିଅ ଅନ୍ନପୂର୍ଣ୍ଣା ପାଳ (୯)। ଅନ୍ନପୂର୍ଣ୍ଣା ସ୍ଥାନୀୟ ଅଞ୍ଚଳର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ୪ର୍ଥ ଶ୍ରେଣୀରେ ପଢୁଥିଲେ। ରବିବାର ଛୁଟି ଦିନ ଥିବା ବେଳେ ଗାଁରେ ବଡ଼ ଓଷା ପାଳନ କରାଯାଉଥିଲା। ଏହି ସମୟରେ ପିଠାପଣା ପ୍ରସ୍ତୁତିରେ ସମସ୍ତେ ମାତି ଥିବା ବେଳେ ଅନ୍ନପୂର୍ଣ୍ଣା ସକାଳେ ଗାଁକୁ ବୁଲିବାକୁ ଯାଇଥିଲେ। ମାତ୍ର ଏହି ବୁଲିବା ତାଙ୍କ ପାଇଁ କାଳ ହୋଇଥିଲା। ସେ ଯିବା ରାସ୍ତାରେ ମାଙ୍କଡମାନେ ଗଛରେ ଡିଆଁ ମାରୁଥିଲେ। ଏହି ସମୟରେ ଏକ ଡାଳ ଭାଙ୍ଗି ନିକଟରେ ଥିବା ବିଦ୍ୟୁତ ତାର ଉପରେ ଖସି ପଡ଼ିଥିଲା। ଫଳରେ ତାର ଛିଡି ଅନ୍ନପୂର୍ଣ୍ଣାଙ୍କ ଦେହରେ ଲାଗି ଯାଇଥିଲା। ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇଥିଲେ। ଖବରପାଇ ପରିବାର ଲୋକେ ତାଙ୍କୁ ନେଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଅନ୍ନପୂର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ସୂଚନା ମିଳିଛି।

## ଏକାଠି ହେଲେ ନିରଞ୍ଜନଙ୍କ ଗୋଷ୍ଠୀ

**ଭୁବନେଶ୍ୱର, ୧୦।୧୧ (ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପଦକୁ ନେଇ କଂଗ୍ରେସରେ ପୁଣି ଛକାପଞ୍ଝା ଆରମ୍ଭ ହୋଇଯାଇଛି। କିଛିଦିନ ତଳେ ନିରଞ୍ଜନ ପଟ୍ଟନାୟକଙ୍କୁ ସଭାପତି ପଦରୁ ହଟାଇବା ପାଇଁ ଦଳର ଗୋଟିଏ ଗୋଷ୍ଠୀ ଘରୋଇ ହୋଟେଲରେ ଦୁଇଥର ଏକାଠି ହୋଇଥିଲେ। ନିରଞ୍ଜନ ବିରୋଧୀ ଗୋଷ୍ଠୀ କଟକ–ବାଟବାଟୀ ବିଧାୟକ ମହମ୍ମଦ ମୋକିମଙ୍କୁ ସଭାପତି ପଦରେ ବସାଇବା ପାଇଁ ଦାବି କରିଛନ୍ତି। ଏହାର କାଉଣ୍ଟରରେ ରବିବାର ନିରଞ୍ଜନ ସମର୍ଥକ ଏକାଠି ହୋଇଛନ୍ତି। ବୈଠକରେ ବହୁ ଜିଲା ସଭାପତି ଏବଂ ଗତ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା କେତେଜଣ ନେତା ଉପସ୍ଥିତ ରହି ନିରଞ୍ଜନଙ୍କୁ ସଭାପତି ପଦରେ ରଖିବା ଉପରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ସ୍ଥିତିରେ ନିରଞ୍ଜନ ସଭାପତି ପଦରୁ ହଟିଲେ ଦଳର କ୍ଷତି ହେବ ବୋଲି ଅଧିକାଂଶ ମତ ରଖିଥିବା ଜଣାପଡିଛି। ଆଗକୁ ପୌର ନିର୍ବାଚନ ଆସୁଥିବାରୁ ନିରଞ୍ଜନ ସଭାପତି ଦାୟିତ୍ୱରେ ରୁହନ୍ତୁ ବୋଲି ସମସ୍ତେ ମତ ଦେଇଛନ୍ତି। ବୈଠକରେ ଉପସ୍ଥିତ ଥିବା ନେତାମାନଙ୍କୁ ଆଜିର ବୈଠକ ସମ୍ପର୍କରେ ପଚାରିବାରୁ ସେମାନେ କହିଛନ୍ତି, ଦଳ ଆଗକୁ ବିଜେଡି ଓ ଭାଜପା ବିରୋଧରେ କ'ଣ ଆଭିମୁଖ୍ୟ ରଖିବ ସେ ବିଷୟରେ ଆଲୋଚନା କରିବା ପାଇଁ ଏକାଠି ହୋଇଥିଲେ। ମୁଖ୍ୟତଃ ଚାଷୀ, ବେକାରି ସମସ୍ୟା ଆଦି ପ୍ରସଙ୍ଗରେ ଦଳ ରାସ୍ତାକୁ ଓହ୍ଲାଇବା ନେଇ ରଣନୀତି ପ୍ରସ୍ତୁତ କରିଛି। ଏହି ଅବସରରେ ନିରଞ୍ଜନଙ୍କୁ ସଭାପତି ପଦରେ ରଖିବା ପାଇଁ ସମସ୍ତେ ମତ ଦେଇଛନ୍ତି ବୋଲି ଜଣେ କଂଗ୍ରେସ ନେତା ପ୍ରକାଶ କରିଛନ୍ତି। ଏହି କଥାରୁ ଏକାଠି ହୋଇଥିବା ନେତାମାନଙ୍କ ଆଭିମୁଖ୍ୟ କ'ଣ ତାହା ସ୍ପଷ୍ଟ ଜଣାପଡୁଥିବା ନିରଞ୍ଜନଙ୍କ ବିରୋଧୀ ଗୋଷ୍ଠୀ ମତ ରଖିଛନ୍ତି।

ଏଭଳି ସ୍ଥିତିରେ କଂଗ୍ରେସ ପ୍ରଭାରୀ ଜିତେନ୍ଦ୍ର ସିଂ କହିଛନ୍ତି, ଯେଉଁମାନେ କିଛି କହିବାକୁ ଚାହୁଁଛନ୍ତି ସେମାନେ ଦଳର ହାଇକମାଣ୍ଡଙ୍କୁ ଆସି ଜଣାନ୍ତୁ। ଗଣମାଧ୍ୟମ ଆଗରେ ଯେଉଁମାନେ ମତ ରଖୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଗଣମାଧ୍ୟମରେ ମତ ରଖି ଦଳର କ୍ଷତି ଘଟଣାଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି। ଏଥିରେ ବିଚାରଧାରା ଅଲଗା ଅଲଗା ହୋଇପାରେ। ସେଥିରେ କିଛି ସମସ୍ୟା ନାହିଁ। ନିଜର ମତ ରଖିବା ପାଇଁ ଏକ ପ୍ରକ୍ରିୟା ରହିଛି। ଗଣମାଧ୍ୟମ ଆଗରେ ମତ ରଖିବା ଏବଂ ବୈଠକ କରି ଅସନ୍ତୋଷ ପ୍ରକାଶ କରିବା ଠିକ୍ ନୁହେଁ। ଏନେଇ ତଥ୍ୟ ସଂଗ୍ରହ କରାଯାଉଛି କହି ଜିତେନ୍ଦ୍ର ଦଳୀୟ ନେତାଙ୍କୁ ଚେତାଇ ଦେଇଛନ୍ତି।

### ■ ତାମନପାଲ୍ଲୀରେ ଅଜଣା ରୋଗ ଭୟ

## ୧୦ ଦିନରେ ଆଖି ବୁଜିଲେଣି ୬ ଶିଶୁ

**ଏମ୍‌ଭି–୭୯/କାଲିମେଳା, ୧୦।୧୧ (ଡି.ଏନ୍.ଏ.)**

- ଅନ୍ୟ ୭ ଶିଶୁ ଆକ୍ରାନ୍ତ
- ଗାଁରେ ଚିକିତ୍ସା କଲା ଡାକ୍ତରୀ ଟିମ୍
- ପରୀକ୍ଷା ପାଇଁ ପଠାଗଲା ରକ୍ତ ନମୁନା

ମାଲକାନଗିରି ଜିଲା କାଲିମେଳା ବ୍ଲକରେ ଅଜଣା ରୋଗର ଆତଙ୍କ ଦେଖାଦେଇଛି। ବ୍ଲକର ଟିଗଲ ପଞ୍ଚାୟତ ତାମନପାଲ୍ଲୀ ଗ୍ରାମରେ ବ୍ୟାପୁଛି ଏହି ରୋଗ । ଛୋଟ ଛୋଟ ଶିଶୁ ଏଥିରେ ଆକ୍ରାନ୍ତ ହୋଇ ଆଖି ବୁଜୁଛନ୍ତି। ୧୦ ଦିନ ମଧ୍ୟରେ ଏହି ରୋଗରେ ୬ ଶିଶୁଙ୍କ ଜୀବନ ଗଲାଣି। ଗାଁର ଅନେକ ଶିଶୁ ଏବେ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଡାକ୍ତରୀ ଟିମ୍ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ୩ବର୍ଷ ତଳେ ଜାପାନୀ ଜ୍ୱରରେ କାଲିମେଳା ବ୍ଲକର ୪୦ରୁ ଅଧିକ ଜଣଙ୍କ ଜୀବନ ଯାଇଥିଲା। ପୁଣି ଏବେ ସେହି ରୋଗ ଫେରିଥିବା ଆଶଙ୍କା କରି ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି।

ସୂଚନା ଅନୁଯାୟୀ,ଏହି ଅଜଣା ରୋଗରେ ୧୦ ଦିନ ଭିତରେ ତାମନପାଲ୍ଲୀ ଗାଁର ୬ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି। ଏହାସହ ଉର୍ମିଳା ମାଢି, କୁଞ୍ଜ ଚନ୍ଦ୍ରା, କାର୍ତ୍ତିକ ମାଡକାମି, ସୁଖୀ ମାଢି, ଭୀମା ମାଢି, ଅରନଭ ମାଢି ଓ ବାବୁଶାନ ମାଢି ଆକ୍ରାନ୍ତ ଅଛନ୍ତି। ମୃତ ଓ ଆକ୍ରାନ୍ତଙ୍କ ବୟସ ୨ରୁ ୪ମାସ ମଧ୍ୟରେ। ଥଣ୍ଡା, ଜ୍ୱର ଓ ବାନ୍ତିରେ ଆକ୍ରାନ୍ତ ହେବାର ଦୁଇ ତିନି ଦିନ ମଧ୍ୟରେ ସେମାନଙ୍କ ମୃତ୍ୟୁ ହେଉଛି। କାଲିମେଳା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅବିଦ ହୁସେନଙ୍କ ନେତୃତ୍ୱରେ ଏକ ଟିମ୍ ଗାଁରେ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା କରିଛନ୍ତି। ଆକ୍ରାନ୍ତ ଶିଶୁଙ୍କୁ କାଲିମେଳା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମାଲକାନଗିରି ସିଡିଏମ୍‌ଓ ଅଜୟ କୁମାର ବୈଠାରୁ ତାମନପାଲ୍ଲୀ ଯାଇ ସ୍ଥିତି ସମୀକ୍ଷା କରିଛନ୍ତି। ୨୦୧୬ରେ ଜିଲାରେ ଜାପାନୀ ଏନ୍‌ସେଫାଲାଇଟସ୍ ବ୍ୟାପୀ ଅନେକ ଶିଶୁଙ୍କ ମୃତ୍ୟୁ ହେଲା। ତେଣୁ ଏବେ ଲୋକେ ଭୟଭୀତ ବୋଲି ଗ୍ରାମର ଦେବା ମାଢି, ଶଙ୍କର ସାଲବାମ, ସିଙ୍ଗା ମାଢି, ଦୁଲା ମାଡକାମି କହିଛନ୍ତି। ଏ ନେଇ ସିଡିଏମ୍‌ଓ ବୈଠାରୁଙ୍କୁ ପଚାରିବାରୁ ଏହା ଜାପାନୀ ଏନ୍‌ସେଫାଲାଇଟସ୍ ନୁହେଁ। ଏହି ରୋଗ ଶିଶୁଙ୍କଠାରେ ଦେଖାଯାଉଛି। ଏବେ ଋତୁ ପରିବର୍ତ୍ତନ ହେଉଛି। ଶିଶୁଙ୍କୁ ସାଧାରଣ ରୋଗ ହେବା ସ୍ୱାଭାବିକ। ଏଥିପାଇଁ ମା'ମାନେ ସଚେତନ ହେବା ଆବଶ୍ୟକ। ଶିଶୁଙ୍କ ରକ୍ତ ନମୁନା ପଠାଯାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ। ଲୋକେ ଭୟଭୀତ ନ ହେବାକୁ ସିଡିଏମ୍‌ଓ ପରାମର୍ଶ ଦେଇଛନ୍ତି।






ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ କର- ସେ ଯେପରି ତୁମର ଅନ୍ତର୍ଯାମୀ ଦେବତାଙ୍କୁ ମାନି ଜୀବନଯାପନ କରେ। -ଶ୍ରୀଅରବିନ୍ଦ

# ଏନ୍‌ଆର୍‌ସିର ଯଥାର୍ଥତା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଗତ ଅଗଷ୍ଟ ୩୧ରେ ଆସାମରେ ଜାତୀୟ ନାଗରିକ ପଞ୍ଜିକା (ଏନ୍‌ଆର୍‌ସି)ର ଅନ୍ତିମ ତାଲିକା ପ୍ରକାଶ ପାଇବା ପରେ ତାକୁ ନେଇ ଦେଶସାରା ଚର୍ଚ୍ଚା ଆରମ୍ଭ ହୋଇଛି। ଦୀର୍ଘ ଚାରି ବର୍ଷ ଧରି ଚାଲିଥିବା ଏହି ପ୍ରକ୍ରିୟା ଫଳରେ ସେଠାକାର ୧୯ ଲକ୍ଷ ଲୋକ ଅନ୍ତିମ ତାଲିକାରୁ ବାଦ୍ ପଡ଼ି ନିଜର ନାଗରିକତା ହରାଇବାକୁ ବସିଥିବା ବେଳେ ଶାସକ ନେତାମାନେ ଆଗାମୀ ଦିନରେ ତାକୁ ସାରା ଦେଶରେ ଲାଗୁ କରିବାକୁ ଘୋଷଣା କରିଛନ୍ତି।

ଦେଶର ଆଇନସମ୍ମତ ନାଗରିକମାନଙ୍କ ତାଲିକାଟି ହେଉଛି ଏନ୍‌ଆର୍‌ସି। ନାଗରିକତା ଆଇନ-୧୯୫୫ ଅନ୍ତର୍ଗତ ଏହି ପ୍ରକ୍ରିୟା ସର୍ବପ୍ରଥମେ ୧୯୫୦ ମସିହାରେ ଆସାମରେ ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ଲାଗୁ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଦୀର୍ଘ ବର୍ଷ ଧରି ଏହି ପଞ୍ଜିକା ସଂଶୋଧନ ନ ହେବା ଫଳରେ ସେଠାରେ ଅନୁପ୍ରବେଶ ସମସ୍ୟା ଉତ୍କଟ ଆକାର ଧାରଣ କରି ଭୟଙ୍କର ଜନ ଅସନ୍ତୋଷ ଓ ଅଶାନ୍ତିକୁ ଜନ୍ମ ଦେଇଥିଲା। ନିଜର ସାମାଜିକ, ରାଜନୈତିକ ସ୍ଥିତି, ଭାଷା, ସଂସ୍କୃତି ଓ ସର୍ବୋପରି ଜନସଂଖ୍ୟାର ସନ୍ତୁଳନକୁ ବଜାୟ ରଖିବା ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଆନ୍ଦୋଳନ କରିଥିଲେ। ୧୯୭୯ରୁ ୧୯୮୫ ଦୀର୍ଘ ଛଅ ବର୍ଷ ଧରି ଅଲ୍ ଆସାମ ଛାତ୍ର ସଂଗଠନ ବା ଆସୁ ନେତୃତ୍ୱରେ ଚାଲିଥିବା ଆନ୍ଦୋଳନ ସବୁଠାରୁ ବଡ଼ ଆନ୍ଦୋଳନ ଥିଲା, ଯେଉଁଥିରେ ହଜାର ହଜାର ଯୁବଛାତ୍ର ଭାଗ ନେବା ସହ ବ୍ୟାପକ ହିଂସାକାଣ୍ଡ ଓ ଜୀବନହାନି ଘଟିଥିଲା।

ଅନୁପ୍ରବେଶକୁ କେନ୍ଦ୍ରକରି ସେଠାରେ ସୃଷ୍ଟି ହୋଇଥିବା ହିଂସା ଓ ଅଶାନ୍ତିକୁ ପ୍ରଶମିତ କରିବାକୁ ୧୯୮୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଉପସ୍ଥିତିରେ ଐତିହାସିକ ଆସାମ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ସେଥିରେ ୧୯୭୧ ମାର୍ଚ୍ଚ ୨୫କୁ ଅନ୍ତିମ ତାରିଖ ରୂପେ ଧାର୍ଯ୍ୟ କରି ରାଜ୍ୟରେ ଥିବା ସମସ୍ତ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବାକୁ ନିଷ୍ପତ୍ତି ହୋଇଥିଲା। ତେବେ ଚୁକ୍ତି ସ୍ୱାକ୍ଷରର ଦୀର୍ଘ ତିନି ଦଶକ ମଧ୍ୟରେ ଉଭୟ କେନ୍ଦ୍ର ଓ ଆସାମରେ କଂଗ୍ରେସ, ଭାଜପା ଏପରିକି ଖୋଦ ଆନ୍ଦୋଳନର ନେତୃତ୍ୱ ନେଇଥିବା ଆସାମ ଗଣ ପରିଷଦର ଶାସନ ଥିଲେ ମଧ୍ୟ ଏହି ଚୁକ୍ତିକୁ କାର୍ଯ୍ୟକାରୀ କରିବାକୁ କେହି ବି ଉଦ୍ୟମ କରି ନ ଥିଲେ। କେବଳ ୨୦୧୫ରେ ଏକ ଜନସ୍ୱାର୍ଥ ମାମଲାର ବିଚାର କରି ସୁପ୍ରିମ୍‌କୋର୍ଟ ସେଠାରେ ତୁରନ୍ତ ଏନ୍‌ଆର୍‌ସି ଜରିଆରେ ଅନୁପ୍ରବେଶକାରୀ ଚିହ୍ନଟ କରିବାକୁ ନିର୍ଦ୍ଦେଶ ଦେବା ପରେ ଯାଇ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଅତଏବ ଆସାମରେ ଏନ୍‌ଆର୍‌ସି ଲାଗୁ କରିବା ପଛରେ ଏହି ବିଶେଷ ପରିସ୍ଥିତି ରହିଥିବା ବେଳେ ଭାଜପା କିନ୍ତୁ ସାରା ଦେଶରେ ନିଜର ରାଜନୈତିକ ଉଦ୍ଦେଶ୍ୟ ନେଇ ତାକୁ ଲାଗୁ କରିବାକୁ ଚାହୁଁଛି। ଦେଶବାସୀଙ୍କ ମନରେ ଅନୁପ୍ରବେଶକାରୀଙ୍କ କାଳ୍ପନିକ ଭୟ ସୃଷ୍ଟି କରି ଏକ ଉଗ୍ର ଜାତୀୟତାବାଦୀ ମନୋଭାବକୁ ବଢ଼ାଇ ପ୍ରକୃତ ସମସ୍ୟାରୁ ଲୋକଙ୍କ ଧ୍ୟାନ ହଟାଇବା ହେଉଛି ଏହାର ସ୍ପଷ୍ଟ ଉଦ୍ଦେଶ୍ୟ।

ଆସାମରେ ବେଆଇନ ଅନୁପ୍ରବେଶର ଏକ ଦୀର୍ଘ ଇତିହାସ ରହିଛି। ୧୮୨୬ରେ ବ୍ରିଟିଶମାନେ ବର୍ମାକୁ ଅକ୍ତିଆର କରି ଆସାମକୁ ନିଜ ଅଧୀନକୁ ଆଣିବା ବେଳକୁ ସେତେବେଳେ ସେଠାରେ କେବଳ ଅହମୀୟା ଭାଷାଭାଷୀ ସ୍ଥାନୀୟ ବାସିନ୍ଦାଙ୍କ ସମେତ ବୋଡ଼ୋ, କର୍ବି ପରି ବିଭିନ୍ନ ଜନଜାତିର ଲୋକେ ବସବାସ କରୁଥିଲେ। ବ୍ରିଟିଶମାନେ ଆସାମକୁ ବେଙ୍ଗଲ ପ୍ରେସିଡେନ୍ସିର ପ୍ରଶାସନିକ ଢାଞ୍ଚା ଅଧୀନରେ ରଖିବା ସହ ସେଠାରେ ନିଜ ଶାସନକୁ ଚଳାଇବା ପାଇଁ ସର୍ବପ୍ରଥମେ ପଡ଼ୋଶୀ ବଙ୍ଗଳାରୁ ବହୁସଂଖ୍ୟାରେ ବଙ୍ଗାଳୀ ଲୋକଙ୍କୁ ଆଣି ରଖିଥିଲେ। ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ଯେତେବେଳେ ସେମାନେ ସେଠାରେ ଚା ବଗିଚା ଏବଂ ତୈଳ ଉତ୍ତୋଳନ ଶିଳ୍ପର ବିକାଶ କଲେ ସେସବୁକୁ ଶସ୍ତାରେ ଶ୍ରମିକ ଯୋଗାଇବା ପାଇଁ ଝାଡ଼ଖଣ୍ଡ ଓ ଓଡ଼ିଶାରୁ ବହୁସଂଖ୍ୟାରେ ସାନ୍ତାଳ ଏବଂ ସଉରା ଆଦିବାସୀଙ୍କୁ ବଳପୂର୍ବକ ନେଇ ବସେଇଥିଲେ। ତେବେ ପ୍ରଥମେ ୧୯୪୭ର ଦେଶ ବିଭାଜନ ଓ ପରେ ୧୯୭୧ର ବାଂଲାଦେଶର ମୁକ୍ତିଯୁଦ୍ଧ ସମୟରେ ଆସାମକୁ ପଡ଼ୋଶୀ ବାଂଲାଦେଶରୁ ଲକ୍ଷ ଲକ୍ଷ ବଙ୍ଗାଳୀ ଲୋକଙ୍କ ଅନୁପ୍ରବେଶ ଘଟିଥିଲା।

ଅନୁପ୍ରବେଶ ପ୍ରସଙ୍ଗଟି ଗତ ଅନେକ ଦଶକ ଧରି ଆସାମର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ପ୍ରସଙ୍ଗ ହୋଇଥିଲେ ବି କେବେ ବି ତାହା ସାମ୍ପ୍ରଦାୟିକ ରୂପ ନେଇ ନ ଥିଲା। ଧର୍ମ ଓ ଜାତି ନିର୍ବିଶେଷରେ ସବୁ ବହିରାଗତ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ବାହାର କରିବା ପାଇଁ ଆସାମବାସୀ ଦାବି କରି ଆସିଛନ୍ତି। ତେବେ ଭାଜପା ଓ ତା' ସହିତ ଜଡ଼ିତ ବିଭିନ୍ନ ସଙ୍ଗଠନ ଏହାକୁ ସାମ୍ପ୍ରଦାୟିକ ରଙ୍ଗ ଦେବାକୁ ଦେଶରେ ପାଞ୍ଚ କୋଟିରୁ ଅଧିକ ଏବଂ କେବଳ ଆସାମରେ କୋଟିଏରୁ ଅଧିକ ବାଂଲାଦେଶୀ ମୁସଲମାନ୍ ଅନୁପ୍ରବେଶକାରୀ ଅଛନ୍ତି ବୋଲି ପ୍ରଚାର କରି ଆସିଛନ୍ତି। କିନ୍ତୁ ସଦ୍ୟ ପ୍ରକାଶିତ ଏନ୍‌ଆର୍‌ସିର ତଥ୍ୟ ସେମାନଙ୍କ ଏହି ପ୍ରଚାରକୁ ଏକଦମ୍ ଭୁଲ ପ୍ରମାଣିତ କରିଛି। ଏନ୍‌ଆର୍‌ସିରୁ ବାଦ୍ ପଡ଼ିଥିବା ଆସାମର ୧୯ ଲକ୍ଷଙ୍କ ମଧ୍ୟରେ ୧୩ ଲକ୍ଷ ବଙ୍ଗାଳୀ ଏବଂ ଏକ ଲକ୍ଷ ନେପାଳୀ ବଂଶୋଦ୍ଭବ ବା ଗୁର୍ଖାଙ୍କୁ ମିଶାଇ ୧୪ ଲକ୍ଷ ହିନ୍ଦୁ ରହିବା କଥାଟି ଅନୁପ୍ରବେଶକାରୀଙ୍କୁ ନେଇ ରହିଥିବା ଭାଜପାର ହିସାବକୁ ଓଲଟ ପାଲଟ କରିଦେଇଛି। ଏହି କାରଣରୁ ହିଁ ସେମାନେ ଆସାମରେ ଏନ୍‌ଆର୍‌ସିକୁ ଆଗରୁ ସମର୍ଥନ କରିଥିବା ବେଳେ ଏବେ ବିରୋଧ କରିବାକୁ ବାଧ୍ୟ ହୋଇଛନ୍ତି।

ଏନ୍‌ଆର୍‌ସିର ଅନ୍ତିମ ତାଲିକାରୁ ବାଦ୍ ପଡ଼ି ମାତ୍ର ୧୯ ଲକ୍ଷ ଲୋକ ହିଁ ବେଆଇନ ଅନୁପ୍ରବେଶକାରୀ ବୋଲି ଚିହ୍ନିତ ହୋଇଛନ୍ତି, ଯାହାକି ସେଠାକାର ଜନସଂଖ୍ୟାର ୬%ରୁ ବି କମ୍। ଏପରିକି ବିଶେଷଜ୍ଞଙ୍କ ମତରେ ପ୍ରକ୍ରିୟାଟି ସମ୍ପୂର୍ଣ୍ଣ ହେବା ବେଳକୁ ମାତ୍ର ୫-୬ ଲକ୍ଷ ଲୋକ ହିଁ ଏନ୍‌ଆର୍‌ସିରୁ ବାଦ୍ ପଡ଼ିବାର ସମ୍ଭାବନା ରହିଛି, ଯାହାକି ସେଠାକାର ଜନସଂଖ୍ୟାର ମାତ୍ର ୨-୩% ହେବ। ଅତଏବ ଏତେ କମ୍‌ସଂଖ୍ୟକ ବହିରାଗତ ଲୋକ ସେଠାକାର ଅର୍ଥନୀତି, ଭାଷା ଓ ସଂସ୍କୃତିକୁ କିଭଳି କ୍ଷତି ପହଞ୍ଚାଇବେ ତାହା ବୁଝିହେଉନି। ଏପରିକି ୨୦୧୧ର ଜନଗଣନା ଅନୁଯାୟୀ ଦେଶରେ ମାତ୍ର ୦.୮% ଅନୁପ୍ରବେଶକାରୀ ରହିଥିବା ବେଳେ ବିଶ୍ୱର ବହୁ ଉନ୍ନତ ଦେଶରେ ଏହାଠାରୁ ଢେର ବେଶି ବେଆଇନ ଅନୁପ୍ରବେଶକାରୀ ରହିଛନ୍ତି।

ଏନ୍‌ଆର୍‌ସି ଏକ ଅନାବଶ୍ୟକ ଏବଂ ବ୍ୟୟବହୁଳ ପ୍ରକ୍ରିୟା। ଗତ ପାଞ୍ଚ ବର୍ଷ ମଧ୍ୟରେ ଏଥିପାଇଁ ଆସାମର ସରକାରୀ ତହବିଲରୁ ପ୍ରାୟ ୨୦୦୦ କୋଟି ଟଙ୍କା ଖର୍ଚ୍ଚ ହେବା ସହ ୫୨,୦୦୦ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଯଦି ସାରା ଦେଶରେ ଏହା ଲାଗୁ ହୁଏ ତା'ହେଲେ ରାଜକୋଷରୁ ୬୫ ହଜାର କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଉଛି। ଏହା ବ୍ୟତୀତ ଯେଉଁମାନେ ନାଗରିକତାରୁ ବାଦ୍ ପଡ଼ିବେ ସେମାନଙ୍କୁ ଅନ୍ୟ କୌଣସି ଦେଶକୁ ପ୍ରତ୍ୟର୍ପଣ କରିବା ସମ୍ଭବ ନ ଥିବାରୁ ଶେଷରେ ସେମାନଙ୍କୁ ଅଟକ କେନ୍ଦ୍ର ପ୍ରତିଷ୍ଠା କରି ସରକାର ରଖିବାକୁ ବାଧ୍ୟ ହେବେ। ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକଙ୍କୁ ସମ୍ପୂର୍ଣ୍ଣ ସରକାରୀ ଖର୍ଚ୍ଚରେ ବର୍ଷ ବର୍ଷ ଧରି ଅଟକ ରଖିବା କେତେଦୂର ସମ୍ଭବ ତାହା ସରକାର ହିଁ କହିପାରିବେ।

ଏନ୍‌ଆର୍‌ସି ଯୋଗୁ ନିଜର ନାଗରିକତା ହରାଇବା ଭୟରେ ଆସାମର ୩.୩ କୋଟି ଲୋକ ଆତଙ୍କିତ ହୋଇ ପଚାଶ ବର୍ଷ ତଳର କାଗଜପତ୍ର ସଂଗ୍ରହ କରିବାକୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଆବଶ୍ୟକ କାଗଜପତ୍ର ସଂଗ୍ରହ କରି ନ ପାରି ନାଗରିକତା ହରାଇବା ଭୟରେ ଶହେରୁ ଅଧିକ ଲୋକ ଆତ୍ମହତ୍ୟା କରିଛନ୍ତି। ଆଜି ପଶ୍ଚିମବଙ୍ଗ ତଥା ଅନ୍ୟ ରାଜ୍ୟରେ ଏନ୍‌ଆର୍‌ସି ଲାଗୁ କରିବାକୁ ଘୋଷଣା ପରେ ସେଠାରେ ବି ଏକା ପରିସ୍ଥିତି ସୃଷ୍ଟି ହୋଇଛି।

ଏପରିକି ଆସାମର ଏନ୍‌ଆର୍‌ସିରେ ଏତେସଂଖ୍ୟକ ହିନ୍ଦୁ ବାଂଲାଦେଶୀ ବାଦ୍ ପଡ଼ିବା ଦେଖି ପଶ୍ଚିମବଙ୍ଗରେ ଭାଜପାର ଭୋଟବ୍ୟାଙ୍କ୍ ରୂପେ ପରିଚିତ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ହିନ୍ଦୁ ଅନୁପ୍ରବେଶକାରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ନିକଟ ଭବିଷ୍ୟତରେ ସେଠାରେ ବିଧାନସଭା ନିର୍ବାଚନ ଥିବାରୁ ନିଜର ଏହି ଭୋଟବ୍ୟାଙ୍କ୍‌କୁ ସୁରକ୍ଷିତ ରଖିବାକୁ ଶେଷରେ ଭାଜପା ସଭାପତି ଅମିତ୍ ଶାହଙ୍କୁ ମଇଦାନକୁ ଆସିବାକୁ ପଡ଼ିଛି। ନିକଟରେ ପଶ୍ଚିମବଙ୍ଗ ଯାଇ ସେ ଖୋଲାଖୋଲି ଭାବେ ମୁସଲିମ୍ ଅନୁପ୍ରବେଶକାରୀଙ୍କୁ ଛାଡ଼ି ସବୁ ହିନ୍ଦୁ ଅନୁପ୍ରବେଶକାରୀଙ୍କୁ ତୁରନ୍ତ ନାଗରିକତା ଦେବାକୁ କେନ୍ଦ୍ର ସରକାର ଖୁବ୍‌ଶୀଘ୍ର 'ନାଗରିକତା ସଂଶୋଧନ ବିଲ୍' ଆଣିବେ ବୋଲି ଘୋଷଣା କରିଛନ୍ତି। ଧାର୍ମିକ ଭେଦଭାବ ଆଧାରରେ ନାଗରିକତା ଦେବାକୁ ଉଦ୍ଦିଷ୍ଟ ଏହି ବିଲ୍ ଆମର ଧର୍ମନିରପେକ୍ଷ ସମ୍ବିଧାନ ଓ ତା'ର ୧୫ ଧାରାର ଖୋଲା ଉଲ୍ଲଂଘନ ବୋଲି କୁହାଯାଇପାରେ। ଅତଏବ ଏହାକୁ ଲାଗୁ କରିବାକୁ ଭାଜପାର ଘୋଷଣା ସମାଜରେ ଧାର୍ମିକ ଧ୍ରୁବୀକରଣକୁ ବଢ଼ାଇ ନିଜର ହିନ୍ଦୁ ଭୋଟବ୍ୟାଙ୍କକୁ ସୁଦୃଢ଼ କରିବାକୁ ଯେ ଉଦ୍ଦିଷ୍ଟ, ଏଥିରେ ସନ୍ଦେହ ନାହିଁ।

ମୋ- ୯୪୩୭୧୬୬୩୯୧,
bhalachandra.odisha@gmail.com

# ଖୁଲଣା ଦେଈଙ୍କ ବେଲଣାକାଠି ପିଠିପୂଜା

ମାଧବ ଚନ୍ଦ୍ର ସ୍ୱାଇଁ

ପ୍ରତିଦିନ ଚଣାଚଟା ଯୁଆଡ଼େ ଯାଇ ଥାଉନା କାହିଁକି ରାତି ଦଶଟା ବେଳକୁ ପିଇ ଦେଇ ଘରକୁ ଫେରେ। ଚଣାଚଟା ସେଇ ଗୀତଟା "ଆହାରେ ଭଲ ମନ୍ଦ ନାଇଁ, ଯେ ସ୍ଥାନେ ଯେମନ୍ତ ମିଳଇ" ଗାଇ ଗାଇ ପାଦ ଟଳମଳ ଅବସ୍ଥାରେ ଚାରି ପାଞ୍ଚ ଜାଗାରେ ଧକ୍କା ଖାଇଲେ ବି ଘର ଚିହ୍ନି ଆସେ। ସ୍ତ୍ରୀ ଖୁଲଣା ଦେଈର ସବୁଦିନ ଏପରି ଢକଳମ ତାମସା ଦେଖି ଦେଖି ଦିହସୁହା ହୋଇଗଲାଣି। ତଥାପି ବେଳେ ବେଳେ ରାଗରେ ବେଲଣାକାଠିରେ ସ୍ୱାମୀ ଚଣାଚଟାର ପିଠି ପୂଜା କରି ସାରି ଭୋ ଭୋ ହୋଇ କାନ୍ଦେ। ମହିଳା ମଣ୍ଡଳ ମଦ ବିରୋଧୀ ଠେଙ୍ଗା ବାହିନୀରେ ଯୋଗ ଦେଇଛି ସିନା, ଚଣାଚଟାର ନାଲି ଆଖି ଓ ଗାଳିଗୁଲଜ ବେଳେ ବେଳେ ଖୁଲଣାକୁ ପାଟି ଚୁପ କରି ରହିବାକୁ ବାଧ୍ୟ କରେ।

ରାତି ଏଗାରଟା ହେଲାଣି ଚଣାଚଟା ଘରକୁ ଫେରିନି। ଏପଟ ସେପଟ ହୋଇ ପଡ଼ୋଶୀ ଦିନା ମା'କୁ ପଚାରିବାରୁ ସେ କହିଲା, ବଉଳ ! ଆଜି ଆମର ପ୍ରାଣନାଥ ବି ଆସି ନାହାନ୍ତି। ଆସୁ ଆସୁ ରାତି ବାରଟା ଗୋଟେ ହେବ ବୋଲି ଖବର ଦେଇଛନ୍ତି।

ଖୁଲଣା ପଚାରିଲା-ବଉଳ ଆଜି କ'ଣ କିଏ ପାର୍ଟି ଦେଉଛି କି। ଦିନା ମା' କହିଲା- ମଦ ଭେଣ୍ଡର ଚଇନ ଆଜି ପାର୍ଟି ଦେଉଛି। ଯେତେ ଯେଉଁଠି ମଦୁଆ ଅଛନ୍ତି, ସମସ୍ତଙ୍କୁ ସେ ନିମନ୍ତ୍ରଣ କରିଛି। ନାଚ ଗୀତ ହେବ, ବାଜା ବାଣ ଫୁଟିବ। ମଟନ୍ ବିରିୟାନୀ ସାଙ୍ଗକୁ ଚାଖଣା। ଯିଏ ଯେତେ ପିଇପାରିବ, ନାଚି ପାରିବ ତାକୁ ଆଜି ପୁରସ୍କାର ମିଳିବ। ଏ ପୁରସ୍କାର ଲୋଭରେ ବଉଳ ତୁମ ସ୍ୱାମୀ ଓ ମୋ ସ୍ୱାମୀ ଆହୁରି ଚାରି ପାଞ୍ଚଜଣଙ୍କୁ ସାଙ୍ଗରେ ଧରି ଯାଇଛନ୍ତି। ତୁ ଘରକୁ ଯାଆ। ଆଜି କବାଟ ବନ୍ଦ କରିଦେବୁ। ଜମା ଖୋଲିବୁ ନାହିଁ। ମୁଁ ବି ଖୋଲିବି ନାହିଁ। ଆଜି ଖାଲି ବ୍ୟାଟିଂ ଚାଲିବ।

ରାତି ସାଢ଼େ ଗୋଟାଏ। ହଠାତ୍ ବୁଲା କୁକୁରଗୁଡ଼ାକ ଭୋ ଭୋ ହୋଇ ରଡି ଛାଡ଼ିଲେ। ଖୁଲଣା ଦେଈର ନିଦ ଭାଙ୍ଗିଗଲା। କବାଟ ଖୋଲିଲା ବେଳକୁ ଖୁଲଣା ଦେଈ ଦେଖିଲେ ପତି ମଦନାଗର କୁକୁରଙ୍କ ମେଳରେ ବ୍ରେକ୍ ଡ୍ୟାନ୍ସ କରି କରି ଆସୁଛନ୍ତି। ମୁଣ୍ଡରେ ଗୋଟାଏ ମଦ କମ୍ପାନୀର ଟୋପି। କାନ୍ଧରେ ଗୋଟାଏ ଗାମୁଛା। ଟୋପି ଗାମୁଛା ସାଙ୍ଗକୁ ଖଣ୍ଡ ଖଣ୍ଡିଆ ଗୀତ ଶୁଣି ଖୁଲଣା ରକ୍ତ ଚାଉଳ ଚୋବାଇ ରହିଥାଏ। ଘର ଭିତରକୁ ପ୍ରବେଶ କଲାମାତ୍ରେ ଖୁଲଣା ଦେଈ ବେଲଣା କାଠିରେ ତିନି ଚାରି ପାହାର ଦେଉ ଦେଉ ଚଣାଚଟା ନାଟକୀୟ ଠାଣିରେ ଡାଏଲଗ୍ ମାରି କହିଲା- ତୋର ଆଉ କୌଣସି ଚାଲ୍ କାମ ଦେବନି ପ୍ରିୟେ। ଆଜିଠାରୁ ମୁଁ ମନ୍ କି ରାଜା। ବେଶି ନବରଙ୍ଗ ଦେଖେଇଲେ ବଜେଇଦେବି ବାଜା।

ଖୁଲଣା ଦେଈ ପ୍ରକୃତ ରହସ୍ୟଟା ଜାଣିବା ପାଇଁ କହିଲେ- କ'ଣ ହୋଇଛି କି ? ତମର କ'ଣ ଲଟେରି ଉଠିଛିକି। ଚଣାଚଟା କହିଲା ଲଟେରି ଉଠିବ, ଉଠିବ। ଚନ୍ଦ୍ର ଯାନ ପରି ଉଠିବ। ସବୁ ମଦୁଆଙ୍କ ଭାଗ୍ୟ ଖୋଲିଗଲା ଜାଣ। ମଦ ଭେଣ୍ଡର ଯେତେ ଅଧିକ ମଦ ବିକିବ, ସେତେ ପୁରସ୍କାର ସିଏ ପାଇବ ବୋଲି ସରକାର ବାହାଦୁର ଘୋଷଣା କରିବା ପରେ ମଦୁଆମାନେ ଏବେ ମଦ ଭେଣ୍ଡରର ଜୁଆଁଇ କୁଣିଆ। ହେ ଶୁଣ। ମୋ କଥାକୁ ଟିକିଏ ଭଲରେ କାନରେ ନବ। କାଲିଠାରୁ ମହିଳାମାନେ ଯଦି ମଦ ବିରୋଧୀ ଆନ୍ଦୋଳନ କରନ୍ତି, ତୁ ସେ ଠେଙ୍ଗା ନେଇ ଆଉ ତାଙ୍କ ସାଙ୍ଗରେ ଯିବୁ ନାହିଁ। ସେ ଠେଙ୍ଗାଟାକୁ ମୁଁ ଚୁଲିରେ ଜାଳିଦେବି ନଚେତ ସେ ଠେଙ୍ଗାଟା ପାଖରେ ରଖିବି, ଆମ ଠେଙ୍ଗା ବାହିନୀ ପାଇଁ କାମ ଦେବ।

ଖୁଲଣା ପଚାରିଲା- ତୁମ ମଦୁଆମାନଙ୍କର ଠେଙ୍ଗା ବାହିନୀ କ'ଣ। ମଦ ଭେଣ୍ଡର ନିର୍ଦ୍ଦେଶ ଦେଇଛନ୍ତି- ଯଦି ଏଣିକି ମହିଳା ମଣ୍ଡଳ ଠେଙ୍ଗା ବାହିନୀ ମଦ ଦୋକାନ ଭାଙ୍ଗିବେ କିମ୍ବା ମଦ ଭେଣ୍ଡରକୁ ବିଜୁଳି ଖୁଣ୍ଟରେ ବାନ୍ଧି ପିଟିବେ, ତେବେ ଆମ ଠେଙ୍ଗା ବାହିନୀ କାମ ଦେଖାଇବ। ନିଜ ନିଜ ସ୍ତ୍ରୀକୁ ସ୍ୱାମୀମାନେ ସମ୍ଭାଳିବେ। ଆଗାମୀ ଦଶହରା ବେଳକୁ ତୁମମାନଙ୍କ ପାଇଁ ଶାଢ଼ି, ଚୁଡି, ବିନ୍ଦି ମଦ ଭେଣ୍ଡର ଆମ ହାତରେ ଦେବେ। ଦଶହରା ଖର୍ଚ୍ଚ ଦେବେ। ଆମେ ସାଙ୍ଗ ହୋଇ ବୁଲିବା। ବୁଝିଲୁ ଖୁଲଣା ଆଜି ମୁଁ ଆଉ କିଛି ଖାଇବି ନାହିଁ। ପେଟେ ବିରିୟାନୀ ଠୁଙ୍କି କି ଆସିଛି। ଏକଥା କହି ସାରିବା ପରେ ଚଣାଚଟା ଭକ ଭକ କରି ବାନ୍ତି କରି ବେହୋସ ହୋଇ ଶୋଇଗଲା। ଖୁଲଣା ଭାବିଲା ଏଇଟା ହେଉଛି ମାହେନ୍ଦ୍ର ବେଳା। ଆଜି ଯାହା ପିଠି ପୂଜା ହେବ, କାଲିଠାରୁ ସବୁ ବନ୍ଦ। ଏହା କହି ବେଲଣାକାଠିରେ ଦୁଇ ଚାରି ପାହାର ଦେଇ ଭୋ ଭୋ କାନ୍ଦି କାନ୍ଦି ଖୁଲଣା କହିଲା- ଯିଏ ଉଜାଡୁଛି ସଂସାର ତାକୁ ମିଳୁଛି ପୁରସ୍କାର। ଅଜବ ରାଇଜ ଗଜବ ନୀତି, କାହାକୁ କହିବା କିଏ ଶୁଣିବ।

ଶୈଳନିବାସ, ଏଫ-୧୮୦, ସେକ୍ଟର-୭, ସିଡିଏ, କଟକ,
ମୋ-୯୪୩୭୧୪୬୩୬୮

## ଏଇ ଭାରତରେ

ମଧ୍ୟପ୍ରଦେଶ ଇନ୍ଦୋର ସହରରେ ସାମ୍ପ୍ରଦାୟିକ ସଦ୍‌ଭାବନାର ନିଦର୍ଶନ ସାଜିଛି ଏକ ହିନ୍ଦୁ ପରିବାର। ଏଠାରେ ଥିବା ଏକ ଦରଘାର ସବୁ ଦାୟିତ୍ୱ ଏହି ପରିବାର ବୁଝି ଆସୁଛନ୍ତି। ନନ୍ଦଲାଲପୁରା ଛକ ନିକଟ ହଜରତ ଦୁଲ୍ଲା ସୟଦ ସରକାରଙ୍କ ଦର୍‌ଘାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ୧୫x୨୫ ବର୍ଗଫୁଟ ଜମିରେ ଶୋଭା ପାଉଥିବା ଏହି ଦରଘାର ଦେଖାରଖା କରୁଛନ୍ତି ଏକ ହିନ୍ଦୁ ରାଜପୁତ ପରିବାର। ପ୍ରାୟ ୭ ଶହ ବର୍ଷ ହେବ ସେମାନେ ଦରଘାର ସବୁ ଦାୟିତ୍ୱ ସମ୍ଭାଳୁଛନ୍ତି। ଏହି ପରିବାରର ୧୨ତମ ପିଢିର ସେବକ ସଞ୍ଜୟ ବଡଗୁଜର କୁହନ୍ତି,ତାଙ୍କ ବାପା ସକାଳ ୩ଟାରୁ ଉଠି ଦରଘାର ଚାଦର ବଦଳାଇବା ପରେ ଦରଘା ପରିବେଶକୁ ଭଲ ଭାବେ ସଫା କରି ଅନ୍ୟ କାର୍ଯ୍ୟରେ ଲାଗିଯାନ୍ତି। ତାଙ୍କ ପରିବାର ମଧ୍ୟ ତାଜିଆ ଶୋଭାଯାତ୍ରା ଆୟୋଜନ କରିଥାନ୍ତି। ଏମିତିକି ଗାଟିଏ ସମୟରେ ତାଙ୍କ ପରିବାର ପକ୍ଷରୁ ସବୁଠାରୁ ବଡ଼ ତାଜିଆ ବାହାର କରାଯାଉଥିଲା। ଏଥିଲାଗି ବି ତାଙ୍କ ପରିବାରକୁ ହୋଲ୍‌କର ରାଜବଂଶ କାଳରେ ସମ୍ମାନିତ କରାଯାଇଥିଲା। ଏହି ଦରଘାରେ ପ୍ରତି ବର୍ଷ ଆୟୋଜିତ ହେଉଥିବା ଉର୍ସରେ ସବୁ ଧର୍ମର ଲୋକ ସାମିଲ ହୁଅନ୍ତି। ଏଠାରେ ହିନ୍ଦୁରାଜାଙ୍କ ମନସ୍କାମନା ପୂରଣ କରିବା ପାଇଁ ଆୟୋଜିତ ତାଜିଆ ମୁସଲମାନମାନେ କରିଥାନ୍ତି। ମହରମରେ ବି ସବୁ ଧର୍ମର ଲୋକମାନେ ଭାଗ ନେଇଥାନ୍ତି। କେବଳ ଏତିକି ନୁହେଁ ଏହି ସହରରେ ରହୁଥିବା ବିହାର ଓ ଉତ୍ତରପ୍ରଦେଶର ଲୋକମାନଙ୍କ ପାଇଁ ଛଟ୍ ପର୍ବରେ ଛଟ୍ ଘାଟକୁ ମୁସଲମାନମାନେ ସଫା କରି ଭାଇଚାରାର ପରିଚୟ ଦେଇଥାନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

### ୧୧ ନଭେମ୍ବର ୧୯୯୪

- ଶ୍ରୀମତୀ ଚନ୍ଦ୍ରିକା ବି କୁମାରତୁଙ୍ଗା ଶ୍ରୀଲଙ୍କାର ପ୍ରଥମ ମହିଳା ରାଷ୍ଟ୍ରପତି ରୂପେ ନିର୍ବାଚିତ।
- କୌଣସି ପ୍ରାକ୍‌ସର୍ତ୍ତ ବିନା ଉତ୍ତରାଖଣ୍ଡ ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା ନିମନ୍ତେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବ ଆଲୋଚନା ନିମନ୍ତେ ପ୍ରସ୍ତୁତ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ସାପ୍ତାହିକ ପଞ୍ଜିକା

ନଭେମ୍ବର ୪- ଚାଇନା ସମର୍ଥିତ ଆର୍‌ସିଇପି ବାଣିଜ୍ୟ ଚୁକ୍ତିରେ ସାମିଲ ନ ହେବାକୁ ଭାରତର ନିଷ୍ପତ୍ତି।

୫- ସ୍କୁଲ କ୍ୟାଣ୍ଟିନରେ ବା ସ୍କୁଲଠାରୁ ୫୦ ମିଟର ଦୂରତା ଭିତରେ ଜଙ୍କ୍ ଫୁଡ୍ ବିକ୍ରି ଉପରେ କଟକଣା ଲଗାଇବାକୁ ଖାଦ୍ୟ ସୁରକ୍ଷା ମାନ ନିର୍ଦ୍ଧାଣ କର୍ତ୍ତୃପକ୍ଷ ପ୍ରସ୍ତାବ ଦେଇଛନ୍ତି।

୬- ରିୟଲ ଇଷ୍ଟେଟ୍ କ୍ଷେତ୍ର ଲାଗି କେନ୍ଦ୍ର ସରକାରଙ୍କ ୨୫୦୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା।

୭- ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ବ୍ରହ୍ମପୁର ଜିଲା ଦୌରା ଜଜ୍ ବିଭୁ ପ୍ରସାଦ ରାଉତରାୟ ନିଯୁକ୍ତ ହୋଇଛନ୍ତି।

୮- ଗାନ୍ଧୀ ପରିବାରକୁ ମିଳୁଥିବା ଏସ୍‌ପିଜି ସୁରକ୍ଷା ବ୍ୟବସ୍ଥାକୁ କେନ୍ଦ୍ର ସରକାର ଉଠାଇ ନେଇଛନ୍ତି। ତା' ବଦଳରେ ସେମାନଙ୍କୁ ମିଳିବ ଜେଡ୍ ପ୍ଲସ୍ ସୁରକ୍ଷା।

୯- ରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ ବିବାଦକୁ ନେଇ ସୁପ୍ରିମ୍‌କୋର୍ଟରେ ଚାଲିଥିବା ମାମଲାର ରାୟ ପ୍ରକାଶ ପାଇଛି। କୋର୍ଟ ୨.୭୭ ଏକରବିଶିଷ୍ଟ ସମୁଦାୟ ଜମିକୁ ରାମ ମନ୍ଦିର ପାଇଁ ଦେବା ସହ ମସ୍‌ଜିଦ ନିର୍ମାଣ ପାଇଁ ଅନ୍ୟତ୍ର ୫ ଏକର ଜମି ଦାନ କରିବାକୁ ରାୟ ଦେଇଛନ୍ତି।

# ବାସ୍ତବ ଜ୍ଞାନର ଆଲୋକ



ବରଦା ପ୍ରସନ୍ନ ଦାସ

ଯାହା ଆମକୁ ଅନୁଶାସିତ କରି ସତ୍ ଆଡ଼କୁ ନେଇଯାଏ ତାହା ହେଉଛି ଶାସ୍ତ୍ର। ସର୍ବ ପୁରାତନ ଶାସ୍ତ୍ର ହେଲା ବେଦ। ତାହା ସନାତନ ବା ହିନ୍ଦୁ ଧର୍ମର ଶାସ୍ତ୍ର। ତାହାକୁ ଅପୌରୁଷେୟ ବୋଲି କୁହାଯାଏ। ବେଦର ଅନ୍ୟ ନାମ ଶ୍ରୁତି। ତାହାକୁ ଶିଷ୍ୟମାନେ ଗୁରୁଙ୍କ ମୁହଁରୁ ଶୁଣିଶୁଣି ମନେ ରଖୁଥିଲେ। ଭାରତ ଏକ ହିନ୍ଦୁବହୁଳ ରାଷ୍ଟ୍ର। ମାତ୍ର ଆଜିକାଲି ଅଧିକାଂଶ ହିନ୍ଦୁଙ୍କର ବେଦ ସମ୍ପର୍କରେ କିଛି ଜ୍ଞାନ ନାହିଁ। ବିଶ୍ୱରେ ଅଧିକ ସଂଖ୍ୟାରେ ଖ୍ରୀଷ୍ଟଧର୍ମୀ ଲୋକ ଅଛନ୍ତି। ସେମାନେ ବାଇବେଲକୁ ନିୟମିତ ପାଠ କରନ୍ତି। ତା'ପରେ ଅଧିକ ସଂଖ୍ୟାରେ ମୁସଲମାନ ବାସ କରନ୍ତି ବିଶ୍ୱରେ। ସେମାନେ କୋରାନ ପାଠ କରି ଆଲ୍ଲାଙ୍କୁ ଭଗବାନ ମାନନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନେ ବୌଦ୍ଧ ଧର୍ମରେ ଦୀକ୍ଷିତ ହୋଇ ତାଙ୍କ ଧର୍ମଶାସ୍ତ୍ରକୁ ଅଧ୍ୟୟନ କରନ୍ତି। ଖ୍ରୀଷ୍ଟିଆନମାନେ ନିୟମିତ ଚର୍ଚ୍ଚ ଯାଉଥିବା ବେଳେ ମୁସଲମାନମାନେ ମସଜିଦରେ ସମବେତ ହୋଇ ପ୍ରାର୍ଥନା କରିଥାନ୍ତି। ଶିଖ୍‌ମାନେ ଘରେ ଗୁରୁଗ୍ରନ୍ଥସାହେବ ପାଠ କରନ୍ତି ଓ ଗୁରୁଦ୍ୱାରା ଯାଇ ପ୍ରାର୍ଥନା କରନ୍ତି। ମାତ୍ର ହିନ୍ଦୁମାନେ ପ୍ରାୟତଃ ବେଦ-ଉପନିଷଦ ବିଷୟରେ ଖୁବ୍ କମ୍ ଜାଣନ୍ତି। କ୍ୱଚିତ୍ ଲୋକ ଗୀତା ପାଠ କରନ୍ତି ଏବଂ ବେଦ ପ୍ରାୟ କେହି ପଢ଼ନ୍ତି ନାହିଁ। କିନ୍ତୁ ବେଶି ବାବାମାନଙ୍କ ଭକ୍ତ ସାଜନ୍ତି, ଯେଉଁମାନେ ଚମତ୍କାର ଦେଖେଇ ସାଧାରଣଙ୍କୁ ଆକୃଷ୍ଟ କରିଥାନ୍ତି ଓ ପରେ ଭଣ୍ଡାମିର ପରିଚୟ ଦେଇ ଆଇନ ହାତରେ ଧରା ହୋଇ ଦଣ୍ଡିତ ହୁଅନ୍ତି।

ତା'ପରେ ବେଶି ଯାଆନ୍ତି ବିଭିନ୍ନ ଧାର୍ମିକ ପର୍ଯ୍ୟଟନସ୍ଥଳୀକୁ। ଭିନ୍ନ ଭିନ୍ନ ମନ୍ଦିର ଯାଇ ଦିଅଁ ଦର୍ଶନ, ଘରେ ବିଭିନ୍ନ ଠାକୁର ଫଟୋ ପୂଜା, ଗାୟତ୍ରୀ ମନ୍ତ୍ର ଜପ, ହରେକୃଷ୍ଣ ମନ୍ତ୍ର ଜପ ଆଦି ମାଧ୍ୟମରେ ଭଗବାନଙ୍କୁ ପାଇବା ପାଇଁ ବ୍ୟାକୁଳ ହୋଇଥାନ୍ତି। ମନସ୍କାମନା ପୂର୍ଣ୍ଣ ପାଇଁ ଭରସା ରଖିଥାନ୍ତି। ଶ୍ରାବଣ ମାସରେ ଲକ୍ଷାଧିକ କାଉଡିଆ ଶିବଲିଙ୍ଗ ଉପରେ ପ୍ରତି ସୋମବାର ପାଣି ଢାଳି ମାନସିକ କରିଥାନ୍ତି।

କେଉଁଠି ଯଜ୍ଞ ତ ପ୍ରବଚନ, କେଉଁଠି ଦେବୀପୂଜା ଆଡମ୍ବର ସହକାରେ ପାଳନ ତ ଅନ୍ୟ କେଉଁଠି ବାବାମାତାମାନଙ୍କ ସାନ୍ନିଧ୍ୟ ପାଇଁ ଲମ୍ବା ଧାଡି। କେଉଁଠି ହୁକୁମ ପାଇବା ପାଇଁ ଭିଡ ତ, କେଉଁଠି ପୂଜାପାର୍ବଣରେ ସମସ୍ୟା ସମାଧାନ ପାଇଁ ବ୍ରାହ୍ମଣମାନଙ୍କ ପଛରେ ପଡିବା। ଫଳରେ ଆମର ମୂଳ ଧର୍ମଶାସ୍ତ୍ର ବାଦ୍ ପଡିଯିବା ସ୍ୱାଭାବିକ। ବିଶେଷକରି ଆଧାତ୍ମିକ ପ୍ରବଚକମାନେ ଶାସ୍ତ୍ର ପୁରାଣ ସମ୍ପର୍କରେ କହିଥାନ୍ତି। ସେମାନଙ୍କ ଯୋଗୁ ଆମ ପୁରାତନ ଶାସ୍ତ୍ର ଅଛି ବୋଲି ଆମେ ଜାଣୁ। ନ ହେଲେ ସେଇ ଟିକକ ବି ଲୋପ ପାଇଯାଆନ୍ତା। ଏସବୁର ପ୍ରଚାର ପ୍ରସାର ବୃଦ୍ଧି ପାଉଥିବା ବେଳେ ବହୁ ଲୋକ ଭଣ୍ଡାମିର ଶିକାର ହେଉଛନ୍ତି। ନିଜ ଧର୍ମର ମୂଳ କଥାଟି ଜାଣିପାରୁନାହାନ୍ତି। ସେଭଳି ସଦ୍‌ଗୁରୁ ବି ଖୁବ୍ ବିରଳ। ଅନ୍ଧବିଶ୍ୱାସ ଓ ଅନ୍ଧାନୁକରଣ ନ କରିବା ପାଇଁ କିଛି ହେତୁବାଦ ସମାଜ ସମାଜରେ ମୁଣ୍ଡ ଟେକି ଲୋକମାନଙ୍କୁ ବୁଝାଇବାରେ ବ୍ୟସ୍ତ ଥିଲେ ବି ପରମ୍ପରାଗତ ବିଶ୍ୱାସ ଦୃଢୀଭୂତ ହୋଇଯାଇଛି। ମଣିଷ ଅମଣିଷ ପରି କର୍ମ କରୁଛି। ବାସ୍ତବ ଜ୍ଞାନଠାରୁ ବହୁ ଦୂରକୁ ଚାଲିଯାଉଛି। ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ ସମସ୍ତେ ନୀରବ।

ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଛି ଚୌକି ପାଇଁ। ଅନ୍ୟାନ୍ୟ ପେସାର ବିଶେଷଜ୍ଞମାନେ ସେମାନଙ୍କ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ ପାଇଁ ବ୍ୟଗ୍ର। ସମାଜ ରସାତଳଗାମୀ ହେଉ ଏଥିପାଇଁ କାହାର କ୍ଷୋଭ ନାହିଁ। ଏସବୁଥିରୁ କିପରି ରକ୍ଷା ମିଳିବ ? କିଏ ସୁମାର୍ଗର ସନ୍ଧାନ ଦେଇ ନେତୃତ୍ୱ ନେବ ? ସତରେ କ'ଣ ଅବତାରୀ ପୁରୁଷ ଜନ୍ମ ନେଇ ଧରାଧାମରେ ସଂସ୍କାର ଆଣିବେ ? ସଂଯମ, ସୁ-ଆହାର, ସାତ୍ତ୍ୱିକ ବ୍ୟବହାର ଆଦି ସମ୍ପର୍କରେ କିଏ ଶିକ୍ଷା ଦେଇପାରିବ ? ବୈଦିକ ଭାଷାରେ ବେଦ ପଢି ପଢ଼ାଇବା ଆଜିର କମ୍ପ୍ୟୁଟର ଯୁଗରେ ସମ୍ଭବ ନୁହେଁ।

ଆମ ମୂଳ ଶାସ୍ତ୍ର ବେଦରେ ମୂର୍ତ୍ତିପୂଜାକୁ ଗୌଣ ଦର୍ଶାଯାଇଛି। ଆମର ଜ୍ଞାନ ଅଭାବରୁ ସେ ବିଷୟ ଆମେ ଠିକ୍‌ଭାବେ ଜାଣିପାରୁନା। ସେଥିପାଇଁ ଆମର ଆଗ୍ରହ କମ୍। ନାନା ଠାକୁର ପୂଜା ନୀତିରେ ମୂଳ ଜ୍ଞାନକୁ ଧରିପାରୁ ନାହୁଁ। ପୁରାତନ ଯୁଗରୁ ଯେଉଁ ପ୍ରଥା ଚଳିଆସିଛି, ତାକୁ ଅନୁକରଣ ବା ହନୁକରଣ କରି ଆମର ଏ ଅବସ୍ଥା। କିଏ ବାସ୍ତବ ଜ୍ଞାନର ଆଲୋକ ଦେଖାଇ ଅନ୍ଧାର ଦୂର କରିବ, ତାହା ହିଁ ଆଜିର ଅନୁଚିନ୍ତା। ହିନ୍ଦୁମାନଙ୍କର ମୂଳ ଶାସ୍ତ୍ର ଅଧ୍ୟୟନକୁ ଆମ୍ଭମାନଙ୍କୁ ଫେରିବାକୁ ହେବ। ଅଜ୍ଞାନକୁ ନ ଆଡେଇଲେ ସତ୍ୟ-ଅସତ୍ୟ ପାଇଁ ସଂସାର ସମୁଦ୍ରରେ ଉବୁଟୁବୁ ହେଇ ଅମୂଲ୍ୟ ଜୀବନ ପ୍ରଦୀପ ଲିଭିଯିବ। ସେଥିପାଇଁ ପ୍ରଥମେ ଆଗ୍ରହ ଜନ୍ମାଇବାକୁ ହେବ। ଭାରତର ଧର୍ମଧାରା ସମ୍ପର୍କରେ ଜ୍ଞାନ ପାଇବା ଦରକାର। ଠାକୁର ପଥର ବେପାର ସବୁ ଅଲଗା ଅଲଗା। ସବୁକୁ ମିଶାଇଲେ ଲାଭ ମିଳିବନି। ଲକ୍ଷ ଲକ୍ଷ ସ୍ଥାନରେ ଏହିପରି ଠକାମି ଆମର ଦେହସୁହା ହୋଇଯାଇଛି। ଏଥିରୁ ନିବୃତ୍ତ ହେବା କାଠିକର ବ୍ୟାପାର। ମାତ୍ର ସତୀଦାହ ପ୍ରଥା ପରି ଏସବୁ ପ୍ରଥାମାନ ଦିନେ ନା ଦିନେ ବଦଳିବ। ବେଦ ପାଠକଲେ ପ୍ରଶ୍ନ ଉଠେ କି ଉପକାର ମିଳେ। ତା'ର ଉତ୍ତର ହେଲା ଶାସ୍ତ୍ର ପଠନ ମାଧ୍ୟମରେ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ସମ୍ପର୍କରେ ଜ୍ଞାନଲାଭ ଦ୍ୱାରା ଆମେ ସତ୍ ଆଚରଣ ଯୁକ୍ତ ହୋଇଥାଉ।

ମୋ-୯୮୬୧୧୪୫୬୮୭

## ଆମ ସମସ୍ୟା

### ଓୟୁଏଟିର ବରିଷ୍ଠ ପେନସନଭୋଗୀ ହଇରାଣ

ମହାଶୟ,

୨୦୧୬ ପୂର୍ବରୁ ଓୟୁଏଟିର ପ୍ରାୟ ୭୦୦ ବରିଷ୍ଠ ପେନସନଭୋଗୀ ଅଛନ୍ତି। ଏମାନେ ସିଧାସଳଖ ବ୍ୟାଙ୍କରୁ ପେନସନ ପାଇବା ପାଇଁ ଗତ ୧୮।୧୦।୧୭ରେ ବ୍ୟାଙ୍କ ସହ ଏମ୍‌ଓୟୁ ହୋଇଥିଲା। ପୂର୍ବରୁ ସ୍ପେଶାଲ ଟ୍ରେଜେରିରୁ ପେନସନ ପାଇବା ବ୍ୟବସ୍ଥା ଥିଲା। ପୂର୍ବତନ କୁଳପତିଙ୍କ ପ୍ରଚେଷ୍ଟାରେ ଟ୍ରେଜେରିରୁ ବ୍ୟାଙ୍କକୁ ଆସିଲା ପେନସନ ବ୍ୟବସ୍ଥା। ମାତ୍ର ଆମର ୭ମ ବେତନ ୩ ବର୍ଷ ୫ ମାସର ବ୍ୟାଙ୍କ ହିସାବ କରି ଓୟୁଏଟି ପେନସନ ବିଭାଗକୁ ଦେଲା ଅର୍ଥ ପଇଠ କରିବା ପାଇଁ। ବଡ଼ ଆଶ୍ଚର୍ଯ୍ୟର କଥା ବ୍ୟାଙ୍କ ହିସାବର କମ୍ପ୍ୟୁଟର କପିକୁ ଓୟୁଏଟିର ଅଡିଟ ସେକ୍ସନ ମାନୁଆଲ ଯାଞ୍ଚ ପ୍ରକ୍ରିୟା ଜାରି ରଖିଲା ପ୍ରାୟ ୧ ମାସ ହେବ। ଆମ୍ଭେମାନେ ସ୍ପେଶାଲ ଟ୍ରେଜେରିରୁ ପେନସନ ପାଉଥିଲେ ଟ୍ରେଜେରି କ'ଣ ମାନୁଆଲ ଯାଞ୍ଚ କରିବାକୁ ଓୟୁଏଟି ଅଡିଟ ସେକଶନକୁ ପଠାଇଥାଆନ୍ତା କି ? ତା' ହେଲେ ଏମଓୟୁର ମାନେ କ'ଣ ? ୭୦/୭୫ ବର୍ଷରେ ପଦାର୍ପଣ କରି ଆମେ ବରିଷ୍ଠ ପେନସନଭୋଗୀ ବିଭିନ୍ନ ଦୂରଦୂରାନ୍ତରେ ଥାଇ ଓୟୁଏଟିକୁ ଦୌଡୁଛୁ। ଓୟୁଏଟି ତା'ର କାର୍ଯ୍ୟରତ କର୍ମଚାରୀଙ୍କୁ ନଗଦ ଓ ବକେୟା ପ୍ରାୟ ୬ ମାସ ତଳୁ ଦେଇସାରିଲାଣି। ତା' ହେଲେ ଏ ବରିଷ୍ଠ ପେନସନଭୋଗୀଙ୍କୁ ଅଣଦେଖା କାହିଁକି ? କୃଷିମନ୍ତ୍ରୀ, କୃଷି ସଚିବଙ୍କ ଦୃଷ୍ଟିଆକର୍ଷଣ କରୁଛୁ। ସେମାନେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରର ସଦୁପଯୋଗ କରି ଆମ ଦୁର୍ଦ୍ଦଶା ଦୂର କରନ୍ତୁ।

ବରିଷ୍ଠ ପେନସନଭୋଗୀ ନଳିନୀକାନ୍ତ ପଟ୍ଟନାୟକ

### ଅଘୋଷିତ ବିଦ୍ୟୁତ୍ କାଟ

ପୂର୍ବ ସତ୍ୟବାଦୀରେ ଅଘୋଷିତ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟରେ ଜନସାଧାରଣ ଅତିଷ୍ଠ। ଶୁଳ୍କ ପଇଠରେ ହେଳା ନାହିଁ। ଜଳଭଣ୍ଡାରରେ ପାଣିର ଅଭାବ ନାହିଁ। ବିଦ୍ୟୁତ୍ ନିୟାମକ କର୍ତ୍ତୃପକ୍ଷ ବିଦ୍ୟୁତ୍ କାଟ୍ ହେବନାହିଁ କହିବା ପରେ ବିଦ୍ୟୁତ୍ କାଟ୍ କାହିଁକି ହେଉଛି ତାହା ଜନସାଧାରଣ ଜାଣିପାରୁନାହାନ୍ତି। ଏପରି ହେବା ଦ୍ୱାରା ବିଦ୍ୟୁତ୍ ସଂକ୍ରାନ୍ତ ଯେତେ କାର୍ଯ୍ୟ, ଜେରକ୍ସ, କମ୍ପ୍ୟୁଟର ଆଦି ଚାଲିବାରେ ଅସୁବିଧା ହେଉଛି। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ଅନୁରୋଧ।

ରାମଚନ୍ଦ୍ର ଦାଶ, ଗଦାଧର ପଣ୍ଡା, ବିଦ୍ୟାଧରପୁର, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ଏହି ଅଥିର ପବନେ ମିଶି
ସୁଦୂର ସେ ପାରୁଁ କି କାନ୍ଦେ ବଇଁଶୀ ?
ଭାସିଆସେ କେସନ ସେ ମୃଦୁ ଧ୍ୱନି
ପ୍ରତି ରେଣୁ କଣାରେ ଥରେ ଅବନୀ !

(ବଂଶୀ ଧ୍ୱନି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 0 | | | | | | | | 6 | | 2 | | 4 | |
| | | B | | | 8 | | C | 6 | | | | E | | |
| | | | 4 | | | 1 | | 8 | | 3 | C | 7 | | |
| | 1 | | | 0 | | D | | 5 | | | 9 | | 3 | |
| | | 2 | 9 | | | | 4 | | 7 | | 0 | | | |
| | | | | | | E | | | | | | B | | |
| 9 | | E | | | 6 | | | 4 | | | | C | A | |
| | | | | A | 2 | | 8 | | | | D | 9 | | |
| | | | | 9 | | 3 | 1 | C | 8 | | A | | | |
| | | | C | | D | | 6 | | 3 | 0 | 1 | 8 | | |
| | | C | 5 | | | | | | | | | | E | 1 |
| | B | 5 | | 8 | | 0 | | E | A | | 6 | | 2 | |
| | 7 | | | | E | | 5 | 1 | | 4 | | 3 | | C |
| 8 | | | 2 | | 4 | | A | | | D | | | | |
| | | 4 | | | 7 | | | 3 | | C | | | | B |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 1 | E | C | 0 | 6 | 7 | 9 | A | 8 | B | D | 4 | 3 | 2 |
| B | 3 | D | 2 | 9 | E | 0 | 4 | 5 | 6 | 7 | 1 | A | 8 | C |
| C | 4 | 8 | 3 | 7 | D | B | 1 | 2 | 9 | E | A | 5 | 6 | 0 |
| 0 | 7 | 6 | 4 | A | 1 | E | C | 8 | 2 | 5 | 3 | D | B | 9 |
| 2 | 9 | A | 8 | 5 | B | 6 | D | 3 | 0 | 4 | C | E | 1 | 7 |
| 6 | E | 2 | 9 | 3 | A | 4 | B | 0 | D | 1 | 7 | 8 | C | 5 |
| 4 | B | 1 | 5 | E | 8 | 3 | 7 | C | A | 9 | 0 | 6 | 2 | D |
| 7 | 8 | 9 | 0 | 1 | 2 | 5 | A | D | C | 6 | E | B | 4 | 3 |
| 3 | A | C | 6 | D | 4 | 9 | 8 | E | B | 2 | 5 | 7 | 0 | 1 |
| D | 5 | 0 | B | C | 7 | 2 | 6 | 1 | 4 | 3 | 8 | 9 | A | E |
| A | 0 | 4 | 1 | 2 | 3 | 8 | 5 | B | 7 | D | 9 | C | E | 6 |
| 8 | 6 | 7 | E | B | 5 | C | 2 | 9 | 1 | 0 | 4 | 3 | D | A |
| 1 | 2 | 5 | D | 4 | C | A | E | 7 | 3 | 8 | 6 | 0 | 9 | B |
| 9 | C | B | 7 | 6 | 0 | D | 3 | 4 | E | A | 2 | 1 | 5 | 8 |
| E | D | 3 | A | 8 | 9 | 1 | 0 | 6 | 5 | C | B | 2 | 7 | 4 |

ଗତକାଲିର ଉତ୍ତର



ଜୀବନରେ ବହୁ ଦୁଃଖ, ଦୁର୍ଦ୍ଦଶା ସହିତ ଲଢ଼ିବାକୁ ପ୍ରଭୁ ଆମକୁ ଦୁଇଟି ଅସ୍ତ୍ର ଦେଇଛନ୍ତି।
- ଭଲ୍‌ଟାୟାର



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଚନ୍ଦ୍ରଶେଖରପୁର ବୋଇତ ବନ୍ଦାଣ ଉତ୍ସବର ଉଦ୍‌ଘାଟନ ସମାରୋହ, ପ୍ରୋଜେକ୍ଟ ୱାଟର, ଲୁମ୍ବିନୀ ବିହାର, ନ୍ୟୁ କେୟାର ହସ୍ପିଟାଲ, ସକାଳ ୭ଟା।
- ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘ ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଇଣ୍ଡିଆ କ୍ରାନ୍ତିକାରୀ କୃଷକ ସଭା (ଏଆଇକେକେଏସ୍) ପକ୍ଷରୁ ଗଣଧାରଣା, ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୦ଟା ୩୦।
- ବୀମା ଲୋକପାଳ ଦିବସ ପାଳନ, ପାନ୍ଥ ନିବାସ, ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ମହୋତ୍ସବ, ଭାଗବତ ସନ୍ଧାନ, ଜିଜିପି କଲୋନୀ ରୋଡ, ଅପରାହ୍ନ ୪ଟା ୩୦।
- ବାଲିଯାତ୍ରାର ଉଦ୍‌ଘାଟନୀ ସମାରୋହ, ଲଳିତକଳା ଏକାଡେମୀ, ଅପରାହ୍ନ ୫ଟା।
- ପରିବର୍ତ୍ତନର ପଥେ ପଥେ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, କେଳୁଚରଣ ଏକାଡେମୀ, ସ୍ୟାଣ୍ଡି ଟାୱାର ସମ୍ମୁଖ, ଅପରାହ୍ନ ୫ଟା।
- ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ ପକ୍ଷରୁ ଦ୍ୱାଦଶ କଳିଙ୍ଗ ହର୍ବାଲ ମେଳା, ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ଅପରାହ୍ନ ୫ଟା ୩୦।
- ନୃତ୍ୟାଞ୍ଜଳି ପକ୍ଷରୁ ୨୭ତମ ନୃତ୍ୟାଞ୍ଜଳି ଉତ୍ସବ ଓ ପୁରସ୍କାର ସମାରୋହ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦ ପକ୍ଷରୁ ରେବତୀକାନ୍ତ ଶାସ୍ତ୍ରୀଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଓ ସ୍ମାରକୀ ବକ୍ତୃତା, ସୂଚନା ଭବନ, ସନ୍ଧ୍ୟା ୬ଟା ୪୫।
- ପାଠାଗାର ଅନୁଷ୍ଠାନ ପକ୍ଷରୁ କାର୍ତ୍ତିକେଶ୍ୱର ପୂଜା ଅବସରରେ ମେଲୋଡି, ରୋଡ ନଂ-୧, ୟୁନିଟ-୯, ରାତି ୭ଟା।

**ଖୋର୍ଦ୍ଧା**

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ବାଲିଅନ୍ତା ବ୍ଲକ ପରିସର, ପୂର୍ବାହ୍ନ ୧୦ଟା।

**ବାଲିଅନ୍ତା**

- କାର୍ତ୍ତିକେଶ୍ୱର ପୂଜା ଅବସରରେ ମାଗଣା ଅପେରା ପରିବେଷଣ, ରୁଦ୍ରପୁର ପୂଜା ପଡ଼ିଆ, ରାତି ୧୧ଟା ୩୦।

**ସାକ୍ଷୀଗୋପାଳ**

- ରୁଦ୍ରାଭିଷେକ, କାର୍ତ୍ତିକ ମେଳା, ଅଳଗୁମ ଗତିଶ୍ୱର ଦେବଙ୍କ ମନ୍ଦିର, ସକାଳ ୯ଟା।

## ଆଦର୍ଶ ଶିକ୍ଷକଙ୍କ ପରଲୋକ



**ଭୁବନେଶ୍ୱର, ୧୦।୧୧, (ବ୍ୟୁରୋ):** ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ମିଶ୍ରଙ୍କ ରବିବାର ସକାଳ ୯ଟା ୪୫ରେ ପରଲୋକ ଘଟିଛି। ତାଙ୍କୁ ୮୬ ବର୍ଷ ବୟସ ହୋଇଥିଲା। ଭିଏସ୍‌ଏସ୍ ନଗରସ୍ଥିତ ନିଜ ବାସଭବନରେ ଶେଷଦର୍ଶନ ପରେ ଅପରାହ୍ନରେ ସତ୍ୟନଗର ଶ୍ମଶାନକୁ ନିଆଯାଇ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୂର୍ବରୁ ତାଙ୍କର ଏକମାତ୍ର ପୁତ୍ରଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବାରୁ ବଡ଼ ଝିଅ ଅଧାପିକା ଜ୍ୟୋତ୍ସ୍ନା ମିଶ୍ର ମୁଖାଗ୍ନି ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ସୁରମା ମିଶ୍ର, ୩ ଝିଅ, ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସେ 'ଧରିତ୍ରୀ'ର ପୂର୍ବତନ ପ୍ରକାଶକ ସ୍ୱର୍ଗତ ଦଣ୍ଡପାଣି ମିଶ୍ରଙ୍କ କନିଷ୍ଠ ଭ୍ରାତା। ସେ ଜଣେ ଆଦର୍ଶ ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ଶିକ୍ଷକତା ଜୀବନ କାଳରେ ସେ ପ୍ରକୃତିବନ୍ଧୁ ପୁରସ୍କାର ସମେତ ବହୁ ସମ୍ମାନ ଲାଭ କରିଥିଲେ। ସ୍ୱାଧୀନତା ପରଠାରୁ ଯେତେବେଳେ ଆଦିବାସୀ ଅଞ୍ଚଳକୁ ଶିକ୍ଷକତା କରିବାକୁ କେହି ଯାଉ ନ ଥିଲେ ସେତେବେଳେ ସେ ବିଭିନ୍ନ ଆଦିବାସୀ ହାଇସ୍କୁଲ୍‌ରେ ପ୍ରଧାନଶିକ୍ଷକ ଭାବେ ଚାକିରି କରିବାକୁ ମନ ବଳାଇଥିଲେ। କେବଳ ସେତିକି ନୁହେଁ, ଆଦିବାସୀ ଶିକ୍ଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସେ ନିଜକୁ ଉତ୍ସର୍ଗ କରିଥିଲେ।

# ରାତି ପାହିଲେ ବାଲିଯାତ୍ରା



## ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ









# ରିକ୍ସାଚାଳକଙ୍କୁ ମିଳିଲା ପରିଚୟପତ୍ର

**କଟକ ଅଫିସ, ୧୦।୧୧**

ଆସନ୍ତା ୧୨ରେ ଐତିହାସିକ କଟକ ବାଲିଯାତ୍ରା। ଏଥିପାଇଁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ ଜୋର୍‌ଦାର୍ ପ୍ରସ୍ତୁତି କରାଯାଉଛି। ବାଲିଯାତ୍ରା ପଡ଼ିଆରେ ଷ୍ଟଲ ନିର୍ମାଣ କାମ ଜାରି ରହିଥିବାବେଳେ କେତେଜଣ ବ୍ୟବସାୟୀ ଦୋକାନ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ସେହିପରି ଅନ୍ୟସ୍ଥାନରେ ମଧ୍ୟ ବ୍ୟବସାୟୀମାନେ ପ୍ରସ୍ତୁତି ଜାରି ରଖିଛନ୍ତି। ଚଳିତବର୍ଷ ବାଲିଯାତ୍ରାରେ ପାଖାପାଖି ୧୫୦୦ ଷ୍ଟଲ୍ ବିକ୍ରି କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଷ୍ଟଲ୍‌ରେ ବ୍ୟବସାୟ କରିବ ଓରମାସ୍। ଚଳିତବର୍ଷ ବାଲିଯାତ୍ରାକୁ ପ୍ରଦୂଷଣମୁକ୍ତ କରିବା ପାଇଁ ପ୍ରଶାସନ ରିକ୍ସା ବ୍ୟବହାର କରିବା ପାଇଁ ଅଣ୍ଟା ଭିଡ଼ିଛି। ଏ ନେଇ ପ୍ରଶାସନ ରବିବାର ରେଡ୍‌କ୍ରସ୍ ସୋସାଇଟି ସହଯୋଗରେ ୫୦୦ରୁ ଊର୍ଦ୍ଧ୍ୱ ରିକ୍ସାଚାଳକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବ୍ଲଡ୍ ଗ୍ରୁପ ଅନୁଯାୟୀ ପରିଚୟପତ୍ର ପ୍ରଦାନ କରିଥିଲା। ଏଥିସହ ସମସ୍ତ ରିକ୍ସାଚାଳକଙ୍କୁ ଡ୍ରେସ୍ ପ୍ରଦାନ ଏବଂ ବ୍ୟବହାରକୁ ନେଇ ଏକ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଶ୍ରୀକାନ୍ତ ତରେଇ, ରେଡ୍‌କ୍ରସ୍ ସୋସାଇଟିର ଅଧିକାରୀ ଏବଂ ରିକ୍ସା ଆସୋସିଏଶନର ସମ୍ପାଦକଙ୍କ ସହ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଏହାକୁ ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ସଂଯୋଜନା କରିଥିଲେ। ଅନ୍ୟପକ୍ଷରେ ବାଲିଯାତ୍ରା ସମୟରେ ରିକ୍ସାରେ ପରିଭ୍ରମଣ ନିମନ୍ତେ ସୋମବାର ସନ୍ଧ୍ୟା ସୁଦ୍ଧା ଦର ନିର୍ଦ୍ଧାରଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବାଲିଯାତ୍ରାରେ ପରିମଳ ଓ ବାସିଖାଦ୍ୟ ବିକ୍ରି ନ ହେବା ଉପରେ ପ୍ରଶାସନ ସହ କଟକ ମହାନଗର ନିଗମ (ସିଏମ୍‌ସି) ଗୁରୁତ୍ୱ ଦେଇଛି। ଏ ନେଇ ସିଏମ୍‌ସି କମିଶନର ଅନନ୍ୟା ଦାସ କହିଛନ୍ତି, ବାଲିଯାତ୍ରାକୁ ପଲିଥିନମୁକ୍ତ କରାଯିବ। ବାସିଖାଦ୍ୟ ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ୬ ଜଣ ଫୁଡ୍ ସେଫ୍ଟି ଅଫିସରଙ୍କୁ ନିୟୋଜିତ କରାଯିବ। ସୋମବାର ସନ୍ଧ୍ୟାରେ ବାଲିଯାତ୍ରା ପଡ଼ିଆରେ ସମସ୍ତ ବ୍ୟବସାୟୀଙ୍କୁ ନେଇ ଏକ ବୈଠକ କରାଯିବ। ଏଥିରେ ନୂତନ ଖାଦ୍ୟ ସୁରକ୍ଷା ଆଇନ, ପଲିଥିନ ବର୍ଜନ ଉପରେ ବ୍ୟବସାୟୀଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।





ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ର ଓ ଏଡିଏମ୍ ଶ୍ରୀକାନ୍ତ ତରାଇ 'ମୋ କଟକ ରିକ୍ସା'ରେ ବସିଛନ୍ତି।

### କଟକ ବାଲିଯାତ୍ରାକୁ ଜାତୀୟ ମାନ୍ୟତା ଦାବି

## କେନ୍ଦ୍ର ସରକାରଙ୍କୁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେବାକୁ ନିବେଦନ

**କଟକ ଅଫିସ,୧୦।୧୧:** କଟକ ବାଲିଯାତ୍ରାକୁ ରାଜ୍ୟସ୍ତରୀୟ ମାନ୍ୟତା ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ ଓ ସାଧାରଣ ସମ୍ପାଦକ ଭିକାରୀ ଦାସ କୃତଜ୍ଞତା ଜଣାଇଛନ୍ତି। ବାଲିଯାତ୍ରା କିପରି ଜାତୀୟ ସ୍ତରରେ ମାନ୍ୟତା ପାଇବ ସେ ଦିଗରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି। ସୂଚନାଥାଉ କି, ଦୁଇବର୍ଷ ତଳେ ଐତିହାସିକ ବାଲିଯାତ୍ରାକୁ ବନ୍ଦ କରିବା ପାଇଁ କେତେଜଣ ଖଳ ପ୍ରକୃତିର ବ୍ୟକ୍ତି ନ୍ୟାଶନାଲ ଗ୍ରୀନ ଟ୍ରିବୁନାଲରେ ମକଦ୍ଦମା କରିଥିଲେ। କଟକ ମହାନଗର ଶାନ୍ତି କମିଟି ଏହି ମକଦ୍ଦମାରେ ପକ୍ଷଭୁକ୍ତ ହୋଇ ବିଜୟ ଲାଭ କରିବା ଫଳରେ ଆଜି ବାଲିଯାତ୍ରା ହେବା ସମ୍ଭବପର ହୋଇପାରିଛି। ଶାନ୍ତି କମିଟି ପକ୍ଷରୁ ବିଭିନ୍ନ ସଭା ସମିତି ଜରିଆରେ ସମସ୍ତ ରାଜନୈତିକ ଦଳ, ଗଣମାଧ୍ୟମ ସହଯୋଗରେ ବାଲିଯାତ୍ରାକୁ ଜାତୀୟ ସ୍ତରର ମାନ୍ୟତା ପ୍ରଦାନ କରିବା ପାଇଁ ସ୍ୱର ଉତ୍ତୋଳନ କରାଯାଉଛି।

## ବାଲିଯାତ୍ରାରେ ବିକ୍ରି ହେବ ଟେରାକୋଟା ସାମଗ୍ରୀ

ବାଲିଯାତ୍ରାରେ ବିକ୍ରି ହେବ କଲିକତାରୁ ଆସିଥିବା ଟେରାକୋଟା ସାମଗ୍ରୀ। ଏଥିପାଇଁ ବାଲିଯାତ୍ରାରେ ପଡ଼ିଥିବା ଟେରାକୋଟା ସାମଗ୍ରୀରେ ବ୍ୟବସାୟୀମାନେ ରଙ୍ଗ ଦେଉଥିବା ଦେଖିବାକୁ ମିଳିଛି। ଏ ନେଇ ଟେରାକୋଟା ବ୍ୟବସାୟୀ ଚିରୋଦିପ ଦେ କହିଛନ୍ତି, ବାଲିଯାତ୍ରାକୁ ଆମେ ୧୦ ବର୍ଷ ହେଲା ଆସୁଛୁ। ଟେରାକୋଟା ଫୁଲଦାନି, ହାତୀ, କଳସ ଏବଂ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇ ବିକ୍ରି କରାଯାଉଛି। ଏହାର ମୂଲ୍ୟ ୩୦ ଟଙ୍କାରୁ ଆରମ୍ଭ କରି ୩୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

# ବାଲିଯାତ୍ରାରେ ଆକର୍ଷଣ ସାଜିବେ ଷ୍ଟାର

## ନିମନ୍ତ୍ରଣ ପତ୍ରରେ ସିଏମ୍‌ସି କମିଶନରଙ୍କ ନାଁ ନାହିଁ

**କଟକ ଅଫିସ, ୧୦।୧୧**

ଐତିହାସିକ ବାଲିଯାତ୍ରାରେ ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ବହୁ ତାରକା ଆସିବା କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରୁ ହିଁ ରକ୍‌ଷ୍ଟାର, ସଙ୍ଗୀତଜ୍ଞମାନଙ୍କର ଝଲକ ଦେଖିବାକୁ ମିଳିବ ବାଲିଯାତ୍ରା ପଡ଼ିଆରେ। ଉଦ୍‌ଘାଟନୀ ଦିବସ ଅର୍ଥାତ୍ ଆସନ୍ତା ୧୨ରେ କଣ୍ଠଶିଳ୍ପୀ ଋତୁରାଜ ମହାନ୍ତି ନିଜ କଣ୍ଠରେ ଲୋକଙ୍କୁ ବିମୋହିତ କରିବେ। ଏଥିସହିତ ଦଳେର ମେହେନ୍ଦି, ସୋନା ମହାପାତ୍ର, କେକେ, ଇରା ମହାନ୍ତି, ହ୍ୟୁମାନ ସାଗର, ଗୁଡ୍‌ଲି ରଥ, ଅସୀମା ପଣ୍ଡା ପ୍ରମୁଖ କଳାକାର ଆସିବାର କାର୍ଯ୍ୟକ୍ରମ ରହିଛି। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବାଲିଯାତ୍ରା ଉତ୍ସବକୁ ଉଦ୍‌ଘାଟନ କରିବେ। ଏଥିରେ ବିଶିଷ୍ଟ ଅତିଥି ଭାବେ ଇଣ୍ଡୋନେସିଆର ରାଷ୍ଟ୍ରଦୂତ ସିଦ୍ଧାର୍ଥୋ ରେଜା, ସମ୍ମାନିତ ଅତିଥି ଭାବେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଆଇନ ମନ୍ତ୍ରୀ ପ୍ରତାପ ଜେନା, ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଏମ୍‌ପି ଭର୍ତ୍ତୃହରି ମହତାବ, ଅନୁଭବ ମହାନ୍ତି, ରାଜଶ୍ରୀ ମଲ୍ଲିକ, ରାଜ୍ୟ ସଭା ସଦସ୍ୟ ନରେନ୍ଦ୍ର କୁମାର ସ୍ୱାଇଁଙ୍କ ସମେତ ବହୁ ବିଧାୟକ ଯୋଗଦେବେ। ପ୍ରଶାସନ ସମେତ କଟକ ମହାନଗର ନିଗମ(ସିଏମ୍‌ସି) ଏହି ବାଲିଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥାଏ। ବାଲିଯାତ୍ରା ପଡ଼ିଆ ସମେତ ଆଖପାଖ ରାସ୍ତାଘାଟ ଏବଂ ଅଞ୍ଚଳର ସଫେଇ, ବାଲିଯାତ୍ରାରେ ଯେପରି ବାସି ଖାଦ୍ୟ ବିକ୍ରି କରା ନ ଯାଏ ସେ ଦିଗରେ ଦୃଷ୍ଟି ଦିଆଯିବା କାର୍ଯ୍ୟ ସିଏମ୍‌ସି ଉପରେ ନ୍ୟସ୍ତ ଥାଏ। କିନ୍ତୁ ବାଲିଯାତ୍ରାରେ ପ୍ରସ୍ତୁତ ହୋଇଥିବା ନିମନ୍ତ୍ରଣପତ୍ରରେ ଚଳିତବର୍ଷ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ନାଁ ନ ଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି।

## ଦେବେନ୍ଦ୍ର ଦାଶଙ୍କୁ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ



**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ):** ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ବିଶିଷ୍ଟ ଲେଖକ ଡ. ଦେବେନ୍ଦ୍ର କୁମାର ଦାଶଙ୍କୁ 'ଦ୍ୱିତୀୟ ନଗେନ୍ଦ୍ରନାଥ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଛି। ରବିବାର ଭୁବନେଶ୍ୱରସ୍ଥିତ 'ଜୟ ଭାରତ' ସମ୍ମିଳନୀ କକ୍ଷରେ ବିଶିଷ୍ଟ ଲେଖକ ନଗେନ୍ଦ୍ର ନାଥ ପ୍ରଧାନଙ୍କ ୮୪ତମ ଜୟନ୍ତୀ ପାଳନ ଅବସରରେ ଏହି ସମ୍ମାନ ଦିଆଯାଇଛି। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ ଡ. ନିତ୍ୟାନନ୍ଦ ଶତପଥୀ ଯୋଗଦେଇ ନଗେନ୍ଦ୍ରନାଥଙ୍କ ସ୍ମୃତିଚାରଣ କରିବା ସହ ତାଙ୍କର ବହୁମୁଖୀ ପ୍ରତିଭା ବିଷୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ନାଇଜର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ବିକାଶ ଉପରେ ବର୍ଣ୍ଣନା କରିଥିଲେ। ଆୟୋଜିତ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା ଅତିଥିଙ୍କୁ ସମ୍ମାନିତ କରିଥିବାବେଳେ ଅନୁଷ୍ଠାନର ଅଧକ୍ଷ ଡ. ରମେଶ ପତ୍ରୀ ସଭା ପରିଚାଳନା କରିଥିଲେ।


### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଲୋକନାଥ ବିଶ୍ୱାଳ
ବିଶ୍ୱାଳସାହି, ବାଲୁଗାଁ
ଆବିର୍ଭାବ: ୧୮।୧୦।୧୯୩୩
ତିରୋଧାନ: ୦୧।୧୧।୨୦୧୯

ଆପଣଙ୍କ ସ୍ନେହ ଶ୍ରଦ୍ଧା କର୍ତ୍ତବ୍ୟ ପରାୟଣତା, ତ୍ୟାଗ, ଆଦର୍ଶ ଓ ସହନଶୀଳତା ଆମ୍ଭ ପାଇଁ ପଥପ୍ରଦର୍ଶକ ହେଉ। ଏକାଦଶାହ ଅବସରରେ ଆପଣଙ୍କ ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ପୁତ୍ର-ଅନିଲ୍, ସୁନୀଲ,
ବୋହୂ-ଅସୀମା, ପୁଷ୍ପାଞ୍ଜଳୀ,
ଅନଙ୍ଗ, ଅଜିତ୍, ମଞ୍ଜୁ, ଗୀତା, ନାତିନାତୁଣୀ ବୃନ୍ଦ
ଓ ଶୋକସନ୍ତପ୍ତ ପରିବାରବର୍ଗ

### ଏକ ସ୍ମୃତିର ଝଲକ...

ଏକାଦଶାହ ଉପଲକ୍ଷେ



୰ ଜଷ୍ଟିସ୍ ଶୁଭାଂସୁ କୁମାର ମହାନ୍ତି (ଅବସରପ୍ରାପ୍ତ)
ଆବିର୍ଭାବ: ୦୩।୦୨।୧୯୩୩
ତିରୋଧାନ: ୦୧।୧୧।୨୦୧୯

କୁଚିଣ୍ଡାନିବାସୀ ସ୍ୱର୍ଗତ ଶଶିଭୂଷଣ ମହାନ୍ତିଙ୍କ ସୁପୁତ୍ର ଥିଲେ ଶୁଭାଂସୁ କୁମାର ମହାନ୍ତି। ସେ ୧୯୩୩ରେ ବାମଣ୍ଡା ଇଷ୍ଟେଟ୍‌ରେ ଜନ୍ମଗ୍ରହଣ କରିଥିଲେ। ଦେବଗଡ଼ ରାଜକୁମାର ସ୍କୁଲରୁ ଶିକ୍ଷା ସମାପ୍ତ କରି ସେ ଖଲ୍ଲିକୋଟ କଲେଜରେ B.Sc. (Hons) ଏବଂ କଟକ M.S. Law Collegeରୁ LLB ପାସ୍‌କରି ତାଙ୍କ ମାମୁ ସ୍ୱର୍ଗତ ଆଡ଼ଭୋକେଟ୍ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ମାଧ୍ୟମରେ Law Practice କରିଥିଲେ। ୧୯୬୦ ମସିହାରେ ସେ Orissa State Judicial Serviceରେ ଉତ୍ତୀର୍ଣ୍ଣ ହୋଇ ପୁରୀରେ ମୁନ୍‌ସିଫ୍ ଭାବେ Join କଲେ। ଏହାପରେ ସେ ୧୯୭୮ରେ ପୁରୀରେ Additional District Judge ହୋଇଥିଲେ। ୧୯୭୯ରୁ ୧୯୮୧ ପର୍ଯ୍ୟନ୍ତ ସେ ଓଡ଼ିଶା ସରକାରଙ୍କ Law Departmentରେ Additional Legal Remembrancer cum Joint Secretary ଭାବେ କାର୍ଯ୍ୟ କରିଥିଲେ। ପରେ Cuttack Sales Tax Tribunalରେ Chairman ହୋଇ ୧୯୮୪ରୁ ୧୯୮୭ ପର୍ଯ୍ୟନ୍ତ ସମ୍ବଲପୁରରେ District and Sessions Judge ଭାବେ କାର୍ଯ୍ୟ ତୁଲାଇଥିଲେ। ଶେଷରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। Retirement ପରେ ମଧ୍ୟ ସେ ସରକାରଙ୍କ ବିଭିନ୍ନ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଥିଲେ। ରାଜଧାନୀ ରାସ୍ତା ଏହି ମାଷ୍ଟରକ୍ୟାଣ୍ଟିନ୍ ଛକ ନଭେମ୍ବର ମାସର ଅପରାହ୍ନରେ ଜନବସତି ଅନ୍ତରାଳରେ ଭୁବନେଶ୍ୱର ଆମ୍ରି ହସ୍ପିଟାଲରେ ଚାଲିଗଲ କିପରି ଆମ ସମସ୍ତଙ୍କୁ ମୁକ୍ତକରି ତୁମର ସେହି ବନ୍ଧନ ଭିତରୁ। ଆପଣ ଥିଲେ ଜଣେ ଧୀର, ଗମ୍ଭୀର ଏବଂ ସ୍ପଷ୍ଟବାଦୀ ବିଚାରକ। ଜ୍ୟେଷ୍ଠପୁତ୍ର ଶୁଭେନ୍ଦୁ OPGCରେ Engineer ଓ କନିଷ୍ଠପୁତ୍ର ସୌମେନ୍ଦ୍ର USAରେ Semiconductor Engineer ଭାବେ କାର୍ଯ୍ୟରତ । ତାଙ୍କର ଭଣଜା ଶ୍ରୀ ସଂଜୀବ କୁମାର ମହାନ୍ତି ବାଲେଶ୍ୱର ଜିଲ୍ଲାରେ ପୂର୍ତ୍ତ ବିଭାଗରେ ଅଧୀକ୍ଷଣ ଯନ୍ତ୍ରୀ ଅଛନ୍ତି ଓ ଶ୍ରୀ ରାଜୀବ କୁମାର ମହାନ୍ତି ଟାଟା କମ୍ପାନୀରେ ଜାମ୍‌ସେଦପୁରଠାରେ ପ୍ରମୁଖ ଭୂତତ୍ତ୍ୱବିତ୍ ଭାବେ ଅବସ୍ଥାପିତ। ତାଙ୍କ ଧର୍ମପତ୍ନୀ ୰ପ୍ରମୋଦା ମହାନ୍ତି ୩ ବର୍ଷ ପୂର୍ବରୁ ଇହଧାମ ପରିତ୍ୟାଗ କରିଛନ୍ତି। ଏହି ଭଗବତ ବିଶ୍ୱାସ ରଖି ମୋର ଧାରଣା ସ୍ୱର୍ଗରେ ପ୍ରମୋଦା ଭାଉଜ ନିଶ୍ଚିତ ଶୁଭାଂସୁ ଭାଇଙ୍କ ଆଗମନକୁ ଅପେକ୍ଷା କରିଥିବେ। ତୁହେଁ ସଶରୀରେ ପୁଣି ମର୍ତ୍ତ୍ୟକୁ ଫେରିବେ। ଏହା ହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

-ଶ୍ରୀ ବସନ୍ତ କୁମାର ମହାନ୍ତି, IAS (Retd.)
524, Vivekanandamarg, BBSR-2



ସୁପ୍ରିମକୋର୍ଟଙ୍କ ରାୟ ପରେ ଅଯୋଧ୍ୟାରେ ମନ୍ଦିର ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଯାଇଥିବାରୁ କେନ୍ଦ୍ର ସରକାର ବିଳମ୍ବ ନ କରି ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପରାମର୍ଶ ଦେଇଛି। ସ୍ଥପତି ଚନ୍ଦ୍ରକାନ୍ତ ସୋମପୁରାଙ୍କ ପ୍ରସ୍ତୁତ ଡିଜାଇନରେ ମନ୍ଦିର ନିର୍ମାଣ ଲାଗି ଭିଏଚ୍‌ପି ଦାବି କରିଛି। ୧୯୮୯ରେ ଭିଏଚ୍‌ପି ମୁଖ୍ୟ ଅଶୋକ ସିଂଘଲ ଖ୍ୟାତନାମା ସ୍ଥପତି ସୋମପୁରାଙ୍କୁ ମନ୍ଦିର ଡିଜାଇନ ପ୍ରସ୍ତୁତ କରିବାକୁ କହିଥିଲେ। ସେହି ଅନୁଯାୟୀ ମନ୍ଦିର ନିର୍ମାଣ ହେବା ଭିଏଚ୍‌ପି ଚାହେଁ ବୋଲି ଏହାର କାର୍ଯ୍ୟକାରୀ ଅଧ୍ୟକ୍ଷ ଆଲୋକ କୁମାର କହିଛନ୍ତି।

# ଅଯୋଧ୍ୟା ରାୟ: ପରିକଳ୍ପନାର ପ୍ରାଚୀର ଊର୍ଦ୍ଧ୍ୱରେ



ନୂଆଦିଲ୍ଲୀ,୧୦।୧୧

**"ସେଠାରେ ଏପରି କିଛି ଅଛି, ଯାହା ଏକ ପ୍ରାଚୀରକୁ ଭଲପାଏ ନାହିଁ"**

ଆମେରିକୀୟ କବି ରବର୍ଟ ଫ୍ରଷ୍ଟ ଯେତେବେଳେ ଏହି ପଂକ୍ତି ଲେଖିଥିଲେ, ଏହା ଶହେ ବର୍ଷ ପରେ କେତେ ଉପଯୁକ୍ତ ଭାବେ ଭାରତର ସୁପ୍ରିମକୋର୍ଟ କ୍ଷେତ୍ରରେ ଲାଗୁ ହେବ, ସେନେଇ ତାଙ୍କର ଧାରଣା ନ ଥିଲା। ସୁପ୍ରିମକୋର୍ଟଙ୍କ ସମାଧାନର ସମ୍ପୂର୍ଣ୍ଣ ତର୍କରେ ଯୁକ୍ତିର ଅଭାବ ଉପରେ ଗୋଟିଏ ଅଙ୍ଗୁଳି ନିର୍ଦ୍ଦେଶ କଲେ ବୁଝାପଡ଼ିବ ଯେ, ସର୍ବୋଚ୍ଚ ଅଦାଲତ ସେହି ଲୌହ-ଇଟାର ପ୍ରାଚୀରକୁ ହଟାଇବାକୁ ଉଦ୍ୟମ କରିଛନ୍ତି, ଯାହା ୧୮୫୬-୫୭ ମସିହାରେ ସାମ୍ପ୍ରଦାୟିକ ଦଙ୍ଗା ପରେ ବ୍ରିଟିଶମାନେ ଅଯୋଧ୍ୟାର ବିବାଦୀୟ ସମ୍ପତ୍ତିକୁ ଦୁଇଭାଗରେ ବିଭକ୍ତ କରି ନିର୍ମାଣ କରିଥିଲେ। ଗୋଟିଏ ଅନ୍ତଃ ପରିସର ଓ ୩ ଗମ୍ବୁଜ ଏବଂ ଅନ୍ୟଟି ହେଉଛି ବାହ୍ୟ ପରିସର। ସୁପ୍ରିମକୋର୍ଟ ଶନିବାର ତାଙ୍କ ରାୟରେ ଏହି ପ୍ରାଚୀରକୁ 'ଧୂମପରଦା' ବା ସ୍ମୋକ୍‌ସ୍କ୍ରିନ୍ ଭାବେ ଅଭିହିତ କରିଛନ୍ତି। ଏହାସହ ବିବାଦୀୟ ଜମିକୁ ଏକ ସାମଗ୍ରିକ ଭାବେ ଧରିନେଇଛନ୍ତି। ୧୮୫୬ରୁ ୧୮୫୭ ମଧ୍ୟରେ ନିର୍ମିତ ରେଲିଂ ଜମିର ବିଭାଜନ କିମ୍ବା ସ୍ୱତ୍ୱର ନିର୍ଦ୍ଧାରଣ କରାଇନାହିଁ।

## ଏହି ମୁଖ୍ୟ ବିନ୍ଦୁ ଉପରେ ଚୂଡ଼ାନ୍ତ ନିଷ୍କର୍ଷ ନିର୍ଭର କଲା କାହିଁକି

ଏହା କାହିଁକି କୋର୍ଟଙ୍କ ନିଷ୍ପତ୍ତିର ଚୂଡ଼ାନ୍ତ ପରିଣାମ ହେଲା, ତା'ର କାରଣ ହେଉଛି ୧୮୫୬-୫୭ରୁ ବାହ୍ୟ ପରିସରରେ ପୂଜା ଜାରି ରହିବା ନେଇ ହିନ୍ଦୁମାନଙ୍କ ପକ୍ଷରୁ ଦିଆଯାଇଥିବା ସମସ୍ତ ପ୍ରମାଣ ବିବାଦୀୟ ଭୂମିରେ ସାମଗ୍ରିକ ଭାବେ ସେମାନଙ୍କ ଦଖଲର ପ୍ରମାଣ ପାଲଟିଥିଲା। ବାହ୍ୟ ପରିସରରେ ଅବସ୍ଥିତ ରାମ ଚଉତରା, ସୀତା ରୋଷେଇ ଓ ଭଣ୍ଡାର ହିନ୍ଦୁମାନେ ପୂଜା କରୁଥିବା ନେଇ ମୁସ୍‌ଲିମମାନେ ସବୁବେଳେ ସ୍ୱୀକାର କରିଥିଲେ। ଅଦାଲତ ଏଥିରେ ଅତିରିକ୍ତ ଭାବେ ଉଲ୍ଲେଖ କରିଥିଲେ ଯେ, ହିନ୍ଦୁମାନେ ଏପରି କି ପ୍ରାଚୀର ବାହାରେ ପୂଜା କରୁଥିବାବେଳେ ପ୍ରକୃତରେ ସେମାନଙ୍କ ପୂଜାକୁ କେନ୍ଦ୍ରୀୟ ଗମ୍ବୁଜ ତଳେ ଥିବା ତିନୋଟି ଢାଞ୍ଚାର ଭୂମି ଆଡ଼କୁ ଉତ୍ସର୍ଗ କରୁଥିଲେ। ଏହି ତଥ୍ୟ ସମ୍ପର୍କରେ କେତେଜଣ ହିନ୍ଦୁ ସାକ୍ଷୀ ମଧ୍ୟ ସାକ୍ଷ୍ୟ ପ୍ରଦାନ କରିଛନ୍ତି।

ପ୍ରାଚୀର ସେପଟୁ ଦର୍ଶନ ସମ୍ପର୍କିତ ତଥ୍ୟକୁ କୋର୍ଟ ଅତିରିକ୍ତ ଭାବେ ବ୍ୟବହାର କରି ଆକଳନ କରିଥିଲେ ଯେ, ତିନି ଗମ୍ବୁଜ ଢାଞ୍ଚା ଭିତରେ ହିନ୍ଦୁଙ୍କ ପୂଜା ଓ ଶେଷରେ ଏହାର ଯୁକ୍ତିଯୁକ୍ତତା ଏହାକୁ ଦଖଲର ଏକ ପ୍ରମାଣ ସ୍ତରକୁ ଉନ୍ନୀତ କରିଥିଲା। ଏଥିସହ ଅଦାଲତ କହିଛନ୍ତି, ୧୮୫୬ରୁ ୧୯୪୯ ମଧ୍ୟରେ ତିନୋଟି ଅବସରରେ ତିନି ଗମ୍ବୁଜ ଢାଞ୍ଚାର ଅପବିତ୍ରୀକରଣ ଉଦ୍ୟମ ହୋଇଥିଲା। ଆଉ ସେହି ଉଦ୍ୟମକୁ ପ୍ରତ୍ୟେକ ଥର ପୋଲିସ ଓ ଦେୱାନୀ ଅଧିକାରୀମାନଙ୍କ ସହଯୋଗରେ ମୁସ୍‌ଲିମମାନେ ବିରୋଧ କରିଥିଲେ ବୋଲି ରେକର୍ଡରୁ ପ୍ରମାଣିତ ହୋଇଛି। ତେବେ ସେଠାରେ ହିନ୍ଦୁମାନଙ୍କ ଦ୍ୱାରା ନିରନ୍ତର ହସ୍ତକ୍ଷେପ କରାଯାଉଥିଲା ବୋଲି ଦର୍ଶାଇବା ପାଇଁ କୋର୍ଟ ଏହାକୁ ଏକ ତୃତୀୟ ପ୍ରମାଣ ଭାବେ ବ୍ୟବହାର କରିଥିଲେ।

ଆଇନରେ ଏହାର ବିପରୀତ ନିଷ୍କର୍ଷ ଯଦି କିଛିଥାଏ, ତେବେ ତାହା ହେଉଛି ବାସ୍ତବରେ ମୁସ୍‌ଲିମମାନେ ଅନ୍ତଃ ପରିସରକୁ ଦଖଲ କରୁଥିଲେ। ଏବଂ ସେମାନେ ନିଜ ଦଖଲରେ ହିନ୍ଦୁଙ୍କ ହସ୍ତକ୍ଷେପକୁ ବ୍ରିଟିଶ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ କର୍ତ୍ତୃପକ୍ଷଙ୍କ ସହଯୋଗରେ ବାଧା ଦେବା ପାଇଁ ସକ୍ଷମ ଥିଲେ।

## ୧୮୫୬ରୁ ନମାଜ ପାଠ ଜାରି ରହିଥିବା ମୁସ୍‌ଲିମମାନେ ପ୍ରମାଣ କରିପାରିଥାନ୍ତେ

ହିନ୍ଦୁମାନଙ୍କ ଦଖଲ ଅଧିକାରର ୩ ବୈଶିଷ୍ଟ୍ୟ ଥିଲା, ଯାହାକି (୧) ବାହ୍ୟ ପରିସରରେ ପୂଜା, ଯାହାକି ପ୍ରାଚୀର ହଟାଇଦେବା ପରେ ବନ୍ଦ ହୋଇଯାଇଥିଲା (୨) ଯାତ୍ରୀମାନେ ଗ୍ରୀଲ ଦେଇ ଦର୍ଶନ ଅନୁମତି ପାଇଥିଲେ (୩) ୧୦୦ ବର୍ଷ ମଧ୍ୟରେ ତିନି ଗମ୍ବୁଜକୁ ଅପବିତ୍ର କରିବା ପାଇଁ ଉଦ୍ୟମ। ତେବେ ୧୮୫୬ରୁ ତିନି ଗମ୍ବୁଜ ଓ ଅନ୍ତଃ ପରିସରରେ ମୁସ୍‌ଲିମମାନେ ନମାଜ ପାଠ ଜାରି ରଖିଥିଲେ ବୋଲି ଏହି ଉଦ୍ୟମ ବିରୋଧରେ ସେମାନେ ପ୍ରମାଣ କରିବା ପାଇଁ ସକ୍ଷମ ଥିଲେ। ହେଲେ ଏହା ପୂର୍ବରୁ ଦସ୍ତାବିଜ ଆକାରରେ ସେମାନଙ୍କ ପାଖରେ କୌଣସି ପ୍ରମାଣ ଉପଲବ୍ଧ ନ ଥିବାରୁ ମୁସ୍‌ଲିମମାନେ ଅପରପକ୍ଷର ଦାବିକୁ ମାନି ନେଇଥିଲେ ଏବଂ ଅନ୍ତଃ ପରିସର ଉପରେ କେବଳ ଦଖଲ ଅଧିକାର ଦାବି କରିଥିଲେ। ଏହାପରେ କୋର୍ଟ ଉଭୟ ପକ୍ଷଙ୍କଠାରେ ଭିନ୍ନ ଭିନ୍ନ ମାପଦଣ୍ଡ ପ୍ରୟୋଗ କରି କହିଥିଲେ ଯେ, ହିନ୍ଦୁମାନେ ସେମାନଙ୍କ ଦଖଲ ଅଧିକାର ପୂଜା ମାଧ୍ୟମରେ ପ୍ରମାଣିତ କରିପାରିଛନ୍ତି। କିନ୍ତୁ ମୁସ୍‌ଲିମ ପକ୍ଷ ସେମାନଙ୍କ ଦାବିକୁ ପ୍ରମାଣିତ କରିବାରେ ବିଫଳ ହୋଇଛନ୍ତି। ଏହାକୁ ଭିତ୍ତିକରି ଅଦାଲତ ବିବାଦୀୟ ଜମିର ମାଲିକାନା ସ୍ୱତ୍ୱ ରାମ ଲାଲାଙ୍କ ସପକ୍ଷରେ ଦେଇଛନ୍ତି। 'ଉତ୍ତମ ବାଡ଼ ଭଲ ବନ୍ଧୁ ସୃଷ୍ଟି କରିପାରେ' ବୋଲି ରବର୍ଟ ଫ୍ରଷ୍ଟଙ୍କ ଉକ୍ତି ନିଶ୍ଚିତ ଭାବେ ଭୁଲ। କାରଣ ଉତ୍ତମ ବାଡ଼ ଆମ ପରିକଳ୍ପନାର ଏକ ମନଗଢ଼ା କଥା; ସେହିପରି ଆମ ପ୍ରତିବେଶୀମାନେ ମଧ୍ୟ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ମାଇଲି ଘାଏଁ**
**ଗଲା ଭେଦୁଅ ଯାଏ।**

ସାଧାରଣତଃ କାମରେ ଢିଲା ମାରୁଥିବା ଲୋକ କୌଣସି କାମକୁ ସେତେଟା ଗୁରୁତ୍ୱ ଦେଇ ନ ଥାନ୍ତି। ଜୋର ଦେଇ ବା ମନବଳାଇ ଗୋଟିଏ କାମକୁ ଥରେ କରି ଦେଲା ପରେ ଆଉ ସେ କାମରେ ହାତ ଦେଇ ନ ଥାନ୍ତି କି ସେଥିପ୍ରତି ନିଘା ରଖି ନ ଥାନ୍ତି। ଏହି ଧରଣର ବ୍ୟକ୍ତି ସମାଜରେ ଖାମଖିଆଲି ଲୋକ ଭାବରେ ପରିଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଟକି ନ ରହି ଅଳସରେ**
**ରଟରଟ ଚଳ ବିଳାସରେ।**

କିଛି ବ୍ୟକ୍ତି ଅଳସୁଆ ପ୍ରକୃତିର ହୋଇଥାନ୍ତି। କାମଦାମ ନ କରି ବସି ଶୋଇ ସମୟ ନଷ୍ଟ କରିବା ସହ ନିଜ ଜୀବନକୁ ମାଟି କରିଥାନ୍ତି। ହାତ ବନ୍ଦ କରି ବସିରହିବା ଫଳରେ ତାହାର କୁପ୍ରଭାବ ତାଙ୍କ ଶରୀର ଓ ମନ ଉପରେ ପଡ଼ିଥାଏ। କିନ୍ତୁ ଯିଏ ଆନନ୍ଦ ଉଲ୍ଲାସ ମଧ୍ୟରେ ରହିଥାଏ ତା'ର ଶରୀର ଓ ମନରେ ଏକପ୍ରକାର ସ୍ଫୂର୍ତ୍ତି ଆସିଥାଏ। ଜୀବନକୁ ଜିଇବାର କଳା ସେ ହିଁ ଜାଣି ପାରିଥାଏ। ତେଣୁ ଆଳସ୍ୟ ଅପେକ୍ଷା ବିଳାସିତା ଶ୍ରେୟସ୍କର ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଲେ କେନ୍ଦ୍ରାଞ୍ଚଳ ଆର୍‌ଡିସି

# ୫ ଦିନ ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦିଅ

ଭଦ୍ରକ ଅଫିସ/ବାଲେଶ୍ୱର ଅଫିସ, ୧୦।୧୧

ବାତ୍ୟା ବୁଲ୍‌ବୁଲ୍ ଶନିବାର ସନ୍ଧ୍ୟାରେ ଓଡ଼ିଶା ଉପକୂଳ ଅତିକ୍ରମ କରି ପଶ୍ଚିମବଙ୍ଗ ନିକଟସ୍ଥ ସାଗରଦ୍ୱୀପରେ ସ୍ଥଳଭାଗ ଛୁଇଁଛି। ଏହା ଓଡ଼ିଶା ଉପକୂଳ ଅତିକ୍ରମ କରିବା ବେଳେ ଭଦ୍ରକ ଜିଲାର ଚାନ୍ଦବାଲି, ଧାମରା, ବାସୁଦେବପୁର ସମେତ ବାଲେଶ୍ୱର ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାଞ୍ଚଳ ଆର୍‌ଡିସି ଅନିଲ କୁମାର ସାମଲ ରବିବାର ଭଦ୍ରକ ଗସ୍ତରେ ଆସି ଚାନ୍ଦବାଲିର ବାତ୍ୟା ବିଧ୍ୱସ୍ତ ଅଞ୍ଚଳ ବୁଲିବା ସହ ସମସ୍ତ କ୍ଷୟକ୍ଷତିର ସମୀକ୍ଷା କରି ଫେରିଛନ୍ତି। ଚାନ୍ଦବାଲି ଓ ବାସୁଦେବପୁର ଅଞ୍ଚଳରେ ଅଧିକ କ୍ଷୟକ୍ଷତି ଘଟିଥିବା ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟରେ ବିଭିନ୍ନ ଅଧିକାରୀ ଓ ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ସହ ଆଲୋଚନା ବେଳେ ସୂଚନା ଦିଆଯାଇଥିଲା। ସେଠାରେ କ୍ଷୟକ୍ଷତିର ପ୍ରାଥମିକ ରିପୋର୍ଟକୁ ସେ ତର୍ଜମା କରିଥିଲେ। ଚାନ୍ଦବାଲିରୁ ଡିହିଡ଼ି ଆସିବା ରାସ୍ତାରେ କ୍ଷତିଗ୍ରସ୍ତ ଚାଷଜମି ଓ ଗାଁ ବୁଲି ଦେଖିଥିଲେ। ଶେଷରେ ଅପରାହ୍ନରେ ଭଦ୍ରକ ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଅଧିକାରୀମାନଙ୍କ ସହ ଆର୍‌ଡିସି ଆଲୋଚନା କରି କ୍ଷୟକ୍ଷତିର ସମୀକ୍ଷା କରିଥିଲେ। ଆଗାମୀ ୫ ଦିନ ମଧ୍ୟରେ ଚାଷଜମି କ୍ଷୟକ୍ଷତିର ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରିବାକୁ ସେ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜସ୍ୱ ଓ କୃଷି ବିଭାଗ ମିଳିତ ଭାବେ କ୍ଷୟକ୍ଷତିର ପୂର୍ଣ୍ଣାଙ୍ଗ ଆକଳନ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରକୃତ କ୍ଷତିଗ୍ରସ୍ତ ଚାଷୀ ଓ ହିତାଧିକାରୀ ଯେଭଳି ବାଦ୍ ନ ପଡ଼ନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ସେ ତାଗିଦ୍ କରିଥିଲେ।

ବାଲେଶ୍ୱର ଜିଲାରେ କ୍ଷୟକ୍ଷତିର ପ୍ରାଥମିକ ଅଟକଳ ଜାରି ରହିଥିବାରୁ ସବିଶେଷ ରିପୋର୍ଟ ମିଳି ନାହିଁ। ମୋଟ ୩୬୨ଟି ଘର ବାତ୍ୟାରେ ଭାଙ୍ଗିଥିବା ପ୍ରାଥମିକ ଅନୁଧ୍ୟାନରୁ ଜଣାପଡ଼ିଛି। ଏହି ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି କୁହାଯାଉଛି। ଜିଲାର ବାତ୍ୟା ପ୍ରଭାବିତ ଭୋଗରାଇ, ବାଲିଆପାଳ, ଜଳେଶ୍ୱର, ବସ୍ତା, ସଦର ରେମୁଣା, ବାହାନଗା, ସୋର, ସିମୁଳିଆ, ନୀଳଗିରି ବ୍ଲକରେ ଶହ ଶହ ଏକର ଧାନଜମି ପାଣିରେ ପଡ଼ି ରହିଥିବା ସୂଚନା ମିଳିଛି।

ଭଦ୍ରକ ଜିଲାର ୭ଟି ବ୍ଲକର ୯୮୦ ଗାଁର ୫ ଲକ୍ଷ ୫୦ ହଜାର ଲୋକ ବୁଲ୍‌ବୁଲ୍ ବାତ୍ୟାରେ ପ୍ରଭାବିତ ହୋଇଥିବା ପ୍ରାଥମିକ ଭାବେ ଆକଳନ କରାଯାଇଛି। ମୋଟ ୪,୪୯୪ ଘର ଭାଙ୍ଗିଛି। ୩ ଶହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ନଷ୍ଟ ହୋଇଯାଇଥିବା ବେଳେ ୧୦୦ଟି ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଓଲଟି ପଡ଼ିଛି। ୮ଟି ୩୩ କେଭି ଖୁଣ୍ଟ ଭାଙ୍ଗି ପଡ଼ିଥିବାବେଳେ ୩୦ଟି ଟ୍ରାନ୍ସଫର୍ମର ଭୁଇଁରେ ଲୋଟି ପଡ଼ିଛି। ଗଛ ଓ ବିଦ୍ୟୁତ୍ ଖୁଣ୍ଟ ପଡ଼ି ୧୫୬ ରାସ୍ତା ଅବରୋଧ ହୋଇଥିଲା। ବର୍ତ୍ତମାନ ସମସ୍ତ ରାସ୍ତା ଉପରୁ ଗଛ ଓ ବିଦ୍ୟୁତ୍ ଖୁଣ୍ଟ ହଟେଇ ଦିଆଯାଇଥିବା ସୂଚନା ମିଳିଛି।

# 'ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ନେଇ ମଧ୍ୟ ରହିବ ନିୟମ'

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ରାଜ୍ୟର ଗ୍ରାମାଞ୍ଚଳରେ ଗୃହ ନିର୍ମାଣ ନେଇ କେତେକ ନିୟମ କରାଯାଇଛି। ୫୦୦ ବର୍ଗ ମିଟରରୁ ଅଧିକ ଅଥବା ୨ ମହଲା ବିଶିଷ୍ଟ ଗୃହ ନିର୍ମାଣ ପାଇଁ ଏଣିକି ସମ୍ପୃକ୍ତ ଜିଲାର ଟାଉନ ପ୍ଲାନିଂ ୟୁନିଟ୍‌ର ମଞ୍ଜୁରୀ ଆବଶ୍ୟକ। ହେଲେ ୫୦୦ ବର୍ଗ ମିଟର, ଜି ପ୍ଲସ ୨ ଉଚ୍ଚତା ଏବଂ ଏକ ଏକର ପର୍ଯ୍ୟନ୍ତ ଲେ-ଆଉଟ ପ୍ଲାନ ପାଇଁ ମଞ୍ଜୁର ଆବଶ୍ୟକ ନ ଥିବା ଜଣାପଡ଼ିଛି। ନିକଟରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରୁ ଏହା ଜଣାପଡ଼ିଛି। ବିଭିନ୍ନ ଉନ୍ନୟନ ସଂସ୍ଥା, ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ, ସ୍ୱତନ୍ତ୍ର ଯୋଜନା ପରିଷଦ ଅନ୍ତର୍ଗତ ହେଉ ନ ଥିବା ସ୍ଥାନ ପାଇଁ ଏହା ଲାଗୁ ହେବ। ନୂତନ ବିଜ୍ଞପ୍ତି ଅନୁଯାୟୀ, ଓଡ଼ିଶା ସ୍ୱତନ୍ତ୍ର ପ୍ଲାନିଂ ସଂସ୍ଥା ଏବଂ ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ ସାଧାରଣ ଯୋଜନା ଏବଂ ବିଲ୍ଡିଂ ମାନକ ନିୟମ-୨୦୧୭ ଗ୍ରାମାଞ୍ଚଳ ପାଇଁ ଲାଗୁ କରାଯିବ। ଏ ସମ୍ବନ୍ଧୀୟ ନିର୍ମାଣ ପାଇଁ ପଞ୍ଚାୟତ ସମିତି(ବ୍ଲକ) ଆବେଦନ ଗ୍ରହଣ ସହ ବିଚାର କରି ଟାଉନ୍ ପ୍ଲାନିଂ ୟୁନିଟ୍‌କୁ ପଠାଇବ। ଏହି ୟୁନିଟ୍ ହିଁ ବୈଷୟିକ ବିଷୟ ସମ୍ବନ୍ଧୀୟ ମଞ୍ଜୁରୀ ପ୍ରଦାନ କରିବ। ସେହିପରି ଅନୁମୋଦନ ନ ଥାଇ ନିର୍ମାଣ କାର୍ଯ୍ୟ ହୋଇଥିଲେ, ପରବର୍ତ୍ତୀ ସମୟରେ କାର୍ଯ୍ୟକାରୀ କରୁଥିବା ପ୍ଲାନିଂ ଆଣ୍ଡ ବିଲ୍ଡିଂ ଷ୍ଟାଣ୍ଡାର୍ଡ ରେଗୁଲେଶନ ଦ୍ୱାରା ନିୟମିତ ହେବ। ଏଥିସହିତ ଆଦାୟ ହେବାକୁ ଥିବା ଜରିମାନାକୁ ସମ୍ପୃକ୍ତ ଗ୍ରାମ ପଞ୍ଚାୟତରେ ଜମା କରାଯିବ।

# ମାଓବାଦୀ ନାମରେ ଗଛ କାଟି ରାସ୍ତା ଅବରୋଧ

ଝରିଗାଁ,୧୦।୧୧(ସ୍ୱ.ପ୍ର)

ନବରଙ୍ଗପୁର ଜିଲା ଝରିଗାଁ-ଚନ୍ଦାହାଣ୍ଡି ଘାଟିରେ ଶନିବାର ବିଳମ୍ବିତ ରାତିରେ ଗଛ କାଟି ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। କଟାଯାଇଥିବା ଗଛ ନିକଟରେ ମାଓବାଦୀଙ୍କ ନାମରେ ଏକ ପୋଷ୍ଟର ଲଗାଯାଇଥିଲା। ତେବେ କେହି ଦୁର୍ବୃତ୍ତ ଗଛ କାଟି ରାସ୍ତା ଅବରୋଧ କରି ମାଓବାଦୀ ନାମରେ ପୋଷ୍ଟର ମାରିଥିବା ପୋଲିସ ସନ୍ଦେହ କରୁଛି। ଚନ୍ଦାହାଣ୍ଡି ମେଡିକାଲରେ ରହିଥିବା ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ନବରଙ୍ଗପୁରରେ ଛାଡି ଚନ୍ଦାହାଣ୍ଡିକୁ ଫେରିବା ସମୟରେ ଘାଟିରେ ଗଛ ପଡି ରାସ୍ତା ଅବରୋଧ ହୋଇଥିଲା। ଏହାପରେ ଆମ୍ବୁଲାନ୍ସ କର୍ମଚାରୀ ଆଗକୁ ନ ଯାଇ ହାତୀବାଡି ଗ୍ରାମ ରାସ୍ତାକଡରେ ଥିବା ଗୋଟିଏ ହୋଟେଲ୍ ନିକଟରେ ରାତିରେ ରହିଥିଲେ। ସକାଳୁ କର୍ମଚାରୀ ଗଛକୁ ହଟାଇ ଚନ୍ଦାହାଣ୍ଡି ଫେରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଥିଲା। ସେଠାରୁ ଭାରତୀୟ କମ୍ୟୁନିଷ୍ଟ କ୍ରାନ୍ତିକାରୀ ମାଓବାଦୀ ମୈନପୁର ଇନ୍ଦଗାଁ ଡିଭିଜନ ନାମରେ ଲେଖାଯାଇଥିବା ଏକ ପୋଷ୍ଟର ପୋଲିସ ଜବତ କରିଛି। ଜଙ୍ଗଲରେ ରହୁଥିବା ଲୋକମାନଙ୍କୁ ଜଙ୍ଗଲ ଅଧିକାର ଏବଂ ବେକାର ଯୁବକଙ୍କୁ ରୋଜଗାର ଦେଉନଥିବା ପ୍ରତିବାଦରେ ରାଜ୍ୟ ସରକାରଙ୍କ ବିରୋଧରେ ସଂଘର୍ଷ କରିବା ପାଇଁ ଏଥିରେ ଆହ୍ୱାନ ଦିଆଯାଇଛି। ରବିବାର ସନ୍ଧ୍ୟାରେ ମଧ୍ୟ ଗଛ କାଟି ଝରିଗାଁ-ଚନ୍ଦାହାଣ୍ଡି ଘାଟି ରାସ୍ତା ଅବରୋଧ କରାଯାଇଛି। ଏ ନେଇ ଝରିଗାଁ ଥାନା ଅଧିକାରୀ ନରେଶ କୁମାର ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ ଯେ, ପ୍ରାଥମିକ ତଦନ୍ତରୁ ଏହା ମାଓବାଦୀଙ୍କ ନାମରେ କେହି ଦୁର୍ବୃତ୍ତ ଏଭଳି କାମ କରିଥିବ ବୋଲି ସନ୍ଦେହ କରାଯାଉଛି।

# ଯୁବକଙ୍କୁ ଦାନ୍ତରେ ଭୁସିଦେଲା ଦନ୍ତା

**ପରଜଙ୍ଗରେ ଥମୁନି ହାତୀ ଆତଙ୍କ**



■ ବନ ବିଭାଗ ଉପରେ ଦୋଷ ଲଦିଲେ ଗ୍ରାମବାସୀ
■ ଶୀଘ୍ର ପ୍ରତିକାର ନ କଲେ ଆନ୍ଦୋଳନ ଚେତାବନୀ

ପରଜଙ୍ଗ, ୧୦।୧୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳରେ ହାତୀ ଆତଙ୍କ ଚରମସୀମାରେ ପହଞ୍ଚିଛି। ଜନବସତିରେ ହାତୀପଲର ଉପଦ୍ରବ ଏବଂ ଆକ୍ରମଣରେ ବ୍ୟାପକ ଧନଜୀବନ ହାନି ହେଉଛି। ରବିବାର ସନ୍ଧ୍ୟାରେ ପାଟରପଦା ମେଡ଼ିକାଲ ନିକଟରେ ଏକ ଦନ୍ତା ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କଟାବାହାଳ ଗ୍ରାମର ସୁଦର୍ଶନ ଦାସ (୩୬)। ସୁଦର୍ଶନ ଶୌଚ ହେବାକୁ ଯାଉଥିବା ବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲା। ସେ ପ୍ରାଣବିକଳରେ ଦୌଡ଼ି ପଳାଉଥିବାବେଳେ ହାତୀଟି ତାଙ୍କ ଡାହାଣ ଗୋଡ଼କୁ ଦାନ୍ତରେ ଭୁସି ଦେଇଥିଲା। ଏଥିସହ ଛାତି ଉପରେ ଚଢ଼ିଯାଇ ପଳାଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଡିହଡୋଳ ଫରେଷ୍ଟର ରାମଚନ୍ଦ୍ର ରାଉତ ଗୁରୁତରଙ୍କ ଚିକିତ୍ସା ପାଇଁ ୫ ହଜାର ଟଙ୍କା ସହାୟତା ଦେଇଛନ୍ତି। ମହାବିରୋଡ଼ ରେଞ୍ଜର ସୁବ୍ରତ ବେହେରା, ଗାର୍ଡ ଲୁସ୍ମିତା ସିଂ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଛନ୍ତି।

ଗ୍ରାମବାସୀଙ୍କ କହିବା କଥା, ଅଞ୍ଚଳରେ ଦିନକୁ ଦିନ ହାତୀ ଆତଙ୍କ ବଢ଼ିଚାଲିଛି। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ବନ ବିଭାଗ ବାଣ ମାରୁଛି। ଏଥିରେ ହାତୀପଲ ଅଧିକ ହିଂସ୍ର ହୋଇଉଠୁଛନ୍ତି। ଅଞ୍ଚଳରେ ୧୧୫ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ପଲରେ ବିଭକ୍ତ ହୋଇ ବିଚରଣ କରୁଛନ୍ତି। ହାତୀ ଉପସ୍ଥିତି ସମ୍ପର୍କରେ ସୂଚନା ଦେଲେ ବନ କର୍ମଚାରୀ ପହଞ୍ଚୁନାହାନ୍ତି। ଫଳରେ କ୍ଷୟକ୍ଷତି ପରିମାଣ ବଢ଼ିବାରେ ଲାଗିଥିବା ସେମାନେ ଅଭିଯୋଗ କରିଛନ୍ତି। ହାତୀପଲକୁ ଅନ୍ୟତ୍ର ଘଉଡ଼ାଇବା ବ୍ୟବସ୍ଥା ନ କଲେ ବାଧ୍ୟ ହୋଇ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ହାତୀ ଘଉଡ଼ାଇବାକୁ ବାଣ ମରାଯାଉଥିବା ସମ୍ପର୍କରେ ରେଞ୍ଜର କୁହନ୍ତି, ତାଙ୍କ ଅଜାଣତରେ ଏପରି ହୋଇଥାଇପାରେ। ଏ ନେଇ ସେ ଅନୁଧ୍ୟାନ କରିବେ ବୋଲି କହିଛନ୍ତି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
MICRO FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
8278449759
8901395759
B-34/7 A Block Vijay Enclave, Bururi, New Delhi

ନବବର୍ଷର ଶୁଭ ଅବସରରେ
ଋଣ ଧମାକା ଋଣ ଧମାକା ଋଣ ଧମାକା
ଗ୍ଲୋବାଲ ଫାଇନାନ୍ସ ଲିଃ ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
9415725066
H.No. 12, Sohana Distt. Mohali

ନବବର୍ଷର ଶୁଭ ଅବସରରେ
ଭାରତର ନଂ.1 କମ୍ପାନୀ, 1984ଠାରୁ ଆପଣଙ୍କ ସେବାରେ
ଧନଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ REG. NO. BG3274CH1122
ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9499135756
B-34/7 A Block Vijay Enclave, Bururi, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE ଯୋଗାଇ ଦେଉଛି। ସୁଧ=1%
M = 7656825259, 7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଭାରତର ନଂ. 1 କମ୍ପାନୀ
Hindusthan Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇୱେ ପାର୍ଶ୍ୱ ଜମିରେ DIGITAL ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଆଡ୍‌ଭାନ୍ସ: 60 ଲକ୍ଷ
ଭଡ଼ା: 60 ହଜାର
94735-96956, 98070-64437
ADDRESS: T-51, GAUTAMPURI, DELHI

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 60 ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

Registration Free..Govt. Approved
ସିୟା ରାମ ରିଲାଏନ୍ସ JEO
କଂପାନୀ ଦ୍ୱାରା ନିଜର ଖାଲି ଜମି ଓ ଛାତ ଉପରେ 3G/4G ରେଡିଏସନ ଫ୍ରୀ ଉପକରଣ ବସାଇ ଅଗ୍ରୀମ ୨0,000,00/- ପାଆନ୍ତୁ ଓ ମାସକୁ ଭଡା ୨0,000/- ଟଙ୍କା ପାଆନ୍ତୁ। ଚାକିରି + ୨୦ ବର୍ଷର କୋଟ ଅଗ୍ରୀମେଣ୍ଟ
Plot No - 15/012, Devaraja Mohalla, Bangalore, Karnataka 570001
9529777097
9560376626

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154




DHARITRI Career appointment Every Wednesday and Saturday

COLOR DISPLAY CLASSIFIED

| SIZE | 15 days | 8 days | 4 days | Single day | |
|---|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 | GST 5% will be added extra |

on every Tuesday & Friday



"ଛାତ୍ରୀଛାତ୍ରଙ୍କୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସେମାନଙ୍କ ମାତୃଭାଷାରେ ଶିକ୍ଷାଦାନ କରାଯିବା ଉଚିତ। ସରକାର ଏଦିଗରେ ପଦକ୍ଷେପ ନିଅନ୍ତୁ।
-ଏମ୍‌. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି



## ସଂକ୍ଷେପରେ

### ବାଂଲାଦେଶରେ ବାତ୍ୟା: ୧୦ ମୃତ

ଢାକା,୧୦।୧୧(ପି.ଟି.): ରବିବାର ସାମୁଦ୍ରିକ ବାତ୍ୟା ବୁଲ୍‌ବୁଲ୍ ବାଂଲାଦେଶରେ ବ୍ୟାପକ କ୍ଷୟକ୍ଷତି କରିଛି। ବିଭିନ୍ନ ସ୍ଥାନରେ କାନ୍ଥ ଭୁଶୁଡି କିମ୍ବା ଗଛ ପଡି ୧୦ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ୨୧ ଲକ୍ଷଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ୫୦୦୦ ବାତ୍ୟା ଆଶ୍ରୟସ୍ଥଳରେ ୧୪ ଲକ୍ଷ ଲୋକଙ୍କୁ ରଖାଯାଇଥିଲା। ବାତ୍ୟା ପ୍ରଭାବରେ ୧୨୦ କିଲୋମିଟର ବେଗରେ ପବନ ବହିବା ସହ ପ୍ରବଳ ବର୍ଷା ହୋଇଥିଲା।

### ଏନ୍‌କାଉଣ୍ଟରରେ ଆତଙ୍କବାଦୀ ନିହତ

ବନ୍ଦିପୋରା,୧୦।୧୧: ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲାରେ ରବିବାର ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ଜଣେ ଆତଙ୍କବାଦୀ ନିହତ ହୋଇଛନ୍ତି। ମୃତ ଆତଙ୍କବାଦୀଙ୍କ ପରିଚୟ ମିଳିନାହିଁ। ଗୁଳି ବିନିମୟ ଜାରି ରହିଛି। ଆତଙ୍କବାଦୀମାନେ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇ ସୁରକ୍ଷା ବଳ ତଲାସି ଅଭିଯାନ ଚଳାଇଥିବାବେଳେ ଏନ୍‌କାଉଣ୍ଟର ହୋଇଥିଲା। ଆତଙ୍କବାଦୀମାନେ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷା ବାହିନୀ ଏହାର ପାଲଟା ଜବାବ ଦେଇଥିଲା।

### ଝାଡ଼ଖଣ୍ଡ ନିର୍ବାଚନ ୫୨ ପ୍ରାର୍ଥୀଙ୍କ ନାଁ ଘୋଷଣା କଲା ଭାଜପା

ନୂଆଦିଲ୍ଲୀ,୧୦।୧୧(ପି.ଟି.): ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଲାଗି ଭାଜପା ରବିବାର ପ୍ରଥମ ପର୍ଯ୍ୟାୟରେ ୫୨ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ଭାଜପା ପୁଣି ଥରେ କ୍ଷମତାରେ ରହିବା ପାଇଁ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷରେ ଏଥର ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବା ଲାଗି କଂଗ୍ରେସ ଏବଂ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ଆସନଗୁଡିକ ଲାଗି ମୁଖ୍ୟତଃ ଭାଜପା ତା'ର ପ୍ରାର୍ଥୀ ଘୋଷଣା କରିଥିବା ଦଳର କାର୍ଯ୍ୟାକାରୀ ଅଧ୍ୟକ୍ଷ ଜେ.ପି. ନଡ୍ଡା କହିଛନ୍ତି। ଅନ୍ୟ ୪ ପର୍ଯ୍ୟାୟ ପାଇଁ ମଧ କେତେଜଣଙ୍କ ନାଁ ପ୍ରକାଶ କରାଯାଇଛି । ଝାଡ଼ଖଣ୍ଡରେ ନଭେମ୍ବର ୩୦ରୁ ୫ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଡିସେମ୍ବର ୨୩ରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ।

ଇତିହାସର ଆଇନାରେ

### ନଭେମ୍ବର ୧୧ର ପ୍ରମୁଖ ଘଟଣା

୧୯୬୧ ନଭେମ୍ବର ୧୧ରେ ଜାତିସଂଘ ଶାନ୍ତିରକ୍ଷା ବାହିନୀରେ ସାମିଲ ଥିବା ଇଟାଲୀ ବାୟୁସେନାର ୧୩ ଜଣ ସୈନ୍ୟଙ୍କୁ କିଣ୍ଡୁଠାରେ ହତ୍ୟା କରାଯାଇଥିଲା। ଏହା କିଣ୍ଡୁ ଗଣହତ୍ୟା ଭାବେ ପରିଚିତ। ଗୃହଯୁଦ୍ଧ ଚାଲିଥିବା କଙ୍ଗୋରେ ଶାନ୍ତି ରକ୍ଷା ପାଇଁ ଏହି ଯବାନମାନେ ସେଠାରେ ମୁତୟନ ଥିଲେ।

୧୮୮୮ ନଭେମ୍ବର ୧୧ରେ ଭାରତର ସ୍ୱାଧୀନତା ଆନ୍ଦୋଳନର ଅନ୍ୟତମ ପ୍ରମୁଖ ନେତା ବିଦ୍ୱାନ ଅବୁଲ କଲାମ ଆଜାଦ ଜନ୍ମଗ୍ରହଣ କରିଥିଲେ। ତାଙ୍କୁ ହିନ୍ଦୁ-ମୁସଲମାନ ଏକତାର ପ୍ରତୀକ ଭାବେ ଗ୍ରହଣ କରାଯାଏ। ସେ ଅଲ୍ ଇଣ୍ଡିଆ ମୁସ୍‌ଲିମ ଲିଗ୍‌ର ନୀତି ଆଦର୍ଶକୁ ସମର୍ଥନ କରୁ ନ ଥିଲେ। ୧୯୦୫ରେ ବଙ୍ଗ ଭଙ୍ଗକୁ ସେ ଜୋରଦାର ବିରୋଧ କରିଥିଲେ।



ଅଯୋଧ୍ୟା ମାମଲାର ରାୟ ପ୍ରକାଶ ପାଇବା ପରେ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ଜମ୍ମୁର ଗୁଜର ନଗର ଅଞ୍ଚଳରେ ମୁତୟନ ସୁରକ୍ଷା କର୍ମୀ।



ଗୁରୁ ନାନକ ଦେବଙ୍କ ୫୫୦ତମ ଜୟନ୍ତୀ ପୂର୍ବରୁ ପାକିସ୍ତାନର କର୍ତାରପୁରସ୍ଥିତ ଗୁରୁଦ୍ୱାରା ଦରବାର ସାହିବ୍‌କୁ ଆଲୋକମାଳାରେ ସଜାଯାଇଛି।

# ସରକାର ଗଢ଼ିବାକୁ ମନାକଲା ଭାଜପା

ମୁମ୍ବାଇ,୧୦।୧୧(ପି.ଟି.)

ମହାରାଷ୍ଟ୍ରରେ ସରକାର ଗଢ଼ିବାକୁ ଭାଜପା ରବିବାର ମନା କରିଦେବା ପରେ ରାଜ୍ୟପାଳ ଭଗତ ସିଂ କୋଶ୍ୟାରୀ ଦ୍ୱିତୀୟ ବୃହତ୍ ଦଳ ଶିବସେନାକୁ ଆମନ୍ତ୍ରଣ କରିଛନ୍ତି। ଏହି ଦଳର ୫୬ ଜଣ ବିଧାୟକ ଥିଲାବେଳେ ମୁଖ୍ୟମନ୍ତ୍ରୀ ଶିବସେନାରୁ ନିଶ୍ଚିତ ବୋଲି ଏହାର ଏମ୍‌ପି ସଞ୍ଜୟ ରାଉତ୍ ପୁଣିଥରେ ଦୋହରାଇଛନ୍ତି। ଅନ୍ୟପକ୍ଷରେ ସରକାର ଗଠନରେ ଶିବସେନାକୁ ସମର୍ଥନ ଦେବା ଲାଗି ଏନ୍‌ସିପି କଡ଼ା ସର୍ତ୍ତ ରଖିଛି। ପ୍ରଥମେ ଶିବସେନା ଏନ୍‌ଡିଏ ମେଣ୍ଟରୁ ଓହରିଆସୁ ଏବଂ କେନ୍ଦ୍ର ସରକାରରେ ଥିବା ଶିବସେନା ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଏନ୍‌ସିପି କହିଛି। ଅନ୍ୟପକ୍ଷରେ କଂଗ୍ରେସ ସମର୍ଥନ ନେଇ କିଛି କହି ନ ଥିଲେ ହେଁ ରାଜ୍ୟରେ ରାଷ୍ଟ୍ରପତି ଶାସନ ଚାହେଁ ନାହିଁ ବୋଲି କହିବା ସହ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପରାମର୍ଶ କ୍ରମେ ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ଦେଇଛି।

ନିର୍ବାଚନ ଫଳାଫଳ ପ୍ରକାଶ ପାଇବାର ୧୮ ଦିନ ପରେ ଭାଜପା ସରକାର ଗଢ଼ିବ ନାହିଁ ବୋଲି ରାଜ୍ୟପାଳଙ୍କୁ ଜଣାଇଦେଇଛି। ଦଳର ମହାରାଷ୍ଟ୍ର ସଭାପତି ଚନ୍ଦ୍ରକାନ୍ତ ପାଟିଲ ଏଥିପାଇଁ ମେଣ୍ଟ ସହଯୋଗୀ ଶିବସେନାକୁ ଦାୟୀ କରିଥିଲେ। ପାଳିରେ ମୁଖ୍ୟମନ୍ତ୍ରୀ ପଦ ଦାବିରେ ଉଦ୍ଧବ ଠାକରେଙ୍କ ଦଳ ଅଟଳ ରହି ଜନାଦେଶକୁ ଅସମ୍ମାନିତ କରିଛି। ବିଧାନସଭା ନିର୍ବାଚନରେ ଭାଜପା-ଶିବସେନା ମେଣ୍ଟକୁ ସରକାର ଗଢ଼ିବା ଲାଗି ରାଜ୍ୟବାସୀ ଭୋଟ ଦେଇଥିଲେ। ଶିବସେନାର ଅସହଯୋଗ ଯୋଗୁ ଆମେ ସରକାର ଗଠନ ଦାବିରୁ ବିରତ ରହିଲୁ ବୋଲି ପାଟିଲ କହିଥିଲେ। ବିରୋଧୀ କଂଗ୍ରେସ ଏବଂ ଏନ୍‌ସିପି ସହଯୋଗରେ ଶିବସେନା ଯଦି ସରକାର ଗଢ଼ିବାକୁ ଚାହୁଁଥାଏ, ତେବେ ଏହାର ସୌଭାଗ୍ୟ କାମନା କରୁଛି ବୋଲି ଭାଜପା ନେତା କହିଥିଲେ।

ଅନ୍ୟପକ୍ଷରେ ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ କେବଳ ଶିବସେନାରୁ ହେବେ। ଏନେଇ ଦଳର ନେତା ଉଦ୍ଧବ ଠାକ୍‌ରେ ରବିବାର ବିଧାୟକମାନଙ୍କୁ କହିଥିବା ରାଉତ୍ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଭାଜପା ଯେତେବେଳେ ସରକାର ଗଢ଼ିବାକୁ ଦାବି କରିପାରୁନାହିଁ, ଏହି ଦଳରୁ ମୁଖ୍ୟମନ୍ତ୍ରୀ କିପରି ହେବେ ବୋଲି ରାଉତ୍ ପ୍ରଶ୍ନ କରିଥିଲେ। ସୂଚନାଯୋଗ୍ୟ, ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭାରେ ଭାଜପା-ଶିବସେନା ମେଣ୍ଟ ୧୬୧ ଆସନ ଜିତି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ।

ଏକକ ସଂଖ୍ୟାଗରିଷ୍ଠ ଦଳ ଭାଜପା ସରକାର ଗଠନ ଲାଗି ଅସାମର୍ଥ୍ୟ ପ୍ରକାଶ କରିବା ପରେ ମହାରାଷ୍ଟ୍ରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲାବେଳେ ରାଷ୍ଟ୍ରପତି ଶାସନ ଲାଗୁ ହେବା ଆମେ ଚାହୁଁ ନାହିଁ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ କୁହାଯାଇଛି। ତେଣୁ ଦଳର ଆଗାମୀ କାର୍ଯ୍ୟପନ୍ଥା କ'ଣ ହେବ ହାଇକମାଣ୍ଡଙ୍କ ପରାମର୍ଶକ୍ରମେ ନବନିର୍ବାଚିତ ବିଧାୟକମାନେ ନିଷ୍ପତ୍ତି ନେବେ ବୋଲି ବରିଷ୍ଠ କଂଗ୍ରେସ ନେତା ଅଶୋକ ଚଭନ କହିଛନ୍ତି। ସେ ଏକ ସ୍ଥାୟୀ ସରକାର ସପକ୍ଷରେ ବୋଲି ମତ ଦେଇଛନ୍ତି। ମହାରାଷ୍ଟ୍ରର କଂଗ୍ରେସ ବିଧାୟକମାନେ ଜୟପୁରର ଏକ ରିସର୍ଟରେ ରହିଥିଲାବେଳେ ରବିବାର ବରିଷ୍ଠ ନେତା ମଲ୍ଲିକାର୍ଜୁନ ଖାର୍ଗେ ସେମାନଙ୍କୁ ଭେଟି ରାଜନୈତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ମଧ ମୁମ୍ବାଇରେ ଦଳୀୟ ନେତାମାନଙ୍କୁ ଭେଟିଥିଲେ। ଶିବସେନା ସହାୟତାରେ ସରକାର ବେଶୀଦିନ ତିଷ୍ଠିବ ନାହିଁ, ଉଭୟ କଂଗ୍ରେସ ଓ ଏନ୍‌ସିପି କ୍ଷତିଗ୍ରସ୍ତ ହେବେ ବୋଲି ମୁମ୍ବାଇର ପୂର୍ବତନ କଂଗ୍ରେସ ସଭାପତି ସଞ୍ଜୟ ନିରୁପମ ମତ ଦେଇଥିଲେ।



ରାଜ୍ୟପାଳ ଭଗତ ସିଂ କୋଶୟାରୀଙ୍କୁ କାମଚଳା ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଓ ଅନ୍ୟ ଭାଜପା ନେତା ଭେଟୁଛନ୍ତି।

- ଶିବସେନାକୁ ରାଜ୍ୟପାଳଙ୍କ ଆମନ୍ତ୍ରଣ
- ସମର୍ଥନ ପାଇଁ ସର୍ତ୍ତ ରଖିଲା ଏନ୍‌ସିପି
- ଯାହା ହେଲେ ବି ଶିବସେନାରୁ ମୁଖ୍ୟମନ୍ତ୍ରୀ: ରାଉତ୍
- ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଚାହେଁନା କଂଗ୍ରେସ

## ଇରାନରେ ବିଶାଳ ତୈଳକ୍ଷେତ୍ର ଆବିଷ୍କୃତ

ତେହରାନ,୧୦।୧୧(ଏଏଫ୍‌ପି)

ଇରାନରେ ଏକ ବିଶାଳ ତୈଳକ୍ଷେତ୍ର ଆବିଷ୍କୃତ ହୋଇଛି। ଏହି ଆବିଷ୍କାର ସମ୍ପର୍କରେ ଇରାନ ରାଷ୍ଟ୍ରପତି ହାସନ ରୌହାନି ରବିବାର ଘୋଷଣା କରିଛନ୍ତି। ସେ କହିଛନ୍ତି, ଇରାନ ଉପରେ ଆମେରିକାର କଟକଣା ପରେ ଦେଶର ଅର୍ଥନୀତି ପ୍ରଭାବିତ ହୋଇଥିବାବେଳେ ଖୁସିର ଖବର ଆସିଛି। ଦକ୍ଷିଣ-ପଶ୍ଚିମରେ ଥିବା ଖୁଜେସ୍ତାନ ପ୍ରଦେଶରେ ଥିବା ଏହି ତୈଳକ୍ଷେତ୍ରରେ ପ୍ରାୟ ୫୩ ବିଲିୟନ ବ୍ୟାରେଲ ଅଶୋଧିତ ତୈଳ ରହିଥିବା ଅନୁମାନ କରାଯାଉଛି। ଖୁଜେସ୍ତାନ ଓ ଇରାକ୍‌ର ଓମିଦିୟେ ସହର ସୀମାନ୍ତରେ ଅବସ୍ଥିତ ତଥା ୨୦୦ କି.ମି ଅଞ୍ଚଳରେ ବିସ୍ତୃତ ଏହି ତୈଳାଶୟର ଗଭୀରତା ୮୦ ମିଟର। ଏହି ତୈଳକ୍ଷେତ୍ରର ଆବିଷ୍କାର ଦେଶର ଅର୍ଥନୀତିକୁ ସୁଦୃଢ଼ କରିବ। ଇରାନବାସୀଙ୍କୁ ଏହା ସରକାରଙ୍କ ପକ୍ଷରୁ ଏକ ଛୋଟ ଅବଦାନ ବୋଲି ୟାଜ୍‌ଦ ସହରରେ ଟିଭିରେ ରୌହାନି ଘୋଷଣା କରିଛନ୍ତି।



ହାସନ ରୌହାନି

## ୨ ଟଙ୍କା ପାଇଁ ହତ୍ୟା

ସୁଭରନାରାଜୁ,୧୦।୧୧: ଆନ୍ଧ୍ରପ୍ରଦେଶର ପୂର୍ବ ଗୋଦାବରୀ ଜିଲାରେ ୨ ଟଙ୍କା ପାଇଁ ବଚସାରୁ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। କାକିନାଡା ବ୍ଲକ୍ ବଲସାପକଲା ଗ୍ରାମର ନିର୍ମାଣ ଶ୍ରମିକ ସୁବର୍ଣ୍ଣରାଜୁ ସାଇକେଲରେ ପମ୍ପ୍ ଦେବାକୁ ଯାଇଥିଲେ। ପମ୍ପ ଦେବା ପରେ ଦୋକାନୀ ଶାମ୍ବା ୨ ଟଙ୍କା ମାଗିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଶାମ୍ବାଙ୍କ ବନ୍ଧୁ ଆପ୍ପା ରାଓ ଏକ ଲୁହା ରଡ୍‌ରେ ସୁବର୍ଣ୍ଣରାଜୁଙ୍କ ମୁଣ୍ଡକୁ ପିଟିଥିଲେ।

# କାର୍ଟୁନ୍‌କୁ ନେଇ ବିବାଦ

ନୂଆଦିଲ୍ଲୀ,୧୦।୧୧




### କ୍ଷମା ମାଗିଲା ନ୍ୟାଶନାଲ ହେରାଲ୍ଡ

ସୁପ୍ରିମକୋର୍ଟଙ୍କ ଅଯୋଧ୍ୟା ରାୟକୁ ବ୍ୟଙ୍ଗକରି କଂଗ୍ରେସ ମୁଖପତ୍ର ନ୍ୟାଶନାଲ ହେରାଲ୍ଡରେ ଏକ କାର୍ଟୁନ୍ ପ୍ରକାଶ ପାଇଛି। ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ରବିବାର ଉକ୍ତ ଖବରକାଗଜ ପକ୍ଷରୁ କ୍ଷମା ମଗାଯାଇଛି।

ପ୍ରକାଶିତ ବିବାଦୀୟ କାର୍ଟୁନ୍‌ରେ ଗୋଟିଏପଟେ ବାବ୍ରୀ ମସ୍‌ଜିଦ ଭଙ୍ଗାବେଳର ଦୃଶ୍ୟ ଓ ଅନ୍ୟପଟେ ସୁପ୍ରିମକୋର୍ଟ ଛବି ରହିଛି। ମସ୍‌ଜିଦ ଉପରେ '୧୯୯୨' ଓ ସୁପ୍ରିମକୋର୍ଟ ଉପରେ '୨୦୧୯' ଉଲ୍ଲେଖ କରାଯାଇଛି। ତଳେ ଲେଖାଯାଇଛି 'ଯାହାର ବାଡ଼ି ତାହାର ମଇଁଷି '। ତଳେ କ୍ୟାପ୍‌ଶନ ରହିଛି, 'ବଳ ପ୍ରୟୋଗ, ହିଂସା ଓ ରକ୍ତପାତ ଦ୍ୱାରା ନିର୍ମିତ ଏକ ମନ୍ଦିରରେ ଭଗବାନ ରହିପାରିବେ କି?' ଯଦି ଭଗବାନ ସେଠାରେ ରହିବାକୁ ଚାହାନ୍ତି, ତେବେ ଏପରି ଏକ ମନ୍ଦିରରେ କେବେ ପ୍ରାର୍ଥନା କରିପାରିବା କି? ଏହି କାର୍ଟୁନ୍‌କୁ ନେଇ ଭାଜପା ଆପତ୍ତି ଉଠାଇଛି। କଂଗ୍ରେସର ମୁଖପତ୍ରରେ ପ୍ରକାଶିତ ଏହି କାର୍ଟୁନରୁ ଦଳର ଆଭିମୁଖ୍ୟ ସ୍ପଷ୍ଟ ହେଉଛି। ଦେଶର ନ୍ୟାୟିକ ବ୍ୟବସ୍ଥା ଉପରକୁ ଅଙ୍ଗୁଳି ଉଠାଇବା ଲଜ୍ଜାଜନକ ବିଷୟ। ତେଣୁ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ କ୍ଷମା ମାଗନ୍ତୁ ବୋଲି ଭାଜପା ମୁଖପାତ୍ର ସମ୍ବିତ୍ ପାତ୍ର ଦାବି କରିଥିଲେ। ବିବାଦ ପରେ ଖବରକାଗଜ ପକ୍ଷରୁ କୁହାଯାଇଛି ଯେ, 'ଅଯୋଧ୍ୟା ରାମମନ୍ଦିରରେ ଜଣେ ଧର୍ମନିଷ୍ଠ ହିନ୍ଦୁ କାହିଁକି କେବେ ପୂଜା କରିବେ ନାହିଁ ' ଆର୍ଟିକିଲରେ ପ୍ରକାଶିତ ମତ ଲେଖକଙ୍କର ଓ ନ୍ୟାଶନାଲ ହେରାଲ୍ଡ ସହିତ ଏହାର କୌଣସି ସମ୍ପର୍କ ନାହିଁ। କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କ ଧାର୍ମିକ ଭାବାବେଗକୁ କୁଠାରାଘାତ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଆମେ ସୁପ୍ରିମକୋର୍ଟଙ୍କ ରାୟକୁ ସମ୍ମାନ ଦେଉଛୁ ଓ କ୍ଷମା ମାଗୁଛୁ । ପ୍ରକାଶ ଯେ, ୧୯୩୮ରେ ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ନ୍ୟାଶନାଲ ହେରାଲ୍ଡ ପ୍ରତିଷ୍ଠା କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଏହି ଖବରକାଗଜ ଲୋକଙ୍କୁ ଏକାଠି କରିବାରେ ପ୍ରମୁଖ ଭୂମିକା ନେଇଥିଲା।

## ଅଯୋଧ୍ୟା ରାୟକୁ ଜଷ୍ଟିସ୍ ଗାଙ୍ଗୁଲିଙ୍କ ନାପସନ୍ଦ

କୋଲକାତା,୧୦।୧୧

ଅଯୋଧ୍ୟା ଜମି ବିବାଦ ମାମଲାରେ ସୁପ୍ରିମକୋର୍ଟ ଶନିବାର ପ୍ରଦାନ କରିଥିବା ରାୟକୁ ପୂର୍ବତନ ବିଚାରପତି ଜଷ୍ଟିସ୍ ଏ.କେ. ଗାଙ୍ଗୁଲି ନାପସନ୍ଦ କରିଛନ୍ତି। ବିବାଦୀୟ ଜମିରେ ରାମ ମନ୍ଦିର ନିମାଣ ପାଇଁ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯିବା ସଂଖ୍ୟାଲଘୁଙ୍କ ପ୍ରତି ଭୁଲ୍ ହୋଇଛି ବୋଲି ସର୍ବୋଚ୍ଚ ଅଦାଲତର ଅବସରପ୍ରାପ୍ତ ବିଚାରପତି କହିଛନ୍ତି। ସମ୍ବିଧାନ ପ୍ରତ୍ୟେକଙ୍କୁ ଅଧିକାର ଦେଇଛି। ତେଣୁ ନ୍ୟାୟ ସମସ୍ତଙ୍କୁ ମିଳିବା ଉଚିତ। କିନ୍ତୁ ଅଯୋଧ୍ୟା ମାମଲାରେ ସଂଖ୍ୟାଲଘୁଙ୍କୁ ନ୍ୟାୟ ପ୍ରଦାନ କରାଗଲାନି ବୋଲି ଜଷ୍ଟିସ୍ ଗାଙ୍ଗୁଲି କହିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଯଦି ବାବ୍ରୀ ମସ୍‌ଜିଦ ବେଆଇନ, ଆଡଭାନୀଙ୍କ ବିରୋଧରେ ମାମଲା ଚାଲିଛି କାହିଁକି

ହାଇଦ୍ରାବାଦ,୧୦।୧୧



ଅସାଦୁଦ୍ଦିନ ଓୱାଇସି

### ଓୱାଇସିଙ୍କ ପ୍ରଶ୍ନ

ଯଦି ବାବ୍ରୀ ମସ୍‌ଜିଦ ବେଆଇନ ଥିଲା,ତେବେ ଏହାକୁ ଭାଙ୍ଗିବା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀ ଓ ଅନ୍ୟମାନଙ୍କ ବିରୋଧରେ କ'ଣ ପାଇଁ ମାମଲାର ବିଚାର ଚାଲିଛି ବୋଲି ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ ଓୱାଇସି ପ୍ରଶ୍ନ କରିଛନ୍ତି। ଯଦି ବାବ୍ରୀ ମସ୍‌ଜିଦ ଆଇନସମ୍ମତ, ତେବେ ଏହାକୁ ଭାଙ୍ଗିଥିବା ଲୋକଙ୍କ ହାତରେ ଜମି ଟେକିଦିଆଗଲା କିପରି, ତାହା ସେ ଜାଣିବାକୁ ଚାହିଁଛନ୍ତି। ସୁପ୍ରିମକୋର୍ଟଙ୍କ ରାୟରେ ଆମେ ସନ୍ତୁଷ୍ଟ ନ ହେବାର ଏହା ହେଉଛି ମୂଳ ପ୍ରଶ୍ନ ବୋଲି ଏକ ସାଧାରଣ ସଭାରେ ଓୱାଇସି କହିଛନ୍ତି।

## ମାହୁନ୍ତ ବିବାଦରୁ ହାତୀକୁ ବିଷ ଦେଇ ମାରିଦେଲେ

ବେଗୁସରାଇ,୧୦।୧୧(ପି.ଟି.)

ମାହୁନ୍ତ ବିବାଦକୁ ନେଇ ବିହାରର ବେଗୁସରାଇ ଜିଲାରେ ଗୋଟିଏ ହାତୀକୁ ବିଷ ଦେଇ ମାରିଦିଆଯାଇଥିବା ପୋଲିସ କହିଛି। ହାତୀର ପୂର୍ବତନ ମାହୁନ୍ତ ମହମ୍ମଦ ଗୟାସ, ମହମ୍ମଦ ଶାମଶଦ ଏବଂ ମହମ୍ମଦ ନିଶାଦଙ୍କ ବିରୋଧରେ ବର୍ତ୍ତମାନର ମାହୁନ୍ତ ମହମ୍ମଦ ମକ୍‌ସୁଦ ଏତଲା ଦାଏର କରିଛନ୍ତି। ତାଙ୍କ ସହ ବିବାଦରୁ ପୂର୍ବତନ ମାହୁନ୍ତମାନେ ହାତୀକୁ ବିଷଦେଇ ମାରିଦେଲେ ବୋଲି ସେ ଏତଲାରେ ଉଲ୍ଲେଖ କରିଥିବା ଡିଏସପି ରାଜନ ସିହ୍ନା କହିଛନ୍ତି। ପୋଲିସ ଘଟଣାର ତଦନ୍ତ କରୁଥିଲାବେଳେ ପ୍ରାଣୀଡାକ୍ତରମାନଙ୍କ ଏକ ଟିମ୍ ହାତୀର ଶବ ବ୍ୟବଚ୍ଛେଦ କରିଛନ୍ତି। ବନ ବିଭାଗ ଅଧିକାରୀମାନଙ୍କ ଉପସ୍ଥିତିରେ ହାତୀକୁ ସମାଧି ଦିଆଯାଇଛି।

# ଅଯୋଧ୍ୟା ରାୟ ପରେ ୯୦ ଗିରଫ

ଲକ୍ଷ୍ନୌ/ନୂଆଦିଲ୍ଲୀ,୧୦।୧୧

### ସୋସିଆଲ ମିଡିଆରୁ ହଟାଗଲାଣି ୮ ହଜାରରୁ ଊର୍ଦ୍ଧ୍ୱ ପୋଷ୍ଟ

ସୁପ୍ରିମକୋର୍ଟ ଅଯୋଧ୍ୟା ରାୟ ଦେବା ପରଠୁ ପ୍ରାୟ ୯୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୮ ହଜାରରୁ ଊର୍ଦ୍ଧ୍ୱ ପୋଷ୍ଟ ସୋସିଆଲ ମିଡିଆରୁ ହଟାଯାଇଛି। ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବାର ଆଶଙ୍କା ଥିବାରୁ କୌଣସି ପ୍ରକାର ଅଘଟଣକୁ ଏଡ଼ାଇବା ପାଇଁ ଅଯୋଧ୍ୟାରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଇତିମଧ୍ୟରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ବିଭିନ୍ନ ମୁଖ୍ୟମନ୍ତ୍ରୀମାନଙ୍କୁ ଫୋନ୍ କରି ନିଜ ନିଜ ରାଜ୍ୟରେ ଶାନ୍ତି ସୁନିଶ୍ଚିତ କରିବା ଲାଗି ପରାମର୍ଶ ଦେଇଛନ୍ତି।

ମିଳିଥିବା ସୂଚନାନୁସାରେ ଫେସ୍‌ବୁକ୍, ଟୁଇଟର୍ ଓ ୟୁ ଟ୍ୟୁବ୍ ଭଳି ସାମାଜିକ ଗଣମାଧ୍ୟମରେ ବିବାଦୀୟ ପୋଷ୍ଟିଂ କରି ଉତ୍ତେଜନାପୂର୍ଣ୍ଣ ସ୍ଥିତି ସୃଷ୍ଟି କରିବା ଅଭିଯୋଗରେ କେବଳ ଉତ୍ତରପ୍ରଦେଶରେ ପୋଲିସ ୭୭ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ୪୦ ଜଣ ରବିବାର ଗିରଫ ହୋଇଛନ୍ତି। ୮,୨୭୫ ପୋଷ୍ଟିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ମଧ୍ୟପ୍ରଦେଶର ସେଓନିରେ ୮ ଓ ଗ୍ୱାଲିୟରରେ ୨ ଜଣ ଗିରଫ ହୋଇଛନ୍ତି। ଅନ୍ୟପକ୍ଷରେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ନେଇ ଉଲ୍ଲସିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଅଯୋଧ୍ୟାର ବିଭିନ୍ନ ମନ୍ଦିରରେ ଦେଖିବାକୁ ମିଳିଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ସେମାନେ ବିଭିନ୍ନ ମନ୍ଦିର ଯାଇ ପୂଜାର୍ଚ୍ଚନା କରୁଛନ୍ତି।

### ୫ ବିଚାରପତିଙ୍କ ସୁରକ୍ଷା ବଢ଼ିଲା

ନୂଆଦିଲ୍ଲୀ,୧୦।୧୧(ପି.ଟି.): ଅଯୋଧ୍ୟା ମାମଲାର ରାୟ ଦେଇଥିବା ୫ ବିଚାରପତିଙ୍କ ସୁରକ୍ଷା ବ୍ୟବସ୍ଥା ବଢ଼ାଇ ଦିଆଯାଇଛି। ସେମାନଙ୍କ ବାସଭବନ ପାଖରେ ଅତିରିକ୍ତ ସୁରକ୍ଷାବଳ ମୁତୟନ ହେବା ସହ ବ୍ୟାରିକେଡ୍ ଏବଂ ମୋବାଇଲ ଏସ୍କର୍ଟ ଟିମ୍ ଯୋଗାଇ ଦିଆଯାଇଛି। ସିଜେଆଇ ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍. ଅବଦୁଲ ନାଜିରଙ୍କୁ ନେଇ ଗଠିତ ସାମ୍ବିଧାନିକ ପୀଠ ଏହି ମାମଲାର ରାୟ ଶନିବାର ଦେଇଥିଲେ। ସେମାନଙ୍କ ପ୍ରତି ବିପଦ ଥିବାନେଇ କେହି ଧମକ ଦେଇ ନ ଥିଲେ ହେଁ ପ୍ରତିଷେଧକ ପଦକ୍ଷେପ ସ୍ୱରୂପ ସୁରକ୍ଷା ବଢ଼ାଯାଇଛି।

## ଅଯୋଧ୍ୟାରେ ଭବ୍ୟ ମନ୍ଦିର ନିର୍ମାଣ ପାଇଁ ଭିଏଚ୍‌ପିର ଯୋଜନା

# ୧୨୮ ମିଟର ଉଚ୍ଚ ହେବ ରାମମନ୍ଦିର

### ୨୧୨ ସ୍ତମ୍ଭ, ୫ ପ୍ରବେଶ ପଥ ରହିବ

ନୂଆଦିଲ୍ଲୀ,୧୦।୧୧(ଆଇଏଏନ୍‌ଏସ୍) ଅଯୋଧ୍ୟାର ବିବାଦୀୟ ଜମିରେ ରାମମନ୍ଦିର ନିର୍ମାଣ ଲାଗି ସୁପ୍ରିମକୋର୍ଟ ଶନିବାର ରାୟ ଦେବା ପରେ ଯଥାଶୀଘ୍ର ସମ୍ଭବ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଲାଗି ବିଶ୍ୱହିନ୍ଦୁ ପରିଷଦ (ଭିଏଚ୍‌ପି) ଯୋଜନା କରିଛି। ସର୍ବୋଚ୍ଚ ଅଦାଲତଙ୍କ ରାୟ ପରେ ମନ୍ଦିର ନିର୍ମାଣ ଲାଗି ପଥ ପରିଷ୍କାର ହୋଇଯାଇଛି। ରାମ ଜନ୍ମଭୂମି ନ୍ୟାସ ଓ ଭିଏଚ୍‌ପି ମିଳିତ ଭାବେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ। ଭିଏଚ୍‌ପି ଏଥିପାଇଁ ଏକାଧିକ ନକ୍ସା ପ୍ରସ୍ତୁତ କରିସାରିଥିଲାବେଳେ ମୂଳ ରାମମନ୍ଦିର ଆକୃତିର ମନ୍ଦିର ନିର୍ମାଣ ଉପରେ ଅଧିକାଂଶ ସହମତ ହୋଇଛନ୍ତି।

ଭିଏଚ୍‌ପି ଯୋଜନା ଅନୁଯାୟୀ, ୧୨୮ ମିଟର ଉଚ୍ଚତା ବିଶିଷ୍ଟ ରାମମନ୍ଦିର ନିର୍ମାଣ ହେବ। ଏହାର ଓସାର ୧୪୦ ମିଟର ଓ ଲମ୍ବ ୨୭୦ ମିଟର ରହିବ। ଏଥିରେ ୨୧୨ଟି ସ୍ତମ୍ଭ ଓ ୫ଟି ପ୍ରବେଶପଥ ରହିବ। ଇସ୍ପାତର ବ୍ୟବହାର କରାଯିବନି। ମନ୍ଦିର ନିର୍ମାଣ ଲାଗି ଅନ୍ୟୂନ ୧.୭୫ ଲକ୍ଷ ଘନଫୁଟ୍ ପଥର ଲାଗିବ ବୋଲି କୁହାଯାଉଛି। ଏଥିପାଇଁ ପଥର ଖୋଦେଇ କାର୍ଯ୍ୟ ଅଯୋଧ୍ୟାରେ ଦୀର୍ଘବର୍ଷ ହେବ ଚାଲିଥିଲା। ମନ୍ଦିରର ଦ୍ୱାର ଓ ସ୍ତମ୍ଭ କାର୍ଯ୍ୟ ଶେଷ ହୋଇଥିଲାବେଳେ ଗର୍ଭଗୃହ କାର୍ଯ୍ୟ ବାକି ରହିଥିବା ବିଶ୍ୱାସ କରାଯାଉଛି। ୨୧୨ଟି ସ୍ତମ୍ଭକୁ ଦୁଇ ପର୍ଯ୍ୟାୟରେ ସ୍ଥାପନ କରାଯିବ। ମନ୍ଦିର ଦୁଇମହଲା ବିଶିଷ୍ଟ ହେବ। ତଳ ମହଲାରେ ରାମଲାଲାଙ୍କ ମୂର୍ତ୍ତିରହିବ। ୧୯୯୦ରୁ ମନ୍ଦିର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଆହୁରି ଅନେକ କାମ ବାକି ରହିଛି। ଖୋଦେଇ ହୋଇଥିବା ସ୍ତମ୍ଭ ଓ ପଥରଗୁଡ଼ିକୁ କେବଳ ଯୋଡାଯିବ ନାହିଁ, ତାହାକୁ ଶେଷ ସ୍ପର୍ଶ ଦେବା ଲାଗି ଅଧିକ ପଥର ଖୋଦେଇ ଶିଳ୍ପୀ ଓ ବିଶେଷଜ୍ଞଙ୍କ ଆବଶ୍ୟକତା ରହିଛି। ସବୁ କାମ ଶେଷ ହେବାକୁ ଅନ୍ୟୂନ ୪ ବର୍ଷ ଲାଗିଯିବ ବୋଲି କୁହାଯାଉଛି।



ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୧ ନଭେମ୍ବର, ୨୦୧୯



ନିକିତିର ଗୋଟିଏ ପାଖରେ ସପ୍ତସ୍ୱର୍ଗ ସୁଖ ଓ ମୋକ୍ଷକୁ ରଖି ଅନ୍ୟ ପାଖରେ ସତ୍‌ସଙ୍ଗ ସୁଖକୁ ରଖିଲେ, ସତ୍‌ସଙ୍ଗ ସୁଖ ପାଖଟି ଅଧିକ ଓଜନ ହେବ ।
- ସନ୍ଥ ତୁଳସୀ ଦାସ



## ପରିବେଶ ଉପଯୋଗୀ କାର୍ତ୍ତିକ ପୂର୍ଣ୍ଣିମା ଚିନ୍ତା

# ସୋଲ, ଜରି ଡଙ୍ଗା ଉପରେ ଲାଗୁନି କଟକଣା

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ପ୍ରାଚୀନ ଉତ୍କଳର ସାମୁଦ୍ରିକ ବାଣିଜ୍ୟ ପରମ୍ପରାକୁ ମନେପକାଇ ପ୍ରତିବର୍ଷ କାର୍ତ୍ତିକ ମାସ ଶେଷ ଦିନ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରାଯାଏ। ଏହି ଦିନ ସକାଳୁ ନଦୀ, ସମୁଦ୍ର, ପୁଷ୍କରିଣୀ ଆଦିରେ ଡଙ୍ଗା ଭସାଇ ଲୋକେ ଓଡ଼ିଶାର ପ୍ରାଚୁର୍ଯ୍ୟ ଐତିହ୍ୟକୁ ମନେପକାଇଥାନ୍ତି। ସାଧାରଣତଃ କଦଳୀ ବାସୁଙ୍ଗାରେ ଡଙ୍ଗା ତିଆରି କରି ସେଥିରେ ପାନ, ଗୁଆ ଥୋଇ ଏହି ଉତ୍ସବ ପାଳନ କରିବାର ନିୟମ ରହିଛି। ହେଲେ ଧୀରେ ଧୀରେ ସୋଲ, ଜରି ଓ କାଗଜ ପ୍ରସ୍ତୁତ ଡଙ୍ଗା କଦଳୀ ବାସୁଙ୍ଗା ଡଙ୍ଗାର ସ୍ଥାନ ନେବାକୁ ବସିଲାଣି, ଯାହାର କୁପ୍ରଭାବ ସିଧାସଳଖ ପରିବେଶ ଉପରେ ପଡୁଛି। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମା ସରିବା ପରେ କୁଢ଼ କୁଢ଼ ଆବର୍ଜନା ନଦୀ, ସମୁଦ୍ର ସହ ବିଭିନ୍ନ ଜଳଉତ୍ସରେ ଜମାହୋଇ ରହୁଛି। ପରିବେଶ ଉପଯୋଗୀ କଦଳୀ ବାସୁଙ୍ଗା ଡଙ୍ଗା ବଜାରରେ ଉପଲବ୍ଧ ହେଉ ନ ଥିବାବେଳେ ଯଦି ମିଳୁଛି, ତାହାର ଦାମ୍ ଅଧିକ ରହୁଛି। ତେଣୁ କମ୍ ଦାମ୍‌ରେ ମିଳୁଥିବା ସୋଲ ଓ ଜରିରେ ପ୍ରସ୍ତୁତ ଡଙ୍ଗା ନେବାକୁ ଲୋକେ ପସନ୍ଦ କରୁଛନ୍ତି। ଚଳିତବର୍ଷ ରାଜ୍ୟରେ ପ୍ଲାଷ୍ଟିକ୍ ଓ ସୋଲ୍ ବ୍ୟବହାର ଉପରେ କଟକଣା ଲାଗିଥିଲେ ମଧ୍ୟ ପ୍ରତିବର୍ଷ ଭଳି ଗଦା ଗଦା ସୋଲ ଓ ଜରି ନିର୍ମିତ ଡଙ୍ଗା ବଜାରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି।

### ଆବର୍ଜନାରୁ ଡଙ୍ଗା



ଚଳିତବର୍ଷ ନିଆରା ଶୈଳୀରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି ସପ୍ତମ ବାଟାଲିୟନ୍‌ର ଅବସରପ୍ରାପ୍ତ ସୈନିକ ଭାଗୀରଥି ଦଳସିଂହରାୟ। ଦିନେ ଦେଶ ପାଇଁ ବନ୍ଧୁକ ଧରିଥିବା ଭାଗୀରଥିଙ୍କ ବୟସ ଆସି ୭୨ ଟପିଥିଲେ ମଧ୍ୟ ଦେଶସେବା ପାଇଁ ଏବେ ବି ସେ ଯବାନ ଅଛନ୍ତି। ରାସ୍ତାଘାଟରେ ପଡ଼ି ପ୍ରଦୂଷଣ କରୁଥିବା ଥର୍ମୋକଲ ବା ସୋଲକୁ ଗୋଟାଇ ସେଥିରୁ ସେ ବିଭିନ୍ନ ଡିଜାଇନ୍‌ର ଡଙ୍ଗା ପ୍ରସ୍ତୁତ କରୁଛନ୍ତି। ନୂଆ ସୋଲ କିଣି ଡଙ୍ଗା ପ୍ରସ୍ତୁତ କରିବା ପରିବର୍ତ୍ତେ ଯାହା ଆଗରୁ ପରିବେଶକୁ ପ୍ରଦୂଷଣ କରିଛି ତାହାକୁ ସଂଗ୍ରହ କରି ଡଙ୍ଗା ତିଆରି କରି ବିକିବାକୁ ନିଷ୍ପତ୍ତି ନେଇଛନ୍ତି। ସୋଲର ଆକାର ଅନୁଯାୟୀ ଡଙ୍ଗା ତିଆରି ହେଉଥିବାବେଳେ ତାଙ୍କର ପ୍ରତ୍ୟେକ ଡଙ୍ଗାରେ ଦେଶଭକ୍ତିର ଝଲକ ଦେଖିବାକୁ ମିଳିଥାଏ। ଜାତୀୟ ପତାକାରୁ ଆରମ୍ଭ କରି ତ୍ରିରଙ୍ଗା ରଙ୍ଗରେ ସଜାଯାଇଥିବା ଡଙ୍ଗା ବିଶେଷ ଆକର୍ଷଣ ସାଜୁଛି। ସେହିଭଳି ବିଭିନ୍ନ ଦେବଦେବୀଙ୍କୁ ସେ ଡଙ୍ଗାରେ ସ୍ଥାନୀତ କରିବା ସହ ନୂଆ ନୂଆ ଡିଜାଇନ୍ ପ୍ରସ୍ତୁତ କରୁଛନ୍ତି। ୟୁନିଟ୍-୧ ହାଟ ଏବଂ ବିଡିଏ ମାର୍କେଟରେ ବିକ୍ରି ହେଉଥିବା ଏହି ଡଙ୍ଗାର ମୂଲ୍ୟ ୫ଟଙ୍କାରୁ ଆରମ୍ଭକରି ୨୦୦ଟଙ୍କା ପର୍ଯ୍ୟନ୍ତ ରହିଛି।

### ସଚେତନ କରୁଛନ୍ତି ସାମାଜିକ ଅନୁଷ୍ଠାନ

ଅନ୍ୟପକ୍ଷରେ କିଛି ସାମାଜିକ ସଂସ୍ଥା ଏବଂ ବ୍ୟକ୍ତିବିଶେଷ ଗ୍ରୀନ୍ ହୋଲି ଓ ଗ୍ରୀନ୍ ଦୀପାବଳି ଭଳି ଚଳିତବର୍ଷ ନିଆରା ଭାବେ କାର୍ତ୍ତିକ ପୂର୍ଣ୍ଣିମା ପାଳନ କରିବାକୁ ଯୋଜନା କରିଛନ୍ତି। ସୋଲ ଓ ଜରିରେ ପ୍ରସ୍ତୁତ ଡଙ୍ଗା ପରିବର୍ତ୍ତେ କଦଳୀ ବାସୁଙ୍ଗା ଡଙ୍ଗା ଭସାଇ ଏହି ପାରମ୍ପରିକ ପର୍ବ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପରିବେଶ ଉପଯୋଗୀ ଡଙ୍ଗା ଭସାଇ ଜଳଉତ୍ସକୁ ପ୍ରଦୂଷଣମୁକ୍ତ କରିବାକୁ ଲୋକଙ୍କୁ ସଚେତନ ମଧ୍ୟ କରୁଛନ୍ତି। ଏହାଛଡ଼ା କେତେକ ସଂସ୍ଥା ଏବଂ ଛାତ୍ରୀଛାତ୍ର ପୂର୍ଣ୍ଣିମା ପରଦିନ ଜଳଉତ୍ସ ପରିସରକୁ ସଫା କରିବାକୁ ସ୍ଥିର କରିଛନ୍ତି। ଐତିହାସିକ ଦୟାନଦୀ କୂଳରେ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ(କାପୋଚ୍) ପକ୍ଷରୁ ଚଳିତବର୍ଷ '୮ମ ଦୟାନଦୀ ବୋଇତ ବନ୍ଦାଣ ଉତ୍ସବ' ପାଳନ ହେବାକୁ ଥିବାବେଳେ ସୋଲ ଓ ପ୍ଲାଷ୍ଟିକ ଡଙ୍ଗା ବଦଳରେ ପାରମ୍ପରିକ କଦଳୀ ବାସୁଙ୍ଗା ଡଙ୍ଗା ଭସାଇବାକୁ ଶ୍ରଦ୍ଧାଳୁଙ୍କୁ ସଚେତନ କରାଯିବ। ଏଥିପାଇଁ ମାଗଣାରେ କଦଳୀ ବାସୁଙ୍ଗା ଡଙ୍ଗା ଯୋଗାଇ ଦିଆଯିବାକୁ ମଧ୍ୟ ସ୍ଥିର ହୋଇଛି। ସେହିଭଳି ପ୍ଲାଷ୍ଟିକ ବ୍ୟବହାର ନ କରିବା ଓ ନଦୀ କୂଳରେ ବାଣ ନ ଫୁଟାଇବା ନିମନ୍ତେ ଶ୍ରଦ୍ଧାଳୁଙ୍କୁ କାପୋଚ୍ ଅନୁରୋଧ କରିବ। ଏହାବ୍ୟତୀତ ପୂର୍ବ ବର୍ଷ ପରି ଚଳିତବର୍ଷ ମଧ୍ୟ ସୁସଜ୍ଜିତ କାଠ ନିର୍ମିତ ଡଙ୍ଗାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବା ସହ ପୂର୍ଣ୍ଣିମା ପରଦିନ ଅନୁଷ୍ଠାନ ତରଫରୁ ଘାଟ ସଫେଇ କରାଯିବ।

# ଜବରଦସ୍ତ ଟଙ୍କା ମାଗି ଜେଲ ଗଲେ ୩ କିନ୍ନର

ଭୁବନେଶ୍ୱର,୧୦।୧୧(ବ୍ୟୁରୋ)

ଆଇଜି ପାର୍କ ଭିତରେ ଲୋକମାନଙ୍କୁ ଧମକ ଚମକ ଦେଇ ଜବରଦସ୍ତ ଟଙ୍କା ମାଗୁଥିବା ୩ଜଣ କିନ୍ନରଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଖଣ୍ଡଗିରି ଥାନା ଅଧୀନ ଓଁକାର ବସ୍ତି ଅଞ୍ଚଳରେ ରହୁଥିବା ବି.ତୋଫାନ ବାରିକ ଓରଫ ବି.ଆକାଂକ୍ଷା ବାରିକ, ନୟାପଲ୍ଲୀ ଥାନା ଗଣପତି ବସ୍ତି ଅଞ୍ଚଳରେ ରହୁଥିବା ନାରାୟଣ ଚୌଧୁରୀ ଓରଫ ଜମୁନା ଓ ସାଗର ବେହେରା ଓରଫ ଗଙ୍ଗା। ସୂଚନା ମୁତାବକ ଆଇଜି ପାର୍କକୁ ଯାଉଥିବା ଲୋକଙ୍କୁ କିନ୍ନରମାନେ ବାରମ୍ବାର ହଇରାଣ କରିବା ସହ ଟଙ୍କା ମାଗିବା ନେଇ ଥାନରେ ଅଭିଯୋଗ ହେଉଛି। ପ୍ରାୟ ୧ ମାସ ହେବ ବିଭିନ୍ନ ସମୟରେ ପୋଲିସ ପାର୍କରେ ଟଙ୍କା ମାଗୁଥିବା କିନ୍ନରମାନଙ୍କୁ ତାଗିତ କରିବା ସହ ପାର୍କରୁ ବାହାର କରୁଛି। ମାତ୍ର ଶନିବାର ପାର୍କରେ ବୁଲୁଥିବା ୫ କିନ୍ନର ଜଣେ ଦମ୍ପତିଙ୍କୁ ଟଙ୍କା ମାଗିଥିଲେ। ସେମାନେ ନ ଦେବାରୁ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସେତେବେଳେ ୨ଜଣ କିନ୍ନର ସେଠାରୁ ଫେରାର ହୋଇଯାଇଥିବା ବେଳେ ପୋଲିସ ୩ ଜଣଙ୍କୁ ଧରିଥିଲା। ଏ ନେଇ ପୋଲିସ ନଂ.୪୧୩/୧୯ରେ ଏକ ମାମଲା ରୁଜୁ କରି ପଚରାଉଚରା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତମାନଙ୍କୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।




ଭୁବନେଶ୍ୱର ଭଞ୍ଜକଳା ମଣ୍ଡପଠାରେ ରବିବାର ଅନୁଷ୍ଠିତ ୨୭ତମ ନୃତ୍ୟାଞ୍ଜଳି ଉତ୍ସବରେ ଗୁରୁ ଆଶିଷ ଦାସ ଓ ଆଦ୍ୟାଶା ମିଶ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# 'ଯୁବପିଢ଼ିଙ୍କ ହାତରେ ପରିବର୍ତ୍ତନର ଡୋରି'

## 'ଓଡିଏମ୍‌ମୁନ୍-୨୦୧୯' ଉଦ୍‌ଯାପନୀ ସମାରୋହ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ଆଜି ଆମର ଭଲ ସମ୍ପର୍କ ନାହିଁ। କେବଳ ପାକିସ୍ତାନ ନୁହେଁ, ଭାରତର ସୀମାକୁ ଛୁଇଁଥିବା କୌଣସି ଗୋଟିଏ ବି ଦେଶ ଆଜି ଭାରତ ଉପରେ ସନ୍ତୁଷ୍ଟ ନାହାନ୍ତି। ଶ୍ରୀଲଙ୍କା ଲୋକେ ନିଜ ଦେଶରେ ଭାରତୀୟଙ୍କଠାରୁ ଚାଇନିଜ୍‌ମାନଙ୍କୁ ଅଧିକ ପସନ୍ଦ କରୁଛନ୍ତି। ସେହିପରି ବାଂଲାଦେଶ ଭଳି ଅନ୍ୟ ଛୋଟ ଛୋଟ ରାଷ୍ଟ୍ରଗୁଡ଼ିକ ମଧ୍ୟ ଭାରତୀୟଙ୍କୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଚାଇନା ପ୍ରତି ମୁହୂର୍ତ୍ତରେ ଭାରତକୁ ଧୋକା ଦେବାକୁ ଚେଷ୍ଟା କରୁଥିଲେ ମଧ୍ୟ ଆମେ ନିଜଠାରୁ ବହୁ ଛୋଟ ଦେଶ ପାକିସ୍ତାନ ପଛରେ ପଡ଼ିଛୁ। ଦିନକୁ ଦିନ ଆମ ମଧ୍ୟରେ ସହନଶୀଳତା କମିଯାଉଛି। ଉତ୍କୃଷ୍ଟ କଳା, ସଂସ୍କୃତି, ଭାଷା ଓ ଐତିହ୍ୟର ପରିଚୟ ନେଇ ଆମେ ଆମ ପଡ଼ୋଶୀଙ୍କୁ ସାନ ଭାଇ, ଭଉଣୀ ଭଳି ବ୍ୟବହାର କରିବା ପରିବର୍ତ୍ତେ ହିଂସା, ଦ୍ୱେଷ ଓ ପର ଆପଣାର ଭେଦଭାବ ନେଇ ଚାଲୁଛୁ। ଦେଶପ୍ରେମ କଥା କହୁଥିବା ଭାରତୀୟ ଭୁଲିଯାଉଛନ୍ତି ଯେ, ୧୯୪୦ ପୂର୍ବରୁ ପାକିସ୍ତାନ, ବାଂଲାଦେଶ, ବର୍ମା, ନେପାଳ ଓ ଆଫଗାନିସ୍ତାନର କିଛି ଅଂଶ ଭାରତ ସହ ଯୋଡ଼ିହୋଇଥିଲା। ଆମେ ସମସ୍ତେ ଗୋଟିଏ ପରିବାରର ଅଂଶ ଓ ଭ୍ରାତୃତ୍ୱର ଭାବ ନେଇ ଚାଲିବା ଆମର ପରିଚୟ ବୋଲି ପୂର୍ବତନ ଏମ୍‌ପି ତଥା 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି।




କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟଅତିଥି ତଥା 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ, ଅନ୍ୟ ଅତିଥି ଓ କୃତୀ ପ୍ରତିଯୋଗୀମାନେ।




ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲ ପରିସରରେ ଗତ ୩ଦିନ ବ୍ୟାପୀ ଚାଲିଥିବା ଓଡିଏମ୍ ମଡେଲ୍ ୟୁନାଇଟେଡ୍ ନେସନ୍ସ(ଓଡିଏମ୍‌ମୁନ୍)-୨୦୧୯ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସତପଥୀ କହିଥିଲେ, ବିଶ୍ୱର ପ୍ରତ୍ୟେକ ପ୍ରାଣୀ ହିଂସ୍ର ପ୍ରବୃତ୍ତିର ହୋଇଥାନ୍ତି। ଜୀବଜନ୍ତୁମାନେ ଖାଦ୍ୟ ପାଇଁ ହିଂସ୍ର ହୋଇ ପରସ୍ପର ସହ ଲଢୁଥିବାବେଳେ ମନୁଷ୍ୟ ଏକମାତ୍ର ଜୀବ ଯିଏ ଖାଦ୍ୟ ପାଇଁ ନୁହେଁ ବରଂ ଲୋଭ, ରାଗ ଓ ଘୃଣା ପାଇଁ ଲଢ଼େଇ କରେ। ଉଚ୍ଚଶିକ୍ଷା, ଭଲ ଚାକିରି କି ପରିବାରକୁ ଖୁସିରେ ରଖିଦେଲେ ଆମ ଦାୟିତ୍ୱ ଶେଷ ହୋଇଯାଏନା। ବିଶ୍ୱର ପ୍ରତ୍ୟେକ କୋଣରେ ଥିବା ମଣିଷମାନେ ଆମ ଭାଇ ଭଉଣୀ ଓ ସେମାନଙ୍କୁ ଖୁସିରେ ରଖିବା ମଧ୍ୟ ଆମର ଦାୟିତ୍ୱ। ବର୍ତ୍ତମାନ ବିଶ୍ୱ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛି, ତାହାର ସମାଧାନ ଯୁବପିଢ଼ିମାନେ ହିଁ କରିପାରିବେ। 'ପରିବର୍ତ୍ତନ ମୋ ଠାରୁ ଆରମ୍ଭ ହୁଏ', ଏହି ମନୋବୃତ୍ତି ନେଇ ଆଗକୁ ବଢ଼ିଲେ ଓ ସହନଶୀଳ ହେଲେ ଆମେ ଭଲ ମଣିଷ ଓ ଭଲ ନାଗରିକ ହୋଇପାରିବା ବୋଲି ସତପଥୀ କହିଥିଲେ। ଏହି ଅବସରରେ ଉପସ୍ଥିତ ଯୁବ ପ୍ରତିନିଧିମାନଙ୍କୁ ନିଜ ଦେଶ ସହ ସମଗ୍ର ବିଶ୍ୱର ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ। ଭାରତର ଜଣେ ଜଣେ ପ୍ରତିନିଧିଭାବେ ଦେଶର ନାମ ଓ ପରିଚୟକୁ ବିଶ୍ୱ ଦରବାରରେ ଉଚ୍ଚା କରିବାକୁ କହିଥିଲେ। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟା ଡ. ଜ୍ୟୋତ୍ସ୍ନା ମହାପାତ୍ର ଯୋଗଦେଇ ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ବିଶ୍ୱ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରାଯାଇପାରିବ ବୋଲି କହିଥିଲେ। ବରିଷ୍ଠ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସିଓଓ ସ୍ୱୟଂସତ୍ୟେନ୍ଦୁ, ଏଆଇଏମ୍‌ଏସ୍ ନିର୍ଦ୍ଦେଶକ ପ୍ରଫେସର ଆଲୋକ ଦାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଭୁବନେଶ୍ୱରର ବିଭିନ୍ନ ବିଦ୍ୟାଳୟରୁ ୩୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଛାୟା ଜାତିସଙ୍ଘରେ ଅଂଶଗ୍ରହଣ କରି 'ଏକ ବିଶ୍ୱ, ଏକ ପରିବାର'ର ବାର୍ତ୍ତା ପ୍ରଦାନ କରିଥିଲେ। ଉପାଧ୍ୟକ୍ଷା ଝିନୁକ୍ ଦତ୍ତା ରାୟ ଓ ବରିଷ୍ଠ ଶିକ୍ଷୟିତ୍ରୀ ସୁଲତାରାଣୀ ସାହା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ସଂଯୋଜିକା ସୁପ୍ରଭା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସତପଥୀ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


ପ୍ରସଙ୍ଗ


ସନ୍ତୋଷ


ପ୍ରିୟଦର୍ଶିନୀ


ସୁମେଶ


ଶ୍ରୀକାନ୍ତ


ବବେନ୍ଦ୍ର


ସକିଲ୍


ଶ୍ରୀମନ୍ତ

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ www.dharitri.com/category/selfie/



ନିଜର ପାପ କର୍ମ ପାଇଁ ମନୁଷ୍ୟକୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡ଼େ।
-ମହାବୀର ଜୈନ



## ସଂକ୍ଷେପରେ

### ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ):** ରବିବାର ବିଳମ୍ବିତ ରାତିରେ କ୍ୟାପିଟାଲ ଥାନା ଅଞ୍ଚଳରେ ଜଣେ ଛାତ୍ରୀଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ ଆସିଛି। ଏନେଇ ପୀଡ଼ିତା ଜଣକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ସୂଚନା ଯେ, କ୍ୟାପିଟାଲ ଥାନା ଅଧୀନ ୟୁନିଟ୍-୧ ବସ୍ତି ଅଞ୍ଚଳରେ ଛାତ୍ରୀ ଜଣକ ରୁହନ୍ତି। ରବିବାର ବିଳମ୍ବିତ ରାତିରେ ସେ ଗାଧୁଆଘରକୁ ଯାଇଥିବାବେଳେ ଅଭିଯୁକ୍ତ ତାଙ୍କୁ କାବୁ କରି ନେଇଥିଲେ। ପାଟିରେ ହାତଦେଇ ଉଠାଇନେବା ସହ ବଳାତ୍କାର ଉଦ୍ୟମ କରିବାବେଳେ ଛାତ୍ରୀ ଜଣକ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକ ଛାତ୍ରୀଙ୍କ ଚିତ୍କାର ଶୁଣି ଘେରିଯିବା ସହ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଅଭିଯୁକ୍ତଙ୍କୁ ନେଇ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଅଭିଯୁକ୍ତ ଜଣକ ଜଣେ ରଙ୍ଗମିସ୍ତ୍ରି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ସ୍ତ୍ରୀଙ୍କୁ ମାଡ଼ମାରି ସ୍ୱାମୀ ଗିରଫ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ):** ସ୍ତ୍ରୀଙ୍କୁ ମାଡ଼ମାରିବା ଅଭିଯୋଗରେ ଖାରବେଳନଗର ଥାନା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ସେ ହେଲେ ଶାନ୍ତିନଗର ବସ୍ତି ଅଞ୍ଚଳରେ ରହୁଥିବା ଶେଖ୍ ଅବଦୁଲ ହନ୍ନନ୍ (୨୯)। ସୂଚନା ମୁତାବକ, ଅବଦୁଲ ରବିବାର ସକାଳେ ପ୍ରଚୁର ମଦ୍ୟପାନ କରି ଘରେ ପହଞ୍ଚିଥିଲେ। ପୁଣି ମଦ ପିଇବାକୁ ସ୍ତ୍ରୀଙ୍କୁ ଟଙ୍କା ମାଗି ନିରାଶ ହେବାପରେ ସ୍ତ୍ରୀଙ୍କୁ ରାସ୍ତାକୁ ଭିଡ଼ିଆଣି ମାଡ଼ ମାରିଥିଲେ। ଏନେଇ ସ୍ତ୍ରୀ ଅନୀମା ବିବି ପଡ଼ୋଶୀଙ୍କ ସହାୟତାରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୦୧/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି।

### ନାବାଳିକା ଶାଳୀଙ୍କୁ ବଳାତ୍କାର, ଭିଣୋଇ ଗିରଫ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ):** ଜଣେ ନାବାଳିକା ଶାଳୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଭିଣୋଇଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଅଭିଯୁକ୍ତ ଏହି ଥାନା ଅଞ୍ଚଳରେ ସପରିବାର ରୁହନ୍ତି। ଗତ ଶୁକ୍ରବାର ରାତିରେ ଅଭିଯୁକ୍ତ ଭିଣୋଇ ଶାଳୀଙ୍କୁ ବଳାତ୍କାର କରିଥିଲେ। ଏହି ଘଟଣା ଶନିବାର ପରିବାର ଲୋକ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ. ୫୨୦/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର ରାତିରେ ଗିରଫ କରିଥିଲା। ଉଭୟଙ୍କ ଡାକ୍ତରୀ ମାଇନା କରାଯିବା ପରେ ପୋଲିସ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଟ୍ରେନରୁ ମୋବାଇଲ୍ ଝାମ୍ପି ନେବା ଘଟଣାରେ ୨ ଗିରଫ

**ଜଟଣୀ,୧୦।୧୧(ଡି.ଏନ.ଏ.):** ଟ୍ରେନ୍‌ରେ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ ଝାମ୍ପି ନେବା ଘଟଣାରେ ରବିବାର ଖୋର୍ଦ୍ଧାରୋଡ ରେଳପଥ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ ଜଣ ହେଲେ ଡେଲାଙ୍ଗ ଥାନା ବଙ୍ଗ ଅଞ୍ଚଳର ବିଷ୍ଣୁପ୍ରସାଦ ସ୍ୱାଇଁ ଓ ଜଟଣୀ ଥାନା ବାଛରାପାଟଣାର ବାଦଲ ନାୟକ। ତପସ୍ୱିନୀ ଏକ୍ସପ୍ରେସ୍‌ରେ ପୁରୀରୁ ଝାରସୁଗୁଡ଼ା ଯାତ୍ରା କରୁଥିବା ଛୋଟୁ ଶାହ ନାମକ ଯାତ୍ରୀଙ୍କଠାରୁ ୬ ତାରିଖରେ ଅଭିଯୁକ୍ତମାନେ ମୋବାଇଲ ଝାମ୍ପି ନେଇ ପଳାଇଥିବା ସେ ଅଭିଯୋଗ କରିଥିଲେ।

## ଚଳନ୍ତା କାରରେ ବଳାତ୍କାର ଘଟଣା

# ଧାର ଟଙ୍କାକୁ ନେଇ ଯୁବତୀ ରଚିଥିଲେ ନାଟକ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

ଚଳନ୍ତା କାର୍‌ରେ ଯୁବତୀଙ୍କୁ ବଳାତ୍କାର କରି ଫିଙ୍ଗିଦେବା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଧାର ଟଙ୍କା ପାଇଁ ଯୁବତୀ ଜଣକ ଏଭଳି ନାଟକ ରଚିଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ମେଡିକାଲ ରିପୋର୍ଟ ଆଧାରରେ ଯୁବତୀଙ୍କୁ ବଳାତ୍କାର କରାଯାଇ ନ ଥିବା ପୋଲିସ ସ୍ପଷ୍ଟ ହୋଇଥିଲା। ଏହାପରେ ଯୁବତୀଙ୍କ କଲ୍ ଡିଟେଲ୍ସ ରେକର୍ଡ (ସିଡିଆର) ଯାଞ୍ଚ କରିବା ପରେ ସେ ମିଛ କହିଥିବା ପୋଲିସ ଜାଣି ପାରିଥିଲା। ସେ ବୟାନରେ ଯାହା ସବୁ କହିଥିଲେ, ତାହା ସତ୍ୟ ନ ଥିବା ଖଣ୍ଡଗିରି ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି। ଯୁବତୀ ଜଣକ ପୋଲିସକୁ ଭୁଆଁ ବୁଲାଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଆଇଆଇସି କହିଛନ୍ତି। ଅନ୍ୟପକ୍ଷରେ ଘଟଣାରେ ଅଟକ ଥିବା କାର ଚାଳକ ସୌମ୍ୟରଞ୍ଜନ ମହାନ୍ତିଙ୍କୁ ପୋଲିସ ରବିବାର ଛାଡ଼ିଦେଇଛି।

ତଦନ୍ତରୁ ପୋଲିସ ଜାଣିପାରିଥିଲା ଯେ, ଯୁବତୀ ଜଣକ ସୌମ୍ୟରଞ୍ଜନଙ୍କୁ ୩ମାସ ତଳୁ ଜାଣିଥିଲେ। ଏପରି କି ନିଜ ମୋବାଇଲ୍ ଫୋନରେ ତାଙ୍କ ନମ୍ବର ମଧ୍ୟ ସେଭ୍ କରିଥିଲେ। ମାତ୍ର ପୋଲିସ ଏନେଇ ତାଙ୍କୁ ପଚାରିବାରୁ ଘଟଣାଦିନ ସୌମ୍ୟରଞ୍ଜନ ତାଙ୍କ ମୋବାଇଲ୍ ଛଡାଇ ନେଇ ନମ୍ବର ସେଭ୍ କରିଥିବା ସେ କହିଥିଲେ। କିନ୍ତୁ ପ୍ରାୟ ୩ ମାସ ତଳେ ସେ ଖୋର୍ଦ୍ଧାରେ ପରିବାର ସହ ରହିବା ସମୟରେ କୌଣସି କାମରେ ଭୁବନେଶ୍ୱର ଆସିଥିଲେ। ସେ ଲିଫ୍ଟ ମାଗି ସୌମ୍ୟରଞ୍ଜନଙ୍କ କାରରେ ବସି ଖୋର୍ଦ୍ଧା ଯାଇଥିଲେ। ଯିବା ସମୟରେ ସେ ସୌମ୍ୟରଞ୍ଜନଙ୍କ ଫୋନ୍ ନମ୍ବର ମାଗି ନେଇଥିଲେ। କାମ ପଡ଼ିଲେ ସେ ସୌମ୍ୟରଞ୍ଜନଙ୍କୁ କାରରେ ଯିବା ପାଇଁ ଡାକନ୍ତି। ଏହାପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢି ଉଠିଥିଲା। ଫୋନ୍‌ରେ ଉଭୟ ବହୁ ସମୟ ଧରି କଥା ହୋଇଥିବା ସିଡିଆର ରିପୋର୍ଟରୁ ଜଣାପଡ଼ିଛି। ହେଲେ ଇତିମଧ୍ୟରେ ଯୁବତୀ ଜଣକ ସୌମ୍ୟରଞ୍ଜନଙ୍କଠାରୁ କିଛି ଟଙ୍କା ଧାର ନେଇଥିଲେ। ସୌମ୍ୟରଞ୍ଜନ ଟଙ୍କା ମାଗିବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଯୁବତୀ ଜଣକ ଗତ ବୁଧବାର ତାଙ୍କୁ ଟଙ୍କା ଦେବା ପାଇଁ ଖୋର୍ଦ୍ଧାକୁ ଡାକିଥିଲେ। ସେଠାରେ କାରରେ ବସିବା ପରେ ଚନ୍ଦକା ରୋଡ୍ ଦେଇ ବୁଲିଯାଇଥିଲେ। ଯିବା ସମୟରେ ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଟଙ୍କା ମାଗିଲେ କାରରୁ ଡେଇଁ ପଡ଼ିବାକୁ ସେ ଧମକ ଦେଇଥିଲେ। ଫଳରେ ସୌମ୍ୟରଞ୍ଜନ ଭୟରେ ପିଏନ୍ କଲେଜ ନିକଟରେ କାରକୁ ମନ୍ଥର କରିଦେଇଥିଲେ। ଏହି ସମୟରେ ଯୁବତୀ ଜଣକ କାରରୁ ଡେଇଁ ନିଜ ପୋଷାକ ଚିରି ବଳାତ୍କାର କରାଯାଇଥିବା ନେଇ ନାଟକ କରିଥିଲେ ବୋଲି ଆଇଆଇସି ମହାପାତ୍ର କହିଛନ୍ତି।

ସବୁଠୁ ବଡ଼ କଥା ହେଲା, ଯୁବତୀ ଜଣକ ଘଟଣା ଦିନ ଭୁବନେଶ୍ୱରକୁ ଯୁକ୍ତ୨ ସାର୍ଟିଫିକେଟ ନେବାକୁ ଆସିଥିବା କହିଥିଲେ। ତାଙ୍କ ସିଡିଆର ଯାଞ୍ଚ କରିବା ପରେ ସେ ଘଟଣା ଦିନ ଖୋର୍ଦ୍ଧାରୁ ଚନ୍ଦକା ରୋଡ ଦେଇ ଯାଇଥିଲେ, କିନ୍ତୁ ଭୁବନେଶ୍ୱରକୁ ଆଦୌ ଆସି ନ ଥିବା ପୋଲିସ ଜାଣିପାରିଥିଲା।

# ଲୋକଙ୍କୁ ସଚେତନ କଲା ଆର୍‌ପିଏଫ୍



ବସ୍ତିବାସିନ୍ଦାଙ୍କୁ ଜଣେ ପୋଲିସ ଅଧିକାରୀ ସଚେତନ କରୁଛନ୍ତି।

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

ଚଳନ୍ତା ଟ୍ରେନକୁ ପଥର ନ ଫିଙ୍ଗିବା ଓ ରେଲ୍‌ୱେ ଲେଭଲ କ୍ରସିଂ ଗେଟ୍ ବନ୍ଦ ଥିବାବେଳେ ରାସ୍ତା ପାର ନ ହେବାକୁ ଭୁବନେଶ୍ୱର ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପୋଷ୍ଟ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ରବିବାର ଆର୍‌ପିଏଫ୍ ଟିମ୍ ମଞ୍ଚେଶ୍ୱର ରେଳ ଷ୍ଟେଶନ ନିକଟ ଲାଇନ ବସ୍ତିକୁ ଯାଇ ଚଳନ୍ତା ଟ୍ରେନ୍‌କୁ ପଥର ଫିଙ୍ଗିବାର ପରିଣାମ ସମ୍ପର୍କରେ ବୁଝାଇଥିଲେ। ପଥର ଫିଙ୍ଗିଲେ ଯାତ୍ରୀ ଆହତ ହେବସହ ତାହା ଟ୍ରେନ୍‌ରେ ମାଡ଼ ହୋଇ ନିଜ ଉପରକୁ ଛିଟିକି ପଡିଥାଏ। ସେହିଭଳି ଟ୍ରେନ୍ ଲାଇନ୍ ଉପରେ ଯିବା ଆସିବା କଲେ କ'ଣ ବିପଦ ରହିଛି ସେ ସମ୍ପର୍କରେ ମଧ୍ୟ କହିଥିଲେ। ପଥର ଫିଙ୍ଗିରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ନିଜେ ସଚେତନ ହେବା ସହ ପିଲାମାନଙ୍କୁ ଏପରି କାର୍ଯ୍ୟରୁ ଦୂରେଇ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହ ଭିଏସ୍‌ଏସ୍ ନଗର ଲେଭଲ କ୍ରସିଂ ଫାଟକରେ ଲୋକଙ୍କୁ ଗେଟ୍ ବନ୍ଦ ଥିବାବେଳେ ରାସ୍ତା ପାର ନ ହେବାକୁ ବୁଝାଯାଇଥିଲା। ଅପେକ୍ଷା ନ କରି ବିପଦପୂର୍ଣ୍ଣ ଭାବେ ଗେଟ୍ ତଳେ ପଶି ଟ୍ରେନ୍ ଲାଇନ୍ ପାର ହେବା ଜୀବନ ନେଇପାରେ ବୋଲି କୁହାଯାଇଥିଲା। ଏଏସ୍‌ଆଇ ସୁଦର୍ଶନ ସେଠୀଙ୍କ ନେତୃତ୍ୱରେ ଉକ୍ତ ଟିମ୍ ଲୋକଙ୍କୁ ସଚେତନ କରିଥିଲା।

## ଭାରତୀୟ ଖାଉଟି କଲ୍ୟାଣ ପରିଷଦ ଓଡ଼ିଶା ଚାପ୍ଟରର କାର୍ଯ୍ୟ ଆରମ୍ଭ

# ଲୋକଙ୍କ ପାଇଁ ସ୍ୱର ଉଠାଇବ ଏଆଇସିଡବ୍ଲୁସି

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସର୍ବଭାରତୀୟ ଖାଉଟି କଲ୍ୟାଣ ପରିଷଦ (ଏଆଇସିଡବ୍ଲୁସି) ରବିବାର ନିଜର ଓଡ଼ିଶା ଚାପ୍ଟର ଘୋଷଣା କରିବା ସହ କାର୍ଯ୍ୟ ଆରମ୍ଭ କରିଛି। ଓଡ଼ିଶା ଦେଶର ୨୨ତମ ରାଜ୍ୟ ଯେଉଁଠାରେ ଏହି ପରିଷଦ ଖାଉଟି ବା ଉପଭୋକ୍ତାଙ୍କ ଅଧିକାର ରକ୍ଷା ଓ ସେମାନଙ୍କ ସ୍ୱରକୁ ଉପଯୁକ୍ତ ମଞ୍ଚରେ ଉଠାଇବା କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟ କରୁଛି। ଭାରତୀୟ ଉପଭୋକ୍ତା ମହାସଂଘ(ସିସିଆଇ)ର ଜାତୀୟ ସଭାପତି ଡ. ଅନନ୍ତ ଶର୍ମା ଓ ଏଆଇସିଡବ୍ଲୁସିର ଜାତୀୟ ମହାସଚିବ ଦେବେନ୍ଦ୍ର ତିୱାରୀଙ୍କ ଉପସ୍ଥିତିରେ ଚାପ୍ଟରର ରାଜ୍ୟ ଓ ଜିଲାସ୍ତରୀୟ କର୍ମକର୍ତ୍ତାମାନଙ୍କୁ ମନୋନୀତ କରାଯାଇଛି। ସୁନୀଲ କୁମାର ବେହେରା ଓ ବରୁଣ ପ୍ରକାଶ ଜେନା ଏଆଇସିଡବ୍ଲୁସି ଓଡ଼ିଶା ଚାପ୍ଟରର ଯଥାକ୍ରମେ ସଭାପତି ଓ ସେକ୍ରେଟାରୀ ଭାବେ ମନୋନୀତ ହୋଇଛନ୍ତି। ନୂଆକରି ଯୋଗଦେଇଥିବା ସାଧାରଣ ସଦସ୍ୟମାନଙ୍କୁ ସଚେତନ କରିବା ପାଇଁ ଖାଉଟି ସୁରକ୍ଷା ଆଇନ-୨୦୧୯, ଖାଉଟି ସଶକ୍ତୀକରଣ, ନିଜ ବିଲ୍‌କୁ ଜାଣନ୍ତୁ, ଉପଭୋକ୍ତା ବ୍ୟବହାର, ଅସାଧୁ ବ୍ୟବସାୟ ପଦ୍ଧତି, ଭ୍ରମାତ୍ମକ ବିଜ୍ଞାପନ ଓ ସହଜ ଉପଭୋକ୍ତା ଅଭିଯୋଗ ସମାଧାନ ଆଦି ପ୍ରସଙ୍ଗରେ ଏକ ଦିନିକିଆ କର୍ମଶାଳା ମଧ୍ୟ ଆୟୋଜିତ ହୋଇଛି। ଏହି ସଦସ୍ୟମାନେ ସାଧାରଣ ଜନତା ଓ ଖାଉଟିମାନଙ୍କୁ ସଚେତନ କରିବେ ବୋଲି ଏହି ଅବସରରେ ପ୍ରକାଶ ପାଇଛି। ଉଲ୍ଲେଖଯୋଗ୍ୟ, ଏଆଇସିଡବ୍ଲୁସି ଏକ ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦ ନାମରେ ପଞ୍ଜୀକୃତ ସୋସାଇଟି। ଗ୍ରାହକଙ୍କ ଅଧିକାର ଯଥା ନିରାପତ୍ତାର ଅଧିକାର, ଅଭିଯୋଗ ଶ୍ରବଣର ଅଧିକାର, ନ୍ୟାୟ ପାଇବାର ଅଧିକାର ଓ ଖାଉଟି ସଚେତନତା ଆଦିର ସୁରକ୍ଷା ଦିଗରେ ଏହି ପରିଷଦ କାର୍ଯ୍ୟ କରୁଛି।

## ଶରତ ରାସ ପରିବେଷଣରେ ଶ୍ରୀକୃଷ୍ଣଙ୍କ ଗୋପଲୀଳା

**ପୁରୁଣା ଭୁବନେଶ୍ୱର, ୧୦।୧୧ (ଡି.ଏନ.ଏ.)**

ହଜି ଯାଉଥିବା ଉତ୍କଳୀୟ କଳା ସଂସ୍କୃତି ପରମ୍ପରାକୁ ବଞ୍ଚାଇ ରଖିବାକୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ଉଦ୍ୟମ ଉଦାହରଣ ସାଜିଛି। ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣପୁର ଯୁବ ଗୋଷ୍ଠୀ ଶରତ ରାସରେ ଶ୍ରୀକୃଷ୍ଣଙ୍କ ଗୋପଲୀଳା ନାଟକ ବେଶ୍ ଆକର୍ଷଣ ହୋଇଥିଲା। ଉତ୍ସାହୀ ଯୁବତୀଯୁବକ, କୁନି ପିଲାମାନେ ଶନିବାର ଆୟୋଜିତ ନାଟକରେ ଶୁକଦେବ, ଶ୍ରୀକୃଷ୍ଣ, ରାଧା, ଚନ୍ଦ୍ରା, ଲଳିତା, ବୃନ୍ଦା, ଭକ୍ତ ବଟୁ, ପରିକ୍ଷିତ ମହାରାଜ, କେଳାକେଲୁଣୀ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ରାସ ଉତ୍ସବ ଅବସରରେ ୫ ରାତି ପର୍ଯ୍ୟାୟକ୍ରମେ ଏହି ପୌରାଣିକ କାର୍ଯ୍ୟକ୍ରମ ପରିବେଷିତ ହେବ ବୋଲି ସାମାଜିକ କର୍ମୀ ମୋହନ କୁମାର ଆଚାର୍ଯ୍ୟ କହିଛନ୍ତି। ନୃତ୍ୟଗୁରୁ ଆର୍ତ୍ତତ୍ରାଣ ସାହୁ, ସହନିର୍ଦ୍ଦେଶନା ନବ କିଶୋର ପାଇକରାୟ, ପ୍ରମୋଦ ମହାରଣା, ରଘୁନାଥ ପ୍ରଧାନ, ରବୀନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ପାତ୍ର, ମାଧବାନନ୍ଦ ସାହୁ, ତ୍ରିନାଥ କାଳିଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୟୁନିୟନ ବ୍ୟାଙ୍କ ପକ୍ଷରୁ ଶହେବର୍ଷ ପୂର୍ତ୍ତି



**ଭୁବନେଶ୍ୱର,୧୦-୧୧**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଶହେ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ଏହି ଉପଲକ୍ଷେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଶହୀଦ ନଗରଠାରେ ଏକ ମାରାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିୟନ ବ୍ୟାଙ୍କର ଉପ-ମହାପ୍ରବନ୍ଧକ ରୂପଲାଲ ମୀନା ରାଷ୍ଟ୍ରର ବିକାଶରେ ୟୁନିୟନ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ମେକ୍ ଇନ୍ ଇଣ୍ଡିଆ, ଡିଜିଟାଲ ଇଣ୍ଡିଆ, ଜନଧନ ଯୋଜନା, ମୁଦ୍ରା ଯୋଜନା, ଷ୍ଟାଣ୍ଡ ଅପ୍ ଇଣ୍ଡିଆ, ସ୍କିଲ୍ ଇଣ୍ଡିଆ ଭଳି ବିଭିନ୍ନ ଯୋଜନାରେ ବ୍ୟାଙ୍କର ଯୋଗଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆନ୍ଧ୍ର ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ କେ.ଭି.ଭି.ଏନ୍.ଏସ୍.ରାମମୂର୍ତ୍ତି, ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି, ମୁଖ୍ୟ ପ୍ରବନ୍ଧକ ରଷିକାନ୍ତ ପ୍ରସାଦଙ୍କ ସମେତ କ୍ଷେତ୍ରୀୟ କାର୍ଯ୍ୟାଳୟ ଏବଂ ଶାଖା କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇଥିଲେ।

## ଆଜି 'ଜାତୀୟ ଶିକ୍ଷା ଦିବସ'

# ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ଜରୁରୀ





ବୈଠକରେ ଯୋଗ ଦେଇଥିବା ଅତିଥିବୃନ୍ଦ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

ଏବେ ଶିକ୍ଷା କ୍ଷେତ୍ରରେ ବହୁ ପରିବର୍ତ୍ତନ ଆସିଛି। ଏପରି କି ବିଗତ ଦିନଗୁଡ଼ିକରେ ଶିକ୍ଷାନୀତି ମଧ୍ୟ ବଦଳିଛି। ଆଗକୁ 'ଜାତୀୟ ଶିକ୍ଷାନୀତି ୨୦୧୯' ଆସିବାକୁ ଯାଉଛି, ଯାହାକୁ ନେଇ ଲୋକମାନେ ଭିନ୍ନ ଭିନ୍ନ ମତ ରଖୁଛନ୍ତି। ତେବେ ନୂତନ ଶିକ୍ଷାନୀତି ନ ଆସିବା ଯାଏ ଏବଂ ସେ ବିଷୟରେ ଅବଗତ ନ ହୋଇ ତାକୁ ବିରୋଧ କରିବା ଉଚିତ ନୁହେଁ। 'ଜାତୀୟ ଶିକ୍ଷା ଦିବସ' ଉପଲକ୍ଷେ ରବିବାର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ(ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେଶନ)ର ପ୍ରେକ୍ଷାଳୟରେ ଆୟୋଜିତ ଏକ କର୍ମଶାଳାରେ ଏଭଳି ମତ ପ୍ରକାଶ ପାଇଛି।

ସୋମବାର 'ଜାତୀୟ ଶିକ୍ଷା ଦିବସ' ହୋଇଥିବାରୁ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏହି ଅବସରରେ ସେଣ୍ଟର ଫର୍ ପଲିସି ଗଭର୍ନାନ୍ସ ଆଣ୍ଡ୍ ଆଡଭୋକେସି (ସିପିଜିଡି) ଅଧ୍ୟକ୍ଷ ତେଜେଶ୍ୱର ପରିଡ଼ା ଯୋଗଦେଇ କହିଛନ୍ତି, ବିଦ୍ୟାଳୟରେ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ଏବେ ଜରୁରୀ ହୋଇପଡ଼ିଛି। ନୀତି ଆୟୋଗ ଦ୍ୱାରା ପ୍ରତ୍ୟେକ ବର୍ଷ ହେଉଥିବା ଶିକ୍ଷା ହାର ସର୍ଭେରେ ଓଡ଼ିଶାର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ଦେବାକୁ ପଡ଼ିବ। ଗତ ଦୁଇବର୍ଷ ହେବ ଏହି ସର୍ଭେରେ ଓଡ଼ିଶା କ୍ରମାଗତ ଭାବେ ଭଲ ପ୍ରଦର୍ଶନ କରୁଛି, କିନ୍ତୁ ଶୀର୍ଷକୁ ଯାଇପାରୁନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତବର୍ଷ ଏହାକୁ ଆଗକୁ ନେଇ ଶୀର୍ଷରେ ପହଞ୍ଚାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେଣୁ ରାଜ୍ୟର ଶିକ୍ଷାବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହ ଗୁଣାତ୍ମକ ଶିକ୍ଷା ଯୋଗାଇବା ଆବଶ୍ୟକ ବୋଲି ପରିଡ଼ା କହିଛନ୍ତି। କର୍ମଶାଳାରେ ପ୍ରଫେସର ୟୁ.ଏନ୍. ଦାସ, ପ୍ରଫେସର ଜି.ସି. ନନ୍ଦ, ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ, ପ୍ରଫେସର ପ୍ରତୀଶ ଆଚାର୍ଯ୍ୟ, ପ୍ରଫେସର ପ୍ରହଲ୍ଲାଦ ସିହ୍ନା ଓ ଶ୍ରବଣ ବାଗ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଏହାସହ ବହୁ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହି ଅବସରରେ ନୂତନ ଶିକ୍ଷାନୀତି ସମ୍ପର୍କରେ ଅତିଥିମାନଙ୍କ ସହ ଆଲୋଚନା କରିଥିଲେ।

# ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଦିଆଯିବ ୨୮ଜଣଙ୍କୁ ପେନ୍‌ସନ

**ଭୁବନେଶ୍ୱର,୧୦।୧୧(ବ୍ୟୁରୋ)**

ପ୍ରତିବର୍ଷ ଭଳି ଚଳିତ ବର୍ଷ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜାତୀୟ ପ୍ରେସ୍ ଦିବସରେ ୨୮ ବରିଷ୍ଠ ଖବରଦାତାଙ୍କୁ ପେନ୍‌ସନ ପ୍ରଦାନ କରାଯିବ। ପ୍ରତିବର୍ଷ ନଭେମ୍ବର ୧୬ରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଥାଏ। ଚଳିତବର୍ଷ ଅପରାହ୍ନ ସାଢ଼େ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏକ କାର୍ଯ୍ୟକ୍ରମ ସ୍ଥାନୀୟ ସୂଚନାଭବନଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ଜଣେ ଖବରଦାତାଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ' ସମ୍ମାନ ଏବଂ ଜାତୀୟସ୍ତରର ୭ ସମ୍ବାଦପତ୍ରର ସମ୍ପାଦକଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ'ରେ ସମ୍ମାନିତ କରାଯିବ। ଏହି ଉତ୍ସବରେ ସାମ୍ବାଦିକତା ଶିକ୍ଷା କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ନାଁରେ ଥିବା ସ୍ମାରକୀ ସମ୍ମାନ ପ୍ରଦାନ କରାଯିବ। ଏହାବ୍ୟତୀତ ସରକାରଙ୍କ ଦ୍ୱାରା ଥରେ ସ୍ୱୀକୃତିପ୍ରାପ୍ତ ହୋଇଥିବା ଓ ୬୫ ବର୍ଷରୁ ଉର୍ଦ୍ଧ୍ୱ ୨୮ଜଣ ବରିଷ୍ଠ ଖବରଦାତାଙ୍କୁ ସମ୍ମାନିତ କରାଯିବ। ସମ୍ମାନିତ ହେବାକୁ ଥିବା ଏହି ବ୍ୟକ୍ତିବିଶେଷମାନେ ହେଲେ- ମହେଶ୍ୱର ମୂଳିଆ, ଦୁଲାଲ ମିଶ୍ର, ସୁରେନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପଟ୍ଟନାୟକ, ପ୍ରବୋଧ କୁମାର ମିଶ୍ର, ରତ୍ନାକର ବେହେରା, ସାରଦା ପ୍ରସନ୍ନ ନନ୍ଦ, ବସନ୍ତ ଦାସ, ପ୍ରଦୋଷ ପଟ୍ଟନାୟକ, ଅରୁଣ କୁମାର ପଣ୍ଡା, ସୁବାସ ଚନ୍ଦ୍ର ପଟ୍ଟନାୟକ, ଅକ୍ଷୟ କୁମାର ପତି, ହଳଧର ଧୀର, ଅର୍ଜୁନ ରଞ୍ଜନ ପଣ୍ଡା, ଅଜିତ କୁମାର ମହାନ୍ତି, ଗଜେନ୍ଦ୍ର କୁମାର ମହାନ୍ତି, ଏସ୍‌ଏ ମନାନ୍, ଭାଗବତ ତ୍ରିପାଠୀ, ଗୋଲକ ଚନ୍ଦ୍ର ସୂତାର, ବସନ୍ତ କୁମାର ଦାଶ, ଶ୍ରୀରାମ ଦାଶ, ଗୁରୁକଲ୍ୟାଣ ମହାପାତ୍ର, ସୁଜ୍ଞାନ ଚୌଧୁରୀ, ରବି ସିଂ, ସୁଦାମ ଚରଣ ନାୟକ, ପଦ୍ମନାଭ ଜେନା, ଶିବପ୍ରସାଦ ତ୍ରିପାଠୀ ଓ ବିପିନ ଦାଶ।



ମହମ୍ମଦ ଜୟନ୍ତୀ ଅବସରରେ ରବିବାର ଭୁବନେଶ୍ୱର ଜନପଥରେ ଅନୁଷ୍ଠିତ ମୁସଲିମ୍ ଧର୍ମାବଲମ୍ବୀଙ୍କ ଶୋଭାଯାତ୍ରା।

# ବିଳମ୍ବିତ ରାତିରେ ଆତଙ୍କ ଖେଳାଇଲେ ୫ ଯୁବକ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

- ବାର୍‌ରେ ପଶି ଆକ୍ରମଣ, ବାର୍ ଡ୍ୟାନ୍ସରଙ୍କୁ ପିଛା କରି ଲୁଟିଲେ
- ୨ ଅଭିଯୁକ୍ତ ଅଟକ, ଦୁଇ ଥାନା ପୋଲିସର ଚଢ଼ାଉ ଜାରି

ଶନିବାର ବିଳମ୍ବିତ ରାତିରେ ଲକ୍ଷ୍ମୀସାଗର ଛକରୁ ସତ୍ୟବିହାର ପର୍ଯ୍ୟନ୍ତ ଆତଙ୍କ ଖେଳାଇଥିଲେ ୫ଜଣ ଯୁବକ। ପ୍ରଥମେ କଟକ ରୋଡ଼ରେ ଥିବା ରେନ୍ ଦି କ୍ଲବ୍ ବାର୍‌ରେ ପଶି ବାଉନ୍‌ସରଙ୍କୁ ଆକ୍ରମଣ କରିବା ସହ ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ସେଠାରେ ବହୁ ସମୟ ଧରି ଉତ୍ତେଜନା ଦେଖାଦେଇଥିଲା। ଏହାପରେ ଅଟୋରେ ଘରକୁ ଫେରୁଥିବା ବାର୍ ଡ୍ୟାନ୍ସରମାନଙ୍କୁ ପିଛା କରି ସତ୍ୟବିହାର ଅଞ୍ଚଳରେ ଅଟକାଇ ତାଙ୍କଠାରୁ ଲୁଟ୍‌ପାଟ କରିଥିଲେ। ଘଟଣାକୁ ନେଇ ଲକ୍ଷ୍ମୀସାଗର ଥାନାରେ ବାର୍ ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ଏକ ମାମଲା (ନଂ.୩୨୬/୧୯) ରୁଜୁ ହୋଇଛି। ସେହିଭଳି ଲୁଟ୍ ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନାରେ ଆଉ ଏକ ମାମଲା (ନଂ୫୨୨/୧୯) ରୁଜୁ ହୋଇଛି। ପୋଲିସ ଦୁଇ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିବା ସହ ଅନ୍ୟମାନଙ୍କୁ ଧରିବାକୁ ଚଢ଼ାଉ ଜାରି ରହିଥିବା ଲକ୍ଷ୍ମୀସାଗର ଥାନାଧିକାରୀ ଦୟାନିଧି ନାୟକ କହିଛନ୍ତି।

ତାଙ୍କ ସୂଚନାନୁସାରେ, ରାତି ପ୍ରାୟ ୧୨ଟାରେ ହଠାତ୍ କେତେଜଣ ଯୁବକ ବାର୍‌ରେ ଉତ୍ପାତ କରିଥିଲେ। ବାର୍ ପକ୍ଷରୁ ନିୟୋଜିତ ବାଉନ୍‌ସରମାନେ ସେମାନଙ୍କୁ ବୁଝାଶୁଝା କରି ଅଟକାଇବାକୁ ଉଦ୍ୟମ କରିଥିଲେ। ହେଲେ ସେମାନେ ବାଉନ୍‌ସରଙ୍କୁ ଠେଲାପେଲା କରି ଆହୁରି ବିଶୃଙ୍ଖଳା ଘଟାଇଥିଲେ। ପରେ ସେମାନଙ୍କର ଆଉ କେତେଜଣ ସହଯୋଗୀ ପହଞ୍ଚି ସଂଘବଦ୍ଧ ଭାବେ ବାଉନ୍‌ସରମାନଙ୍କୁ ମାଡ଼ ମାରିଥିଲେ। ଏଥିସହ ବାର୍ ଭିତରେ ଥିବା ଟେବୁଲ ଓ ବିଭିନ୍ନ ସରଞ୍ଜାମକୁ ଫିଙ୍ଗାଫୋପଡ଼ା କରି ଭାଙ୍ଗି ଦେଇଥିଲେ। ଖବର ପାଇ ପୋଲିସ ପହଞ୍ଚିବା ବେଳକୁ ସମ୍ପୃକ୍ତ ଯୁବକମାନେ ସେଠାରୁ ଖସି ପଳାଇଥିଲେ। ହେଲେ ବାର୍ ଆଖପାଖରେ ଲୁଚି ରହିବା ସହ ରାସ୍ତାରେ ଆଡ୍ଡା ଜମାଇଥିଲେ। ଘଟଣାର କିଛି ସମୟ ପରେ ୨ଜଣ ମହିଳା ବାର୍ ଡ୍ୟାନ୍ସର ଏକ ଅଟୋରେ ଘରକୁ ଫେରୁଥିଲେ। ସମ୍ପୃକ୍ତ ଯୁବକମାନେ ସେମାନଙ୍କୁ ପିଛା କରି ବାଟରେ ଅଟକାଇବାକୁ ଚେଷ୍ଟା କରିଥିଲେ। ଶେଷରେ ସତ୍ୟବିହାର କଲୋନୀ ଅଞ୍ଚଳରେ ସେମାନଙ୍କୁ ଅଟକାଇ ଟଣାଓଟରା କରିବା ସହ ମୋବାଇଲ୍ ଫୋନ୍ ଓ ଭ୍ୟାନିଟି ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ।

# ବୁଦ୍ଧିମତ୍ତା ବଢ଼ାଏ ଡିଜିଟାଲ ଡିଭାଇସ୍

ଆଜିକାଲ ଡିଜିଟାଲ ଯୁଗ। ହାତ ପାଆନ୍ତାରେ ଅନେକ ଜିନିଷ ମିଳିଯାଉଛି। ଇଲେକ୍‌ଟ୍ରୋନିକ ଗ୍ୟାଜେଟ୍ ଦ୍ୱାରା ମାନବ ସମାଜ କେତେ ଉପକୃତ ହେଉଛି ତାହା କହିବା ବାହୁଲ୍ୟ। କେବଳ ଯୁବପିଢ଼ି ନୁହନ୍ତି ଏହି ନିଶା ଛୋଟ ପିଲାଙ୍କୁ ମଧ୍ୟ ଘାରିଛି। ଛାତ୍ରୀଛାତ୍ର ପାଠ ସମ୍ପର୍କିତ ଅନେକ ତଥ୍ୟ ଏଥିରୁ ପାଇପାରୁଛନ୍ତି। ତା'ସହ ଡିଜିଟାଲ ଡିଭାଇସ୍‌ରେ ଗେମ୍ ଖେଳିବା ଅନେକ ପିଲାଙ୍କର ଏକ ଅଭ୍ୟାସ ପାଲଟିଯାଇଛି କହିଲେ ଭୁଲ୍ ହେବନାହିଁ। କିନ୍ତୁ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାରେ ବିକାଶ ଘଟିଥାଏ ବୋଲି ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଡିଜିଟାଲ ଡିଭାଇସ୍ ଏବଂ ପିଲାଙ୍କ ବୁଦ୍ଧିମତ୍ତା' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟି ପକ୍ଷରୁ ଏକ ସର୍ଭେ କରାଯାଇଥିଲା। ଏଥିରେ ଅଧିକାଂଶ ସମୟ ଡିଜିଟାଲ ଡିଭାଇସ୍ ସହ ଜଡ଼ିତ ରହୁଥିବା ପିଲାଙ୍କର ବୁଦ୍ଧିମତ୍ତାରେ କି ପ୍ରକାର ବିକାଶ ଘଟୁଛି ତାହାକୁ ତନ୍ନ ତନ୍ନ କରି ଲକ୍ଷ୍ୟ କରାଯାଇଥିଲା। ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତା ପୂର୍ବାପେକ୍ଷା ପ୍ରଖର ରହୁଥିବାର ଜଣାପଡ଼ିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଆବଶ୍ୟକତାଠାରୁ ଅଧିକ ସମୟ ସେମାନେ ଡିଜିଟାଲ ଡିଭାଇସ ସହ ଜଡ଼ିତ ହେବା ଠିକ୍ ନୁହେଁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।





# କ୍ୟାଲ୍‌ସିୟମ

ଆମ ଶରୀରରେ କ୍ୟାଲସିୟମ ପରିମାଣ ସନ୍ତୁଳିତ ରହିଲେ ତାହା ଅସ୍ଥିକୁ ଦୃଢ଼ କରିଥାଏ। ତା' ସହ ଆମକୁ କେତେକ ରୋଗରୁ ମଧ୍ୟ ରକ୍ଷା କରିଥାଏ। ତେଣୁ ଜଣେ ସୁସ୍ଥ ବ୍ୟକ୍ତି ପ୍ରତିଦିନ ଅତିକମ୍‌ରେ ୧୦୦-୧୨୦୦ ଗ୍ରାମ କ୍ୟାଲସିୟମ ଜାତୀୟ ଖାଦ୍ୟ ଖାଇବା ଆବଶ୍ୟକ। ଯଦି ଶରୀରରେ କ୍ୟାଲିୟମ ପରିମାଣ ଠିକ୍ ରହେ ତେବେ ତାହା କେବଳ ଅସ୍ଥି ନୁହେଁ ଦାନ୍ତକୁ ମଧ୍ୟ ଦୃଢ଼ କରିଥାଏ। ଗୋଟିଏ କଥା-ଆମ ଶରୀର ଭିତରକୁ ଯେତେ କ୍ୟାଲସିୟମ ଯାଏ ତନ୍ମଧ୍ୟରୁ କେତେକ ଝାଳ, ପରିସ୍ରା ବାଟେ ବାହାରିଯାଏ। ତେଣୁ ଶରୀର ଭିତରେ ଏହି ପରିମାଣ କିପରି ସନ୍ତୁଳିତ ରହିବ ସେ ନେଇ ସଚେତନ ରହିବା ଆବଶ୍ୟକ। ବିଶେଷଭାବରେ ବୟସ ବଢ଼ିବା ସହ କ୍ୟାଲ୍‌ସିୟମ ଜାତୀୟ ଖାଦ୍ୟକୁ ଅଧିକ ଗୁରୁତ୍ୱ ଦେବା ଦରକାର। ସବୁଜ ପନିପରିବା, କ୍ଷୀରଜାତୀୟ ଖାଦ୍ୟ, ମାଛ, ପୋଇ, ବ୍ରୋକଲି, ଫଳମୂଳ, ବିନ୍, ବାଦାମ ଆଦିରେ କ୍ୟାଲ୍‌ସିୟମ ଭରି ରହିଛି।

# କଫ ସମସ୍ୟାର ଘରୋଇ ଉପଚାର

କଫଜନିତ ସମସ୍ୟାର ଲକ୍ଷଣ ଦେଖାଦେବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ଦରକାର। ହେଲେ ଏପରି କେତେକ ଘରୋଇ ଉପାୟ ରହିଛି ଯାହାକୁ ଆପଣେଇ ଜଣେ କଫ ସମସ୍ୟାର ପ୍ରାରମ୍ଭିକ ଅବସ୍ଥାରେ ସେଥିରୁ ଉପଶମ ଲାଭ କରିପାରିବ। ଅଧା କପ ଉଷୁମ ପାଣିରେ ଏକ ଚାମଚ ହଳଦୀ ଗୁଣ୍ଡ, ଏକ ଚାମଚ ଗୋଲମରିଚ ଗୁଣ୍ଡ ଏବଂ ଏକ ଚାମଚ ମହୁ ମିଶାଇ ଏହାକୁ କିଛି ସମୟ ଗରମ କରି ପିଅନ୍ତୁ। ଏହାଦ୍ୱାରା କଫଜନିତ ସମସ୍ୟାରୁ ଉପଶମ ମିଳିଥାଏ। ଅଦାକୁ ଛୋଟ ଛୋଟ ଆକାରରେ କାଟି ପାଣିରେ ମିଶାଇ ସେହି ମିଶ୍ରଣ ପାଣିକୁ ପିଅନ୍ତୁ। ଦେଖିବେ, କାଶରୁ ଅନେକାଂଶରେ ଲାଘବ ମିଳିବ। ଏହାବ୍ୟତୀତ ଅଦା ରସରେ ମହୁ ଏବଂ ଲେମ୍ବୁ ମିଶାଇ ପିଇବା ଦ୍ୱାରା କଫ ସମସ୍ୟା ଦୂର ହୋଇଥାଏ। ଦୁଇ ଚାମଚ ଲେମ୍ବୁ ରସରେ ଏକ ଚାମଚ ମହୁ ମିଶାଇ ତାକୁ ଉଷୁମ କରି ପିଇଲେ କାଶରୁ ଉପଶମ ମିଳିଥାଏ। ଅଧା ଚାମଚ ପିଆଜ ରସରେ ଏକ ଚାମଚ ମହୁ ମିଶାଇ ଦିନକୁ ଦୁଇ ଥର ପିଇଲେ କାଶ ସହ ଥଣ୍ଡା ସମସ୍ୟା ଦୂର ହୋଇଥାଏ।





ଡା. ନିତ୍ୟାନନ୍ଦ ସ୍ୱାଇଁ



# ପରିବାର ଓ ଡାଇବେଟିସ୍

**ଚଳିତ ମାସ ୧୪ ତାରିଖରେ ପାଳିତ ହେବାକୁ ଯାଉଛି 'ବିଶ୍ୱ ମଧୁମେହ ଦିବସ'। ସେ ସମ୍ପର୍କିତ ବିଷୟବସ୍ତୁକୁ ନେଇ ଉପସ୍ଥାପନା...**

ଡାଇବେଟିସ୍ ଏକ ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟା। ଏହା ଦ୍ରୁତ ହାରରେ ବଢି ଚାଲିଛି। ଏପରି କି ଭାରତ ପାଇଁ ଏହା ମହାମାରୀର ରୂପ ନେଲାଣି ବୋଲି ଚେତାବନୀ ଶୁଣେଇ ସାରିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା। ଭାରତକୁ ଡାଇବେଟିସ୍‌ର ରାଜଧାନୀ ଭାବେ ମଧ୍ୟ ଅଭିହିତ କରାଯାଉଛି। ୧୯୮୦ ଦଶକଠାରୁ ଏହା ଆଉ ଥମିବାର ନାଆଁ ଧରୁନି।

ଅର୍ଥନୈତିକ ଅଭିବୃଦ୍ଧି ସୁଗମ କରିଦେଇଛି ଶିଳ୍ପାୟନକୁ। ଶିଳ୍ପାୟନ ଫଳରେ ମଣିଷ ହାତରୁ କାମ ଛଡେଇ ନେଇଛି ମେଶିନ। ଫଳରେ ସେ ଶାରୀରିକ ଶ୍ରମରୁ ମୁକ୍ତି ପାଇ ନିର୍ବାହ କରୁଛି ଆରାମପ୍ରଦ ଜୀବନ। ତା' ସାଙ୍ଗକୁ ପରିବାରର ଆୟ ବଢିଯିବା ଯୋଗୁ ପାରମ୍ପରିକ ଖାଦ୍ୟ ଏବେ ପରିବାରରୁ ନିର୍ବାସିତ। ଖାଇବା ଥାଳିରେ ଗାଦି ମାଡ଼ି ବସିଛି ବେଶି ମିଠା, ତେଲ ଘିଅ, ଲୁଣ, ଫାଷ୍ଟଫୁଡ ଇତ୍ୟାଦି। ଶୋଷ ମେଣ୍ଟୁଛି କୋଲ୍ଡ ଡ୍ରିଙ୍କ ପିଇ। ଏଭଳି ପ୍ରତିକୂଳ ଜୀବନଶୈଳୀ ଯୋଗୁ ଡାଇବେଟିସ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ମସ୍ତିଷ୍କ ଷ୍ଟ୍ରୋକ ଓ କ୍ୟାନ୍‌ସର ଭଳି ଦୀର୍ଘକାଳୀନ ଅଣସଂକ୍ରାମକ ରୋଗଗୁଡିକ ପ୍ରାଦୁର୍ଭାବ ବିସ୍ତାର କରିଚାଲିଛନ୍ତି। ଆଉ ଏଗୁଡିକ ମଧ୍ୟରେ ସର୍ବୋଚ୍ଚ ଆସନ ଅଧିକାର କରିଛି ଡାଇବେଟିସ।

ଡାଇବେଟିସ ରୋଗର ନିର୍ଣ୍ଣୟ ଅତି ସହଜ ଓ ଶସ୍ତା ମଧ୍ୟ। ରକ୍ତରେ କେବଳ ଗ୍ଲୁକୋଜର ମାତ୍ରା ମାପି ରୋଗ ହୋଇଛି କି ନା ଜାଣି ନେଇ ହେବ। ଭାରତର ବଡ ବଡ ସହରରେ ବାସ କରୁଥିବା ୫୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତ ସଂପ୍ରତି ଡାଇବେଟିସର ଶିକାର। ସମାନ ସଂଖ୍ୟକ ବ୍ୟକ୍ତି ଡାଇବେଟିସ ଜାତ ହେବାର ପୂର୍ବ ସ୍ତରରେ ପହଞ୍ଚିଗଲେଣି।

ପ୍ରତିବର୍ଷ ନଭେମ୍ବର ୧୪ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ମଧୁମେହ ଦିବସ' ବା ୱାର୍ଲ୍ଡ ଡାଇବେଟିସ ଡେ। ଏହି ଦିବସରେ ଭୂମିଷ୍ଠ ହୋଇଥିଲେ ଫ୍ରେଡେରିକ୍ ବ୍ୟାଣ୍ଟିଂ। ବ୍ୟାଣ୍ଟିଂ ଥିଲେ ଇନସୁଲିନର ଆବିଷ୍କର୍ତ୍ତା। ଚଳିତ ବର୍ଷର ୱାର୍ଲ୍ଡ ଡାଇବେଟିସ ଡେ'ର ଥିମ୍ ବା ପ୍ରସଙ୍ଗ ହେଉଛି 'ପରିବାର ଓ ଡାଇବେଟିସ୍' ବା 'ଫ୍ୟାମିଲି ଆଣ୍ଡ ଡାଇବେଟିସ'। ବାସ୍ତବରେ ପରିବାରରେ ଡାଇବେଟିସ ରୋଗୀ ଥିଲେ ପରିବାର ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିଥାଏ। ଅନ୍ୟପକ୍ଷରେ ପରିବାରର ସଦସ୍ୟମାନଙ୍କଠାରୁ ଆନ୍ତରିକ ସହଯୋଗ ମିଳିପାରିଲେ ରୋଗୀଠାରେ ରୋଗ ଓ ରୋଗର ଜଟିଳତା ନିୟନ୍ତ୍ରଣ ଯଥେଷ୍ଟ ସୁଗମ ହୋଇଯାଏ।

ଉଦାହରଣ ସ୍ୱରୂପ, ପରିବାରରେ ଡାଇବେଟିସ ରୋଗୀ ଥିଲେ ତାଙ୍କ ଖାଦ୍ୟପେୟରେ କେତେକ ପରିବର୍ତ୍ତନ ଲୋଡାପଡେ। ତେଣୁ ରୋଗୀଙ୍କ ମନସ୍ତତ୍ତ୍ୱକୁ ସମ୍ମାନ ଦେଇ ତଥା ଆନୁଷଙ୍ଗିକ ସୁବିଧା ପାଇଁ ପରିବାରର ଅନ୍ୟ ସଦସ୍ୟମାନଙ୍କ ଖାଦ୍ୟ ମଧ୍ୟ ପରିବର୍ତ୍ତିତ ହୋଇଯିବା ସ୍ୱାଭାବିକ। ସେହିପରି ରୋଗୀଟିର ଆଖି, ହୃତ୍‌ପିଣ୍ଡ, ବୃକ୍କ କିମ୍ବା ପାଦରେ ଡାଇବେଟିସ ସମ୍ପର୍କିତ ଜଟିଳତା ପ୍ରକାଶ ପାଇଥିଲେ ଏହାର ମନସ୍ତାତ୍ତ୍ୱିକ ପ୍ରଭାବ କେବଳ ରୋଗୀଠାରେ ସୀମିତ ରହି ନ ଥାଏ। ପରିବାରର ଅନ୍ୟ ସମସ୍ତେ ମଧ୍ୟ ମାନସିକ ଚାପଗ୍ରସ୍ତ ରହିବା ପାଇଁ ବାଧ ହୋଇଥାନ୍ତି। ଏଥିରୁ ମୁକୁଳିବା ପାଇଁ ସେମାନଙ୍କର ଜ୍ଞ ନ ଥାଏ।

ଉଦାହରଣ ସ୍ୱରୂପ, ଡାଇବେଟିସ ରୋଗୀଙ୍କୁ ମିଠା ଖାଇବା ପାଇଁ ବାରଣ କରାଯାଇଥିବାରୁ ପରିବାର ଅନ୍ୟମାନେ ମଧ୍ୟ ମିଠା ଖାଇବାରେ ନିଜକୁ ଅପରାଧୀ ବୋଲି ମନେକରିଥାନ୍ତି। କ୍ଷୀରୀ, ପିଠା, ମିଠା ଆଦି ବହୁଳ ଭାବରେ ଖିଆଯାଉଥିବା ପର୍ବପର୍ବାଣି ଗୁଡିକ ପରିବାରରେ ଧୁମ୍ ଧାମରେ ପାଳିତ ହୋଇପାରେ ନାହିଁ। ବିଭିନ୍ନ ଆଳ ଦେଖାଇ ଅନ୍ୟ ସଦସ୍ୟମାନେ ଏହାକୁ ସାଧାରଣ ଭାବରେ ପାଳି ଚଳେଇ ନେବା ନିମନ୍ତେ ବାଧ ହୋଇଥାନ୍ତି।

> "ପରିବାରରେ ଡାଇବେଟିସ ରୋଗୀ ଥିଲେ ତାଙ୍କ ଖାଦ୍ୟପେୟରେ କେତେକ ପରିବର୍ତ୍ତନ ଲୋଡ଼ାପଡ଼େ। ତେଣୁ ରୋଗୀଙ୍କ ମନସ୍ତତ୍ତ୍ୱକୁ ସମ୍ମାନ ଦେଇ ତଥା ଆନୁଷଙ୍ଗିକ ସୁବିଧା ପାଇଁ ପରିବାରର ଅନ୍ୟ ସଦସ୍ୟମାନଙ୍କ ଖାଦ୍ୟ ମଧ୍ୟ ପରିବର୍ତ୍ତିତ ହୋଇଯିବା ସ୍ୱାଭାବିକ।"

ତେବେ ମିଠା ନ ଖାଇଲେ ବି ମିଠା ଜିନିଷଗୁଡିକର କ'ଣ ବିକଳ୍ପ ନାହିଁ? ବିକଳ୍ପ ଅଛି। ଡାଇବେଟିସ୍ ରୋଗୀ ରହିଥିବା ପରିବାରକୁ ଉପହାର ଭାବେ ମିଠା ପରିବର୍ତ୍ତେ ପନିପରିବା ଓ ଆପଲଭଳି ଫଳ ନେଇ ହେବ। ନେଇହେବ ଆମଣ୍ଡ, ପିସ୍ତା, କାଜୁ ଓ ଚିନାବାଦାମ। ଆମଣ୍ଡ, ପିସ୍ତା, କାଜୁ ଓ ଚିନାବାଦାମରୁ ମିଳେ ବେଶି ପ୍ରୋଟିନ୍, ଖାଦ୍ୟତନ୍ତୁ। ଏଗୁଡ଼ିକରେ ରହିଥିବା ମନୋଅନୁସାଚରେଟେଡ୍ ଫ୍ୟାଟ୍ ଶରୀର ପାଇଁ ସ୍ୱାସ୍ଥ୍ୟପ୍ରଦ। ଏଗୁଡ଼ିକ ରକ୍ତ ଗ୍ଲୁକୋଜର ମାତ୍ରା ବୃଦ୍ଧି କରନ୍ତିନି। କିନ୍ତୁ ଯୋଗାଇଥା'ନ୍ତି ଅଧିକ ଶକ୍ତି। କେବଳ ସେତିକି ନୁହେଁ, ଏଗୁଡ଼ିକ ହୃତ୍‌ପିଣ୍ଡକୁ ମଧ୍ୟ ସୁସ୍ଥ ରଖିଥାନ୍ତି। କାରଣ ଏହାକୁ ଖାଇଲେ ରକ୍ତରେ ଉତ୍ତମ କୋଲେଷ୍ଟରଲ ବୋଲି କୁହାଯାଉଥିବା ଏଚ୍.ଡି.କୋଲେଷ୍ଟରଲ୍‌ର ମାତ୍ରାରେ ବୃଦ୍ଧି ଘଟିଥାଏ।

ସେହିପରି ଡାଇବେଟିସ୍ ରୋଗୀଙ୍କୁ ନିୟମିତ ବ୍ୟାୟାମ କରିବା ନିମନ୍ତେ ଚିକିତ୍ସକ ପରାମର୍ଶ ଦେଇଥା'ନ୍ତି। ନିୟମିତ ବ୍ୟାୟାମ କଲେ ରୋଗୀ ଶରୀରର ଓଜନ ଅନୁମୋଦିତ ସ୍ତରରେ ରହେ। ରକ୍ତରେ ଗ୍ଲୁକୋଜ ଓ ଫ୍ୟାଟର ମାତ୍ରା ନିୟନ୍ତ୍ରିତ ହୋଇ ରହେ। ଚାଲିବା ହେଉଛି ସବୁ ଦୃଷ୍ଟିରୁ ଅନୁକୂଳ ବ୍ୟାୟାମ। ପରିବାରର ଅନ୍ୟାନ୍ୟ ସଦସ୍ୟମାନେ ଏକାଠି ମିଶି ଚାଲିବା ପାଇଁ ବାହାରିଗଲେ ଏହା ରୋଗୀ ପାଇଁ ଆଦୌ କ୍ଳାନ୍ତିକର କି ବିରକ୍ତିକର ବୋଧ ହୁଏ ନାହିଁ। ଏହା ଫଳରେ ରୋଗୀ ଉପକୃତ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ କ୍ଷେତ୍ରରେ ଡାଇବେଟିସ୍, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଷ୍ଟ୍ରୋକ୍, ପୃଥୁଳତା ଆଦିର ନିବାରଣ ସୁଗମ ହୋଇଥାଏ।

ସେହିପରି ଯୋଗ, ଧ୍ୟାନ, ପ୍ରାଣାୟାମ ଓ ଘର ଭିତରେ ଏବଂ ଘର ବାହାରେ ଖେଳା ଯାଉଥିବା ଖେଳରେ ରୋଗୀ ସହ ଅନ୍ୟ ସଦସ୍ୟମାନେ ମଧ୍ୟ ସହଯୋଗ କରିବାରେ ସୁଫଳ ମିଳେ। ଏକାଠି ମିଶି ହସଖୁସି କରିବା ଜୀବନ ପ୍ରତି ଏ ସକାରାତ୍ମକ ମନୋଭାବ ପୋଷଣ କରିବାରେ ଅନୁକୂଳ ପ୍ରଭାବ ସମସ୍ତଙ୍କ ପାଇଁ ସୁଦୂରପ୍ରସାରୀ।

ଡାଇବେଟିସ୍ ରୋଗୀ ଅନେକ ସମୟରେ ନିଜ ଔଷଧ ଖାଇବା କଥା ଭୁଲିଯାଏ। ଏ କ୍ଷେତ୍ରରେ ରୋଗୀଙ୍କ ସ୍ୱାମୀ/ସ୍ତ୍ରୀ କିମ୍ବା ସନ୍ତାନସନ୍ତତିମାନେ ରୋଗୀକୁ ଔଷଧ ଖାଇବା ବିଷୟରେ ମନେପକେଇ ଦେଇପାରିବେ। ଏହାଫଳରେ ରୋଗୀଠାରେ ଡାଇବେଟିସ୍‌ର ନିୟନ୍ତ୍ରଣ ସୁଗମ ହୋଇଯିବା ସଙ୍ଗେ ପରିବାର ମଧ୍ୟ ଏହାର ସୁଫଳ ଉପଭୋଗ କରିପାରିବ।

ଡାଇବେଟିସ୍ ରୋଗୀମାନେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ। ମଝିରେ ମଝିରେ ରକ୍ତର ଗ୍ଲୁକୋଜ, କୋଲେଷ୍ଟରଲ, ଟ୍ରାଇଗ୍ଲିସେରାଇଡ ଓ ପରିସ୍ରା ପରୀକ୍ଷା କରିବା ଦରକାର ପଡେ। ଦରକାର ପଡିପାରେ ଇ.ସି.ଜି ଓ ଅନ୍ୟାନ୍ୟ କେତେକ ଆନୁଷଙ୍ଗିକ ପରୀକ୍ଷା। ଯେଉଁ ରୋଗୀମାନେ ବର୍ଷକୁ ଅନ୍ତତଃ ତିନି ଚାରିଥର ଡାକ୍ତରଙ୍କ ସହ ପରାମର୍ଶ କରି ନିଜର ବିଭିନ୍ନ ପରୀକ୍ଷା ନିରୀକ୍ଷା କରେଇଥାନ୍ତି, ସେମାନେ ଡାଇବେଟିସ୍‌ଜନିତ ଜଟିଳତାଗୁଡିକ ନିବାରଣ କରିବା ସଙ୍ଗେ ସଙ୍ଗେ ଦୀର୍ଘ ସୁସ୍ଥ ଜୀବନ ଉପଭୋଗ କରିଥାନ୍ତି। ନିୟମିତ ଡାକ୍ତରୀ ପରାମର୍ଶ ଓ ପରୀକ୍ଷା ନିରୀକ୍ଷା କରେଇ ନେବାରେ ପରିବାର ସହଯୋଗ ଅପରିହାର୍ଯ୍ୟ ବିବେଚିତ ହୋଇଥାଏ।

ଅନେକ ଡାଇବେଟିସ୍ ରୋଗୀ ୯୦ ବର୍ଷ ବୟସ ଅତିକ୍ରମ କରିଯିବା କିମ୍ବା ଶତାୟୁ ହେବା ଏବେ ଆଉ ବିରଳ ଘଟଣା ହୋଇ ରହିନାହିଁ। ଅନେକେ ୫୦ରୁ ୬୦ ବର୍ଷଧରି ଡାଇବେଟିସ୍ ଭୋଗି ଆସୁଥିଲେ ମଧ୍ୟ ରହି ଆସୁଛନ୍ତି ବେଶ୍ ସୁସ୍ଥ ଏବଂ ଜଟିଳତା ମୁକ୍ତ। ତେବେ ଏଭଳି ସଫଳତା ଉପଭୋଗ କରିବା ପାଇଁ ଚାହିଁଲେ ରୋଗୀ ବର୍ଷକୁ ଅନ୍ତତଃ ନିଜର ଆଖି, ହୃତ୍‌ପିଣ୍ଡ, ବୃକ୍କ ଓ ପାଦର ପରୀକ୍ଷା କରେଇନେବା ବାଧ୍ୟତାମୂଳକ। ଏ ସବୁଥିରେ ପରିବାରର ଭୂମିକାକୁ ଆଦୌ ହେୟଜ୍ଞାନ କରି ହେବ ନାହିଁ। ପରିବାରର ସଦସ୍ୟାମାନଙ୍କ ସକ୍ରିୟ ସହଯୋଗ ହିଁ ଡାଇବେଟିସ୍ ରୋଗୀକୁ ଜଟିଳତାମୁକ୍ତ ରଖିପାରିବ।

ଡାଇବେଟିସ୍ ରୋଗକୁ ବେଳ ହୁଁ ନିର୍ଣ୍ଣୟ କରିପାରିଲେ ଓ ନିୟମିତ ଚିକିତ୍ସାରେ ରହିଲେ ଡାଇବେଟିସ୍ ଆଡୁ ବିପଦର ସମ୍ଭାବନା ଆଶାତିତ ଭାବରେ ହ୍ରାସ ପାଇଯିବ। ରୋଗୀଙ୍କ କ୍ଷେତ୍ରରେ ଯେକୌଣସି ଜଟିଳତାକୁ ବେଳ ହୁଁ ଚିହ୍ନଟ କରିପାରିଲେ ଏହାର ସମୁଚିତ ଚିକିତ୍ସା କରି ଦୁଃସ୍ଥିତିକୁ ବଦଳେଇ ଦିଆଯାଇପାରେ ମଧ୍ୟ।

ଡାଇବେଟିସ୍‌କୁ ଅନିୟନ୍ତ୍ରିତ ଭାବରେ ଛାଡ଼ିଦେଲେ ଏହାର ପରିଣାମ ଭୟଙ୍କର ହୋଇ ଉଠିବା ଆଦୌ ଅସମ୍ଭବ ନୁହେଁ। ଏପରିକି କ୍ଷେତ୍ର ବିଶେଷରେ ଏହା କେତେକ କ୍ୟାନ୍‌ସରଠାରୁ ମଧ୍ୟ ଅଧିକ ଭୀଷଣରୂପ ନେଇପାରେ।

ସେ ଯାହା ହେଉ ପରିବାର ଓ ଡାଇବେଟିସ୍ ପ୍ରସଙ୍ଗଟି ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ। କାରଣ କେବଳ ପରିବାରର ସକ୍ରିୟ ସହଯୋଗ ଦ୍ୱାରା ହିଁ ଡାଇବେଟିସ୍ ରୋଗୀ ଦୀର୍ଘ ଓ ସୁସ୍ଥଜୀବନ ନିର୍ବାହ କରିବା ନିମନ୍ତେ ସମର୍ଥ ହୋଇପାରିବ।



*ଅଭୀପ୍‌ସା: ସେକ୍ଟର-୬, ପ୍ଲଟ ନଂ. -୧୧୩୧*
*ଅଭିନବ ବିଡାନାସୀ, କଟକ*



# ରିଲାକ୍ସ ଥେରାପି

ବ୍ୟାୟାମର ସୁପ୍ରଭାବ ଆମ ଶରୀର ଉପରେ କେତେକ ପଡିଥାଏ ତାହା ଅନୁଭବୀ ହିଁ ଜାଣେ। ସେଥିପାଇଁ ଆଜିକାଲି ଅନେକେ ଏହାକୁ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିଛନ୍ତି। ପ୍ରତିଦିନ ସକାଳୁ ଅଧ ଘଣ୍ଟାଏ ଚାଲିଲେ ତାହା ଶରୀରକୁ ସତେଜ ରଖିଥାଏ। ଏବେ ଅନେକ ବ୍ୟାୟାମ କରିବା ସମୟରେ ଗୀତ ଶୁଣୁଥିବାର ଦେଖିବାକୁ ମିଳୁଛି। ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିଥାଏ। ଅପରପକ୍ଷରେ ଏହି ସମୟରେ ଗୀତ ଶୁଣିବା ଦ୍ୱାରା ବ୍ୟାୟାମ କରିବାର ଏକାଗ୍ରତା ପ୍ରଭାବିତ ହୋଇଥାଏ ବୋଲି କେତେକ ମତ ଦିଅନ୍ତି। ହେଲେ ଏହା ଠିକ୍ ନୁହେଁ ବୋଲି ୱାଶିଂଟନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। ବ୍ୟାୟାମ ସମୟରେ ଗୀତ ଶୁଣିବାକୁ ସେମାନେ 'ରିଲାକ୍ସ ଥେରାପି' ନାମରେ ନାମିତ କରିଛନ୍ତି। ହେଲେ ଏହି ସମୟରେ ହାଲକା ମ୍ୟୁଜିକ ଶୁଣିବା ଭଲ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।



# ସ୍ୱାସ୍ଥ୍ୟ ସୂଚନା

- କେତେକେ ଦିନକୁ ଥରେ ଦାନ୍ତ ଘଷି ଥାଆନ୍ତି। ହେଲେ ରାତ୍ରିଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।
- ଯଦି ଆପଣଙ୍କ ବ୍ଲଡ୍‌ପ୍ରେସର ପରି ସମସ୍ୟା ରହିଛି ତେବେ ନିୟମିତ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବ୍ଲଡ୍‌ପ୍ରେସର କେତେ ରହୁଛି ତାହା ମାପି ନିଅନ୍ତୁ।
- ଡାଇବେଟିସ୍ ଆଜିକାଲି ସାଧାରଣ ସମସ୍ୟା ପାଲଟିଗଲାଣି। ରକ୍ତରେ ସୁଗାର ପରିମାଣ ନିୟନ୍ତ୍ରଣରେ ରଖିବାକୁ ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲନ୍ତୁ।
- ବୟସ ବଢ଼ିବା ସହ ତାହାର ପ୍ରଭାବ ଦୃଷ୍ଟିଶକ୍ତି ଉପରେ ପଡ଼ିଥାଏ। ତେଣୁ ଏହି ସମୟରେ ଅଭିଜ୍ଞ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।
- ସୁସ୍ଥ ଜୀବନ ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସବୁବେଳେ ସୁପାଚ୍ୟ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତୁ।

# ସଂକ୍ଷେପରେ

## ଏଚ୍‌ଓ୍ୱାନ ବି ଭିଜାଧାରୀଙ୍କୁ ୟୁଏସ୍ ନ୍ୟାୟାଳୟଙ୍କଠାରୁ ଆଶ୍ୱସ୍ତି

ନୂଆଦିଲ୍ଲୀ,୧୦-୧୧

ଆମେରିକାରେ କାର୍ଯ୍ୟରତ ଏଚ୍‌ଓ୍ୱାନ ବି ଭିଜାଧାରୀଙ୍କୁ ସେଠାକାର ନ୍ୟାୟାଳୟଙ୍କଠାରୁ ଆଶ୍ୱସ୍ତି ମିଳିଛି। ଏହି ଭିଜା ଲାଭ କରିଥିବା ଭାରତୀୟଙ୍କ ଜୀବନସାଥୀ ଆମେରିକାରେ କାର୍ଯ୍ୟ କରିବା ନେଇ ଅସ୍ଥାୟୀ ଭାବେ ଆଶ୍ୱସ୍ତି ମିଳିଥିବା ଜଣାପଡିଛି। କଲମ୍ବିଆ ସର୍କିଟ ଜିଲା ଲାଗି ଆମେରିକା କୋର୍ଟ ଅଫ୍ ଅପିଲ୍ସର ୩ ଜଣିଆ ଖଣ୍ଡପୀଠ ଏହି ମାମଲାକୁ ତଳକୋର୍ଟକୁ ପଠାଇ ଦେଇଛନ୍ତି। ରାଷ୍ଟ୍ରପତି ବାରାକ ଓବାମାଙ୍କ ସମୟରେ ଭାରତୀୟ ଭିଜାଧାରୀଙ୍କ ଜୀବନସାଥୀ ଆମେରିକାରେ କାମ କରିବା ନେଇ ରହିଥିବା ଯୋଜନାକୁ ନିକଟରେ ଅବୈଧ ଘୋଷଣା କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ଆଇନକୁ ରଦ୍ଦ କରିବା ଲାଗି ଆମେରିକାର ଏହି ନ୍ୟାୟାଳୟ ଅଗ୍ରାହ୍ୟ କରି ଦେଇଛନ୍ତି। ଉକ୍ତ ନିଷ୍ପତ୍ତି ଯୋଗୁ ଅନେକ ସଂଖ୍ୟାରେ ଭାରତୀୟ ତତ୍କାଳ ଭିତ୍ତିରେ ଲାଭବାନ ହେବେ ବୋଲି ଜଣାପଡିଛି। ବିଦେଶୀ କର୍ମଚାରୀଙ୍କ ଆମେରିକାରେ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ସେଠାକାର କର୍ତ୍ତୃପକ୍ଷ ଏହି ଭିଜା ସୁବିଧା ଦେଇଥାନ୍ତି। ଗ୍ରୀନ କାର୍ଡ ଅପେକ୍ଷାରେ ଥିବା ଏଚ୍୧ ବି ଭିଜାଧାରୀଙ୍କ ଜୀବନସାଥୀ ଆମେରିକାରେ ରହି କାମ କରିବାର ସୁବିଧା ୨୦୧୫ରେ ଓବାମାଙ୍କ ଶାସନ ସମୟରେ ନିୟମ ଆସିଥିଲା। ଏହି ନିୟମ ଦ୍ୱାରା ଭାରତୀୟ ମହିଳାମାନେ ବିଶେଷ ଭାବେ ଲାଭବାନ ହେଉଥିଲେ। କେତେକ କାରଣ ଲାଗି ଟ୍ରମ୍ପ ପ୍ରଶାସନ ଏହି ପୁରୁଣା ନିୟମକୁ ରଦ୍ଦ କରିବାକୁ ଚାହିଁଥିଲେ। ଏହାକୁ ସେଠାକାର ପ୍ରଫେଶନାଲମାନେ ଚ୍ୟାଲେଞ୍ଜ କରିଥିଲେ।

## ଡବ୍ଲ୍ୟୁଇଏଫ୍ ସମ୍ମିଳନୀରେ ଯୋଗଦେବେ ୧୦୦ ଭାରତୀୟ ସିଇଓ

ନୂଆଦିଲ୍ଲୀ,୧୦-୧୧

ସ୍ୱିଜରଲାଣ୍ଡ ସ୍କି ରିସର୍ଟ ଟାଉନଠାରେ ଜାନୁୟାରୀ ୨୦ରୁ ୨୪ ଯାଏ ଅନୁଷ୍ଠିତ ହେଉଥିବା ୱାର୍ଲଡ ଇକୋନୋମିକ୍ ଫୋରମ୍(ଡବ୍ଲ୍ୟୁଇଏଫ୍)ର ବାର୍ଷିକ ସମ୍ମିଳନୀରେ ୧୦୦ ଭାରତୀୟ ସିଇଓଙ୍କ ସମେତ ବଲିଉଡ ଅଭିନେତ୍ରୀ ଦିପିକା ପାଦୁକୋନ ଯୋଗଦେବେ। ଏଥିରେ ବିଶ୍ୱସ୍ତରର ପ୍ରାୟ ୩୦୦୦ ଶିଳ୍ପ ଲିଡରମାନେ ଯୋଗଦେବେ। ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ସମ୍ମିଳନୀରେ ଯୋଗମ୍‌ଦେବାର ସମ୍ଭାବନା ରହିଛି। ଏଥିରେ ଟେକ୍ନୋଲୋଜି, ଟ୍ରେଡ ଗଭର୍ନାନ୍ସ, ନିରନ୍ତର ବିକାଶ ଭଳି ପ୍ରମୁଖ ବିଷୟଗୁଡିକ ଉପରେ ଆଲୋଚନା ହେବ। ଭାରତୀୟ ଟିମରେ ସାମିଲ ହେବାକୁ ଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଗୌତମ ଆଦାନୀ, ମୁକେଶ ଅମ୍ବାନୀ, ରାହୁଲ ଏବଂ ଶିବ ବଜାଜ, କୁମାର ମଙ୍ଗଳମ ବିର୍ଲା, ଟାଟା ଗ୍ରୁପର ଏନ୍.ଚନ୍ଦ୍ରଶେକରନ, ସଜ୍ଜନ ଜିନ୍ଦଲ, ଉଦୟ କୋଟାକ, ଏସ୍‌ବିଆଇ ଅଧକ୍ଷ ରଜନୀଶ କୁମାର, ଆନନ୍ଦ ମହିନ୍ଦ୍ରା, ସୁନୀଲ ମିତ୍ତଲ, ରବି ରୁଇଆ, ପଓ୍ୱନ ମୁଞ୍ଜଲ, ନନ୍ଦନ ନିଲେକାନୀ, ଇନଫୋସିସର ସଲୀଲ ପାରେଖ, ଅଜୟ ପିରାମଲ, ରିସଦ ପ୍ରେମଜୀ, ଅଜୟ ସିଂ, ଫିରୋଜ ଶାହ ଗୋଦରେଜ ପ୍ରମୁଖ ରହିଛନ୍ତି। ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲିଭ ଲଭ୍ ଲାଫ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ଭାବେ ଦିପିକା ପାଦୁକୋନ ଏଠାରେ ଯୋଗଦେବେ।

## ନୂଆ ମର୍ସିଡିଜ୍ ବେଞ୍ଜ ଜି ୩୫୦ ଡି

ନୂଆଦିଲ୍ଲୀ,୧୦-୧୧

ମର୍ସିଡିଜ ବେଞ୍ଜ ପକ୍ଷରୁ ନୂଆ ମର୍ସିଡିଜ ବେଞ୍ଜ ଜି୩୫୦ ଡି ମଡେଲ ଭାରତ ବଜାରରେ ପ୍ରବେଶ କରିଛି। ମର୍ସିଡିଜ ବେଞ୍ଜ ଇଣ୍ଡିଆର ସିଇଓ ମାର୍ଟିନ ସ୍ୱେଙ୍କ ମୁମ୍ବାଇଠାରେ ଏହାର ବଜାର ପ୍ରବେଶ କରାଇଛନ୍ତି। ଡିଜେଲ ବର୍ଗରେ ଏହା ଆସିଥିବା ବେଳେ ନୂଆ ଯାନକୁ ବଜାର ପ୍ରବେଶ କରାଇ ଅତ୍ୟନ୍ତ ଖୁସି ବୋଲି ସିଇଓ ସ୍ୱେଙ୍କ କହିଛନ୍ତି। ଏଥିରେ ଇନ୍‌ଲାଇନ ୬ ସିଲିଣ୍ଡର ବିଶିଷ୍ଟ ଇଞ୍ଜିନ ରହିଛି। ୨୯୨୫ ସିସି ଡିସ୍‌ପ୍ଲେସମେଣ୍ଟ, ୨୧୦ କିଲୋୱାଟ, ୧୨୦୦-୩୨୦୦ ଆର୍‌ପିଏମ୍, ୬୦୦ ଏନ୍‌ଏମ୍‌ର ପିକ୍ ଟର୍କ, ୪ମାଟିକ ଅଲ୍ ହ୍ୱିଲ ଡ୍ରାଇଭ, ୯ଜି ଟ୍ରନିକ ଟ୍ରାନ୍ସମିଶନ, ୭.୪ ସେକେଣ୍ଡରେ ୦ାରୁ ୧୦୦ କିମି ଆସେଲରେଶନ, ଘଣ୍ଟା ପ୍ରତି ୧୯୯ କିମି ସର୍ବାଧିକ ବେଗ ଗ୍ରାହକ ଏଥିରେ ଲାଭ କରିପାରିବେ।

> ଦେଶର ଅର୍ଥ ବ୍ୟବସ୍ଥା ଏକ ଚ୍ୟାଲେଞ୍ଜ ସମୟ ଦେଇ ଗତି କରୁଛି।
>
> – ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ



> ଦେଶର ପୁଞ୍ଜି ବଜାରରେ ବିଦେଶୀ ନିବେଶକଙ୍କ ନିବେଶ ମନ୍ଥର ରହିଛି ହେଲେ ଏହା ଦୀର୍ଘସ୍ଥାୟୀ ନୁହେଁ।
>
> –ହର୍ଷ ଜୈନ, ସହପ୍ରତିଷ୍ଠାତା ଗ୍ରୋ



## ଭାରତୀୟଙ୍କ ଦାବିଦାରହୀନ ବ୍ୟାଙ୍କ ଜମା

# ସ୍ୱିସ୍ ସରକାରଙ୍କୁ ହସ୍ତାନ୍ତର ହୋଇପାରେ

ନୂଆଦିଲ୍ଲୀ,୧୦-୧୧




ସ୍ୱିଜରଲାଣ୍ଡର ବିଭିନ୍ନ ବ୍ୟାଙ୍କରେ ରହିଥିବା ଭାରତୀୟଙ୍କ ସମେତ ଅନ୍ୟ ଦେଶ ଲୋକଙ୍କ ଦାବିଦାରହୀନ ଜମା ସ୍ୱିସ୍ ସରକାରଙ୍କୁ ହସ୍ତାନ୍ତର ହୋଇପାରେ। ଏଭଳି ଭାବେ ଭାରତ ସହ ସଂଯୋଗ ଥିବା ୧୨ ଆକାଉଣ୍ଟର କୌଣସି ଦାବିଦାର ନ ଥିବା ଜଣାପଡିଛି। ସ୍ୱିସ୍ ବ୍ୟାଙ୍କଗୁଡିକରେ ୩୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅଣଦାବିଦାର ଅର୍ଥ ରହିଥିବା ଏକ ଖବର ସାମ୍ନାକୁ ଆସିଛି। ସେଠାକାର ସରକାର ୨୦୧୫ରେ ନିଷ୍କ୍ରିୟ ଆକାଉଣ୍ଟ ସମ୍ପର୍କରେ ସୂଚନାକୁ ସାର୍ବଜନୀନ କରିଥିଲେ। ଦାବିଦାର ପ୍ରମାଣ ଦେଇ ଅର୍ଥ ପାଇବା ଲାଗି ବ୍ୟାଙ୍କ ନିର୍ଦ୍ଦିଷ୍ଟ ସମୟ ସୀମା ଜାରି କରିଛି। ହେଲେ ପ୍ରାୟ ୧୦ ଭାରତୀୟ ଆକାଉଣ୍ଟର କେହି ଦାବିଦାର ସାମ୍ନାକୁ ଆସି ନ ଥିବା ଜଣାପଡିଛି। ଆକାଉଣ୍ଟଗୁଡିକ ଭାରତୀୟ ମୂଳ ନିବାସୀ ଏବଂ ବ୍ରିଟିଶ ସରକାରଙ୍କ ଅମଳରେ ନାଗରିକଙ୍କ ସହ ଜଡିତ ବୋଲି ଖବର ପ୍ରକାଶ ପାଇଛି। ଗତ ୬ ବର୍ଷ ମଧ୍ୟରେ କୌଣସି ଗୋଟିଏ ଖାତା ଲାଗି ମଧ୍ୟ ଭାରତୀୟଙ୍କ ପକ୍ଷରୁ ସ୍ପଷ୍ଟ ଭାବେ ଦାବି କରାଯାଇ ନ ଥିବା ସ୍ୱିସ୍ ବ୍ୟାଙ୍କିଙ୍ଗ୍ କର୍ତ୍ତୃପକ୍ଷ କହିଛନ୍ତି। ଏହି ଆକାଉଣ୍ଟଗୁଡିକ ମଧ୍ୟରେ ୨ଟି କଲିକତା, ଗୋଟିଏ ଡେରାଡୁନ ଏବଂ ୨ଟି ମୁମ୍ବାଇ ଭଳି ସ୍ଥାନ ସହ ସମ୍ପର୍କ ରହିଛି। ଏଭଳି ମଧ୍ୟ କିଛି ଆକାଉଣ୍ଟ ରହିଛି ଯାହାର ମାଲିକ ଏବେ ଫ୍ରାନ୍ସ ଏବଂ ଇଂଲଣ୍ଡରେ ରହୁଛନ୍ତି।

କିଛି ଆକାଉଣ୍ଟର ଦାବି ଲାଗି ରହିଥିବା ସମୟ ସୀମା ଆସନ୍ତା ମାସରେ ଶେଷ ହେଉଛି। ଅପରପକ୍ଷରେ ଆଉ କିଛି ଆକାଉଣ୍ଟ କ୍ଷେତ୍ରରେ ସମୟ ସୀମା ୨୦୨୦ ଯାଏ ରହିଛି। ସ୍ୱିସ୍ ବ୍ୟାଙ୍କରେ ଥିବା କିଛି ନିଷ୍କ୍ରିୟ ଆକାଉଣ୍ଟ ଲାଗି ପାକିସ୍ତାନର ବାସିନ୍ଦା ଦାବି କରିଛନ୍ତି। ଏହାବାଦ୍ ସୁଇଜରଲାଣ୍ଡ ଏବଂ ଅନ୍ୟ ଦେଶର ବାସିନ୍ଦା ମଧ୍ୟ ଆଉ କିଛି ଆକାଉଣ୍ଟଧାରୀଙ୍କ ଉତ୍ତରାଧିକାରୀ ବୋଲି ଦାବିରେ ଜଣାଇଛନ୍ତି। ୨୦୧୫ରେ ସ୍ୱିଜରଲାଣ୍ଡ ପ୍ରଥମଥର ଲାଗି ଆକାଉଣ୍ଟ ତଥ୍ୟ ସାର୍ବଜନୀନ କରିଥିଲା। ସୂଚୀରେ ମୋଟ ୨୬୦୦ ଆକାଉଣ୍ଟ ରହିଛି। ଆକାଉଣ୍ଟଗୁଡିକରେ ୪.୫ କୋଟି ସ୍ୱିସ୍ ଫ୍ରାଙ୍କ୍ (ପ୍ରାୟ ୩୦୦ କୋଟି ଟଙ୍କା) ରହିଛି। ୧୯୫୫ରୁ ଏହି ରାଶି ଉପରେ କୌଣସି ଦାବି କରାଯାଇ ନାହିଁ। ଏହି ସୂଚୀରେ ପ୍ରତିବର୍ଷ ନୂଆ ଆକାଉଣ୍ଟ ଯୋଡି ହେଉଛି। ଏହି କ୍ରମରେ ସବୁ ଦେଶକୁ ମିଶାଇ ୩,୫୦୦ ଆକାଉଣ୍ଟ ଯୋଡି ହୋଇଛି।

ସ୍ୱିସ୍ ବ୍ୟାଙ୍କ ଆକାଉଣ୍ଟରେ କଳାଧନ ପ୍ରସଙ୍ଗ ଭାରତରେ ଏକ ବିବାଦୀୟ ବିଷୟ ହୋଇପଡିଛି। ଭାରତୀୟମାନେ ଟିକସ ଲୁଚାଇବା ଲାଗି ସେମାନଙ୍କ ଟଙ୍କାକୁ ସ୍ୱିସ୍ ବ୍ୟାଙ୍କ ଆକାଉଣ୍ଟରେ ରଖୁଥିବା ସାଧାରଣରେ ବିଶ୍ୱାସ ରହିଛି। ସେହିଭଳି ରାଜରାଜୁଡା ମଧ୍ୟ ସ୍ୱିସ୍ ବ୍ୟାଙ୍କରେ ଟଙ୍କା ରଖିଥିବା ସନ୍ଦେହ କରାଯାଇଥାଏ। ଟିକସ ଆଦାନପ୍ରଦାନ ଚୁକ୍ତି ତଥା ବିଶ୍ୱ ସ୍ତରର ଚାପ ଯୋଗୁ ସ୍ୱିଜରଲାଣ୍ଡ ଏହାର ବ୍ୟାଙ୍କିଙ୍ଗ୍ ତଥ୍ୟକୁ ବିଭିନ୍ନ ଦେଶ ସହ ଆଦାନପ୍ରଦାନ କରୁଛି। ଭାରତ ସମେତ ଅନ୍ୟ ଦେଶ ସ୍ୱିଜରଲାଣ୍ଡ ସହ ସୂଚନାର ସ୍ୱତଃ ଆଦାନପ୍ରଦାନ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହି ଚୁକ୍ତି ମୁତାବକ ଭାରତକୁ ପ୍ରଥମ ପର୍ଯ୍ୟାୟ ତଥ୍ୟ ମିଳିଛି। ଦ୍ୱିତୀୟ ପର୍ଯ୍ୟାୟ ତଥ୍ୟ ୨୦୨୦ ସେପ୍ଟେମ୍ବରରେ ଉପଲବ୍ଧ ହେବ ବୋଲି ଜଣାପଡ଼ିଛି।

# ବିଏସ୍-୬ ସ୍ପ୍ଲେଣ୍ଡର ଆଇ-ସ୍ମାର୍ଟ ଆଣିଲା ହିରୋ

ନୂଆଦିଲ୍ଲୀ,୧୦-୧୧



ହିରୋମୋଟୋକର୍ପ ଲିମିଟେଡ ପକ୍ଷରୁ ଦେଶର ପ୍ରଥମ ବିଏସ୍-୬ ମୋଟର ସାଇକେଲ ସ୍ପ୍ଲେଣ୍ଡର ଆଇ-ସ୍ମାର୍ଟର ବଜାର ପ୍ରବେଶ କରାଯାଇଛି। ଆଇସିଏଟି ପ୍ରମାଣପତ୍ର ଲାଭ କରିବାର ମାତ୍ର କିଛି ମାସ ମଧ୍ୟରେ କମ୍ପାନୀ ଏହି ନୂଆ ମଡେଲଟିକୁ ବଜାରକୁ ଆଣିଛି। ନୂଆ ମଡେଲଟିରେ ଗ୍ରାହକମାନେ ୧୦୦ ସିସି ଯୁକ୍ତ ଏଫ୍‌ଆଇ ଇଞ୍ଜିନ ଲାଭ କରିପାରିବେ। ଏହା ଉଚ୍ଚ ଟର୍କ ଏବଂ ଇନ୍ଧନ ଦକ୍ଷତା ପ୍ରଦାନ କରିବ। ନୂଆ ଡାଇମଣ୍ଡ ଫ୍ରେମ, ଉନ୍ନତ ଗ୍ରାଉଣ୍ଡ କ୍ଲିୟରାନ୍ସ, ଫ୍ରଣ୍ଟ ସସ୍‌ପେନସନ ଟ୍ରାଭେଲ ଏବଂ ଦୀର୍ଘସ୍ଥାୟୀ ଦୃଢତା ଏଥିରେ ଗ୍ରାହକ ପାଇପାରିବେ। ଖୁବ କମ୍ ଦିନ ମଧ୍ୟରେ ଏହି ମଡେଲଟି ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ମଡେଲଟିର ଏକ୍ସଶୋ'ରୁମ ଦିଲ୍ଲୀ ମୂଲ୍ୟ ୬୪,୯୦୦ ଟଙ୍କା ରହିଛି। ଟେକ୍ନୋ ବ୍ଲୁ ଆଣ୍ଡ ବ୍ଲାକ, ସ୍ପୋର୍ଟ ରେଡ୍ ଆଣ୍ଡ ବ୍ଲାକ, ଫୋର୍ସ ସିଲଭର ଆଣ୍ଡ ହେଭି ଗ୍ରେ ରଙ୍ଗରେ ଏହା ଆସୁଛି। ସେଲ୍ଫ ଡ୍ରମ କାଷ୍ଟ ଏବଂ ସେଲ୍ଫ ଡିସ୍କ କାଷ୍ଟ ଭଳି ଭାରିଆଣ୍ଟରେ ମଡେଲଟି ଉପଲବ୍ଧ। ବିଏସ୍-୬ ନିୟମ ଅନୁପାଳନକୁ ଧ୍ୟାନରେ ରଖି ନୂଆ ମଡେଲଟିକୁ ବଜାର ପ୍ରବେଶ କରାଯାଇଥିବା ହିରୋ ମୋଟୋକର୍ପର ଗ୍ଲୋବାଲ ପ୍ରଡକ୍ଟ ପ୍ଲାନିଂ ମାଲୋ ଲେ ମାସନ କହିଛନ୍ତି।

# ହ୍ୟୁଣ୍ଡାଇ ପକ୍ଷରୁ କାର୍ କେୟାର କ୍ୟାମ୍ପ

କଲିକତା,୧୦-୧୧

ହ୍ୟୁଣ୍ଡାଇ ପକ୍ଷରୁ ମେଗା କାର୍ କେୟାର କ୍ୟାମ୍ପ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି କ୍ୟାମ୍ପର ଲାଭ କମ୍ପାନୀର ଗ୍ରାହକମାନେ ଏହାର ଡିଲରଶିପଗୁଡିକରେ ଚଳିତ ମାସ ୧୬ ଯାଏ ନେଇ ପାରିବେ। ଏହି ସମୟରେ ଗ୍ରାହକଙ୍କୁ ସ୍ୱତନ୍ତ୍ର ଅଫର ଏବଂ ଡିସ୍‌କାଉଣ୍ଟ ପ୍ରଦାନ କରାଯିବ। ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ସିକିମରେ ଗ୍ରାହକମାନେ ଏହି ରିହାତି ସୁବିଧା ପାଇପାରିବେ। ମୋମିନପୁର ଏବଂ ତଙ୍ଗ୍ରାଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ପ୍ରମୁଖ ଟାକ୍ସି ଆଗ୍ରିଗେଟର ଓଲା ଏବଂ ଓବର ପ୍ରତିନିଧିଙ୍କ ଉପସ୍ଥିତି କ୍ରମେ ଏହି କ୍ୟାମ୍ପର ଆରମ୍ଭ କରାଯାଇଥିଲା।



# ଲଗାତର ୩ ମାସ ଲାଗି କମିଲା ଶକ୍ତି ଚାହିଦା

ନୂଆଦିଲ୍ଲୀ,୧୦-୧୧

ଦେଶରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଏହା ଜଟିଳ ହେଉଥିବା ଜଣାପଡିଛି। ଲଗାତର ଭାବେ ୩ ମାସ ଲାଗି ଦେଶର ଶକ୍ତି ଚାହିଦା ହ୍ରାସ ଘଟିଛି। ଶକ୍ତିବିତରଣ କରୁଥିବା କମ୍ପାନୀଙ୍କଠାରୁ କ୍ରୟ ଚାହିଦା ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅକ୍ଟୋବରରେ ୧୩.୨%କୁ ହ୍ରାସ ଘଟିଥିବା ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ଅଥରିଟି ଦେଇଥିବା ସୂଚନାରୁ ଏହା ସାମ୍ନାକୁ ଆସିଛି। ଗତ ୨ ବର୍ଷ ମଧ୍ୟରେ ପ୍ରଥମଥର ଲାଗି ଚଳିତ ବର୍ଷ ଅଗଷ୍ଟରେ ଶକ୍ତି ଚାହିଦା ହ୍ରାସ ଘଟିଛି। କେବଳ ଏହି କ୍ଷେତ୍ର ନୁହେଁ ଅଟୋମୋବାଇଲ,ରିୟଲ ଇଷ୍ଟେଟ ଏବଂ ଖାଉଟି ସାମଗ୍ରୀ ଭଳି ଅନ୍ୟ କ୍ଷେତ୍ରରେ ଏବେ ମାନ୍ଦାବସ୍ଥା ଦେଖାଦେଇଛି। ଦେଶର ଅଟୋମୋବାଇଲ ହବ୍ କୁହାଯାଉଥିବା ତାମିଲନାଡୁ ଏବଂ ମହାରାଷ୍ଟ୍ର ଭଳି ରାଜ୍ୟ ସମେତ ବୟନ ଓ ରସାୟନ ଶିଳ୍ପର ପ୍ରମୁଖ ମାନୁଫାକଚରିଂ କେନ୍ଦ୍ର ଭାବେ ପରିଗଣିତ ଗୁଜରାଟରେ ଶକ୍ତି ଚାହିଦା କମ୍ ହୋଇଛି। ଶିଳ୍ପ କ୍ଷେତ୍ରର କାର୍ଯ୍ୟକଳାପ କମିବାରୁ ଏଭଳି ସ୍ଥିତି ଉପୁଜିଥିବା ଡେଲଏଟ ଟଚ୍ ତୋମାତ୍ସୁର ପାର୍ଟନର ଦେବାଶିଷ ମିଶ୍ର କହିଛନ୍ତି। ସେହିଭଳି ମୌସୁମୀ ଯୋଗୁ ଜଳସେଚନ କ୍ଷେତ୍ରର ଶକ୍ତି ଚାହିଦା କମିଛି। ନିକଟରେ ମୁଡିସ୍ ଇନଭେଷ୍ଟର୍ସ ସର୍ଭିସ ଭାରତର କ୍ରେଡିଟ ରେଟିଂ ଆଉଟଲୁକକୁ ନେଗେଟିଭ ଦର୍ଶାଇଛି। ଦେଶର ବିଭିନ୍ନ ସ୍ଥିତିକୁ ବିଚାର କରି ମୁଡିସ୍ ଏଭଳି ରେଟିଂ ପ୍ରଦାନ କରିଛି।


## BHUBANESWAR MUNICIPAL CORPORATION

No.31385 Date.07.11.2019

**NATIONAL COMPETITIVE BIDDING THROUGH e-Procurement**
**Bid Reference No - BMC-DIV-I-07/2019-20**

On behalf of the Commissioner, Bhubaneswar Municipal Corporation (BMC), **City Engineer**, Bhubaneswar Municipal Corporation invites **Percentage Rate Bids for the work mentioned below** through **e-Procurement** in conformity with the terms and conditions of this Advertisement and the Detailed Tender Call Notice (DTCN) in Two Bid system (Part-I: General & Technical Bid and Part-II: Financial Bid / Price Bid / BOQ) from intending bidders fulfilling the eligibility criteria mentioned in this Notice and other qualifying requirements mentioned in this DTCN. **Bidders are also required to be registered with Odisha State Government in the class specified in the DTCN or else the successful bidder shall get themselves registered with Govt. of Odisha (If not registered) in appropriate class in line with the requirement of DTCN before signing of agreement.** Agreement is to be drawn up by BMC with the successful/selected bidder in the prescribed contract form of BMC (attached to the DTCN). Each bid should be submitted on-line through the website ***www.tendersodisha.gov.in*** by eligible bidders. The bidders should have necessary Portal Enrolment (Digital Signature Certificate) under e-procurement Process of Govt. of Odisha in required class/category. For queries, if any on this DTCN, intending bidders may contact Executive Engineer - 1/City Engineer, Bhubaneswar Municipal Corporation. Bhubaneswar.

| Sl. No. | Name of the work | Approx. Estimated. Cost In Rs. | E.M.D in Rs. * | Cost of Bid Documents Including GST in Rs. | Period of Completion | Class of Contractor |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Reclamation of Taria Tank Waterbody in BMC Ward No.23 | **21882202/-** | 2,18,900/- | 11,200/- | 6 (Six) Months | 'B' and "A" Class |
| 2 | Reclamation of Ananta Basudev Purohit Tank Waterbody at GGP in BMC Ward No.19 | **22447659/-** | 2,24,500/- | 11,200/- | 6 (Six) Months | 'B' and "A" Class |

**1. Time Schedule for Bidding:**

| Sl.No. | Description | Critical Dates |
|---|---|---|
| I | **Period of availability of tenders on-line for bidding** | **From Dt.15.11.2019 (11.00 AM) to Dt.29.11.2019 (5.00 PM)** |
| ii | **Last date & time of seeking clarifications (if any)** | **Dt.27.11.2019 (5.00 PM)** |
| iii | **Last date & time of bidding on-line** | **Dt.29.11.2019 (5.00 PM)** |
| iv | **Date & time of opening of the Technical Bids received on-line** | **Dt.30.11.2019 (11.00 AM onwards)** |
| v | **Date & time of opening of Price Bid/Financial Bid/ DTCN Part-II** | **To be intimated later to the bidder(s) found qualified after checking and evaluation of Technical Bids received on-line.** |

2. Other details can be seen in the bidding document/DTCN available in website ***www.tendersorissa.gov.in*** *(for view, download and bidding)* and in BMC website ***www.bmc.gov.in*** *(for view and download only)*.
3. Subsequent corrigendum, if required, shall appear in these websites.
4. Authority reserves the right to reject any or all the tenders without assigning any reasons thereof subject to the limitations prescribed by Central Vigilance Commission.

**By Order of Commissioner, BMC**
**City Engineer**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**



## GOVERNMENT OF ODISHA
## DEPARTMENT OF HIGHER EDUCATION

### INVITATION OF APPLICATIONS FOR "GOPABANDHU SIKHYA SAHAYATA YOJANA" FOR THE YEAR 2018-19 AND 2019-20

**No. N-63:-** A financial assistance scheme captioned as "Gopabandhu Sikhya Sahayata Yojana" is being implemented by Higher Education Department, Govt. of Odisha vide Resolution No. HE-BUD-Policy-0002-2018-1189/HE, Dated. 16.01.2019 for the students pursuing General / Technical / Professional Degree and Post Graduate courses in the University and Educational Institutions of Odisha (both Government and Non-Government) belonging to families of a) HIV / AIDS affected parents, b) Households without shelter, c) Destitute/living on alms, d) Manual Scavengers, e) Particularly Vulnerable Tribal Groups, f) Legally released bonded labourers and g) Single mother family.

The financial assistance shall be provided to students of above said category @ Rs.20,000/- per annum for their entire course period. The detailed guidelines, advertisement and application form are available in the website of Higher Education department **(www.dheodisha.gov.in)**.

Desirous students can download the application form from the Department website, fill it up and submit it to the Principal/ Head of the Institution of their respective Colleges/Institutions by 30.11.2019.

**ELIGIBILITY CRITERIA FOR FINANCIAL ASSISTANCE:**

a) The student must be a resident of Odisha and should belong to aforementioned category families.
b) Annual family income of the student from all sources must not exceed Rs.1.20 lakh.
c) The students should pursue their Graduate and Post-Graduate course on regular mode in any General/Technical or Professional courses in any Govt. or Govt. recognized private Colleges/ Institutes /Universities of the State.

**DOCUMENTS TO BE SUBMITTED ALONGWITH THE APPLICATION:**

| Sl. No. | Type of document | Category of student |
|---|---|---|
| 1. | a) Copy of the Resident Certificate/Annual Family Income Certificate from the competent authority, i.e. Tahasildar/ Additional Tahasildar. b) Copy of the Identity card of the student, c) Bank Pass Book having Account Number & IFSC Code and other details | For all categories of students |
| 2. | Medical Certificate from competent Medical Authority | Parents suffering from HIV / AIDS |
| 3. | Certificate being households without shelter from competent Revenue Officer not below the rank of Addl. Tahasildar | Households without shelter |
| 4. | Certificate being a single mother from District Social Welfare Officer | Single mother family |
| 5. | Certificate being Destitute/ Living on alms from the local Municipal Corporation /Municipality / NAC or Block Development Officer | Destitute / Living on alms |
| 6. | Certificate being Manual Scavenger from local Municipal Corporation/Municipality / NAC authority | Manual Scavenger |
| 7. | Certificate being a Particularly Vulnerable Tribal Groups from the District Welfare Officer | Particularly Vulnerable Tribal Groups |
| 8. | Certificate being a Legally Released Bonded Labourer from the District Labour Officer | Legally Released Bonded Labourer |

**SCHEDULED TIME LINE:**

| | ACTIVITIES | DATE |
|---|---|---|
| 1. | Submission of application by the students with relevant documents to the Institute | By 30th November, 2019 |
| 2. | Scrutiny & forwarding of application by Institutes to concerned Collectors & District Magistrates. | By 15th December, 2019 |
| 3. | Recommendation of applications by the concerned Collectors to the Institutions | By 31st December, 2019 |
| 4. | Forward of recommended applications by the Institutes to the Higher Education Department | By 15th January, 2020 |

The applications should be complete in all respects and should be accompanied by all relevant documents. Applications, incomplete in any respect, are liable to be rejected. The applications received after the last date will not be considered.

For any assistance, please contact No. 0674- 2322460 / 2396550.

11001/11/0019/1920 *Sd./- Commissioner-cum-Secretary to Government*

“ସତ କହିବାକୁ ଗଲେ ବାମହାତୀ ଦ୍ରୁତ ବୋଲର ଖଲିଲ ଅହମ୍ମଦ ଅନ୍ତର୍ଜାତୀୟ କ୍ରିକେଟ୍ ପାଇଁ ଯୋଗ୍ୟ ଲାଗୁ ନାହାନ୍ତି।
– କ୍ରିଷ୍ଣମାଚାରୀ ଶ୍ରୀକାନ୍ତ, ପୂର୍ବତନ ଭାରତୀୟ କ୍ରିକେଟର୍



“ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଥିବା ଆଇସିସି ଟି୨୦ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ କିମ୍ବା ଇଂଲଣ୍ଡ ଚାମ୍ପିୟନ ହୋଇପାରନ୍ତି।
– ମାଇକେଲ ଭନ୍, ପୂର୍ବତନ ଇଂଲଣ୍ଡ କ୍ରିକେଟର୍



# ଚହରଙ୍କ ଚମକରେ ଭାରତ ବିଜୟୀ

**ନାଗପୁର, ୧୦।୧୧(ପି.ଟି.)**

ବାଂଲାଦେଶ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି୨୦ କ୍ରିକେଟ୍ ମ୍ୟାଚ୍‌ରେ ଭାରତ ୩୦ ରନରେ ବିଜୟୀ ହୋଇଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ଏହି ସିରିଜକୁ ଭାରତ ୨–୧ରେ ହାତେଇ ନେଇଛି। ସ୍ଥାନୀୟ ବିଦର୍ଭ କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ରବିବାର ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଭାରତ ୫ ଉଇକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା। ଜବାବରେ ବାଂଲାଦେଶ ୧୯.୨ ଓଭରରେ ୧୪୪ ରନ କରି ଅଲଆଉଟ ହେବା ସହ ପରାସ୍ତ ହୋଇଛି।

୧୭୫ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ବାଂଲାଦେଶ ୧୨ ରନରେ ଲିଟନ ଦାସ ଓ ସୌମ୍ୟ ସରକାରଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଲିଟନ ୯ ରନ କରି ୱାଶିଂଟନ ସୁନ୍ଦରଙ୍କୁ କ୍ୟାଚ୍ ଦେଇ ଓ ସୌମ୍ୟ ଖାତା ଖୋଲିବାର ପୂର୍ବରୁ ଶିବମ ଦୁବେଙ୍କୁ କ୍ୟାଚ୍ ଦେଇ ଦୀପକ ଚହରଙ୍କ ଦ୍ୱାରା ଆଉଟ ହୋଇଥିଲେ। ତୃତୀୟ ଉଇକେଟରେ ମହମ୍ମଦ ମିଥୁନ ଓ ମହମ୍ମଦ ନଇମ ୬୧ ବଲରୁ ୯୮ ରନକରି ଦଳର ସ୍ଥିତି ସମ୍ଭାଳିଥିଲେ। ତେବେ ମିଥୁନ ୨ ଚୌକା ଓ ୧ ଛକା ସହ ୨୯ ବଲରୁ ୨୭ ରନ କରିଥିବା ବେଳେ ଲୋକେଶ ରାହୁଲଙ୍କୁ କ୍ୟାଚ୍ ଦେଇ ଚହରଙ୍କ ତୃତୀୟ ଶିକାର ହୋଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ମୁସଫିକର ରହିମ ଖାତା ଖୋଲିବା ପୂର୍ବରୁ ଦୁବେଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ଦୁବେ ନଇମଙ୍କୁ ଆଉଟ କରି ବାଂଲାଦେଶକୁ ଝଟ୍‌କା ଦେଇଥିଲେ। ନଇମ ୪୮ ବଲରୁ ୧୦ ଚୌକା ଓ ୨ ଛକା ସହ ଦ୍ରୁତ ୮୧ ରନ କରି ଦୁବେଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଫିଫ୍ ହୋସେନ କୌଣସି ରନ ନ କରି ଦୁବେଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ୧୬ ଓଭରରେ ଦୁବେ କ୍ରମାଗତ ଦୁଇ ଉଇକେଟ ନେଇ ମ୍ୟାଚ୍‌ର ମୋଡ ବଦଳାଇଥିଲେ। ଅଧିନାୟକ ମହମୁଦୁଲ୍ଲା ୮ ରନ କରି ଯୁଜବେନ୍ଦ୍ର ଚହଲଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ବାଂଲାଦେଶ ହାତରୁ ମ୍ୟାଚ୍ ଖସି ଯାଇଥିଲା। ସାଫିଉଲ ୪ ରନ କରିଥିବା ବେଳେ ଦୁବେଙ୍କ ତୃତୀୟ ଶିକାର ହୋଇଥିଲେ। ମୁସ୍ତାଫିଜୁର ରହମାନ ୧ ରନ କରି ଚହରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଶେଷରେ ଅମିନୁଲ ଇସ୍‌ଲାମ ୯ ରନ କରି ଆଉଟ ହେବା ସହ ଚହରଙ୍କ ଷଷ୍ଠ ଶିକାର ହୋଇଥିଲେ। ବୋଲିଂରେ ଭାରତ ତରଫରୁ ଚହର ସର୍ବାଧିକ ୬, ଦୁବେ ୩ ଓ ଚହଲ ଗୋଟିଏ ଉଇକେଟ ନେଇଥିଲେ।

ପୂର୍ବରୁ ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତ ତାରକା ଓପନର ରୋହିତ ଶର୍ମାଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ରୋହିତ ୨ ରନ କରିଥିବା ବେଳେ ସାଫିଉଲ ଇସ୍‌ଲାମଙ୍କ ବଲ୍‌କୁ ଖେଳିବାକୁ ଯାଇଥିଲେ। ତେବେ ବଲ୍ ବ୍ୟାଟ୍‌ର ଇନ୍‌ସାଇଡ୍ ଏଜ୍ ନେବା କାରଣରୁ ସେ ବୋଲ୍ଡ ହୋଇଥିଲେ। ୧୬ଟି ବଲ୍ ଖେଳି ୪ ଚୌକା ସହ ୧୯ ରନ କରିଥିବାବେଳେ ଅଭିଜ୍ଞ ଓପନର ଶିଖର ଧାୱନ ଡିପ୍ ମିଡ୍ ଉଇକେଟରେ ମହମୁଦୁଲ୍ଲାଙ୍କୁ କ୍ୟାଚ୍ ଦେଇ ସାଫିଉଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଏହାପରେ ଲୋକେଶ ରାହୁଲ ଓ ଶ୍ରେୟାସ ଆୟାର ଅର୍ଦ୍ଧଶତକୀୟ ପାଳି ଖେଳି ଦଳର ସ୍କୋରକୁ ଆଗେଇ ନେଇଥିଲେ। ତୃତୀୟ ଉଇକେଟରେ ଏହି ଦୁଇ ବ୍ୟାଟ୍ସମ୍ୟାନ ୪୧ ବଲରୁ ୫୯ ରନ ସଂଗ୍ରହ କରିଥିଲେ। ରାହୁଲ ୩୫ଟି ବଲର ସମ୍ମୁଖୀନ ହୋଇ ୭ ଚୌକା ସହ ୫୨ ରନକରି ଅଲ-ଅମିନ ହୋସେନଙ୍କ ବଲ୍‌ରେ ମିଡଅଫ୍‌ରେ ଲିଟନ ଦାସଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ପୁଣିଥରେ ବିଫଳ ହୋଇଥିଲେ। ସେ ମାତ୍ର ୬ ରନ କରିଥିବା ବେଳେ ଲାଇନ୍ ମିସ୍ କରି ସୌମ୍ୟଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଆୟାର ସାହାସିକ ଇନିଂସ ଖେଳିଥିଲେ। ୩୩ ବଲରୁ ୩ ଚୌକା ଓ ୫ ଛକା ସହ ୬୨ ରନକରି ସ୍କୋରକୁ ଆଗେଇ ନେଉଥିବା ବେଳେ ସୌମ୍ୟଙ୍କ ବଲରେ ଲଙ୍ଗ୍ ଅନ୍‌ରେ ଲିଟନଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସୌମ୍ୟଙ୍କ ଗୋଟିଏ ଓଭରରେ ପନ୍ତ ଓ ଆୟାର ଆଉଟ ହୋଇଥିଲେ। ଅବଶ୍ୟ ୧୫ ଓଭରର ପ୍ରଥମ ୩ଟି ବଲ୍‌ରେ ଆଫିଫ୍ ହୋସେନଙ୍କୁ ଆୟାର ହ୍ୟାଟ୍ରିକ ଛକା ମାରିଥିଲେ। ମନୀଷ ପାଣ୍ଡେ ୨୨ (୧୩ ବଲ, ୩ ଚୌକା) ଓ ଶିବମ୍ ଦୁବେ ୮ ବଲରୁ ୯ ରନ କରି ଅପରାଜିତ ରହିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ।



ସିରିଜ ଜିତିବା ପରେ ଟ୍ରଫି ସହ ଭାରତୀୟ ଦଳର ଖେଳାଳିମାନେ ଖୁସି ମନାଉଛନ୍ତି।

**ହ୍ୟାଟ୍ରିକ ନେଇଥିବା ଭାରତୀୟ ବୋଲର**

| | |
|---|---|
| ଟେଷ୍ଟ | ହରଭଜନ ସିଂ, ଇରଫାନ ପଠାନ, ଯଶପ୍ରୀତ ବୁମ୍‌ରା |
| ଦିନିକିଆ | ଚେତନ ଶର୍ମା, କପିଳ ଦେବ, କୁଲଦୀପ ଯାଦବ, ମହମ୍ମଦ ସାମି |
| ଟି୨୦ | ଦୀପକ ଚହର |

### ସଂକ୍ଷିପ୍ତ ସ୍କୋର

**ଭାରତ ୨୦ ଓଭରରେ ୧୭୪/୫**(ଆୟାର– ୬୨, ରାହୁଲ– ୫୨, ପାଣ୍ଡେ– ୨୨*, ଧାୱନ– ୧୯, ସାଫିଉଲ– ୨/୩୨, ସୌମ୍ୟ ୨/୨୯, ଅଲ ଅମିନ–୧/୨୨)। **ବାଂଲାଦେଶ ୧୯.୨ ଓଭରରେ ୧୪୪ ଅଲଆଉଟ** (ନଇମ– ୮୧, ମିଥୁନ –୨୭, ଚହର– ୬/୭, ଦୁବେ– ୩/୩୦, ଚହଲ– ୧/୪୩)।

**ଟି୨୦ରେ ଶ୍ରେଷ୍ଠ ବୋଲିଂ**

| | | | | |
|---|---|---|---|---|
| ୬/୭ | ଦୀପକ ଚହର | ବନାମ ବାଂଲାଦେଶ | ନାଗପୁର | ୨୦୧୯ |
| ୬/୮ | ଅଜନ୍ତା ମେଣ୍ଡିସ | ବନାମ ଜିମ୍ବାୱେ | ହାମ୍ବନତୋଟା | ୨୦୧୨ |
| ୬/୧୬ | ଅଜନ୍ତା ମେଣ୍ଡିସ | ବନାମ ଅଷ୍ଟ୍ରେଲିଆ | ପାଲିକଲ | ୨୦୧୧ |
| ୬/୨୫ | ଯୁଜବେନ୍ଦ୍ର ଚହଲ | ବନାମ ଇଂଲଣ୍ଡ | ବେଙ୍ଗାଲୁରୁ | ୨୦୧୭ |

## ସଂକ୍ଷେପରେ

### ମେସିଙ୍କ ୩୪ତମ ହ୍ୟାଟ୍ରିକ

ବାର୍ସିଲୋନା,୧୦।୧୧: ବାର୍ସିଲୋନା ସୁପରଷ୍ଟାର ଲିଓନେଲ ମେସିଙ୍କ ହ୍ୟାଟ୍ରିକ ବଳରେ ରବିବାର ବାର୍ସିଲୋନା ୪-୧ ଗୋଲରେ ସେଲ୍‌ଟା ଭିଗୋକୁ ହରାଇ ଦେଇଛି। ମେସିଙ୍କ ଲା ଲିଗା ଲିଗ୍ କ୍ୟାରିୟରର ଏହା ୩୪ତମ ହ୍ୟାଟ୍ରିକ। ଏଥିସହିତ ସେ ନିଜର ଚିରପ୍ରତିଦ୍ୱନ୍ଦ୍ୱୀ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସମକକ୍ଷ ହୋଇଛନ୍ତି। ପୂର୍ବତନ ରିଅଲ ମାଡ୍ରିଡ୍ ଖେଳାଳିଙ୍କ ନାମରେ କ୍ଲବ ସ୍ତରରେ ସମାନ ସଂଖ୍ୟକ ହ୍ୟାଟ୍ରିକ ଗୋଲ ରହିଛି। ମ୍ୟାଚ୍‌ର ୨୩ତମ ମିନିଟ୍‌ରେ ପ୍ରଥମ ଗୋଲ ଦେଇଥିବା ମେସି ୪୫+୧ ଓ ୪୮ ତମ ମିନିଟ୍‌ରେ କ୍ରମାଗତ ଦୁଇଟି ଗୋଲ ହ୍ୟାଟ୍ରିକ ପୂରଣ କରିଥିଲେ। ସେର୍ଗିଓ ବାସକ୍ୟୁଟ୍ସ ଚତୁର୍ଥ ଗୋଲ ଦେଇଥିଲେ। ପରାଜୟ ପରେ ପ୍ରତିପକ୍ଷ ଦଳର କୋଚ୍ ଓସ୍କାର ଗାର୍ସିଆ କହିଛନ୍ତି, କେହି ମେସିଙ୍କୁ ନିୟନ୍ତ୍ରଣ କରିପାରିବେ ନାହିଁ। ତାଙ୍କ ବିନା ଫଳାଫଳ ଭିନ୍ନ ହୋଇଥାନ୍ତା।

### ୱିଲିୟମ୍ସଙ୍କୁ ଆଇଏସ୍ଏଲ୍ ହିରୋ ଅଫ୍ ମ୍ୟାଚ୍ ପୁରସ୍କାର



ମୁମ୍ବାଇ,୧୦।୧୧(ପି.ଟି.)- ଅଷ୍ଟ୍ରେଲିଆ ପେସାଦାର ଫୁଟବଲର ଡେଭିଡ ୱିଲିୟମ୍ସ ଅକ୍ଟୋବର ମାସ ପାଇଁ ଇଣ୍ଡିଆନ ସୁପର ଲିଗ (ଆଇଏସ୍ଏଲ୍) ହିରୋ ଅଫ୍ ଦି ମନ୍ଥ୍ ପୁରସ୍କାର ହାସଲ କରିଛନ୍ତି। ଭାରତର ଏହି ଶ୍ରେଷ୍ଠ ଫୁଟବଲ୍ ଲିଗ୍‌ର ପୁରସ୍କାର ଦୌଡ଼ରେ ୩୧ ବର୍ଷୀୟ ୱିଲିୟମ୍ସଙ୍କ ସମେତ କେରଳ ବ୍ଲାଷ୍ଟର୍ସର ବାର୍ଥୋଲୋମ୍ୟୁ ଓଗବେଚେ, ଦୁଇଥର ଗୋଲ୍ଡେନ ବୁଟ୍ ବିଜେତା ଏଫ୍‌ସି ଗୋଆର ଫେରାନ କୋରୋମିନାସ, ଜାମସେଦପୁରର ସର୍ଗିଓ କ୍ୟାସଲ ଓ ମୁମ୍ବାଇ ସିଟି ଏଫ୍‌ସିର ଅମରିନ୍ଦର ସିଂ ସାମିଲ ରହିଥିଲେ। ଗତ ମାସରେ ଅସାଧାରଣ ପ୍ରଦର୍ଶନ ପାଇଁ ୱିଲିୟମ୍ସଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ନିଜର ନୂଆ କ୍ଲବ ଏଟିକେ ପାଇଁ ସେ ୩ଟି ଗୋଲ କରିବା ସହ ଗୋଟିଏ ଗୋଲରେ ସହାୟତା ପ୍ରଦାନ କରିଥିଲେ।

### ଶୁଟିଂରେ ଭାରତକୁ ଆଉ ୩ ଅଲିମ୍ପିକ୍ କୋଟା

ଦୋହା,୧୦।୧୧(ପି.ଟି.): ସ୍ୱଳ୍ପ ବୟସ୍କ ଶୁଟର ଐଶ୍ୱାରି ପ୍ରତାପ ସିଂ ତୋମାର ଭାରତ ପାଇଁ ରେକର୍ଡ ୧୩ତମ ଅଲିମ୍ପିକ୍ କୋଟା ହାସଲ କରିଛନ୍ତି। ୧୮ ବର୍ଷୀୟ ତୋମାର ରବିବାର ଏଠାରେ ଚାଲିଥିବା ୧୪ତମ ଏସିଆନ ଚାମ୍ପିୟନଶିପ୍‌ରେ ପୁରୁଷ ୫୦ମିଟର ରାଇଫଲ ୩ ପୋଜିଶନରେ ବ୍ରୋଞ୍ଜ୍ ପଦକ ହାସଲ କରି ଏହି ସଫଳତା ପାଇଛନ୍ତି। ତୋମାର ୮ଜଣ ଶୁଟରଙ୍କୁ ନେଇ ହୋଇଥିବା ଫାଇନାଲ ଇଭେଣ୍ଟରେ ୪୪୯.୧ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ସେହିଭଳି ଦୁଇଜଣ ଭାରତୀୟ ଶୁଟର ଅଲିମ୍ପିକ୍ କୋଟା ହାସଲ କରିଛନ୍ତି। ଏଠାରେ ଚାଲିଥିବା ୧୪ତମ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଙ୍ଗଦ ବୀର ସିଂ ବାଜୱା ଓ ରୌପ୍ୟ ପଦକ ବିଜେତା ମାଇରାଜ ଅହମ୍ମଦ ଖାଁ ଏହି କୋଟା ହାସଲ କରିଛନ୍ତି। ପୁରୁଷ ସ୍କିଟ ଇଭେଣ୍ଟରେ ଏହି ଦୁଇ ଖେଳାଳି ପ୍ରଥମ ଓ ଦ୍ୱିତୀୟ ସ୍ଥାନ ହାସଲ କରି ଏହି ସଫଳତା ପାଇଛନ୍ତି। ଏଥିସହିତ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ୨୦୨୦ ଅଲିମ୍ପିକ୍ସରେ ଭାରତର କୋଟା ପ୍ଲେସ ସଂଖ୍ୟା ରେକର୍ଡ ୧୫କୁ ବୃଦ୍ଧି ପାଇଛି। ଅଲିମ୍ପିକ କୋଟା ହାସଲ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏହା ଭାରତ ପାଇଁ ସର୍ବାଧିକ। ପୂର୍ବରୁ ୨୦୧୬ ରିଓ ଓ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତ ଶୁଟିଂରେ ୧୨ଟି କୋଟା ପ୍ଲେସ ହାସଲ କରିଥିଲା। ରବିବାର ଭାରତ ମୋଟ ଉପରେ ୩ଟି କୋଟା ପ୍ଲେସ ହାସଲ କରିଛି। ଏହି ଦୁଇଜଣଙ୍କ ପୂର୍ବରୁ ଐଶ୍ୱରୀ ପ୍ରତାପ ସିଂ ତୋମାର ବ୍ରୋଞ୍ଜ୍ ଜିତି ଅଲିମ୍ପିକ କୋଟା ପ୍ଲେସ ହାସଲ କରିଥିଲେ।

# ସୁପର ଓଭରରେ ଜିତିଲା ଇଂଲଣ୍ଡ

**ଅକ୍‌ଲାଣ୍ଡ, ୧୦।୧୧**

ଗତ ବିଶ୍ୱକପ୍ ଫାଇନାଲ ଭଳି ଚଳିତ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ଇଂଲଣ୍ଡ ସୁପର ଓଭରରେ ନ୍ୟୁଜିଲାଣ୍ଡକୁ ମାତ୍ ଦେଇଛି। ବର୍ଷା ବାଧା ସାଜିବାରୁ ମ୍ୟାଚ ୧୧ ଓଭର ବିଶିଷ୍ଟ କରାଯାଇଥିଲା। ଉଭୟ ଦଳ ୧୪୬ ରନ୍ କରିବାକୁ ସକ୍ଷମ ହୋଇଥିଲେ। ସୁପର ଓଭରରେ ୧୮ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଘରୋଇ ନ୍ୟୁଜିଲାଣ୍ଡ ମାତ୍ର ୮ ରନ୍ କରିପାରିଥିଲା। ଏଥିସହିତ ଭ୍ରମଣକାରୀ ଇଂଲଣ୍ଡ ସିରିଜ୍‌କୁ ୩–୨ ବ୍ୟବଧାନରେ ଜିତି ନେଇଛି। ବିସ୍ଫୋରକ ବ୍ୟାଟିଂ କରିଥିବା ଜନି ବେୟାରଷ୍ଟୋଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ନ୍ୟୁଜିଲାଣ୍ଡ ସ୍ପିନର ମିଚେଲ ସାଣ୍ଟନରଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ୧୪୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ଇଂଲଣ୍ଡ ଆରମ୍ଭରୁ ୩୯ ରନ୍‌ରେ ଟମ ବାଣ୍ଟନ(୮), ଜେମ୍ସ ଭିନ୍ସ (୧୦) ଓ ଅଧିନାୟକ ଇଆନ ମୋର୍ଗାନ (୧୭) ଉଇକେଟ୍ ହାରଇଥିଲା। ଜନି ବେୟାରଷ୍ଟୋ ୧୮ ବଲରେ ୫ ଛକା ଓ ୨ ଚୌକା ସହାୟତାରେ ୪୭ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ପରେ ସାମ କୁରାନ (୨୪), ଲୁଇସ ଗ୍ରେଗୋରି (୬) ଓ ଟମ କୁରାନ (୧୨) ଆଉଟ୍ ହେବାରୁ ଦଳ ୧୦.୩ ଓଭରରେ ୧୩୪ ରନ୍ କରିଥିଲା। ନ୍ୟୁଜିଲାଣ୍ଡକୁ ଜିତିବା ପାଇଁ ବଳକା ୩ ବଲରେ ୧୩ ରନ୍ ରୋକିବାର ଥିଲା। କିନ୍ତୁ କ୍ରିସ ଜର୍ଡାନ ଅନ୍ତିମ ୩ ବଲରେ ୧୨ ରନ୍ କରି ମ୍ୟାଚ୍ ଟାଇ କରି ଦେଇଥିଲେ। ବୋଲିଂରେ ଟ୍ରେଣ୍ଟ ବୋଲ୍ଟ ଓ ମିଚେଲ ସାଣ୍ଟନର ୨ ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡର ଓପନର ମାର୍ଟିନ ଗୁପଟିଲ ଓ କଲିନ ମୁନ୍‌ରୋ ୫.୧ ଓଭରରେ ୮୩ ରନ୍ କରିଥିଲେ। ଗୁପଟିଲ ୨୦ ବଲରେ ୫୦ ରନ୍ କରି ଆଉଟ ହୋଇଥିଲେ। ମୁନ୍‌ରୋ ୪୬ ଓ ଟିମ ସେଇଫର୍ଟଙ୍କ ୩୯ ରନ୍‌ର ଇନିଂସ ଯୋଗୁ ଘରୋଇ ଦଳ ୧୧ ଓଭରରେ ୫ ଉଇକେଟ ହରାଇ ୧୪୬ ରନ୍ କରିଥିଲା।

### ଫ୍ରାନ୍ସକୁ ଫେଡ୍ କପ ଟାଇଟଲ

**ପର୍ଥ,୧୦।୧୧(ଏଏଫ୍‌ପି)**

କ୍ରିଷ୍ଟିଆନା ମ୍ଲାଡେନୋଭିକ ଓ କରୋଲିନ ଗାର୍ସିଆଙ୍କ ନେତୃତ୍ୱାଧୀନ ଫ୍ରାନ୍ସ ଚଳିତ ଫେଡ୍ କପ୍ ଟେନିସ୍ ଟାଇଟଲ ହାତେଇଛି। ୨୦୦୩ ପରେ ଏହା ଦଳର ପ୍ରଥମ ଟାଇଟଲ। ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲକୁ ଫ୍ରାନ୍ସ ୩–୨ ବ୍ୟବଧାନରେ ଜିତି ଏହି ସଫଳତା ପାଇଛି। ଚଳିତ ଫର୍ମାଟରେ ଅନୁଷ୍ଠିତ ଗତ ସଂସ୍କରଣ ଖେଳିଥିବା ମ୍ଲାଡେନୋଭିକ ଓ ଗାର୍ସିଆଙ୍କ ଯୋଡ଼ି ଆଶଲେ ବାର୍ଟି ଓ ସାମାନ୍ଥା ଷ୍ଟୋସୁର ୬–୪, ୬–୩ ସେଟ୍‌ରେ ହରାଇ ଦେଇଛନ୍ତି। ୨୦୧୬ ଫ୍ରେଞ୍ଚ ଓପନ ଜିତିଥିବା ମ୍ଲାଡେନୋଭିକ ଓ ଗାର୍ସିଆଙ୍କ ଯୋଡ଼ି ପଛୁଆ ଥାଇ ମଧ୍ୟ ଅଷ୍ଟ୍ରେଲିଆନ ଯୋଡ଼ିର ତ୍ରୁଟିପୂର୍ଣ୍ଣ ଖେଳର ଫାଇଦା ଉଠାଇ ମ୍ୟାଚ୍ ଜିତି ନେଇଥିଲେ। ଫଳରେ ଫ୍ରାନ୍ସ ୩ୟ ଥର ପାଇଁ ଫେଡ୍ କପରେ ଚାମ୍ପିୟନ ହୋଇଛି।

# ଭାରତୀୟ ମହିଳାଙ୍କ ବିଜୟ ଅଭିଯାନ

**ସେଣ୍ଟ ଲୁସିଆ,୧୦।୧୧(ପି.ଟି.)**

ଭାରତୀୟ ଦଳର ଓପନିଂ ଯୋଡ଼ି ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନାଙ୍କ ଅର୍ଦ୍ଧଶତକ ବଳରେ ପ୍ରଥମ ଟି୨୦ ମ୍ୟାଚ୍‌ରେ ଭାରତୀୟ ମହିଳା ଦଳ ୮୪ ରନ୍‌ରେ ୱେଷ୍ଟଇଣ୍ଡିଜକୁ ହରାଇ ଦେଇଛି। ୧୫ ବର୍ଷୀୟା ଶେଫାଳି ଓ ମନ୍ଧାନାଙ୍କ ଓପନିଂ ଯୋଡ଼ି ପ୍ରଥମ ଉଇକେଟ ପାଇଁ ରେକର୍ଡ ୧୪୩ ରନ୍ କରିଥିଲେ। କ୍ୟାରିୟର ପ୍ରଥମ ଟି୨୦ ଅର୍ଦ୍ଧଶତକ ହାସଲ କରିଥିବା ଶେଫାଳିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି। ରବିବାର ସମାନ ଭେନ୍ୟୁରେ ଦ୍ୱିତୀୟ ଟି୨୦ ଖେଳାଯିବ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଟିମ୍ ଇଣ୍ଡିଆ ଧାର୍ଯ୍ୟ ୨୦ ଓଭରରେ ୮ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ଶେଫାଳି ଓ ମନ୍ଧାନା ୧୫.୩ ଓଭରରେ ୧୪୩ ରନ୍ ଯୋଡ଼ିଥିଲେ। ଦୁହେଁ ଭାରତ ପାଇଁ ଟି୨୦ ଫର୍ମାଟରେ ଯେକୌଣସି ଉଇକେଟ ପାଇଁ ସର୍ବାଧିକ ଭାଗୀଦାରି କରିଛନ୍ତି। ଏଥିପୂର୍ବରୁ ଥିରୁଶ କାମିନି ଓ ପୁନମ ରାଉତ ୨୦୧୩ରେ ବାଂଲାଦେଶ ବିପକ୍ଷରେ ୧୩୦ ରନ୍ କରିଥିଲେ। ଶେଫାଳି ୪୯ ବଲରେ ୭୩ ରନ୍ କରିଥିଲେ। ତାଙ୍କ ଇନିଂସରେ ୬ ଚୌକା ଓ ୪ ଛକା ସାମିଲ ଥିଲା। ଏହା ତାଙ୍କ ଅନ୍ତର୍ଜାତୀୟ ଟି୨୦ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ। ମନ୍ଧାନା ୧୧ ଚୌକା ସହାୟତାରେ ୬୭ ରନ୍ କରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୨୧ ଓ ବେଦା କ୍ରିଷ୍ଣମୂର୍ତ୍ତୀଙ୍କ ୧୫ ରନ୍ କରିଥିଲା। ଜବାବରେ ଡାରେନ ସାମି ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଘରୋଇ ଦଳ ୯ ଉଇକେଟ ହରାଇ ୧୦୧ ରନ୍ କରିବାକୁ ସକ୍ଷମ ହୋଇଛି। ବିଜୟୀ ଦଳ ପାଇଁ ଶିଖା ପାଣ୍ଡେ, ରାଧା ଯାଦବ ଓ ପୁନମ ଯାଦବ ୨ ଲେଖାଏ ଉଇକେଟ ନେଇଥିଲେ।


ଶେଫାଳି ବର୍ମା

### ସଚିନଙ୍କୁ ପଛରେ ପକାଇଲେ ଶେଫାଳି

କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ନାମରେ ଥିବା ୩୦ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି ୧୫ ବର୍ଷୀୟା ଶେଫାଳି ବର୍ମା। ସେ ଦେଶର ସର୍ବକନିଷ୍ଠ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି। ଏଠାରେ ୱେଷ୍ଟଇଣ୍ଡିଜ ମହିଳା ଦଳ ବିପକ୍ଷ ମ୍ୟାଚ୍‌ରେ ସିରିଜ୍‌ର ପ୍ରଥମ ଟି୨୦ ମ୍ୟାଚ୍‌ରେ ଶେଫାଳି ୪୯ ବଲରେ ୭୩ ରନ୍ କରିଥିଲେ। ତାଙ୍କର ଏଭଳି ଇନିଂସ ଯୋଗୁ ଭାରତୀୟ ଦଳ ୮୪ ରନ୍‌ରେ ମ୍ୟାଚ୍‌କୁ ଜିତି ନେଇଛି। କ୍ୟାରିୟରର ୫ମ ଟି୨୦ ମ୍ୟାଚ୍ ଖେଳୁଥିବା ଶେଫାଳି ଆରମ୍ଭରୁ ଆଟାକିଂ ଖେଳି ୬ ଚୌକା ଓ ୪ ଛକା ଲଗାଇଥିଲେ। ସେ ୧୫ ବର୍ଷ ୨୮୫ ଦିନ ବୟସରେ ପ୍ରଥମ ଅନ୍ତର୍ଜାତୀୟ ଅର୍ଦ୍ଧଶତକ ହାସଲ କରି ସଚିନଙ୍କୁ ପଛରେ ପକାଇଛନ୍ତି। ୧୯୮୯ରେ ସଚିନ ୧୬ ବର୍ଷ ୨୧୪ ଦିନ ବୟସରେ କ୍ୟାରିୟରର ପ୍ରଥମ ଟେଷ୍ଟ ଅର୍ଦ୍ଧଶତକ କରିଥିଲେ।


ସନ୍ଦିପ ମହାନ୍ତି ମେମୋରିଆଲ ଓପନ ଚେସ୍ ଚାମ୍ପିୟନଶିପ୍: ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ବୈଭବ।

# ବୈଭବଙ୍କୁ ଟାଇଟଲ

**ଭୁବନେଶ୍ୱର, ୧୦।୧୧**
**(କ୍ରୀଡ଼ା ପ୍ରତିନିଧି)**

ଭୁବନେଶ୍ୱର ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ସନ୍ଦୀପ ମହାନ୍ତି ମେମୋରିଆଲ ଓପନ ଚେସ୍ ଚାମ୍ପିୟନଶିପ୍ ୯ ଓ ୧୦ ତାରିଖ ଦୁଇଦିନଧରି ଏଠାରେ ଅନୁଷ୍ଠିତ ହୋଇଯାଇଛି। ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବୈଭବ ମିଶ୍ର ୮.୫ ପଏଣ୍ଟ ସହ ଚାମ୍ପିୟନ ଏବଂ ଫିଡେ ମାଷ୍ଟର ସୌମ୍ୟରଞ୍ଜନ ମିଶ୍ର (୮ ପଏଣ୍ଟ) ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ୱପ୍ନିଲ ପ୍ରିୟଦର୍ଶୀ, ହର୍ଷିତ ରଞ୍ଜନ ସାହୁ, ଦାଶରଥୀ ସାହୁ, ତନ୍ମୟ ତ୍ରିପାଠୀ, ସୁହାନା ଜେନା, ରାଜେନ୍ଦ୍ର କୁମାର ସାହୁ, ରୋହନ ମୋଲ୍ଲା ଓ ଲୋଚନ କୁମାର ଦାସ ଯଥାକ୍ରମେ ୩ୟରୁ ୧୦ମ ସ୍ଥାନ ଅଧିକାର କରିଛନ୍ତି। ୨୫ ଜଣଙ୍କୁ ମୁଖ୍ୟ ପୁରସ୍କାର ସହ ୭, ୯, ୧୧, ୧୩ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୫ ଜଣ ଲେଖାଏ ପ୍ରତିଯୋଗୀଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯାଇଥିଲା। ବଂଶୀଧର ଭୋଇ ଓ ରଶ୍ମିତା ପାତ୍ର ଯଥାକ୍ରମେ ଶ୍ରେଷ୍ଠ ଭେଟେରାନ ଓ ମହିଳା ଖେଳାଳି ବିବେଚିତ ହୋଇଥିଲେ। ଚିଫ୍ ଇଲେକ୍ଟ୍ରିକାଲ୍ ଇନ୍‌ସ୍ପେକ୍ଟର ସୁରେଶ ଚନ୍ଦ୍ର ମହାରଣା ମୁଖ୍ୟଅତିଥି ଏବଂ ମାନଗୋବିନ୍ଦ ଦଳାଇ, ସ୍ମୃତିରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ପୂର୍ବାଞ୍ଚଳ ଟେନିସ କ୍ରିକେଟ: ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୧୦।୧୧**
**(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଟେନିସ କ୍ରିକେଟ ଆସୋସିଏଶନ (ଓଏସଟିସିଏ) ଆନୁକୂଲ୍ୟରେ ପୂର୍ବାଞ୍ଚଳ ଟେନିସ କ୍ରିକେଟ ଚାମ୍ପିୟନଶିପ୍‌ର ୩ୟ ସଂସ୍କରଣ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ପଶ୍ଚିମବଙ୍ଗକୁ ୬ ଉଇକେଟରେ ହରାଇ ଓଡ଼ିଶା ଚାମ୍ପିୟନ ହୋଇଛି। ଝାଡ଼ଖଣ୍ଡକୁ ତୃତୀୟ ସ୍ଥାନ ମିଳିଛି। ଟସ୍ ଜିତି ଓଡ଼ିଶା ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପଶ୍ଚିମବଙ୍ଗ ନିର୍ଦ୍ଧାରିତ ୧୫ ଓଭରରେ ୯୮ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ରାହୁଲ ଶାହି ୨୩ ଓ ଆଶିଷ ୨୨ ରନ କରିଥିଲେ। ଓଡ଼ିଶା ପକ୍ଷରୁ ପ୍ରବୀଣ ୩ଟି ଏବଂ ସହଦେବ, ଓ ବିମଲ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୯୯ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ୧୫ ଓଭରରେ ୪ ଉଇକେଟ ହରାଇ ୧୦୦ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ତୁଷାର ୧୯ ବଲ୍‌ରୁ ୩୭, ବିମଲ ୨୦ ବଲ୍‌ରୁ ୩୫ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ତଲ୍‌ହା ଖାଁ ୩ଟି ଉଇକେଟ ପାଇଥିଲେ। ଓଡ଼ିଶାର ବିମଲ ମ୍ୟାନ ଅଫ ଦି ଫାଇନାଲ ଓ ତୁଷାର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବିବେଚିତ ହୋଇଥିଲେ। ପଶ୍ଚିମବଙ୍ଗର ତଲ୍‌ହା ଖାଁ ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପାଇଥିଲେ। ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଟେନିସ କ୍ରିକେଟ ଆସୋସିଏଶନ ଅଫ୍ ଇଣ୍ଡିଆର ପ୍ରଶାସନିକ ମୁଖ୍ୟ ଆଶିଷ କୁମାର ସିଂ, ଓସିଏ ଅମ୍ପାୟର ଚଣ୍ଡି ପ୍ରସନ୍ନ ମହାପାତ୍ର, ଶରତ ଚନ୍ଦ୍ର ସାହୁ, ବାରିଜ ରଞ୍ଜନ ମହାନ୍ତି, ସୋଭେନ୍ଦ୍ର ମହାରଣା, ପ୍ରଫେସର ଏଲ.କେ. ରାୟ, ଦକ୍ଷବ୍ରହ୍ମା ରାଉତରାୟ, ଦୀପକ ହଂସ, ଚୌଧୁରୀ ଅଶୋକ ଚନ୍ଦ୍ର, ବୁଦ୍ଦେଶ୍ୱର ବେହେରା, ଅଖିଳେଶ୍ୱର ତିୱାରୀ, ବାସୁଦେବ ଓଝା, ବଦ୍ରିନାରାୟଣ ପାତ୍ର, ଶଶିକାନ୍ତ ବେଉରା, ଜଗମୋହନ ସ୍ୱାଇଁ, ରିଣ୍ଟୁ ମିତ୍ର, ରାଗିଣୀ ମିତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଓଡ଼ିଶା ଟେନିସ କ୍ରିକେଟ୍ ଦଳର ଖେଳାଳିମାନେ ।

## ସଂକ୍ଷେପରେ

### ରିଙ୍ଗ୍‌ରେ ଆଉ ଜଣେ ବକ୍ସରଙ୍କ ମୃତ୍ୟୁ



**ସିଡ୍‌ନୀ,୧୦।୧୧(ଏଏଫ୍‌ପି):** ମିଡ୍‌ଲୱେଟ ବକ୍ସର ଡ୍ୱିଟ ରିଚେଙ୍କ ରବିବାର ଟ୍ରେନିଂବେଳେ ରିଙ୍ଗ୍‌ରେ ମୃତ୍ୟୁ ହୋଇଛି। ଏହା ଅଷ୍ଟ୍ରେଲିଆ ବକ୍ସିଂ ଜଗତକୁ ସ୍ତବ୍ଧ କରି ଦେଇଛି। ଡେଲି ଟେଲିଗ୍ରାଫରେ ପ୍ରକାଶ ପାଇଥିବା ରିପୋର୍ଟ ଅନୁଯାୟୀ, ୨୭ ବର୍ଷୀୟ ବକ୍ସରଙ୍କ ଦେହରେ ଶଟ ବାଜିବା ପରେ ସେ ରିଙ୍ଗ୍‌ରେ ନିଜ କର୍ନରକୁ ଚାଲିଯାଇଥିଲେ। ସେଠାରେ ସେ ଚେତା ହରାଇ ପଡ଼ି ଯାଇଥିଲେ। ଉପସ୍ଥିତ ଅଫିସିଆଲ ତାଙ୍କୁ ବଞ୍ଚାଇ ପାରି ନ ଥିଲେ। ଏହାକୁ ରିଚେଙ୍କ ପ୍ରମୋଟର ଜ୍ୟାକ ଇଲିସ ସ୍ପଷ୍ଟ କରିଛନ୍ତି। ବହୁତ ଦୁଃଖର ସହିତ ଘୋଷଣା କରିବାକୁ ପଡୁଛି, କାଓ ବୟ ଭାବେ ପରିଚିତ ରିଚେ ଆଉ ନାହାନ୍ତି। ସେ ଯାହା ଭଲ ପାଉଥିଲେ, ସେହି କାର୍ଯ୍ୟବେଳେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ପ୍ରମୋଟର ଓ ବନ୍ଧୁ ଭାବେ ଏଭଳି ଦୁଃଖ ସହ୍ୟ କରିବା କଷ୍ଟକର ବୋଲି ଜ୍ୟାକ କହିଛନ୍ତି। ରିଚେଙ୍କ ନାମରେ ୧୯-୨ ରେକର୍ଡ ଥିଲା। ରିଙ୍ଗ୍‌ରେ ବକ୍ସରଙ୍କ ମୃତ୍ୟୁ ଘଟିବାରେ ଚଳିତବର୍ଷ ଏହା ଚତୁର୍ଥ ଘଟଣା। ଗତ ମାସରେ ବକ୍ସର ପାଟ୍ରିକ ଡେଙ୍କ ମୁଣ୍ଡରେ ଗମ୍ଭୀର ଆଘାତ ଲାଗିବା ପରେ ଜୀବନ ସଂଘର୍ଷରେ ହାରି ଯାଇଥିଲେ। ସେ ଚାଲର୍ସ କନୱେଲଙ୍କ ବିପକ୍ଷରେ ସିକାଗୋଠାରେ ନକଆଉଟ୍ ମ୍ୟାଚ୍ ଖେଳୁଥିଲେ। ଗତ ଜୁଲାଇରେ ସାନ ନିକୋଲାସଙ୍କ ସହ ମୁକାବିଲା କରୁଥିବା ଆର୍ଜେଣ୍ଟିନା ହୁଗୋ ସାଣ୍ଟିଲାନ ଜୀବନ ହରାଇଥିଲେ। ସେହିଭଳି ମୁଣ୍ଡରେ ଆଘାତ ଲାଗିବାରୁ ରୁଷିଆର ମାକ୍ସିମ ଡାଡାଶେଭଙ୍କ ରିଙ୍ଗ୍‌ରେ ମୃତ୍ୟୁ ହୋଇଥିଲା।

### ବିସିଏ ଏଜିଏମ୍: ଅମ୍ବୁଡ୍ସମ୍ୟାନ ନିଯୁକ୍ତ

**ଭଦୋଦୋରା,୧୦।୧୧(ପି.ଟି.):** ରବିବାର ଏଠାରେ ବରୋଦା କ୍ରିକେଟ ଆସୋସିଏଶନ (ବିସିଏ)ର ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆସୋସିଏଶନ ଅମ୍ବୁଡ୍ସମ୍ୟାନ ବା ଲୋକପାଳ ନିଯୁକ୍ତ କରିଛି। ଅବସରପ୍ରାପ୍ତ ବିଚାରପତି ସି.ଜେ. ଠାକ୍କର ଏହି ପଦରେ ନିଯୁକ୍ତ ହେବେ ବୋଲି କୁହାଯାଇଛି। ଏଥିସହିତ ବିସିଏ ଅଧକ୍ଷ ପ୍ରଣବ ଅମିନ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଭଳି ଟୁର୍ନାମେଣ୍ଟ ଆୟୋଜନ କରିବାକୁ ସହମତି ପ୍ରକାଶ ପାଇଛି ବୋଲି କହିଛନ୍ତି। କ୍ରିକେଟ ସମ୍ପର୍କିତ ସମସ୍ୟାର ସମାଧାନ ପାଇଁ ଅମ୍ବୁଡ୍ସମ୍ୟାନ ନିଯୁକ୍ତ କରାଯାଇଛି ବୋଲି ସେ କହିଛନ୍ତି। ଆସୋସିଏଶନର ନବ ନିର୍ବାଚତ କର୍ମକର୍ତ୍ତାମାନେ କ୍ରିକେଟକୁ ସ୍ୱଚ୍ଛ କରିବା ସହ ଏହାର ପ୍ରଚାର ଓ ପ୍ରସାର ପାଇଁ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

## ଇଣ୍ଡିଆନ ଓପନ ଗେଟ୍‌ବଲ

# ଓଡ଼ିଶା 'ଏ' ଚାମ୍ପିୟନ

ଭୁବନେଶ୍ୱର, ୧୦।୧୧ (କ୍ରୀଡ଼ା ପ୍ରତିନିଧି)

ଅନ୍ତର୍ଜାତୀୟ ଇଣ୍ଡିଆନ ଓପନ୍ ଗେଟ୍‌ବଲ ଟୁର୍ନାମେଣ୍ଟର ୬ଷ୍ଠ ସଂସ୍କରଣ ସ୍ଥାନୀୟ ରେଲୱେ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ହୋଇଛି। ଏହାର ଦଳଗତ ଇଭେଣ୍ଟ ଫାଇନାଲରେ କ୍ୟାପିଟାଲ ହାଇସ୍କୁଲକୁ ୨୧-୯ ପଏଣ୍ଟରେ ହରାଇ ଓଡ଼ିଶା 'ଏ' ଚାମ୍ପିୟନ ହୋଇଛି। ସତୀଶ ପୃଷ୍ଟି, ରଞ୍ଜନ କୁମାର ପାତ୍ର, ଅଭିଷେକ ମହାନ୍ତି, ସୁରେଶ କାଣ୍ଡି ଓ ରଞ୍ଜନ କୁମାର ମିଶ୍ର ଓଡ଼ିଶା 'ଏ' ଦଳର ସଦସ୍ୟ ଥିଲେ। ସେମିଫାଇନାଲରେ ତାଇୱାନ 'ବି'କୁ ଓଡ଼ିଶା 'ଏ' ଏବଂ ୟୁଜି ହାଇସ୍କୁଲ ପଳାଶୁଣିକୁ କ୍ୟାପିଟାଲ ହାଇସ୍କୁଲ ପରାସ୍ତ କରିଥିଲା। ପ୍ରତିଯୋଗିତାର ଡବଲ୍ସରେ ଓଡ଼ିଶା 'ଏ'କୁ ହରାଇ ଓଡ଼ିଶା 'ବି' ଚାମ୍ପିୟନ ହୋଇଛି। ରଞ୍ଜନ କୁମାର ପାତ୍ର ଓ ଶ୍ୟାମସୁନ୍ଦର ଦାସ ଓଡ଼ିଶା 'ବି' ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ।

ପ୍ରତିଯୋଗିତାରେ ମୋଟ ୨୪ଟି ଦଳ ଭାଗ ନେଇଥିଲେ। ଭାରତ ବାହାରୁ ଇଣ୍ଡୋନେସିଆ ଓ ଜାପାନର ଗୋଟିଏ ଲେଖାଏ ଏବଂ ତାଇୱାନର ୩ଟି ଦଳ ଅଂଶଗ୍ରହଣ କରିଥିଲେ। ଏହା ବ୍ୟତୀତ ଓଡ଼ିଶା ବାହାରୁ ମହାରାଷ୍ଟ୍ର, ଆସାମ, ପଶ୍ଚିମବଙ୍ଗ, ଦିଲ୍ଲୀ, ହରିୟାଣା ଓ ଚଣ୍ଡିଗଡ଼ରୁ ଗୋଟିଏ ଲେଖାଏ ଦଳ ଭାଗ ନେଇଥିଲେ। ଅନୁଗୋଳ-ସୁକିନ୍ଦା ରେଲୱେର ପରିଚାଳନା ନିର୍ଦ୍ଦେଶକ ଦିଲୀପ କୁମାର ସାମନ୍ତରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଏସିଆ ପାସିଫିକ୍ ଗେଟ୍‌ବଲ ୟୁନିୟନ ଚେୟାରମ୍ୟାନ ଲିନ୍, ମନଦୀପ୍ତି ମିତ୍ର ଓ ପ୍ରଶାନ୍ତ କୁମାର ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଣ୍ଡିଆନ ଓପନ୍ ଗେଟ୍‌ବଲ ଟୁର୍ନାମେଣ୍ଟ ସଭାପତି ଦ୍ୱୈପାୟନ ପଟ୍ଟନାୟକ, ସମ୍ପାଦକ ଦିଲୀପ କୁମାର ଦାଶ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ଓଡ଼ିଶା 'ଏ' ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

## ଭବିଷ୍ୟନିଧି ପୂର୍ବାଞ୍ଚଳ କ୍ରିକେଟ ଉଦ୍‌ଯାପିତ

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ଗ୍ରାଉଣ୍ଡରେ ଭବିଷ୍ୟନିଧି ପୂର୍ବାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଓଡ଼ିଶାକୁ ୮ ରନରେ ହରାଇ ପଶ୍ଚିମବଙ୍ଗ ଚାମ୍ପିୟନ ହୋଇଛି। ପୂର୍ବତନ ରଣଜୀ ଖେଳାଳି ଅମରେଶ ମହାନ୍ତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପଶ୍ଚିମବଙ୍ଗ ନିର୍ଦ୍ଧାରିତ ୨୦ ଓଭରରେ ୧୧୨ ରନ କରିଥିବାବେଳେ ଓଡ଼ିଶା ୧୯.୪ ଓଭରରେ ୧୦୪ ରନ କରି ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଅଭିକ ଭଟ୍ଟ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ବିବେଚିତ ହୋଇଥିଲେ। ଓଡ଼ିଶାର ରଞ୍ଜିତ ପୁହାଣ ଶ୍ରେଷ୍ଠ ଉଇକେଟ କିପର ପୁରସ୍କାର ପାଇଥିଲେ। ସେମିଫାଇନାଲରେ ଝାଡ଼ଖଣ୍ଡକୁ ଓଡ଼ିଶା ଏବଂ ବିହାରକୁ ପଶ୍ଚିମବଙ୍ଗ ପରାସ୍ତ କରିଥିଲା। ଉଦ୍‌ଯାପନୀ ଉତ୍ସବରେ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନର ଓଡ଼ିଶା ପ୍ରଭାରୀ ତଥା ଅତିରିକ୍ତ କେନ୍ଦ୍ରୀୟ କମିଶନର ପି. ବୀରଭଦ୍ର ସ୍ୱାମୀ, ଆଞ୍ଚଳିକ ଭବିଷ୍ୟନିଧି କମିଶନର ସୁଦୀପ୍ତ ଘୋଷ ଏବଂ ସହାୟକ ଭବିଷ୍ୟନିଧି କମିଶନର ସଞ୍ଜୟ କୁମାର ରଥ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତା ୧୨ରୁ ଅହମ୍ମଦାବାଦଠାରେ ହେବାକୁଥିବା ସର୍ବଭାରତୀୟ କ୍ରିକେଟ ପ୍ରତିଯୋଗିତାରେ ପଶ୍ଚିମବଙ୍ଗ ଅଂଶଗ୍ରହଣ କରିବ।



ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

■ ଜାତୀୟ ଦୃଷ୍ଟିହୀନ ନଗେଶ ଟ୍ରଫି କ୍ରିକେଟ

## ଓଡ଼ିଶା ଦଳର ଡବଲ ବିଜୟ

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି)

ଲକ୍ଷ୍ନୌଠାରେ ଚାଲିଥିବା ଜାତୀୟ ଦୃଷ୍ଟିହୀନ ନଗେଶ ଟ୍ରଫି ଟି୨୦ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ସଫଳ ପ୍ରତ୍ୟାବର୍ତ୍ତନ କରିଛି। ଗତଥରର ଚାମ୍ପିୟନ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ କର୍ଣ୍ଣାଟକ ନିକଟରୁ ହାରିଯାଇଥିଲେ ହେଁ ରବିବାର ଉତ୍ତରପ୍ରଦେଶ ଓ ଗୋଆକୁ ପରାସ୍ତ କରିଛି। ଓଡ଼ିଶା-ଉତ୍ତରପ୍ରଦେଶ ମ୍ୟାଚ୍ ୧୫ ଓଭରବିଶିଷ୍ଟ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଓପ୍‌ନିଂ ଯୋଡ଼ିରେ ଶତକୀୟ ଭାଗୀଦାରି ସହାୟତାରେ ନିର୍ଦ୍ଧାରିତ ଓଭରରେ ୩ ଉଇକେଟ ହରାଇ ୧୪୧ ରନ୍ କରିଥିଲା। ସୁଖରାମ ମାଝି ୭୪ ରନ୍ କରି ଅପରାଜିତ ରହିଥିବାବେଳେ ନକୁଳ ୪୫ ରନ୍ ସ୍କୋର କରିଥିଲେ। ପ୍ରତିପକ୍ଷ ଦଳର ଫୈଜଲ ୨୭ ରନ୍ ଦେଇ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ଜବାବରେ ଉତ୍ତରପ୍ରଦେଶ ପୂରା ୧୫ ଓଭର ଖେଳିଥିଲେ ହେଁ ୭ ଉଇକେଟ ହରାଇ ୧୦୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫୈଜଲ ୨୯ ଓ ଚନ୍ଦନ ୧୮ ରନ୍ କରିବାକୁ ସକ୍ଷମ ହୋଇଥିଲେ। ଓଡ଼ିଶା ପକ୍ଷରୁ ତପନ ୧୧ ରନ୍ ବିନିମୟରେ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ସୁଖରାମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

### ସୁଖରାମଙ୍କ ଶତକ

ଗୋଆ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ବୃହତ୍ ବିଜୟ ହାସଲ କରିଛି। ସୁଖରାମଙ୍କ ଦ୍ରୁତ ଅପରାଜିତ ଶତକ (୬୫ ବଲ୍, ୧୨୨ ରନ୍) ଏବଂ ନକୁଳଙ୍କ ୮୬(୫୦ ବଲ୍) ରନ୍ ସହାୟତାରେ ଓଡ଼ିଶା ୨୦ ଓଭରରେ ୨ ଉଇକେଟ ହରାଇ ୨୩୮ ରନ୍ କରିଥିଲା। ଜବାବରେ ଗୋଆ ୨୦ ଓଭରରେ ୯ ଉଇକେଟ ହରାଇ ୧୧୫ ରନ୍ କରିପାରିଥିଲା। ଦଳ ପକ୍ଷରୁ ଆଶୁତୋଷ ସର୍ବାଧିକ ୩୨ ଓ ଅକ୍ଷୟ ୩୦* ରନ୍ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ ଜାଫର ଇକ୍‌ବାଲ ୩୦ ରନ୍‌ରେ ୪ଟି ଏବଂ ତପନ ୨୪ ରନ୍‌ରେ ୨ଟି ଉଇକେଟ ନେଇଥିଲେ। ଶତକୀୟ ଇନିଂସ ପାଇଁ ସୁଖରାମଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବେଙ୍ଗାଲୁରୁର ପ୍ରଥମ ବିଜୟ

ବେଙ୍ଗାଲୁରୁ, ୧୦।୧୧ (ପି.ଟି.)

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏଲ୍)ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଡିଫେଣ୍ଡିଂ ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ୩-୦ ଗୋଲରେ ଚିର ପ୍ରତିଦ୍ୱନ୍ଦ୍ୱୀ ଚେନ୍ନାଇନ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚ୍‌ର ୧୪ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ମିଡ୍‌ଫିଲ୍ଡର ଏରିକ୍ ପାର୍ଟାଲୁଙ୍କ ଗୋଲ ବଳରେ ବେଙ୍ଗାଲୁରୁ୧-୦ରେ ଅଗ୍ରଣୀ ହାସଲ କରିଥିଲା। ଏହାର ୧୧ ମିନିଟ୍ ପରେ ଅଧିନାୟକ ତଥା ତାରକା ଷ୍ଟ୍ରାଇକର ସୁନୀଲ ଛେତ୍ରୀ (୨୫ତମ ମିନିଟ)ଙ୍କ ଗୋଲସ୍କୋର ବ୍ୟବଧାନକୁ ଡବଲ୍ କରିଥିଲେ। ପ୍ରଥମାର୍ଦ୍ଧରେ ୨-୦ରେ ଅଗ୍ରଣୀ ରହିଥିବା ବେଙ୍ଗାଲୁରୁ ପାଇଁ ଥୋଙ୍ଗଖୋସିମ ହାଓକିପ ଅନ୍ତିମ ତଥା ୩ୟ ଗୋଲଟି କରିଥିଲେ। ସେ ମ୍ୟାଚ୍‌ର ୮୪ତମ ମିନିଟ୍‌ରେ ଏହି ଗୋଲଟି ଦେଇଥିଲେ। ଚଳିତ ସିଜନରେ ବେଙ୍ଗାଲୁରୁର ଏହା ପ୍ରଥମ ବିଜୟ ଥିଲା। ଏହି ବିଜୟ ସହ ଦଳ ୫ମ ସ୍ଥାନକୁ ଉଠିଛି। ଅପରପକ୍ଷରେ ସିଜନରେ ଗୋଟିଏ ବି ଗୋଲସ୍କୋର କରିବାରେ ବିଫଳ ରହିଥିବା ଚେନ୍ନାଇନ ଏଫ୍‌ସି ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିଛି।

### ବାସ୍କେଟବଲ ପ୍ରତିଭାଙ୍କ ପାଇଁ ତାଲିମ ଶିବିର

## ପ୍ରଶିକ୍ଷଣ ଦେଲେ ଭୃଗୁବଂଶୀ ଓ ପ୍ରସନ୍ନା

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି)

ସ୍କୁଲ ପିଲାଙ୍କ ମଧ୍ୟରେ ବାସ୍କେଟବଲ ପ୍ରତି ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ କଳିଙ୍ଗ ବାସ୍କେଟବଲ ଆସୋସିଏଶନ ଏବଂ କୋଚ୍‌ମାନଙ୍କ ଉଦ୍ୟମରେ ଏକ ପ୍ରଶିକ୍ଷଣ ଶିବିର କଳିଙ୍ଗ ଷ୍ଟାଡିୟମ ପରିସରରେ ୯ ଓ ୧୦ ତାରିଖ ଦୁଇଦିନଧରି ଅନୁଷ୍ଠିତ ହୋଇ ଯାଇଛି। ଭାରତୀୟ ବାସ୍କେଟବଲ ଦଳର ଅଧିନାୟକ ବିଶେଷ ଭୃଗୁବଂଶୀ, ପୂର୍ବତନ ଖେଳାଳି ପ୍ରସନ୍ନା ଭେଙ୍କଟେଶ୍ ଏବଂ ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ସୀତାମଣୀ ଟୁଡୁ ପିଲାମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ କ୍ରୀଡ଼ାଛାତ୍ରାବାସୀ ଅନ୍ତେବାସୀଙ୍କୁ ମିଶାଇ ପାଖାପାଖି ୨୦୦ ପିଲା ଯୋଗ ଦେଇଥିଲେ।



କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ବାସ୍କେଟବଲ ପ୍ରଶିକ୍ଷଣ ଶିବିର ଅବସରରେ ପ୍ରଶିକ୍ଷାର୍ଥୀ ଓ ଅନ୍ୟମାନେ।

**ଜନ୍ମଦିନ ଶୁଭେଚ୍ଛା**



ଇପ୍‌ସିତା ସାସମଲ (ଖୁସି)
ଜନ୍ମଦିନର ଶୁଭ ମୁହୂର୍ତ୍ତରେ ଝରିପଡୁ ଆଶୀର୍ବାଦ ପ୍ରଭୁ ଶ୍ରୀଜଗନ୍ନାଥ ମଙ୍ଗଳ କରନ୍ତୁ ପୂର୍ଣ୍ଣ ହେଉ ମନୋରଥ। କୋଟି ପରମାୟୁ ଦିଅନ୍ତୁ ଠାକୁରେ, ଦିଅନ୍ତୁ କୃପା ବରଷି ଚଲାପଥେ ତୁମ ପୁଷ୍ପ ବୃଷ୍ଟି ହେଉ ଦୀର୍ଘାୟୁ ହୁଅ ଇପ୍‌ସିତା।
ଶୁଭେଚ୍ଛା ସହ
ବାପା, ମାଆ, ଭାଇ, ଭଉଣୀ ଓ ପରିବାରବର୍ଗ
ଧ-୧୫୧୭୪

■ ଇମ୍ରାନ ମେମୋରିଆଲ ଟ୍ୱିନସିଟି କ୍ରିକେଟ

## ସମ୍ମାନିତ ହେବେ ୫ ଅମ୍ପାୟର

ଭୁବନେଶ୍ୱର, ୧୦।୧୧ (କ୍ରୀଡ଼ା ପ୍ରତିନିଧି)

ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜ ଖେଳପଡ଼ିଆରେ ଚାଲିଥିବା ମହମ୍ମଦ ଇମ୍ରାନ୍ ମେମୋରିଆଲ ଟ୍ୱିନ୍‌ସିଟି ୧୭ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ସୋମବାର ପ୍ରଥମ ସେମିଫାଇନାଲରେ ଜୁଭେନାଇଲ କ୍ରିକେଟ ଏକାଡେମୀ ଓ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ। ସେହିପରି ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲରେ ପାରାମାଉଣ୍ଟକୁ ଭେଟିବ ରାମେଶ୍ୱର ସ୍ପୋର୍ଟିଂ। ବୁଧବାର ଫାଇନାଲ ପରେ ଉଦ୍‌ଯାପନୀ ଉତ୍ସବରେ ୫ ଜଣ ଓସିଏ(ଓଡ଼ିଶା କ୍ରିକେଟ ଆସୋସିଏଶନ) ପ୍ୟାନେଲ ଅମ୍ପାୟରଙ୍କୁ ସୌମ୍ୟରଞ୍ଜନ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ମନୁ ମହାପାତ୍ର, ବିଭୁ ଶତପଥୀ, ଅକ୍ଷୟ ଚାନ୍ଦ, ବଲ୍ଲଭ ସାହୁ, ଦକ୍ଷବ୍ରହ୍ମା ରାଉତରାୟ, ପ୍ରଦୀପ କୁମାର ଜେନା ଓ ଶରତ ଚନ୍ଦ୍ର ସାହୁଙ୍କୁ ନେଇ ଗଠିତ ଜୁରି କମିଟି ଚୟନ କରିଥିବା ୫ ଅମ୍ପାୟର ହେଲେ ରମାକାନ୍ତ ମହାନ୍ତି, ବୁଲୁ ପଟ୍ଟନାୟକ(ଉଭୟେ କେନ୍ଦୁଝର), ଆଲୋକ କୁମାର ଦାସ (କଟକ), ପ୍ରବୀର କୁମାର ବିଶ୍ୱାସ (ମୟୂରଭଞ୍ଜ) ଓ ପବିତ୍ର କୁମାର ପ୍ରଧାନ (ଭୁବନେଶ୍ୱର)। ପ୍ରକାଶଯୋଗ୍ୟ, ସ୍ୱର୍ଗତ ସୌମ୍ୟରଞ୍ଜନ ଦାସ ୨୦୦୬ରେ ଓସିଏ ଏବଂ ୨୦୦୯ରେ ବିସିସିଆଇ ଲେଭଲ-୧ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ୨୦୧୭ ଏପ୍ରିଲ ୨୬ରେ ପୁରୀ ଜିଲା ସାକ୍ଷୀଗୋପାଳଠାରେ ଏକ ସଡ଼କ ଦୁର୍ଘଟଣାରେ ସେ ମୃତ୍ୟୁବରଣ କରିଥିଲେ।

## ଡିସେମ୍ବରରେ ମହିଳା କବାଡ଼ି ପ୍ରିମିୟର ଲିଗ




ମହିଳା କବାଡ଼ି ପ୍ରିମିୟର ଲିଗ୍ ପାଇଁ ରବିବାର ଖେଳାଳି ଚୟନ ପ୍ରକ୍ରିୟା ଅବସରରେ ଅତିଥି, କର୍ମକର୍ତ୍ତା ଓ ବିଭିନ୍ନ ଦଳର ଫ୍ରାଞ୍ଚାଇଜ୍ ମାଲିକ।

ଭୁବନେଶ୍ୱର, ୧୦।୧୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ମହିଳା କବାଡ଼ି ପ୍ରିମିୟର ଲିଗ୍‌ର ୪ର୍ଥ ସଂସ୍କରଣ ପଟିଆଠାରେ ଆସନ୍ତା ଡିସେମ୍ବରରେ ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶାର ପ୍ରତିଭାସମ୍ପନ୍ନ ଓ ଅଭିଜ୍ଞ ମହିଳା ଖେଳାଳିଙ୍କୁ ନେଇ ଆୟୋଜନ ହେଉଥିବା ଏହି ଲିଗ୍ ପାଇଁ ଖେଳାଳି ଚୟନ ପ୍ରକ୍ରିୟା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟରୁ ମୋଟ୍ ୧୨୦ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଉପଲବ୍ଧ ଖେଳାଳିଙ୍କୁ ନେଇ ମୋଟ୍ ୬ଟି ଟିମ୍ ଗଠନ କରାଯାଇଛି। ପ୍ରତି ଦଳରେ ୧୨ଜଣ ଲେଖାଏ ସ୍ଥାନ ପାଇଥିବାରୁ ମୋଟ୍ ୭୨ ଖେଳାଳି ଚୟନ ହୋଇଛନ୍ତି। ଲିଗ୍‌ରେ କାବେରି ଟିମ୍‌ର ଫ୍ରାଞ୍ଚାଇଜର ନିର୍ମଳ ମହାରଣା, କୋଲାବ୍‌ର କୁନା ରାଉତ, କୋଏଲ୍‌ର ମିଲନ୍ ରାଉତ, କାଠଯୋଡ଼ିର ବିଶ୍ୱଜିତ୍ ବଡ଼ଜେନା, କୁଆଖାଇର ସୁବାସ ପରିଡ଼ା, ଖରସ୍ରୋତାର ଅଭିଷେକ ଚମ୍ପତିଙ୍କ ଦ୍ୱାରା ଗଠିତ ଟିମ୍ ଭାଗନେବେ । ଏହି ଲିଗ୍ ଡିସେମ୍ବର ୨୦ରୁ ୨୨ ମଧ୍ୟରେ ପଟିଆଗଡ଼ ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଦୋଳପଡିଆରେ ଅନୁଷ୍ଠିତ ହେବ ବୋଲି ଖେଳ ପରିଚାଳକ ଅଜୟ ରାଉତ ପ୍ରକାଶ କରିଛନ୍ତି। ଚୟନ ପ୍ରକ୍ରିୟାରେ ହାଉସିଂ ବୋର୍ଡ ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ସହ କବାଡ଼ି ଆସୋସିଏଶନ ସମ୍ପାଦକ ଅଜୟ ବେହେରା, ଯୁଗ୍ମ ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି, କ୍ଲବର ଉପସଭାପତି ମିହିର କୁମାର ରାଉତ, ଅଲେଖ ନାଥ ରାଉତ, ସଭାପତି ସୁବାସ ପରିଡ଼ା, ମହେନ୍ଦ୍ର ପରିଡ଼ାଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**



Justice Late. Shuvansu Kumar Mohanty
ଆବିର୍ଭାବ: ୦୩।୦୨।୧୯୩୩
ତିରୋଧାନ: ୦୧।୧୧।୨୦୧୯
ଶୋକସନ୍ତପ୍ତ:
ଶୁଭେନ୍ଦୁ, ସୌମେନ୍ଦ୍ର, ସୁଶ୍ରୀ, ରୀମା, ରାଜ୍, ସିମରନ୍, ସାହୀଲ୍, ଶାୟନ୍, ବନ୍ଧୁ ଓ ପରିବାରବର୍ଗ ।
ଧ-୬୭୨୫୨

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ ସୁରେନ୍ଦ୍ର ନାଥ ପଟ୍ଟନାୟକ
ଶୁଦ୍ଧ ଷଡ଼ଙ୍ଗୀ ବାଲିଅନ୍ତା, ଭୁବନେଶ୍ୱର
ତିରୋଧାନ: ୦୧।୧୧।୨୦୧୯
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପୁତ୍ର: ଶରତ ପଟ୍ଟନାୟକ, ବସନ୍ତ ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ ବନ୍ଧୁ ଓ ପରିବାରବର୍ଗ ।
ଧ-୪୬୨୬୮

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



Abhisek Pattajoshi
Banker, Syndicate Bank, Bhubaneswar
ଆବିର୍ଭାବ: ୦୪।୦୫।୧୯୯୦
ତିରୋଧାନ: ୧୧।୧୧।୨୦୧୫
"ମୋର ହସ ଖୁସି ସମସ୍ତ ସୌଭାଗ୍ୟ ଅଜାଡୁଛି ତୋର ହାତେ ଆର ଜନମରେ ଆସିବୁ ମୋ' କୋଳେ ରହିବି ମୁଁ ତୋର ସାଥେ।"
ଶୋକସନ୍ତପ୍ତ
ନନା ଓ ବୋଉ
ଧ-୧୫୧୩୪

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ନଭେମ୍ବର ୧୧/୨୦୧୯ Bhubaneswar, Monday, November 11/2019

## ସଂକ୍ଷେପରେ

### ଅର୍ଦ୍ଧଦଗ୍ଧ ଅବସ୍ଥାରେ ମହିଳା ଉଦ୍ଧାର

ନିମାପଡ଼ା,୧୦।୧୧(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳ ଦାସ ସାହି ଗ୍ରାମର ଗୀତା ଦାସ ନାମ୍ନୀ ମହିଳାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇଛି। ଶରୀରର ଅଧିକାଂଶ ଅଂଶ ପୋଡିଯାଇଥିବାବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପ୍ରଥମେ ନିମାପଡ଼ା ଡାକ୍ତରଖାନା ପରେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଖବରପାଇ ନିମାପଡ଼ା ପୋଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ରବିବାର ଅପରାହ୍ଣରେ ଗୀତ ଶୋଇବା ଘରରୁ ଧୂଆଁ ବାହାରିବା ସହ ଚିତ୍କାର ଶୁଣାଯାଇଥିଲା। ଚିତ୍କାର ଶୁଣି ଗୀତାଙ୍କ ଶାଶୁ ସୁଲୋଚନା ଦାସ କବାଟ ଖୋଲିବାବେଳେ ଗୀତା ଅର୍ଦ୍ଧଦଗ୍ଧ ଅବସ୍ଥାରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପରେ ପରିବାର ଲୋକ ଓ ପଡୋଶୀଙ୍କ ସାହାଯ୍ୟରେ ଗୀତାଙ୍କୁ ଡାକ୍ତରଖାନା ନେଇଥିଲେ। ଘଟଣାଦିନ ଗୀତାଙ୍କ ସ୍ୱାମୀ ଘରେ ନ ଥିବାରୁ ନାନା ସନ୍ଦେହ ସୃଷ୍ଟି କରିଛି। ତେବେ ଏହି ଘଟଣାର ସ୍ପଷ୍ଟ କାରଣ ଜଣାପଡି ନାହିଁ। ସୂଚନାଯୋଗ୍ୟ, ଚନ୍ଦକା ଥାନା ଅଞ୍ଚଳର ଗୀତା ଦାସ ଗତ ୪ମାସ ତଳେ ନିମାପଡ଼ା ଥାନା ଅନ୍ତର୍ଗତ ବାମନାଳ ଦାସ ସାହି ଗ୍ରାମର ଅଜୟ ଦାସଙ୍କୁ ବିବାହ କରିଥିଲେ।

### ନିଶା ଖାଇବାକୁ ଟଙ୍କା ମିଳିଲାନି
### ମାଆଙ୍କୁ ମାଡ଼ମାରି ଜେଲ ଗଲେ ପୁଅ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ): ନିଶା ଖାଇବାକୁ ଟଙ୍କା ନ ଦେବାରୁ ମାଆଙ୍କୁ ମାଡ଼ ମାରିଛନ୍ତି ପୁଅ। କ୍ୟାପିଟାଲ ଥାନା ପୋଲିସ ଏହି ଅଭିଯୁକ୍ତ ପୁଅଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ସଡକ ବସ୍ତି ଅଞ୍ଚଳରେ ରହୁଥିବା ଦିଲୀପ ନାୟକ (୨୬)। ସୂଚନା ମୁତାବକ, ଅଭିଯୁକ୍ତ ଦିଲୀପ ସବୁଦିନ ନିଶା ଖାଆନ୍ତି। ଏଥିପାଇଁ ଘରେ ଟଙ୍କା ନ ଦେଲେ ଅନେକ ସମୟରେ ପାଟିତୁଣ୍ଡ ଫିଙ୍ଗା ଫୋପଡା କରନ୍ତି। ରବିବାର ସକାଳେ ଦିଲୀପ ମଦ ଖାଇବାକୁ ମାଆଙ୍କୁ ଟଙ୍କା ମାଗିଥିଲା। ମାତ୍ର ଘରେ ଟଙ୍କା ନ ଥିବାରୁ ମାଆ ଦେଇପାରି ନ ଥିଲେ। ଏଥିରେ ଉତ୍ତେଜିତ ହୋଇ ଦିଲୀପ ତାଙ୍କୁ ମାଡ଼ ମାରିଥିଲେ। ଦିନକୁ ଦିନ ଦିଲୀପଙ୍କ ଏପରି କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଶେଷରେ ତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୪୧୭/୧୯ରେ ଏକ ମାମଲା ରୁଜୁ କରି ଦିଲୀପଙ୍କୁ ଗିରଫ କରିଛି। ପଚରା ଉଚରା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ଚାକିରି ନାଁରେ ୩୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଠକେଇ
## ଭୁବନେଶ୍ୱରରୁ ଅଭିଯୁକ୍ତଙ୍କୁ ଉଠାଇନେଲା ନବରଙ୍ଗପୁର ପୋଲିସ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ଚାକିରି ଦେବା ନାଁରେ ବହୁ ଯୁବକଙ୍କଠାରୁ ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ଉଠାଇ ନେଇଛି ନବରଙ୍ଗପୁର ପୋଲିସ। ଅଭିଯୁକ୍ତ ଜଣକ ହେଲେ ଗଞ୍ଜାମ ଜିଲାର ଉମେଶ ମିଶ୍ର। ସେ ଇନ୍‌ଫୋସିଟି ଥାନା ଅନ୍ତର୍ଗତ ପଟିଆସ୍ଥିତ ଶୁଭମ୍ ଆପାର୍ଟମେଣ୍ଟରେ ପରିବାର ସହ ରହୁଛନ୍ତି। ଠକେଇ କରିବା ପରେ ଏଠାରେ ଲୁଚି ରହିଥିଲେ। ଫୋନ୍ ଟ୍ରାକିଂ କରି ତାଙ୍କୁ ଠାବ କରାଯିବା ପରେ ରବିବାର ସକାଳେ ନବରଙ୍ଗପୁର ପୋଲିସର ଏକ ଟିମ୍ ଉକ୍ତ ଆପର୍ଟମେଣ୍ଟରେ ଚଢାଉ କରି ଉମେଶଙ୍କୁ ଗିରଫ କରିଥିଲା।

ପୋଲିସ ସୂଚନା ଅନୁଯାୟୀ, ଉମେଶ ଲୋକଙ୍କୁ ସରକାରୀ ଚାକରି କରାଇ ଦେବାକୁ କହି ବେକାର ଯୁବକ ଓ ଯୁବତୀଙ୍କଠାରୁ ଟଙ୍କା ନେଇଥିଲେ। ଏପରିକି ନିଯୁକ୍ତି ଓ ଟ୍ରେନିଂ ପାଇଁ ନକଲି ଚିଠି ଧରାଇଥିଲେ। ଚିଠି ଧରାଇବା ପରେ ବି ସେମାନଙ୍କଠାରୁ ବିପୁଳ ଟଙ୍କା ହାତେଇଥିଲେ। ସମୟ ଗଡ଼ିଥିଲେ ମଧ୍ୟ ଚାକିରି ନ ମିଳିବାରୁ ଟଙ୍କା ଦେଇଥିବା ସମ୍ପୃକ୍ତ ଯୁବତୀଯୁବକଙ୍କ ସନ୍ଦେହ ବଢ଼ିଥିଲା। ସେମାନେ ବାରମ୍ବାର ଉମେଶଙ୍କୁ ପଚାରିବା ସହ ଟଙ୍କା ଫେରସ୍ତ କରିବାକୁ କହିଥିଲେ। ଫଳରେ ଉମେଶ ବିଭିନ୍ନ ସ୍ଥାନରେ ଖୋଲିଥିବା ଅଫିସରେ ତାଲା ପକାଇ ଆଉ ଧରାଛୁଆଁ ଦେଇ ନ ଥିଲେ। ଏପରି କି ସେ ତାଙ୍କ ମୋବାଇଲ୍ ଫୋନ୍‌କୁ ବନ୍ଦ ରଖିଥିଲେ। ଏନେଇ ଠକେଇର ଶିକାର ୧୫ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଅଭିଯାଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା।



ଭୁବନେଶ୍ୱରସ୍ଥିତ ଏକ୍ସଆଇଏମ୍‌ବିର ବାର୍ଷିକ ଉତ୍ସବ 'ଏକ୍ସପ୍ରେଶନ-୧୯'ର ରବିବାର ଶେଷ ସନ୍ଧ୍ୟାରେ ବଲିଉଡ଼ ଗାୟକ ମିକା ସିଂ ସଙ୍ଗୀତ ଗାନ କରୁଛନ୍ତି।

## ଏମାର ମଠ ଟ୍ରଷ୍ଟ ବୋର୍ଡକୁ ଅନୁମୋଦନ

- ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଟ୍ରଷ୍ଟି
- ମିଳିପାରେ ପରିଚାଳନା ଦାୟିତ୍ୱ

ପୁରୀ ଅଫିସ, ୧୦।୧୧

ବହୁଚର୍ଚ୍ଚିତ ଏମାର ମଠ ପାଇଁ ଗଠନ ହୋଇଛି ଟ୍ରଷ୍ଟ ବୋର୍ଡ। ୫ ଜଣ ସଦସ୍ୟ ଥିବା ଏହି ବୋର୍ଡର ଟ୍ରଷ୍ଟି ରହିଛନ୍ତି ଝାଞ୍ଜପିଟା ମଠ ମହନ୍ତ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ। ଦେବୋତ୍ତର କମିଶନଙ୍କଠାରୁ ମଧ୍ୟ ଟ୍ରଷ୍ଟ ବୋର୍ଡକୁ ଅନୁମତି ମିଳିଥିବା ଜଣାପଡିଛି। ଫଳରେ ଏହି ବୋର୍ଡକୁ ମଠ ପରିଚାଳନା ଦାୟିତ୍ୱ ମିଳିପାରେ ବୋଲି ଶୁଣିବାକୁ ମିଳୁଛି। ବୋର୍ଡକୁ ଯଦି ପରିଚାଳନା କମିଟି ଦାୟିତ୍ୱ ମିଳେ ତେବେ ଏମାର ମଠ ମହନ୍ତଙ୍କ ଭୂମିକା କଣ ହେବ ତାହାକୁ ନେଇ ଏବେ ଚର୍ଚ୍ଚା ଚାଲିଛି।

ଏମାର ମଠରୁ ରୁପା ଇଟା ଚୋରି ହେବା ପରେ ମହନ୍ତଙ୍କୁ ଦେବୋତ୍ତର ବିଭାଗ ନିଲମ୍ବିତ କରିଥିଲା। ଏହି ନିଲମ୍ବନ ପରେ ଏକ କମିଟି ଦାୟିତ୍ୱ ନେଇଥିଲା। ମାତ୍ର ମହନ୍ତ ଏହାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଯାଇଥିଲେ। ହାଇକୋର୍ଟ ମଧ୍ୟ ମହନ୍ତଙ୍କ ସପକ୍ଷରେ ରାୟ ଦେଇଥିଲେ। କିନ୍ତୁ ମଠ ପରିଚାଳନା ପାଇଁ ଦୋବୋତ୍ତର ବିଭାଗ ଟ୍ରଷ୍ଟ ବୋର୍ଡ ଗଠନ ଲାଗି ପଦକ୍ଷେପ ନେଇଥିଲା। ତଦନୁଯାୟୀ କିଛିଦିନ ତଳେ ଏମାର ମଠ ପରିସରରେ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ, ଗବେଷକ ଡ. ନରେଶ ଚନ୍ଦ୍ର ଦାଶଙ୍କ ସମେତ ୫ ଜଣ ସଦସ୍ୟଙ୍କୁ ନେଇ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଥିଲା। ଏହି ବୋର୍ଡକୁ ଦେବୋତ୍ତର ବିଭାଗ ଅନୁମୋଦନ କରିଛି। ଫଳରେ ଟ୍ରଷ୍ଟ ବୋର୍ଡକୁ ମଠ ପରିଚାଳନା ଦାୟିତ୍ୱ ମିଳିପାରେ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଟ୍ରଷ୍ଟି ବାବା ସଚ୍ଚିଦାନନ୍ଦ କହିଛନ୍ତି, ଦେବୋତ୍ତର କମିଶନ ବୋର୍ଡକୁ ଅନୁମୋଦନ କରିଛନ୍ତି। ଏ ସମ୍ପର୍କୀତ ଚିଠି ମୋର ହସ୍ତଗତ ହୋଇଛି। ତେବେ ବୋର୍ଡକୁ ପରିଚାଳନା ଦାୟିତ୍ୱ କିମ୍ବା ଅନ୍ୟ କଣ ଦାୟିତ୍ୱ ଦେବେ ତାହା କିଛି ସ୍ପଷ୍ଟ ହୋଇନାହିଁ। ଯାହା ଦାୟିତ୍ୱ ଦେବେ ତାହାକୁ ସୁଚାରୁରୂପେ ସମ୍ପାଦନ କରାଯିବ।





ରବିବାର ଏସ୍‌ସିବି ମେଡିକାଲ କାଜୁଆଲିଟିରେ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନାବେଳେ ଘଟଣାସ୍ଥଳରେ ପୋଲିସ ବୁଝାଶୁଝା କରୁଛି। ମୃତ ଶିଶୁକୁ ଧରି କ୍ରନ୍ଦନରତ ପରିବାରବର୍ଗ।

# ଶିଶୁ ମୃତ୍ୟୁ ନେଇ ଉତ୍ତେଜନା

### ଏସ୍‌ସିବି ମେଡିକାଲ
- କାଜୁଆଲ୍‌ଟିରେ ତାଲା
- ପୋଲିସ ସହିତ ଠେଲାପେଲା

କଟକ ଅଫିସ, ୧୦।୧୧

ଶିଶୁ ମୃତ୍ୟୁକୁ ନେଇ ରବିବାର ଭୋରରୁ ଏସ୍‌ସିବି ମେଡିକାଲରେ ଉତ୍ତେଜନା ଦେଖାଦେଇଥିଲା। ଚିକିତ୍ସାରେ ଅବହେଳା ଅଭିଯୋଗ କରି ମୃତ ଶିଶୁଙ୍କ ସମ୍ପର୍କୀୟମାନେ ମେଡିକାଲର କାଜୁଆଲ୍‌ଟି ଗେଟ୍‌କୁ ତାଲା ପକାଇ ସେଠାରେ ଧାରଣାରେ ବସିଥିଲେ। ମଙ୍ଗଳାବାଗ ପୋଲିସ ପହଞ୍ଚି ମୃତକଙ୍କ ସମ୍ପର୍କୀୟମାନଙ୍କୁ ସେଠାରୁ ଉଠାଇବାକୁ ଚେଷ୍ଟା କରିଥିଲା। ହେଲେ ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ଠେଲାପେଲା ହୋଇଥିଲା। ସକାଳ ସାଢେ ୫ଟାରୁ ୮ଟା ପର୍ଯ୍ୟନ୍ତ କାଜୁଆଲ୍‌ଟିରେ ଏଭଳି ଅବସ୍ଥା ଲାଗି ରହିଥିଲା। ପରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ପହଞ୍ଚି ପୋଲିସ ସହିତ ମିଶି ଧାରଣାକାରୀଙ୍କୁ ବୁଝାଇବାରୁ ପରିସ୍ଥିତି ଶାନ୍ତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ସିଡିଏ ସେକ୍ଟର-୬ ଅଞ୍ଚଳର ସରୋଜ ଦାସଙ୍କ ୪ ବର୍ଷର ପୁଅ ଶନିବାର ଛାତ ଉପରୁ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ପରିବାର ପକ୍ଷରୁ ଆହତଙ୍କୁ ପ୍ରଥମେ ସିଟି ହସ୍ପିଟାଲ ପରେ ଶିଶୁଭବନକୁ ନିଆଯାଇଥିଲା। ଏହାପରେ ସେଠାରୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏସ୍‌ସିବି ମେଡିକାଲରେ ଶିଶୁଟିର ସିଟି ସ୍କାନ୍ କରାଯିବା ପରେ ଘରକୁ ନେଇଯିବାକୁ ଡାକ୍ତର ପରାମର୍ଶ ଦେଇଥିଲେ। ମାତ୍ର ଶିଶୁଟି ଘରେ ପହଞ୍ଚିବା ପରେ ବାନ୍ତି କରିଥିଲା। ଏହା ପରେ ପରିବାର ଲୋକେ ପୁନର୍ବାର ତାଙ୍କୁ ଶନିବାର ବିଳମ୍ବିତ ରାତିରେ ଏସ୍‌ସିବି କାଜୁଆଲ୍‌ଟିକୁ ଆଣିଥିଲେ। ସେଠାରେ ଶିଶୁକୁ ଉପଯୁକ୍ତ ଚିକିତ୍ସା ମିଳି ନ ଥିଲା। ଏପରି କି ସାଲାଇନଟିଏ ମଧ୍ୟ ଦିଆଯାଇ ନ ଥିବା ଶିଶୁର ସମ୍ପର୍କୀୟମାନେ କହିଛନ୍ତି। ଏଭଳି ଅବସ୍ଥାରେ ରବିବାର ଭୋର ସମୟରେ ଶିଶୁର ମୃତ୍ୟୁ ଘଟିଥିଲା। ଏହାପରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ମେଡିକାଲ ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା କହିଛନ୍ତି, ଚିକିତ୍ସା ଅବହେଳା ଅଭିଯୋଗର କୌଣସି ସତ୍ୟତା ନାହିଁ। ଅନ୍ୟପକ୍ଷରେ ଏ ନେଇ ପୋଲିସ ନିକଟରେ କୌଣସି ଅଭିଯୋଗ ହୋଇ ନ ଥିବା ମଙ୍ଗଳାବାଗ ଥାନା ଆଇଆଇସିଅମିତାଭମହାପାତ୍ରକହିଛନ୍ତି।

### ତଦନ୍ତ ପାଇଁ ୪ ଜଣିଆ କମିଟି ଗଠିତ

ଶିଶୁ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ମେଡିକାଲ ପକ୍ଷରୁ ଏକ ୪ ଜଣିଆ ତଦନ୍ତ କମିଟି ଗଠନ କରାଯାଇଛି। ସ୍ନାୟୁଶଲ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡା. ସୁଧାଂଶୁ ମିଶ୍ରଙ୍କ ନେତୃତ୍ୱରେ ଗଠିତ ଏହି କମିଟିରେ ମେଡିସିନ ବିଭାଗର ମୁଖ୍ୟ, ଶିଶୁ ରୋଗ ବିଭାଗର ମୁଖ୍ୟ ଓ ମେଡିକାଲ ପ୍ରଶାସନିକ ଅଧିକାରୀ ପ୍ରମୁଖ ସଦସ୍ୟ ରହିଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ନୀତି ନିର୍ଘଣ୍ଟ

ପୁରୁଣା ଭୁବନେଶ୍ୱର, ୧୦।୧୧(ଡି.ଏନ.ଏ.)

ଆସନ୍ତା ୧୨ ତାରିଖରେ କାର୍ତ୍ତିକ ପୂର୍ଣ୍ଣିମା ଲାଗି ଶ୍ରୀଲିଙ୍ଗରାଜ ମନ୍ଦିରରେ ନୀତି ନିର୍ଘଣ୍ଟ କରାଯାଇଛି। ଶ୍ରୀଜୀଉଙ୍କ ଦର୍ଶନ ନିମନ୍ତେ ପୂର୍ବାହ୍ନରେ ବହୁ ଯାତ୍ରୀଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଏହାକୁ ଶୃଙ୍ଖଳିତ କରିବା ଲାଗି ପୂର୍ଣ୍ଣିମାର ପୂର୍ବଦିନ ସୋମବାର ରାତ୍ରି ୩ଟାଠାରୁ ମନ୍ଦିର ଖୋଲା ଯାଇ ଶ୍ରୀଜୀଉଙ୍କ ମଙ୍ଗଳ ଆଳତି ଓ ଅବକାଶ ଶେଷ କରାଯାଇ ସର୍ବସାଧାରଣ ମଙ୍ଗଳବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ସାହାଣମେଲା ଦର୍ଶନ ଦିଆଯିବ। ପୂର୍ବାହ୍ନ ୧୦ଟା ପରେ ଅନ୍ୟ ନୀତି ସମ୍ପୂର୍ଣ୍ଣ କରାଯିବା ନିମନ୍ତେ ସ୍ଥିର କରାଯାଇଛି। ଏଣୁ ନିର୍ଦ୍ଧାରିତ ସମୟରେ ଶ୍ରୀଜୀଉଙ୍କ ନୀତି ସମାପନ କରାଯିବାକୁ ନିଯୋଗ ସେବାୟତମାନଙ୍କୁ ସଜାଗ କରାଯାଇଛି। ସେମାନେ ଉପସ୍ଥିତ ରହି ନୀତି ପରିଚାଳନାକୁ ତ୍ୱରାନ୍ୱିତ କରିବାକୁ ମନ୍ଦିର ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ୧୭ରେ କୋଣାର୍କ ସୂର୍ଯ୍ୟମନ୍ଦିର ଆଗରେ ଗଣସତ୍ୟାଗ୍ରହ



ବୈଠକରେ ଉପସ୍ଥିତ କୋଣାର୍କ ସୁରକ୍ଷା ସମିତିର ସଦସ୍ୟ।

କୋଣାର୍କ,୧୦।୧୧(ଡି.ଏନ୍.ଏ.)

କୋଣାର୍କ ସୁରକ୍ଷା ସମିତି ପକ୍ଷରୁ ଚଳିତମାସ ୧୭ତାରିଖରେ ୫ ଦଫା ଦାବି ନେଇ ସୂର୍ଯ୍ୟମନ୍ଦିର ସମ୍ମୁଖରେ ଏକ ବିଶାଳ ଗଣସତ୍ୟାଗ୍ରହ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୨୩ବର୍ଷ ଧରି ଏହି ସଙ୍ଗଠନ କୋଣାର୍କ ମନ୍ଦିର ଓ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି କରି ଆସୁଛନ୍ତି। ଏହି ୫ଦଫା ଦାବି ଯଥା ପ୍ରତି ଶନିବାର ସୂର୍ଯ୍ୟମନ୍ଦିରକୁ ନିଃଶୁଳ୍କ ପ୍ରବେଶ ଅନୁମତି, ସୂର୍ଯ୍ୟମନ୍ଦିରର ଉପଯୁକ୍ତ ରକ୍ଷଣାବେକ୍ଷଣ, କୋଣାର୍କରେ ଏକ ଭବ୍ୟ ନବଗ୍ରହ ମନ୍ଦିର ନିର୍ମାଣ, କୋଣାର୍କର ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ଓ ସୂର୍ଯ୍ୟମନ୍ଦିରଠାରୁ ନବଗ୍ରହ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ପର୍ଯ୍ୟଟକଙ୍କ ପାଇଁ ଖୋଲିବା ଇତ୍ୟାଦି ବହୁବିଧ ସମସ୍ୟାକୁ ନେଇ ଏହି ଗଣ ସତ୍ୟାଗ୍ରହ ଅନୁଷ୍ଠିତ ହେବ। ଏଥିରେ ବହୁ ବୁଦ୍ଧିଜୀବୀ, ବ୍ୟବସାୟୀ, ଛାତ୍ରୀଛାତ୍ର, ମହିଳା ସଂଗଠନ ଓ ବିଶ୍ୱ ହିନ୍ଦୁ ପରିଷଦ ସମେତ ବହୁ ସଙ୍ଗଠନ ସାମିଲ ହେବ ବୋଲି ସୁରକ୍ଷା ସମିତି ଆବାହାକ ଭାଗୀରଥି ସ୍ୱାଇଁ ପ୍ରକାଶ କରିଛନ୍ତି।



ରବିବାର ଐତିହ୍ୟ ପଦଯାତ୍ରାବେଳେ ପୁରୁଣା ଭୁବନେଶ୍ୱରର ଏକ ଐତିହ୍ୟସ୍ଥଳରେ ଫ୍ରାନ୍ସ, ଜର୍ମାନୀ ଓ ମୁମ୍ବାଇର ସ୍ଥାପତ୍ୟ ଛାତ୍ରୀଛାତ୍ର।

## ଐତିହ୍ୟସ୍ଥଳୀ ଅନୁଧ୍ୟାନ କଲେ ଫ୍ରାନ୍ସ, ଜର୍ମାନୀ, ମୁମ୍ବାଇର ସ୍ଥାପତ୍ୟ ଛାତ୍ରୀଛାତ୍ର

### ଐତିହ୍ୟ ପଦଯାତ୍ରା

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ସ୍ମାର୍ଟ ସିଟିର ଐତିହ୍ୟ ବିଷୟରେ ଜାଣିବା ପାଇଁ ଫ୍ରାନ୍ସ, ଜର୍ମାନୀ ଓ ମୁମ୍ବାଇର ୨୫ଜଣ ସ୍ଥାପତ୍ୟ ଛାତ୍ରୀଛାତ୍ର ରବିବାର ଐତିହ୍ୟ ପଦଯାତ୍ରାରେ ସାମିଲ ହୋଇଥିଲେ। ସେମାନେ ଖଣ୍ଡଗିରି-ଉଦୟଗିରି ବୁଲି ଗୁମ୍ଫା ଓ ଏହାସହ ଜଡ଼ିତ କୀର୍ତ୍ତିରାଜି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ ୩ହଜାର ବର୍ଷ ପୂର୍ବର କଳିଙ୍ଗର ଇତିହାସ ବିଷୟରେ କାହାଣୀ ମାଧ୍ୟମରେ ଶୁଣିଥିଲେ। ସେହିଭଳି ପୁରୁଣା ଭୁବନେଶ୍ୱରରେ ଥିବା ବିଭିନ୍ନ ଐତିହ୍ୟ ଓ ମନ୍ଦିରର ସୌନ୍ଦର୍ଯ୍ୟ ତଥା ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ସେମାନେ ଆତ୍ମବିଭୋର ହୋଇଯାଇଥିଲେ।

ଫ୍ରାନ୍ସର ଇମାନୁଏଲେ ରୋମାଞ୍ଚ କହିଛନ୍ତି, ଏପରି ବିରଳ କୀର୍ତ୍ତିରାଜି ଓ ଐତିହ୍ୟସ୍ଥଳୀଗୁଡ଼ିକ ଭୁବନେଶ୍ୱର ସହରକୁ ଏକ ସ୍ୱତନ୍ତ୍ର ପରିଚୟ ଦେଉଛି। ବହୁ ପୁରାତନ ମନ୍ଦିର ଓ ତା'ର ସୌନ୍ଦର୍ଯ୍ୟଭରା ଦୃଶ୍ୟ, ଅନ୍ୟ ଐତିହ୍ୟସ୍ଥଳଗୁଡ଼ିକ ସହ ରହିଥିବା କାହାଣୀ ଏହାକୁ ଆହୁରି ଆକର୍ଷଣୀୟ କରୁଛି। ସ୍ଥାପତ୍ୟ ଛାତ୍ରୀ କାଏରେନ୍ କହିଛନ୍ତି, ଏହା ଖାଲି ଐତିହ୍ୟ ପଦଯାତ୍ରା ନ ଥିଲା, ଏଥିରୁ ବହୁତ କିଛି ଶିଖିବାକୁ ମିଳିଲା। ଗୋଟିଏ ସମ୍ପ୍ରଦାୟ ଓ ତା'ସହ ଜଡ଼ିତ କଳା ସଂସ୍କୃତି ବିଷୟରେ ଜାଣି ବହୁତ ଖୁସି ଲାଗୁଛି।

ସୂଚନାଯୋଗ୍ୟ, ଐତିହ୍ୟ ଓ ସ୍ମାର୍ଟସିଟିର ସମନ୍ୱୟକୁ ସେମାନେ ଅନୁଧ୍ୟାନ କରିବା ସହ କିଛି ଗବେଷଣାମୂଳକ ତଥ୍ୟ ରାଜ୍ୟ ସରକାର, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଓ ସ୍ମାର୍ଟସିଟି କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିବେ। ଭବିଷ୍ୟତରେ ସ୍ମାର୍ଟସିଟିକୁ କିପରି ଐତିହ୍ୟସ୍ଥଳଗୁଡ଼ିକ ସହ ଆଗକୁ ବଢ଼ାଇହେବ ସେଥିପ୍ରତି ସେମାନେ ଗବେଷଣା କରିବେ। ଆସନ୍ତା ମାର୍ଚ୍ଚରେ ଦିଲ୍ଲୀଠାରେ ହେବାକୁ ଥିବା ଏକ ବୈଠକରେ ସେମାନେ ଅନୁଧ୍ୟାନ କରିଥିବା ତଥ୍ୟ ପ୍ରକାଶ କରିବେ ବୋଲି ସୂଚନା ମିଳିଛି।

## ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା
## ୪ବର୍ଷ ପରେ ଅଭିଯୁକ୍ତ ଗିରଫ

- ଜବରଦସ୍ତ ଅନୈତିକ କାର୍ଯ୍ୟରେ ଲଗାଉଥିଲେ
- ଆଇଏଏସ୍ ଅଫିସରଙ୍କ ଘରୁ ଚୋରି ଘଟଣାରୁ ମିଳିଲା ଖିଅ

ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)

ଜଣେ ନାବାଳିକାଙ୍କୁ ଅପହରଣ କରିବା ପରେ ବଳାତ୍କାର କରିବା ମାମଲାର ୪ବର୍ଷ ପରେ ନୟାପଲ୍ଲୀ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ୟୁନିଟ୍-୮ କ୍ୟାରମ୍‌ଫିଲ୍ଡ ବସ୍ତିର ଗଣେଶ ସେଠୀ(୨୨)। ତାଙ୍କୁ ପଚରାଉଚରା ପରେ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ୨୦୧୫ରେ ଉକ୍ତ ନାବାଳିକାଙ୍କୁ ଅଭିଯୁକ୍ତ ଗଣେଶଙ୍କ ଭାଇ ଏକ ତରଫା ଭଲ ପାଉଥିଲେ। ତାଙ୍କୁ ବାରମ୍ବାର ହଇରାଣ କରିବା ସହ ଉଠାଇନେବାକୁ ଧମକ ଦେଉଥିଲେ। ନାବାଳିକା ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଗଣେଶ ଓ ତା'ର ଭାଇ ନାବାଳିକାଙ୍କୁ ଅପହରଣ କରି ନେଇ ଭୁବନେଶ୍ୱରର ଏକ ବସ୍ତିରେ ରଖି ବଳାତ୍କାର କରିଥିଲେ। ନାବାଳିକାଙ୍କୁ ନ ପାଇବାରୁ ପରିବାର ଲୋକେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଟିମ୍ ଉକ୍ତ ବସ୍ତିରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଗଣେଶଙ୍କ ଭାଇଙ୍କୁ ଗିରଫ କରିଥିଲା। ଉକ୍ତ ନାବାଳିକାଙ୍କୁ ସେମାନେ ଜବରଦସ୍ତ ଅନୈତିକ କାର୍ଯ୍ୟରେ ଲଗାଉଥିଲେ। ନାବାଳିକା ଜଣକ ପୋଲିସ ଆଗରେ ଏକଥା କହିବା ପରେ ଗଣେଶ ଫେରାର ହୋଇଯାଇଥିଲେ। ସେ କିଛିଦିନ ବାହାରେ ରହିବା ପରେ କ୍ୟାରମଫିଲ୍ଡ ଅଞ୍ଚଳରେ ଥିବା ଘରେ ଆସି ରହୁଥିଲେ। ଇତିମଧ୍ୟରେ ଘଟଣା ସମୟରେ ଥାନାରେ ଥିବା ଅଧିକାରୀଙ୍କ ବଦଳି ହୋଇଯାଇଥିବାରୁ ଉକ୍ତ ମାମଲାକୁ ଆଉ ଗୁରୁତ୍ୱ ଦିଆଯାଇ ନ ଥିଲା। ଗତ ୩ମାସ ହେବ ଏହି ଥାନାଞ୍ଚଳରେ ରହୁଥିବା ଜଣେ ଆଇଏଏସ୍ ଅଫିସରଙ୍କ ଘରୁ ଚୋରି ମାମଲାରେ ପୋଲିସ ଗଣେଶଙ୍କ ଭାଇ ଓ ଅନ୍ୟ ଦୁଇଜଣଙ୍କୁ ଗିରଫ କରି ପଚରାଉଚରା କରିଥିଲା। ଏହି ସମୟରେ ଗଣେଶଙ୍କ ନାମରେ ବଳାତ୍କାର ମାମଲା ରହିଥିବା ଜଣାପଡ଼ିଥିଲା।






38
1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ନିଜର ପାପ କର୍ମ ପାଇଁ ମନୁଷ୍ୟକୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡ଼େ।
-ମହାବୀର ଜୈନ



## ସଂକ୍ଷେପରେ

### କିଶନନଗରର ପାଣି ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି

**କଟକ ସଦର,୧୦।୧୧(ଡି.ଏନ୍.ଏ):** ମହାନଦୀ ସାଉଥ ଜଳସେଚନ ଡିଭିଜନ ଅନ୍ତର୍ଗତ କିଶନନଗର ସବ୍‌ଡିଭିଜନ ଅଧୀନରେ ଥିବା ୧୮ଟି ପାଣି ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରାଥମିକ ପର୍ଯ୍ୟାୟରେ ନଭେମ୍ବର ୬ରୁ ୨୦ତାରିଖ ପର୍ଯ୍ୟନ୍ତ ଭୋଟର ତାଲିକା ସ୍ଥାନୀୟ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରଦର୍ଶିତ ହେବ। ଚାଷୀମାନେ ନିଜର ନାମ ତାଲିକାରେ ରହିଛି କି ନାହିଁ ଦେଖିବା ଲାଗି ନିର୍ବାଚନ ଅଧିକାରୀ ବସନ୍ତ କୁମାର ରାଉତ ଜଣାଇଛନ୍ତି। ବିରିବାଟୀ ସେକ୍ସନ ଅଧୀନରେ ଥିବା ୫ ପାଣି ପଞ୍ଚାୟତ, ଶୁକ ପାଇକା ଜଳସେଚନ ସେକ୍ସନର ୨ଟି, ସୋମପୁର ସେକ୍ସନ ୭ଟି ଓ କୁଲସାହି ସେକ୍ସନର ୪ଟି ପାଣି ପଞ୍ଚାୟତର ଭୋଟର ତାଲିକା ପ୍ରକାଶ ପାଇଛି। ଯାହାର ନାମ ଉକ୍ତ ତାଲିକାରେ ନ ଥିବ ସେମାନେ ନଭେମ୍ବର ୨୧ରୁ ୩୦ତାରିଖ ମଧ୍ୟରେ ଅଭିଯୋଗପତ୍ର ଦାଖଲ କରିପାରିବେ।

### ମଧୁମେହ ଚିକିତ୍ସା ଶିବିର

**କଟକ ଅଫିସ, ୧୦।୧୧-** ବଡେଇସାହିସ୍ଥିତ ବାସ୍ତରୀ ମଠ ପରିସରରେ ରବିବାର ମଧୁମେହ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ମୁଖ୍ୟଅତିଥି ପ୍ରଫେସର ଏମ.ଆର. ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏଥିରେ ୧୭୬ ଜଣଙ୍କର ରକ୍ତ ନମୁନା ସଂଗ୍ରହ କରାଯାଇଥିବାବେଳେ ୫୪ ଜଣ ମଧୁମେହ ରୋଗୀଙ୍କୁ ଚିହ୍ନଟ କରାଯାଇଥିଲା। ବଡେଇସାହି ଗ୍ରାମ୍ୟମଙ୍ଗଳ ସମିତି ସମ୍ପାଦକ ସରୋଜ ଛୋଟରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ଲାଇନ୍ସ କ୍ଲବ ଡାଇମଣ୍ଡର ସଭାପତି ବର୍ଷା ଲେଙ୍କା, ସମ୍ପାଦିକା ଡ. ସବିତା ଦାସ, ରାଜକିଶୋର ଅଗ୍ରୱାଲ, ସୁଜାତା ସାହୁଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ମହାପୁରୁଷ ମହମ୍ମଦ ଜୟନ୍ତୀ

**ଚୌଦ୍ୱାର,୧୦।୧୧(ଡି.ଏନ୍.ଏ.):** ଚୌଦ୍ୱାର ମୁସ୍‌ଲିମ୍ ପଞ୍ଚାୟତ ପକ୍ଷରୁ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଚୌଦ୍ୱାରସ୍ଥିତ ଇଦ୍‌ଗା ପଡ଼ିଆରେ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ଏକତ୍ରିତ ହୋଇ ସମୂହ ନମାଜ ପାଠ କରିଥିଲେ। ପରେ ଏକ ଶୋଭାଯାତ୍ରା ଚୌଦ୍ୱାର ଅଞ୍ଚଳ ପରିକ୍ରମା କରିବା ସହିତ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, ପୂର୍ବତନ ନଗରପାଳ କୈଳାସ ଚନ୍ଦ୍ର ବେହେରା, ଚୌଦ୍ୱାର ବିଜେଡି ସଭାପତି ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡ଼ା, ଶୁଭେନ୍ଦୁ ସାମଲ ଓ କରୁଣାକର ସାହୁ ଯୋଗଦେଇ ମୁସଲମାନ୍ ଭଉଣୀଭାଇଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଚୌଦ୍ୱାର ମୁସଲମାନ ଯୁବକ ସଂଘ ସଭାପତି ସେକ୍ ସାଜିଦ୍ ଚାନ୍ଦ୍, ସମ୍ପାଦକ ରହିମ୍ ବେଗ୍, କାର୍ଯ୍ୟକାରୀ ସଭାପତି କରିମ୍ ବକ୍ସଙ୍କ ନେତୃତ୍ୱରେ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଚୌଦ୍ୱାର ନିକଟସ୍ଥ ବିଲତେରୁଆଁ ଗ୍ରାମରେ ମହମ୍ମଦଙ୍କ ଜୟନ୍ତୀ ପାଳିତ ହୋଇଥିଲା।

### ୨୧ରୁ ରାଜ୍ୟସ୍ତରୀୟ ବଲ ବ୍ୟାଡ୍‌ମିଣ୍ଟନ୍ ଟୁର୍ନାମେଣ୍ଟ

**ବାଙ୍କୀ,୧୦।୧୧(ସ୍ୱ.ପ୍ର.)-** ମା'ଚର୍ଚ୍ଚିକା ୟୁଥ୍ ଆସୋସିଏଶନ ତରଫରୁ ୨୭ତମ ରାଜ୍ୟସ୍ତରୀୟ ବଲବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ୨୧ରୁ ୨୪ତାରଖ ପର୍ଯ୍ୟନ୍ତ ବାଙ୍କୀ କଚେରି ପଡ଼ିଆରେ ଅନୁଷ୍ଠିତହେବ। ଏନେଇ ଏକ ସାଧାରଣ ବୈଠକ ବାଙ୍କୀ ମହାବିଦ୍ୟାଳୟର ଦୃଶ୍ୟ ଶ୍ରାବ୍ୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସୋସିଏଶନର ସଭାପତି ବିବେକାନନ୍ଦ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ କଲେଜ ଅଧକ୍ଷ ପ୍ରଫେସର ସଦାନନ୍ଦ ବାରିକ, ମୁଖ୍ୟବକ୍ତା ଜିଲା ବଲବ୍ୟାଡ୍ ମିଣ୍ଟନ ଆସୋସିଏଶନର ସମ୍ପାଦକ ଅଜୟ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ନୃସିଂହ ଚରଣ ପ୍ରଧାନ, ବିପିନ ବିହାରି ମହାନ୍ତି, ସମରେନ୍ଦ୍ର ମହାପାତ୍ର, ମା'ଚର୍ଚ୍ଚିକା ୟୁଥ୍ ଆସୋସିଏସନ୍ ସମ୍ପାଦକ ବୃନ୍ଦାବନ ପ୍ରଧାନ, ଖେଳ ଶିକ୍ଷକ ନିରଞ୍ଜନ ମହାନ୍ତି, କୃପାସିନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତଥିଲେ। ଆସୋସିଏଶନର ସଂଗଠକ ସମ୍ପାଦକ ସନ୍ତୋଷ ରଣା କହିଥିଲେ, ବାଙ୍କୀରେ ପ୍ରଥମଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଉଛି। ଏଥିରେ ୩୦ ଜିଲାର ପୁରୁଷ ଏବଂ ମହିଳା କ୍ରୀଡାବିତ୍‌ମାନେ ଯୋଗଦେବେ। କ୍ରୀଡାବିତଙ୍କ ରହିବା, ଖାଇବା କିପରି ଠିକ୍‌ରେ ହେବ ସେ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଶେଷରେ ଶୁଭମ୍ ରଥ ଧନ୍ୟବାଦ ଅର୍ପଣ କରିଥିଲେ।







ବାରଙ୍ଗର ବିଭିନ ସ୍ଥାନରେ କାର୍ତ୍ତିକେଶ୍ୱରଙ୍କ ପୂଜା: କୁସିଣ୍ଡା ପୂଜା ମଣ୍ଡପ। କୃଷ୍ଣଚନ୍ଦ୍ରପୁର ପୂଜା ମଣ୍ଡପ। ନରାଜ, ଫକୀରପଡ଼ା ପୂଜା ମଣ୍ଡପ।

# କାର୍ତ୍ତିକେଶ୍ୱର ପୂଜା: ବାରଙ୍ଗ ଚଳଚଞ୍ଚଳ

**ନରାଜ,୧୦।୧୧(ଡି.ଏନ୍.ଏ.)**

ବାରଙ୍ଗର ପ୍ରସିଦ୍ଧ କାର୍ତ୍ତିକେଶ୍ୱର ପୂଜା ରବିବାରଠାରୁ ଆରମ୍ଭ ହୋଇଛି। ୫ ଦିନ ଧରି ପାଳନ କରାଯାଉଥିବା ଏହି ପୂଜା ପାଇଁ ବାରଙ୍ଗ ବ୍ଲକ ଉତ୍ସବ ମୁଖର ହୋଇଉଠିଛି। ବାରଙ୍ଗ ଥାନା ଅଞ୍ଚଳର ମୋଟ ୫୫ ପୂଜାମଣ୍ଡପରେ କାର୍ତ୍ତିକେଶ୍ୱର ପୂଜା ପାଉଛନ୍ତି। ଏହି ଅବସରରେ ଦାଢା ଓ ଦାଢା ପାଟଣାରେ ୧୩, ଫୁଲପୋଖରୀ ଓ ବଛିପୁର ଗ୍ରାମରେ ୭ଟି ପୂଜା ମଣ୍ଡପ ହୋଇଛି। ସେହିପରି ଷ୍ଟେଶନ ବଜାର, ଗେଟ୍ ବଜାର, ସିତାରାମ ବଜାର, ଗୋଲେଇ ଛକ, ଗଦେଇକୁଡ, ଆଦିବାସୀ ସାହି, ପୁରୁଣା ବାରଙ୍ଗ, କଣ୍ଟାପାଟଣା, ଶ୍ରୀବନ୍ତପୁର, ମଧୁବନ, ତ୍ରିଶୂଳିଆ, ନରଣପୁର, ବେଲଗଛିଆ, କୃଷ୍ଣଚନ୍ଦ୍ରପୁର, ମୁଣ୍ଡମୁହାଣ, ଫକିରପଡା, ଗୋଡିସାହି, ରାମଦାସପୁର, ମୁଣ୍ଡଳୀ, ନରାଜ, ତଳଗଡ, ମାର୍ଥାପୁର, ଷଣ୍ଢପୁର, ବ୍ରାହ୍ମଣୀଗାଁ, କଲେଜ ଛକ, ବାଲିପଡା, ରାମଚଣ୍ଡୀ ଓ ବାଆଁରା ଆଦି ଅଞ୍ଚଳର ପୂଜାମଣ୍ଡପଗୁଡିକରେ କାର୍ତ୍ତିକେଶ୍ୱରଙ୍କ ପୂଜା କରାଯାଉଛି। ଏହାଛଡା ଅନେକ ମଣ୍ଡପରେ ବିଭିନ୍ନ ଦେବଦେବୀଙ୍କ ମୃଣ୍ମୟମୂର୍ତ୍ତି ସ୍ଥାପନ କରାଯାଇଛି। ଏନେଇ ମଣ୍ଡପଗୁଡିକୁ ଆଲୋକମାଳା ଓ ଆକର୍ଷଣୀୟ ତୋରଣରେ ସୁସଜ୍ଜିତ କରାଯାଇଛି। ସନ୍ଧ୍ୟାରେ ମେଲୋଡି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଦାଢା ପାଟଣାରେ ଏହି ପୂଜା ପାଇଁ ମୀନାବଜାର ଲାଗିଛି। ସେଠାରେ ବିଭିନ୍ନ ଖାଦ୍ୟର ଷ୍ଟଲ,ବ୍ୟବସାୟିକ ଷ୍ଟଲ ସହ ରାମଦେଳି ଓ ବିଭିନ୍ନ ଚକ୍ରି ଆଦିର ବ୍ୟବସ୍ଥା କରାଯାଇଛି। ଭକ୍ତମାନେ ପୂଜାମଣ୍ଡପ ବୁଲିବା ସହ ଏସବୁର ମଜା ଉଠାଉଛନ୍ତି। ଅପରପକ୍ଷେ ୧୨ରୁ ବାରଙ୍ଗ ମହୋତ୍ସବ ଆରମ୍ଭ ହେଉଛି। ଏହି ପୂଜା ୨ ଦିନ ଧରି ଚାଲିବ। ଏଥିପାଇଁ ମହୋତ୍ସବ କମିଟି ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ମହୋତ୍ସବର ପ୍ରଥମ ଦିବସରେ ନରଣପୁର ରାମେଶ୍ୱର ମନ୍ଦିରରୁ ଏକ ମଶାଲ ଶୋଭାଯାତ୍ରା ବାହାରି କନକଦୁର୍ଗା ମନ୍ଦିର ଦେଇ ସଭାସ୍ଥଳକୁ ଯିବା ଲାଗି ସ୍ଥିର କରାଯାଇଛି। ପରେ ପୁରୀ ମୁଖ୍ୟ କେନାଲରେ ସାଧବ ବୋହୂମାନଙ୍କ ଦ୍ୱାରା ବୋଇତ ବନ୍ଦାଣ ସହ ପାରମ୍ପରିକ କଳାନୃତ୍ୟର ଆୟୋଜନ କରାଯାଇଛି। ୨ୟ ଦିବସରେ ଚୁଡଙ୍ଗଗଡ ବାରଙ୍ଗର ଐତିହ୍ୟ ଉପରେ ଏକ ସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

# ୧୩ରୁ ଛାଡ଼ଖାଇ ଯାତ୍ରା

**ନରସିଂହପୁର,୧୦।୧୧ (ଡି.ଏନ୍.ଏ./ସ୍ୱ.ପ୍ର. )**

ନରସିଂହପୁର ଗଡଜାତ ଅଞ୍ଚଳର ଲୋକ ଉତ୍ସବ ଛାଡଖାଇ ଯାତ୍ରା ୧୩ରୁ ଆରମ୍ଭ ହେଉଛି। ଏଥିସହ ୧୨ରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ଦ୍ୱାରା ଡାକବଙ୍ଗଳା ପରିସରରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ନରସିଂହପୁର ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କା ଯୋଗଦେଇ ଛାଡ଼ଖାଇ ପରମ୍ପରା ତଥା ନରସିଂହପୁର ଐତିହ୍ୟର ବାର୍ତ୍ତା ବହନ କରୁଥିବା ଏହି ଉତ୍ସବ ସମ୍ପର୍କରେ ଅବଗତ କରାଇଥିଲେ। ୧୨ ତାରିଖରେ କମଳାଡିହ ପଞ୍ଚାୟତର ବାଲିପୁଟ ମହାନଦୀ କୂଳରେ ସମୟରେ ବୋଇତ ବନ୍ଦାଣ ଉତ୍ସବ ଆୟୋଜନ କରାଯାଇଛି ବୋଲି ବିଧାୟକ ମିଶ୍ର କହିଥିଲେ। ଏହି ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଜୁଜୁମ ପ୍ରଗଣା ଆଞ୍ଚଳିକ ଉନ୍ନୟନ ପରିଷଦ ଜିଲିଣ୍ଡା ପକ୍ଷରୁ ଆୟୋଜନ କରାଯାଇଛି। ସେଠାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବୋଇତ ବନ୍ଦାଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ୧୩ ତାରିଖ ସନ୍ଧ୍ୟାରେ ନରସିଂହପୁରର ଗଣପର୍ବ ଛାଡଖାଇ ଉତ୍ସବ ଉଦ୍‌ଘାଟନ କରାଯିବ। ଏହି ଉତ୍ସବ ସମୟରେ ପ୍ରତିବର୍ଷ ଭଳି ଲୋକକଳା ପାଲ୍ଲା, ଦାଶକାଠିଆ, ଗୁଡୁକି, ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉତ୍ସବ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ମଣ୍ଡପରେ ପାଲା, ରାମଲୀଳା ଓ ୨ୟ ମଣ୍ଡପରେ ବିଭିନ୍ନ ସାସ୍କୃତିକ କାର୍ଯ୍ୟକ୍ରମ, ଅପେରା ସହ ବିଭିନ୍ନ ଲୋକନୃତ୍ୟର ଆୟୋଜନ କରାଯାଇଛି। ଚଳିତ ବର୍ଷ ଯାତ୍ରାରେ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ସହ ବିଭିନ୍ନ କିସମର ଦୋଳି ଲାଗିଛି ବୋଲି ବିଧାୟକ ମିଶ୍ର କହିଥିଲେ। ଏହା ଦର୍ଶକଙ୍କୁ ବାନ୍ଧି ରଖିବା ପାଇଁ ଖୋରାକ ଯୋଗାଇବ ବୋଲି ସେ ମତବ୍ୟକ୍ତ କରିଥିଲେ।





କଟକ ଶତାବ୍ଦୀ ଭବନରେ ଗିରିଶ ମିଶ୍ରଙ୍କ ତୃତୀୟ ଉପନ୍ୟାସ 'ମତ୍ସ୍ୟଗନ୍ଧା'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ନିଶ୍ଚିନ୍ତକୋଇଲି,୧୦।୧୧(ସ୍ୱ.ପ୍ର.)**

ରାଜ୍ୟ ପଞ୍ଚାୟତିରାଜ, ନଗରଉନ୍ନୟନ, ପାନୀୟ ଜଳ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଫେମ୍ ଇଣ୍ଡିଆ ତରଫରୁ ଚଳିତ ବର୍ଷର ସର୍ବଶ୍ରେଷ୍ଠ ମନ୍ତ୍ରୀ ଭାବେ ସମ୍ମାନିତ କରାଯାଇଛି। ଏହାପରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ନିଶ୍ଚିନ୍ତକୋଇଲି ବ୍ଲକରୁ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ବିଜେଡିର ସଭାପତି ରମାକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ବହୁ କର୍ମୀ ରବିବାର ମନ୍ତ୍ରୀଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସମୟରେ ଅଶୋକ ଓଝା, ରାଜେନ୍ଦ୍ର ମହାନ୍ତି, ଜ୍ୟୋତି ପ୍ରକାଶ ସ୍ୱାଇଁ, ମିହିର ମିଶ୍ର, ଜଗନ୍ନାଥ ଲେଙ୍କା ଓ ଗିରିଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି ନିଶ୍ଚିନ୍ତକୋଇଲି ପଞ୍ଚାୟତ ସମିତି ପକ୍ଷରୁ ବ୍ଲକ ଅଧକ୍ଷା ସବିତା ଓଝା, ଉପାଧ୍ୟକ୍ଷା ସବିତା ମହାନ୍ତି, ସୁଶାନ୍ତ ରଣା, ଅଶୋକ କୁମାର ସାମଲ ଓ ପ୍ରଫୁଲ ସାହୁ ପ୍ରମୁଖ ମନ୍ତ୍ରୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

# ଭାଜପାର ସାଙ୍ଗଠନିକ କର୍ମଶାଳା

**ବାଙ୍କୀ, ୧୦।୧୧(ସ୍ୱ.ପ୍ର.)**

ଭାଜପାର ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀସ୍ତରୀୟ ସାଙ୍ଗଠନିକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଦିମାତାଛକସ୍ଥିତ ମୁଖ୍ୟକାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁମୋହନ ପାଢୀ ସଭାପତିତ୍ୱ କରିଥିଲେ। ଏନେଇ ଆୟୋଜିତ ବୈଠକରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସରୋଜ ରଣା, କଟକ ଜିଲା ଭାଜପା ସାଧାରଣ ସଂପାଦକ ରାମନାରାୟଣ ମହାନ୍ତି ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବାଙ୍କୀ ଅନ୍ତର୍ଗତ ୨୩୫ ବୁଥର ସଭାପତି ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାଙ୍କୁ ଦଳର ନୀତି ଆଦର୍ଶ ସାଙ୍ଗଠନିକ ନିର୍ବାଚନ ସମ୍ପର୍କରେ ବୁଝାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀ ଭାଜପାର ବରିଷ୍ଠ ନେତା ଆଡ଼ଭୋକେଟ ଯଯାତି କେଶରୀ ପଟ୍ଟନାୟକ, କମଳାକାନ୍ତ ପ୍ରହରାଜ, ଉତ୍କଳ ମନ୍ତ୍ରୀ, ଡାକ୍ତର କୈଳାସଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ବ୍ଲକ ଓ ପଞ୍ଚାୟତସ୍ତରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତିକୁ ବିରୋଧ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା।ସଂଗ୍ରାମ ବିଭୁତିରାୟ ଅତିଥିପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ଦେବୀପ୍ରସାଦ ମହାନ୍ତି ଧନ୍ୟବାଦ ଜଣାଇଥିଲେ। ବୈଠକରେ କାହ୍ନୁ ଚରଣ ବେହେରା, ଶ୍ରୀକୃଷ୍ଣ ବେହେରା, ଜୟନ୍ତ କୁମାର ବେଉରା, ପ୍ରସନ୍ନ ସ୍ୱାଇଁ, ରମାକାନ୍ତ ସାହୁ, ଶୁଶାନ୍ତ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

### ଆବାସ ଯୋଜନାରେ ଅନିୟମିତତା

# ଅଭିଯୋଗକାରୀଙ୍କୁ ମରଣାନ୍ତକ ଆକ୍ରମଣ

**ସାଲେପୁର, ୧୦।୧୧(ଡି.ଏନ୍.ଏ)**

ସାଲେପୁର ଥାନା ଅଧୀନ ନାନ୍ଦୋଳ ଗ୍ରାମରେ ଆବାସ ଯୋଜନାରେ ଅନିୟମିତତା ହୋଇଥିବା ନେଇ ଜଣେ ବ୍ୟକ୍ତି ପଞ୍ଚାୟତ କାର୍ଯ୍ୟାଳୟ ବାକ୍ସରେ ଅଭିଯୋଗ କରିଥିଲେ। ଏନେଇ ତାଙ୍କୁ ରବିବାର ମରଣାନ୍ତକ ଆକ୍ରମଣ କରାଯାଇଛି। ସେ ହେଲେ ବୈକୁଣ୍ଠ ମହାରଣା(୪୮)। ଏସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲେ ମଧ ଅଦ୍ୟାବଧି କୌଣସି ମାମଲା ରୁଜୁ ହୋଇନାହିଁ। ଅଭିଯୋଗ ଅନୁଯାୟୀ, ନାନ୍ଦୋଳ ଗ୍ରାମରେ ୨ଜଣ ବ୍ୟକ୍ତି ବେଆଇନଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ହାତେଇବା ପାଇଁ ଉଦ୍ୟମ କରୁଥିଲେ। ଏନେଇ ବୈକୁଣ୍ଠ ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ଅଭିଯୋଗ ବାକ୍ସରେ ଅଭିଯୋଗ କରିଥିଲେ। ନାନ୍ଦୋଳ ବଜାରସ୍ଥିତ ଏକ ବାଇକ୍ ଗ୍ୟାରେଜ୍‌ରେ ସେ ରବିବାର ସନ୍ଧ୍ୟାରେ ବସିଥିବା ବେଳେ ଏହି ଅଭିଯୋଗକୁ କେନ୍ଦ୍ରକରି ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ଆସି ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ବୈକୁଣ୍ଠ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

### ଦାଦାବଟି ମାଗି ଯୁବକ ଗିରଫ

**ଫୁଲନଖରା, ୧୦।୧୧(ଡି.ଏନ୍.ଏ)**

ଦାଦାବଟି ମାଗିବା ଓ ହତ୍ୟା ଧମକ ଦେବା ଅଭିଯୋଗରେ କଟକ ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର କିଶନ ସ୍ୱାଇଁ(୨୭)। ସୂଚନାଯୋଗ୍ୟ, ଜରିପଡ଼ା ଗ୍ରାମ ନିକଟରେ ଥିବା ଏକ ଦେଶୀ ମଦ ଦୋକାନରେ ଶନିବାର ରାତିରେ କିଶନ ବଟି ମାଗିଥିଲେ। ମାଲିକ ରବୀନ୍ଦ୍ର ସାହୁ ବଟି ନ ଦେବାରୁ କିଶନ ଦୋକାନ ଭଙ୍ଗାରୁଜା କରିବା ସହ ମାଲିକଙ୍କୁ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏ ନେଇ ରବୀନ୍ଦ୍ର ରବିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୫୦୮/୧୯ରେ ଏକ ମାମଲା ରୁଜୁ କରି କିଶନକୁ ଗିରଫ କରିଥିଲା।

### କାର୍ତ୍ତିକେଶ୍ୱର ମହୋତ୍ସବ ପ୍ରସ୍ତୁତି

**ଟାଙ୍ଗୀ(କଟକ), ୧୦।୧୧(ଡି.ଏନ୍.ଏ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ କହ୍ନେଇପୁର ପଞ୍ଚାୟତ ଅନ୍ତର୍ଗତ ଭଗତପୁର କାର୍ତ୍ତିକେଶ୍ୱର ମହୋତ୍ସବ ପାଳନ ନିମନ୍ତେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଭଗତପୁର ଗ୍ରାମର ଲକ୍ଷ୍ମୀଧର ସାହୁଙ୍କ ଥାନପତି ମେଢ଼ ସହ ଶବର ସାହି, ହରିଜନ ସାହି, ସାହୁ ସାହି, ହାଟ ସାହି, ଦୁର୍ଗା ସାହି, ମଙ୍ଗଳା ସାହି, କାଳିକା କ୍ଲବ, କନମିରା, ତେଲିଆପଡ଼ା ଓ ନିମାଇଶାପୁରକୁ ମିଶାଇ ମୋଟ ୧୧ଗୋଟି ମଣ୍ଡପରେ କାର୍ତ୍ତିକେଶ୍ୱର ଏବଂ ଶିବ-ପାର୍ବତୀଙ୍କ ମୃଣ୍ମୟ ପ୍ରତିମା ପୂଜା ପାଉଛି ।

# ଆଞ୍ଚଳିକସ୍ତରୀୟ ମୁରୁଜ ପ୍ରତିଯୋଗିତା

**ଆଠଗଡ଼,୧୦।୧୧(ସ୍ୱ.ପ୍ର.**

ଆଠଗଡ଼ସ୍ଥିତ ଝୁଲଣ ମନ୍ଦିର ପରିସରରେ ଶ୍ରୀରାମ କୃପା ପରିଷଦ ଆନୁକୂଲ୍ୟରେ ରବିବାର ଆଞ୍ଚଳିକସ୍ତରୀୟ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ଆଠଗଡ ଅଞ୍ଚଳରୁ ବହୁ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସଭାପତି ବିଧୁଭୂଷଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ଅତୁଲ୍ ସାଙ୍ଗନାରିଆ, ସମ୍ମାନିତ ଅତିଥିଭାବେ ମନୋରଞ୍ଜନ ସାମନ୍ତ, ରଘୁରାମ ଧଳ ଓ ରବୀନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଘନଶ୍ୟାମ ଦେବତା ଅନୁଷ୍ଠାନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରତିଯୋଗିତାରେ ନନ୍ଦିତା ମହାନ୍ତି ପ୍ରଥମ, ସଞ୍ଜିତା ସାମନ୍ତ ୨ୟ , ଗାୟତ୍ରୀ ଦାସ ୩ୟ ସ୍ଥାନ ଅଧିକାର କରି ଅତିଥିମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାରେ ବିଚାରକଭାବେ ସରକାରୀ ପ୍ରାଥମିକ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର କଳା ଶିକ୍ଷକ ଶୁଭାଶିଷ ଥମ୍ଭ ଓ ଆଠଗଡର ବରିଷ୍ଠ ଚିତ୍ର କଳାକାର ମହେନ୍ଦ୍ର କୁମାର ରାୟ ଯୋଗଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ସଭ୍ୟ ମନୋଜ କୁମାର ସିଂ ଏହାକୁ ପରିଚାଳନା କରିଥିଲେ ।

# ତରିକୁନ୍ଦରେ ମହମ୍ମଦଙ୍କ ଜୟନ୍ତୀ



ମହମ୍ମଦଙ୍କ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

**ରଘୁନାଥପୁର,୧୦।୧୧(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ତରିକୁନ୍ଦଠାରେ ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ଧନୀପୁର, ନୂଆଦା, ଦରିଆପୁର, ବେରେଇପୁର, ଉଜାଳପୁର, ମଙ୍ଗଳପୁର, ମଣ୍ଡାସହି, ବାଲିଆଷ୍ଟୋର ଓ ଆଖାପାଖ ମୁସଲିମ୍ ଭାଇମାନେ ତରିକୁନ୍ଦ ମଦ୍ରାସାରେ ଏକତ୍ରିତ ହୋଇ ଭାଇଚାରାର ସନ୍ଦେଶ ଦେବା ସହ ପରସ୍ପରକୁ ଆଲିଙ୍ଗନ କରିଥିଲେ। ଏହି ଅବସରରେ ଅବଦୁଲ ତାହେର ଖାଁଙ୍କ ପୌରୋହିତ୍ୟରେ ଏକ ସଭା କରାଯାଇଥିଲା। ଏଥିରେ ବ୍ଲକ ଚେୟାରମ୍ୟାନ ସ୍ୱପ୍ନା ସରିତା ବଳ ମୁଖ୍ୟ ଅତିଥି, ଜଗନ୍ନାଥପୁର ସମିତିସଭ୍ୟ ମେହେବୁବ ବେଗ ସମ୍ମାନିତ ଅତିଥି ଓ ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ରଘୁନାଥ ପତି, କ୍ରୀଡା ଶିକ୍ଷକ ଅଜୟ ବେହେରା, ତରିକୁନ୍ଦ ସରପଞ୍ଚ ପୁଷ୍ପଲତା ଦାସ ଓ ସଭ୍ୟା ପ୍ରଭାତି ବେହେରା, ଜୟଶୋଳ ସରପଞ୍ଚ ଅଭିମନ୍ୟୁ ନାୟକ, ସଭ୍ୟା ସ୍ୱର୍ଣ୍ଣଲତା ସାହୁ, ପୂର୍ବତନ ସରପଞ୍ଚ ପ୍ରମୋଦ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ବକ୍ତବ୍ୟରେ ହିନ୍ଦୁ ଓ ମୁସଲମାନ ଭାଇଚାରାର ନିଦର୍ଶନ ରଖିଥିଲେ। ଏହି ଅବସରରେ ଶତାଧିକ ବ୍ୟକ୍ତି ଶୋଭାଯାତ୍ରାରେ ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ଜାକିର ଉଦ୍ଦିନ ଖାଁ, ସେଖ ଅଫିମିଲ, ସବିର ଆଜମ, ଫଜିଲ ଇଲାହି, ଇମ୍ରାନ ଖାଁ, ମହମ୍ମଦ ଏକ୍ରାମ, ଆଲାଉଦ୍ଦିନ ଖାଁ, ଜହିର ଖାଁ, ସାଜିଦ ହୁସେନ୍, ଅବଦୁଲ ବାସିତ ଖାଁ, ଜଲାଲ ଉଦ୍ଦିନ ଖାଁ, ଆଲାମ ଗିରି ଓ ଜିଆ ଉଦ୍ଦିନ ଖାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ମୁଖ୍ୟ ଭୂମିକା ନେଇଥିଲେ।

### ଗୋଟିଏ ବଖରା ଜଳିଗଲା

**ତିଗିରିଆ,୧୦।୧୧(ଡି.ଏନ୍.ଏ.)**

ତିଗିରିଆ ତହସିଲ ଅନ୍ତର୍ଗତ ହରିଡ଼ାପଶି ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି କମ୍ପାନୀ ଜେନାଙ୍କ ଗୋଟିଏ ବଖରା ଜଳିଯାଇଛି। ଏଥିରେ ତାଙ୍କର ସମସ୍ତ ଆସବାବପତ୍ର ପୋଡି ହୋଇଯାଇଛି। ତିଗିରିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଗୋପାଷ୍ଟମୀ ମହୋତ୍ସବ

**ଚୌଦ୍ୱାର, ୧୦।୧୧(ଡି.ଏନ୍.ଏ.)**

ମଙ୍ଗରାଜପୁର ପଞ୍ଚାୟତ ଅଧୀନ ବେରେଣା ଗ୍ରାମସ୍ଥିତ ବୃଦ୍ଧ ଗୋସେବା ଆଶ୍ରମନନ୍ଦଗାଁରେଗୋପାଷ୍ଟମୀମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଶ୍ରମ ସଭାପତି କମଲଲାଲ ଶିକାରିଆଙ୍କ ପୌରୋହିତ୍ୟରେ ଆଶ୍ରମ ପରିସରରେ ଆୟୋଜିତ ଉତ୍ସବରେ ବିଧାୟକ ଅମର ଶତପଥୀ, ଗୋସେବା ଟ୍ରଷ୍ଟର ଚେୟାରମ୍ୟାନ କିଷନଲାଲ ଭରତିୟା, ତାରେଣୀ ପ୍ରସାଦ ମହାନ୍ତି, ବିଜୟ ଖଣ୍ଡେଲୱାଲ, ଅରୁଣ ସିଂଘାଣିଆ, ଅକ୍ଷୟ ଖଣ୍ଡେଲୱାଲ, ନାଥମଲ ଚନାନୀ, ରାଧେଶ୍ୟାମ ସିଂଘାଣିଆ, ବିଜୟ ତ୍ରିବ୍ରୱାଲ, ସତ୍ୟନାରାୟଣ ଅଗ୍ରୱାଲ, ବିଶ୍ୱନାଥ ଚୌଧୁରୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଦେବକୀ ନନ୍ଦନ ଯୋଶୀ ସ୍ୱାଗତ ଭାଷଣ ଓ ପଦମ ବହୁଶିଙ୍ଗା ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ଆଗ୍ରାହାଟ କପ୍ ଫୁଟବଲ୍ ଟୁର୍ନାମେଣ୍ଟ

**ଚୌଦ୍ୱାର,୧୦।୧୧(ଡି.ଏନ୍.ଏ)**

ସ୍ୱର୍ଗତ ରବି ନାରାୟଣ ରାଉତଙ୍କ ସ୍ମୃତିରେ ଅନୁଷ୍ଠିତ ଆଗ୍ରାହାଟ କପ୍ ଫୁଟବଲ୍-୨୦୧୯ ରବିବାର ଉଦ୍‌ଘାଟିତ ହୋଇ ଯାଇଛି। ଆଗ୍ରାହଟ ସ୍ପୋର୍ଟସ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଉତ୍ସବକୁ ପୂର୍ବତନ ବିଧାୟକ ପ୍ରଭାତ ରଜନ ବିଶ୍ୱାଳ ଓ ଓସିଏ ସମ୍ପାଦକ ସଞ୍ଜୟ କୁମାର ବେହେରା ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ମ୍ୟାଚରେ କଟକର ମା' ମଙ୍ଗଳା କ୍ଲବ୍ ଜଟଣୀର ଉତ୍କଳ ସ୍ପୋର୍ଟିଂ କ୍ଲବ୍‌କୁ ୨-୦ ଗୋଲରେ ହରାଇଛି। ଖେଳର ପ୍ରଥମାର୍ଦ୍ଧରେ କୌଣସି ଗୋଲ ହୋଇ ନଥିବାବେଳେ ଦ୍ୱିତୀୟାର୍ଦ୍ଧରେ ମା ମଙ୍ଗଳା ତରଫରୁ ଉତ୍କଳ ସ୍ପୋର୍ଟିଂ ବିପକ୍ଷରେ ଲାଗ ଲାଗ ୨ଟି ଗୋଲ ସ୍କୋର କରିଥିଲେ । ମ୍ୟାଚ୍‌କୁ ରେଫେରୀ ଭୀମ ଛତ୍ରୀ, ଜ୍ୟୋତି ରଞ୍ଜନ, ଦୈତାରୀ କାରୁଆ, ନାରାୟଣ ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ । କ୍ଲବର ସଭାପତି ଅକ୍ଷୟ କୁମାର ବରାଳ, ସରୋଜକାନ୍ତ ବରାଳ, ପ୍ରଦୀପ୍ତ କୁମାର ବେହେରା, ଶିବ ପ୍ରସାଦ ପରିଡ଼ା, ପ୍ରମୋଦ ପଣ୍ଡା, ଉମେଶ ଚନ୍ଦ୍ର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଟୁର୍ନାମେଣ୍ଟ ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ ମାନଙ୍କ ସୂତ୍ରରୁ ପ୍ରକାଶ ।



ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।



"ନିଜର ପାପ କର୍ମ ପାଇଁ ମନୁଷ୍ୟଙ୍କୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡ଼େ।
- ମହାବୀର ଜୈନ



■ବଡ଼ଓଷା ଧବଳେଶ୍ୱର ପୀଠ ଚଳଚଞ୍ଚଳ

# ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ



ଧବଳେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ।



ଗଜ ଭୋଗ ତିଆରି ହେଉଛି।

**ଖୋର୍ଦ୍ଧା ଅଫିସ,୧୦।୧୧:**

ଖୋର୍ଦ୍ଧା ସହରର ଗୁରୁଜଙ୍ଗସ୍ଥିତ ଶୈବପୀଠ ଧବଳେଶ୍ୱରଙ୍କ ବଡଓଷା ଲାଗି ଚଳଚଞ୍ଚଳ ହୋଇ ଉଠିଥିଲା। ରବିବାର ଜିଲା ତଥା ଜିଲା ବାହାରୁ ୨୦ ହଜାର ଭକ୍ତ ଠାକୁରଙ୍କ ଦର୍ଶନ କରିଛନ୍ତି। ପ୍ରାତଃରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରରେ ଭିଡ ଲାଗି ରହିଥିଲା। ଶନିବାର ରାତି ୩ଟାରେ ଠାକୁରଙ୍କ ପହଡ ଖୋଲା ଯାଇଥିଲା। ଠାକୁରଙ୍କ ମାଜଣା, ମଙ୍ଗଳ ଆଳତି, ଶୁଖିଲି ଭୋଗ ଆଦି ନୀତି ପରେ ସାହଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ ଧାଡିରେ ଅପେକ୍ଷା କରି ଠାକୁରଙ୍କ ଦର୍ଶନ କରିଥିଲେ। ମନ୍ଦିର ଟ୍ରଷ୍ଟି, ସେବାୟତ ଓ ପ୍ରଶାସନ ପକ୍ଷରୁ ଭକ୍ତମାନେ ଶାନ୍ତିଶୃଙ୍ଖଳାର ସହ ଯେମିତି ଦର୍ଶନ କରିପାରିବେ ସେଥିପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଧବଳେଶ୍ୱର ପୀଠରେ ବଡଓଷା ମେଳା ସୋମବାର ଆରମ୍ଭ ହୋଇ ବୁଧବାର ଶେଷ ହେବ। ମେଳାକୁ ସରସ ସୁନ୍ଦର କରିବାକୁ ଗୁରୁଜଙ୍ଗ ଯୁବ ପରିଷଦ ପକ୍ଷରୁ ୧୮ ବର୍ଷ ଧରି ବଡଓଷା ପରବ ନାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ଏହି ମେଳାରେ ସମସ୍ତ ଘରକରଣା ଜିନିଷ ମିଳିଥାଏ। ପବିତ୍ର ବଡଓଷା ପାଳନ ପରିପ୍ରେକ୍ଷୀରେ ଧବଳେଶ୍ୱର ପୀଠ ସମେତ ଆଖପାଖର ମୁକୁନ୍ଦପ୍ରସାଦର ଅସୁରେଶ୍ୱର ଓ ଇଚ୍ଛାଶ୍ୱର, ଜେମାଦେଇର ବାଲୁଙ୍କେଶ୍ୱର, ଭାଲିଆବାଡିର ଲୋକେଶ୍ୱର, ସାମନ୍ତରାପୁରର ସିଦ୍ଧେଶ୍ୱର, ଉପରସାହିର ଚଉରା ବାଲୁଙ୍କେଶ୍ୱର, ରାଧାବଲ୍ଲଭ ସାହିର ବରାଳ ବାଲୁଙ୍କେଶ୍ୱର, ହାବେଳି ପଡିଆ ନିକଟସ୍ଥ ସ୍ୱପ୍ନେଶ୍ୱର, ଟିଏଲସିର ତାରକେଶ୍ୱର ଆଦି ଶୈବ ପୀଠରେ ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ଜିଲା ପୋଲିସ ପ୍ରଶାସନ ପକ୍ଷରୁ ଦେଢ଼ ପ୍ଲାଟୁନ ଫୋର୍ସ, ୧୭ ଅଫିସର, ୩୦ ହୋମଗାର୍ଡ ନିୟୋଜିତ ହୋଇଛନ୍ତି। ଟ୍ରାଫିକ ନିୟନ୍ତ୍ରଣ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଛି।

## ଉବୁକା ଦର୍ଶନରେ ମାନସିକ ପୂରଣ ହୁଏ

ଧବଳେଶ୍ୱର ପୀଠରେ ଉବୁକା ଦର୍ଶନ ଆଣିଦିଏ ପୁଣ୍ୟଫଳ ବୋଲ କେଉଁ ଆବହମାନ କାଳରୁ ବିଶ୍ୱାସ ରହିଛି। ପୁଣି ଏହି ଦର୍ଶନ ସଙ୍କଟ ମୋଚନ ସହ ନୂତନ ମାର୍ଗ ଦେଖାଇଥାଏ। ଶକ୍ତିକୁ ପ୍ରତ୍ୟହ ସେବକମାନେ ଜଳ ଲାଗି କରିଥାନ୍ତି। ଫଳରେ ଶକ୍ତି ସବୁବେଳେ ପାଦୁକ ପାଣି ଭର୍ତ୍ତି ହୋଇ ରହିଥାଏ। ଭକ୍ତ ଧ୍ୟାନର ସହ ଠାକୁରଙ୍କୁ ଦର୍ଶନ କରୁଥିବା ସମୟରେ ହଠାତ ଉବୁକା ବାହାରେ। ଏହାକୁ ଉବୁକା ଦର୍ଶନ କୁହାଯାଏ। ଏହି ଉବୁକା ଦର୍ଶନ ମିଳିଲେ ମାନସିକ ପୂରଣ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି।

## ଗଜ ଭୋଗ

ମାନସିକଧାରୀ ଭକ୍ତମାନେ ବଡଓଷାରେ ଠାକୁରଙ୍କ ନିକଟରେ ଚୁଡା ଘଷା ଭୋଗ କରିଥିଲେ। ସେହିପରି ଧବଳେଶ୍ୱରଙ୍କ ଅନ୍ୟ ଏକ ସ୍ୱତନ୍ତ୍ରତା ହେଉଛି ବଡଓଷାର ପୂର୍ବାହ୍ନରେ ଗଜ ଭୋଗ ଏବଂ ସନ୍ଧ୍ୟାରେ ଅଟକାଳି ଭୋଗ। ସକାଳେ ବିରି ଓ ଚାଉଳକୁ ବଟା ଯାଇ ସ୍ୱତନ୍ତ୍ର ପୀଠା ପ୍ରସ୍ତୁତ ପରେ ଭୋଗ ଲାଗି କରାଯାଇଛି। ତାହାକୁ ଗଜ ଭୋଗ କୁହାଯାଏ। ସନ୍ଧ୍ୟାରେ ଚାଉଳ ଚୂନା, ଗୁଡ, ଆଖୁ, କନ୍ଦମୂଳ, ପାଚିଲା କଦଳୀ, ସେଓ, ଡାଳିମ୍ବ ଆଦି ମିଶାଇ ଅଟକାଳି ପ୍ରସ୍ତୁତ କରାଯାଇ ଠାକୁରଙ୍କୁ ଭୋଗ କରାଯାଇଛି। ଗଜ ଭୋଗ ଓ ଅଟକାଳି ଭୋଗ ପାଇବା ଲାଗି ଭକ୍ତମାନେ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା।

ଚଳନ୍ତା କାରରେ ଯୁବତୀଙ୍କୁ ବଳାତ୍କାର ଘଟଣା

# ଧାର ଟଙ୍କାକୁ ନେଇ ଯୁବତୀ ରଚିଥିଲେ ନାଟକ

**ଭୁବନେଶ୍ୱର, ୧୦।୧୧(ବ୍ୟୁରୋ)**

ଚଳନ୍ତା କାର୍‌ରେ ଯୁବତୀଙ୍କୁ ବଳାତ୍କାର କରି ଫିଙ୍ଗିଦେବା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଧାର ଟଙ୍କା ପାଇଁ ଯୁବତୀ ଜଣକ ଏଭଳି ନାଟକ ରଚିଥିବା ପୋଲିସ ତଦନ୍ତରୁ ଜାଣିପାରିଛି। ମେଡିକାଲ ରିପୋର୍ଟ ଆଧାରରେ ଯୁବତୀଙ୍କୁ ବଳାତ୍କାର କରାଯାଇ ନ ଥିବା ପୋଲିସ ସ୍ପଷ୍ଟ ହୋଇଥିଲା। ଏହାପରେ ଯୁବତୀଙ୍କ କଲ୍ ଡିଟେଲ୍ସ ରେକର୍ଡ (ସିଡିଆର) ଯାଞ୍ଚ କରିବା ପରେ ସେ ମିଛ କହିଥିବା ପୋଲିସ ଜାଣି ପାରିଥିଲା। ସେ ବୟାନରେ ଯାହା ସବୁ କହିଥିଲେ, ତାହା ସତ୍ୟ ନ ଥିବା ଖଣ୍ଡଗିରି ଆଇଆଇସି ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି। ଯୁବତୀ ଜଣକ ପୋଲିସକୁ ଭୁଆଁ ବୁଲାଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଆଇଆଇସି କହିଛନ୍ତି। ଅନ୍ୟପକ୍ଷରେ ଘଟଣାରେ ଅଟକ ଥିବା କାର ଚାଳକ ସୌମ୍ୟରଞ୍ଜନ ମହାନ୍ତିଙ୍କୁ ପୋଲିସ ରବିବାର ଛାଡ଼ିଦେଇଛି।

ତଦନ୍ତରୁ ପୋଲିସ ଜାଣିପାରିଥିଲା ଯେ, ଯୁବତୀ ଜଣକ ସୌମ୍ୟରଞ୍ଜନଙ୍କୁ ୩ମାସ ତଳୁ ଜାଣିଥିଲେ। ଏପରି କି ନିଜ ମୋବାଇଲ୍ ଫୋନରେ ତାଙ୍କ ନମ୍ବର ମଧ୍ୟ ସେଭ୍ କରିଥିଲେ। ମାତ୍ର ପୋଲିସ ଏନେଇ ତାଙ୍କୁ ପଚାରିବାରୁ ଘଟଣାଦିନ ସୌମ୍ୟରଞ୍ଜନ ତାଙ୍କ ମୋବାଇଲ୍ ଛଡାଇ ନେଇ ନମ୍ବର ସେଭ୍ କରିଥିବା ସେ କହିଥିଲେ। କିନ୍ତୁ ପ୍ରାୟ ୩ ମାସ ତଳେ ସେ ଖୋର୍ଦ୍ଧାରେ ପରିବାର ସହ ରହିବା ସମୟରେ କୌଣସି କାମରେ ଭୁବନେଶ୍ୱର ଆସିଥିଲେ। ସେ ଲିଫ୍ଟ ମାଗି ସୌମ୍ୟରଞ୍ଜନଙ୍କ କାରରେ ବସି ଖୋର୍ଦ୍ଧା ଯାଇଥିଲେ। ଯିବା ସମୟରେ ସେ ସୌମ୍ୟରଞ୍ଜନଙ୍କ ଫୋନ୍ ନମ୍ବର ମାଗି ନେଇଥିଲେ। କାମ ପଡ଼ିଲେ ସେ ସୌମ୍ୟରଞ୍ଜନଙ୍କୁ କାରରେ ଯିବା ପାଇଁ ଡାକନ୍ତି। ଏହାପରେ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢି ଉଠିଥିଲା। ଫୋନ୍‌ରେ ଉଭୟ ବହୁ ସମୟ ଧରି କଥା ହୋଇଥିବା ସିଡିଆର ରିପୋର୍ଟରୁ ଜଣାପଡ଼ିଛି। ହେଲେ ଇତିମଧ୍ୟରେ ଯୁବତୀ ଜଣକ ସୌମ୍ୟରଞ୍ଜନଙ୍କଠାରୁ କିଛି ଟଙ୍କା ଧାର ନେଇଥିଲେ। ସୌମ୍ୟରଞ୍ଜନ ଟଙ୍କା ମାଗିବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଯୁବତୀ ଜଣକ ଗତ ବୁଧବାର ତାଙ୍କୁ ଟଙ୍କା ଦେବା ପାଇଁ ଖୋର୍ଦ୍ଧାକୁ ଡାକିଥିଲେ। ସେଠାରେ କାରରେ ବସିବା ପରେ ଚନ୍ଦକା ରୋଡ୍ ଦେଇ ବୁଲିଯାଇଥିଲେ। ଯିବା ସମୟରେ ଟଙ୍କାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଟଙ୍କା ମାଗିଲେ କାରରୁ ଡେଇଁ ପଡ଼ିବାକୁ ସେ ଧମକ ଦେଇଥିଲେ। ଫଳରେ ସୌମ୍ୟରଞ୍ଜନ ଭୟରେ ପିଏନ୍ କଲେଜ ନିକଟରେ କାରକୁ ମନ୍ଥର କରିଦେଇଥିଲେ। ଏହି ସମୟରେ ଯୁବତୀ ଜଣକ କାରରୁ ଡେଇଁ ନିଜ ପୋଷାକ ଚିରି ବଳାତ୍କାର କରାଯାଇଥିବା ନେଇ ନାଟକ କରିଥିଲେ ବୋଲି ଆଇଆଇସି ମହାପାତ୍ର କହିଛନ୍ତି।

ସବୁଠୁ ବଡ଼ କଥା ହେଲା, ଯୁବତୀ ଜଣକ ଘଟଣା ଦିନ ଭୁବନେଶ୍ୱରକୁ ଯୁକ୍ତ୨ ସାର୍ଟିଫିକେଟ ନେବାକୁ ଆସିଥିବା କହିଥିଲେ। ତାଙ୍କ ସିଡିଆର ଯାଞ୍ଚ କରିବା ପରେ ସେ ଘଟଣା ଦିନ ଖୋର୍ଦ୍ଧାରୁ ଚନ୍ଦକା ରୋଡ ଦେଇ ଯାଇଥିଲେ, କିନ୍ତୁ ଭୁବନେଶ୍ୱରକୁ ଆଦୌ ଆସି ନ ଥିବା ପୋଲିସ ଜାଣିପାରିଥିଲା।

## ସଂକ୍ଷେପରେ

### ମାସିକ ସାହିତ୍ୟ ଆସର

ଜଟଣୀ,୧୦।୧୧(ଡି.ଏନ.ଏ.): ଜଟଣୀସ୍ଥ ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନରେ ରବିବାର ମାସିକ ସାହିତ୍ୟ ଆସର ଆୟୋଜିତ ହୋଇଥିଲା। ପ୍ରତିଷ୍ଠାନର ସଭାପତି ବିପିନ ବିହାରୀ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଆସରରେ ଉପସ୍ଥିତ କବିମାନେ ସ୍ୱରଚିତ କବିତା, ପ୍ରବନ୍ଧ ପାଠ କରିଥିଲେ। ଏହାଛଡ଼ା ବିଭିନ୍ନ ଲେଖକ, ପତ୍ରପତ୍ରିକା ଉପରେ ଆଲୋଚନାରେ ସ୍ଥାନ ପାଇଥିଲା। ଏଥିରେ ପ୍ରତିଷ୍ଠାନର ସମ୍ପାଦକ ଜବାହରଲାଲ ସୁବୁଦ୍ଧି, ସୁଦର୍ଶନ ମହାପାତ୍ର, ସଦାଶିବ ମିଶ୍ର, ଆଦିନାରାୟଣ ଖଣ୍ଡୁଆଳ, ପ୍ରମୋଦ ମହାନ୍ତି, ଅଧ୍ୟାପିକା ସୁକାନ୍ତି ମହାପାତ୍ର, ପଦ୍ମଲୋଚନ ସାହୁ, ରବୀନ୍ଦ୍ର ଖଣ୍ଡୁଆଳ ପ୍ରମୁଖ କବି ଲେଖକ ଉପସ୍ଥିତ ରହିଥିଲେ। ଅଧ୍ୟାପିକା ସୌଦାମିନୀ ବେହେରା ଏହାର ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଆରତି ସେନ ଧନ୍ୟବାଦ ଦେଇଥିଲେ।

### କବିରାଜ ମାଧବ ନନ୍ଦ ଶ୍ରାଦ୍ଧବାର୍ଷିକୀ

ଚିଲିକା,୧୦।୧୧ (ଡି.ଏନ.ଏ.)- ଚିଲିକା ବ୍ଲକ ଅନ୍ତର୍ଗତ ଗଙ୍ଗାଧରପୁର ଶାସନ ଗ୍ରାମରେ ଅଞ୍ଚଳର ବିଶିଷ୍ଟ କବିରାଜ ମାଧବନନ୍ଦଙ୍କର ଶ୍ରାଦ୍ଧବାର୍ଷିକୀ ରବିବାର ପାଳିତ ହୋଇଯାଇଛି। ଏଥିପାଇଁ ସକାଳେ ସ୍ୱର୍ଗତ ନନ୍ଦଙ୍କ ଉଦ୍ଦେଶ୍ୟରେ ତିଳ ତର୍ପଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟଅତିଥି ରୂପେ ପୂର୍ବତନ ଚିଲିକା ବିଧାୟକ ଡ. ବିଭୂତି ଭୂଷଣ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ପାଲା ଗାୟକ ଗୌରୀଶଙ୍କର ରଥଶର୍ମା, ଅବସରପ୍ରାପ୍ତ ଶିକ୍ଷକ ପଠାଣି ବଳବନ୍ତରାୟ, ପ୍ରଫେସର ଗଙ୍ଗାଧର ପ୍ରଧାନ, ଗାୟକ ଦକ୍ଷିଣକେଶରୀ ରାମଚନ୍ଦ୍ର କର, ସାହିତ୍ୟିକ ନବକିଶୋର ମହାରଣା, ଶିକ୍ଷାବିତ୍ ପୀତବାସ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସ୍ୱର୍ଗତ ନନ୍ଦଙ୍କର ଉତ୍ସର୍ଗୀକୃତ ସମାଜସେବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମାଧବ ଚନ୍ଦ୍ର ସ୍ମୃତି ସଂସଦର ସଭାପତି ରାମଚନ୍ଦ୍ର ଶତପଥୀ ସଭାରେ ଅଧକ୍ଷତା କରିଥିବା ବେଳେ ସମ୍ପାଦକ ବିଜୟ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗଙ୍ଗାଧରପୁର ଉପ୍ରା ବିଦ୍ୟାଳୟ, ନାଚୁଣୀ ସରକାରୀ ଗୋଦାବରୀଶ ହାଇସ୍କୁଲ ଏବଂ ମାଧବ ନନ୍ଦ ଇଂରାଜୀ ମାଧମ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍ୱର୍ଗତ ନନ୍ଦଙ୍କ ପୁଅ ସୁଶୀଲ କୁମାର ନନ୍ଦ, ସୁଧୀର କୁମାର ନନ୍ଦ ପରିଚାଳନା କରିଥିଲେ।

### ଯୁବକଙ୍କୁ କଟୁରିରେ ହାଣିଲେ

ପୁରୀ ଅଫିସ, ୧୦।୧୧: ସମୁଦ୍ରକୂଳ ଥାନା ଅଧୀନ ବାଲିନୋଳିଆ ସାହିର ଜଣେ ଯୁବକଙ୍କୁ ଜନୈକ ଦୁର୍ବୃତ୍ତ ପୂର୍ବ ଶତ୍ରୁତାରୁ କଟୁରିରେ ଗୋଡ଼ାଇ ଗୋଡ଼ାଇ ହାଣିଛନ୍ତି। ଯୁବକ ଜଣକ ହେଲେ ବି. ଶିବା(୨୩)। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରବିବାର ଅପରାହ୍ନ ସାଢେ ୨ଟାରେ ଏହି ଘଟଣା ଘଟିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

ରାଜ୍ୟସ୍ତରୀୟ ଆଲୋଚନା ଚକ୍ର

# ଭାବଭକ୍ତି ଈଶ୍ୱରଙ୍କ ନିକଟତର କରାଏ

**ପୁରୀ ଅଫିସ, ୧୦।୧୧ :**

ଶ୍ରୀ ଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀକ୍ଷେତ୍ର ପରମ୍ପରା ଓ କାର୍ତ୍ତିକ ମାହାତ୍ମ୍ୟ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ବରିଷ୍ଠ ସାମାଜିକ କର୍ମୀ ପ୍ରଭାକର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ତ୍ତିକ ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ ଡ.ପ୍ରମୋଦ କୁମାର ଦଳାଇ କହିଲେ ଯେ, ବେଦ ଉପନିଷଦର ମାର୍ଗରେ ପରିଚାଳିତ ହୁଅନ୍ତୁ ବୋଲି କହିଥିଲେ। ଅଧ୍ୟାପକ ଡ. ବଳରାମ ଦାଶ, ଆଇନଜୀବୀ ପୁଷ୍କର ମହାପାତ୍ର, ଟ୍ରଷ୍ଟ ଉପାଧ୍ୟକ୍ଷ ବିନୋଦ ପଣ୍ଡା, ରାମଚନ୍ଦ୍ର ସାହୁ, ଏସ୍‌ସିଏସ୍ କଲେଜ ଉପାଧ୍ୟକ୍ଷ ପ୍ରଫେସର ଶଙ୍କର୍ଷଣ ଦାଶ, ପ୍ରମୁଖ ଅଂଶଗ୍ରହଣ କରି ନିଜ ବକ୍ତବ୍ୟ ରଖିଥିଲେ।



ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥିମାନେ।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ଖୋର୍ଦ୍ଧା ଅଫିସ,୧୦।୧୧:**

ନୟାଗଡ ଜିଲା ଓଡ଼ଗାଁ ଥାନା ଅଞ୍ଚଳର କାହ୍ନୁ ସାହୁ ଜନୈକା ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ତାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ କାହ୍ନୁଙ୍କୁ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅଭିଯୋଗ ଅନୁସାରେ, ଶନିବାର ରାତିରେ ତରତୁଆ ଅଞ୍ଚଳରେ ୧୭ ବର୍ଷ ୮ ମାସର ଭିନ୍ନକ୍ଷମ ନାବାଳିକାଙ୍କୁ କାହ୍ନୁ ବାଳାତ୍କାର କରିଥିଲେ। ଏହି ସମୟରେ ପୀଡିତାଙ୍କ ମା' ଘରର ସିଙ୍କୁଳି ପକାଇ ବାହାର ଲୋକଙ୍କୁ ଡାକି ତାଙ୍କୁ ପୋଲିସ ଜିମା ଦେଇଥିଲେ। ପରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଦଫା ୩୭୬, ୬ ପୋକୋସ ଆକ୍ଟରେ ନଂ. ୩୧୯/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ବେଗୁନିଆ,୧୦।୧୧(ଡି.ଏନ.ଏ.) :**

କଟକ ଜିଲା ବୈଦେଶ୍ୱର ଅଞ୍ଚଳରୁ ନିଜ ମାମୁ ଘର ବେଗୁନିଆ ଥାନା ଅଞ୍ଚଳ ଏକ ଗାଁକୁ ବୁଲିବା ପାଇଁ ଜନୈକା ନାବାଳିକା ଆସିଥିଲେ। ରବିବାର ପୂର୍ବାହ୍ନରେ ୮ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ମାମୁ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ନଂ. ୧୮୮/୧୯ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଥିଲା। ଖୋର୍ଦ୍ଧା ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର ଓ ଆଇଆଇସି ରଶ୍ମି ରଞ୍ଜନ ସାହୁ ଘଟଣାସ୍ଥଳକୁ ଯାଇ ସ୍ଥିତି ପରଖିବା ପରେ ପୀଡିତା ଓ ତାଙ୍କ ପରିବାର ଲୋକଙ୍କ ବୟାନ ରେକର୍ଡ କରିଥିଲେ। ଏହି ଆଧାରରେ ଅଭିଯୁକ୍ତ ମୁଷା ସ୍ୱାଇଁ (୨୦)ଙ୍କୁ ଗିରଫ କରାଯାଇଛି। ଅଭିଯୋଗରୁ ପ୍ରକାଶ, ୩ୟ ଶ୍ରେଣୀରେ ପଢୁଥିବା ନାବାଳିକା ଜଣକ ତାଙ୍କ ମାମୁ ଘରକୁ ୩ ଦିନ ହେଲା ବୁଲିବାକୁ ଆସିଥିଲେ। ପୂର୍ବାହ୍ନ ୭ଟାରେ ନିକଟସ୍ଥ ଏକ ପୁଷ୍କରିଣୀକୁ ଗାଧୋଇବାକୁ ଯାଇଥିଲେ। ନାବାଳିକା ଜଣକ ଏକୁଟିଆ ଥିବାର ସୁଯୋଗ ନେଇ ବୁଦା ଉହାଡରେ ତାଙ୍କୁ ମୁଷା ବଳାତ୍କାର କରିଥିଲେ। ଏ ସମ୍ପର୍କରେ ଯଦି କାହା ଆଗରେ କିଛି କହିବୁ ତେବେ ଜୀବନରୁ ମାରି ଦେବି ବୋଲି ନାବାଳିକାଙ୍କୁ ସେ ଧମକ ଦେଇଥିଲେ। ସେଠାରୁ ନାବାଳିକା ଜଣକ କାନ୍ଦି କାନ୍ଦି ଆସି ପରିବାର ଲୋକଙ୍କୁ ଜଣାଇଥିଲେ।

## ସାହିତ୍ୟ ଆସର

**ନିରାକାରପୁର,୧୦।୧୧(ଡି.ଏନ.ଏ.)**

ରାମେଶ୍ୱର ପଞ୍ଚାୟତରେ ଜାନକୀ ବଲ୍ଲଭ ସ୍ମୃତି କମିଟି ଆନୁକୂଲ୍ୟରେ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଦିବ୍ୟସିଂହ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଶିକ୍ଷା ଅଧିକାରୀ ଗୌତମ ଚରଣ ପ୍ରଧାନ, ମୁଖ୍ୟବକ୍ତା ଡ. ପୂର୍ଣ୍ଣଚନ୍ଦ୍ର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କବି, ଲେଖକ, ଗାଳ୍ପିକ ଅଂଶଗ୍ରହଣ କରିଥିଲେ। ବୀରେନ୍ଦ୍ର କୁମାର ପଟ୍ଟନାୟକ ଅତିଥି ପରିଚୟ, ଦୀପ୍ତି ରଞ୍ଜନ ପାଇକରାୟ ମଞ୍ଚ ପରିଚାଳନା କରିଥିଲେ।

# ଟ୍ରେନରେ ମୋବାଇଲ୍ ଝାମ୍ପି ନେବା ଘଟଣାରେ ୨ ଗିରଫ

**ଜଟଣୀ,୧୦।୧୧(ଡି.ଏନ.ଏ.):**

ଟ୍ରେନ୍‌ରେ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କଠାରୁ ମୋବାଇଲ ଫୋନ ଝାମ୍ପି ନେବା ଘଟଣାରେ ରବିବାର ଖୋର୍ଦ୍ଧାରୋଡ ରେଳପଥ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ୨ ଜଣ ହେଲେ ଡେଲାଙ୍ଗ ଥାନା ବଙ୍ଗ ଅଞ୍ଚଳର ବିଷ୍ଣୁପ୍ରସାଦ ସ୍ୱାଇଁ ଓ ଜଟଣୀ ଥାନା ବାଛରାପାଟଣାର ବାଦଲ ନାୟକ। ତପସ୍ୱିନୀ ଏକ୍ସପ୍ରେସ୍‌ରେ ପୁରୀରୁ ଝାରସୁଗୁଡ଼ା ଯାତ୍ରା କରୁଥିବା ଛୋଟୁ ଶାହ ନାମକ ଯାତ୍ରୀଙ୍କଠାରୁ ୬ ତାରିଖରେ ଅଭିଯୁକ୍ତମାନେ ମୋବାଇଲ ଝାମ୍ପି ନେଇ ପଳାଇଥିବା ସେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଆର୍‌ପିଏଫ୍ ସ୍ପେଶାଲ ଟାକ୍ସଫୋର୍ସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଧରି ରେଳପଥ ଥାନାକୁ ହସ୍ତାନ୍ତର କରିଥିଲେ। ଏ ନେଇ ନଂ. ୧୩୭/୧୯ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କଠାରୁ ଜବତ ଚୋରି ମୋବାଇଲକୁ ଏହାର ମାଲିକ ଛୋଟୁଙ୍କୁ ଆର୍‌ପିଏଫ୍ ପ୍ରଦାନ କରିଛି।

■ଖୋର୍ଦ୍ଧାରେ ସିରିଜ୍ ଚୋରି ଘଟଣା

## ୧୩ ଦିନ ପରେ ପୋଲିସ ହାତ ଖାଲି

**ଖୋର୍ଦ୍ଧା ଅଫିସ, ୧୦।୧୧:**

ଖୋର୍ଦ୍ଧା ଆଦର୍ଶ ଥାନାର ମୁକୁନ୍ଦପ୍ରସାଦ ଓ ଗୋଡିପୋଖରୀ ଛକରୁ ଗୋଟିଏ ରାତିରେ ୭ଟି ଦୋକାନରୁ ଚୋରି ଘଟଣାକୁ ଇତିମଧ୍ୟରେ ୧୩ ଦିନ ବିତିଯିବାକୁ ବସିଛି। ହେଲେ ପୋଲିସ ସିସିଟିଭି ଫୁଟେଜ ଜବତ କରି ଚୁପ ହୋଇ ବସି ରହିଛି। ଏଯାବତ ଏହି ଘଟଣାରେ ପୋଲିସ ଦୁର୍ବୃତ୍ତଙ୍କ ଟେର ପାଇନାହିଁ। ଅନ୍ୟପକ୍ଷେ ୭ ଦୋକାନରୁ ଚୋରି ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ତାହା ବ୍ୟର୍ଥ ଯାଇଥିଲା।

## ମହମ୍ମଦଙ୍କ ଜୟନ୍ତୀ ପାଇଁ ଶୋଭାଯାତ୍ରା

**ଜଟଣୀ,୧୦।୧୧(ଡି.ଏନ.ଏ.):**

ମହାପୁରୁଷ ମହମ୍ମଦଙ୍କ ଜୟନ୍ତୀ ଉପଲକ୍ଷେ ଜଟଣୀରେ ରବିବାର ମୁସ୍‌ଲିମ୍ ସମ୍ପ୍ରଦାୟ ପକ୍ଷରୁ ଶାନ୍ତି ମୈତ୍ରୀର ବାର୍ତ୍ତା ନେଇ ଶୋଭାଯାତ୍ରା ବାହାରିଥିଲା। ରାଜା ବଜାର, କୁଦିଆରୀ ବଜାର, ରେତଙ୍ଗ କଲୋନୀ, ବାଛରାପାଟଣା ଆଦି ଅଞ୍ଚଳରୁ ଏହି ଶୋଭାଯାତ୍ରା ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା।




ଜଟଣୀ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକମାନେ ସହର ପରିକ୍ରମା କରୁଛନ୍ତି ।

# ରୋଗଣା ପୁଅର ଆଶ୍ରା ପାଲଟିଛନ୍ତି ବୃଦ୍ଧା ମାଆ

■ଅର୍ଥର ଅଭାବ ଯୋଗୁ ହୋଇ ପାରୁନି ଚିକିତ୍ସା
■ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ଘରଭଡ଼ାରେ ଯାଉଛି
■ସରକାରୀ ସହାୟତା ଅପେକ୍ଷାରେ ରଜନୀ

**ଜଟଣୀ,୧୦।୧୧(ଡି.ଏନ.ଏ.):**

ବୟସ ଅଧିକ ହେଲେ ବୃଦ୍ଧାବୃଦ୍ଧ ଅନ୍ୟର ସାହାରା ଆବଶ୍ୟକତା କରିଥାନ୍ତି। ହେଲେ ୬୫ ବର୍ଷୀୟା ବୃଦ୍ଧା ରଜନୀ ଦେଈ ୩୫ ବର୍ଷର ରୋଗଣା ପୁଅଙ୍କ ସାହାରା ପାଲଟିଛନ୍ତି। ଜଟଣୀ ଗାନ୍ଧୀ ପାର୍କ ନିକଟରେ ଏକ ୫ ଫୁଟ ଓସାର ଓ ସାଢେ ୬ ଫୁଟ ଲମ୍ବର ଭଙ୍ଗା ଆଜବେଷ୍ଟସ୍ ଘରେ ମାସିକ ୬ ଶହ ଟଙ୍କା ଭଡାରେ ରହୁଛନ୍ତି। ୩୦ ବର୍ଷ ହେବ ସ୍ୱାମୀ ଛାଡି ଚାଲି ଯାଇଛନ୍ତି। ସ୍ୱାମୀଙ୍କ ଫେରିବା ବାଟକୁ ବହୁ ବର୍ଷ ଅପେକ୍ଷା କରିଥିଲେ ହେଁ ସେ ଆଉ ଫେରିଲେନି। ସ୍ୱାମୀ ଯିବା ପରେ ପୁଅ ଦିବାଙ୍କୁ ଧରି ରଜନୀ ରହୁଛନ୍ତି। ହେଲେ ପୁଅର ବାତ ରୋଗ। ଏହି ରୋଗ ଥିବା ସତ୍ତ୍ୱେ ପୂର୍ବରୁ ସେ ଚଲାବୁଲା କରିବାରେ ସକ୍ଷମ ରହିଥିଲେ। ୪ ମାସ ପୂର୍ବେ ବାତ ମାରି ଏକ ଡ୍ରେନ୍‌ରେ ପୁଅ ଦିବା ପଡିଯିବାରୁ ଚଲାବୁଲା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ହାତଗୋଡ଼ କାମ କରୁନି। ବିଛଣାରେ ସଦାବେଳେ ପୁଅ ଦିବା ପଡି ରହିଛନ୍ତି। ସକାଳୁ ଉଠି ତା'ର ସମସ୍ତ ନିତ୍ୟକର୍ମ ସାରି ରଜନୀ ବାହାରକୁ ବାହାରି ପଡିଥାନ୍ତି। ଭିକ୍ଷା ମାଗି ଯାହା ଆଣିଥାନ୍ତି ସେଥିରେ ଖାଦ୍ୟ ପ୍ରସ୍ତୁତ କରି ପ୍ରଥମେ ପୁଅକୁ ଦେଇଥାନ୍ତି। ଯାହା ବଳିଥାଏ ନିଜେ ଖାଇଥାନ୍ତି। ସ୍ୱାମୀ ଛାଡ଼ିକି ଯିବା ପରେ ପୁଅ ମୁହଁ ଚାହିଁ ସେ ପଡି ରହିଛନ୍ତି। ରୋଗଣା ପୁଅକୁ ଛାଡ଼ି କୁଆଡ଼େ ଯିବି ବୋଲି ସେ କହିଛନ୍ତି। ପୁଅର ଏପରି ଅବସ୍ଥା କହିଲା ବେଳେ ତାଙ୍କ ଆଖି ଛଳ ଛଳ ହୋଇପଡ଼ିଥିଲା। ପୁଅର ଚିକିତ୍ସା ନେଇ ସେ କୁହନ୍ତି, ଦୈନିକ ଭିକ୍ଷା ମାଗି ଯାହା ଯେମିତି ଚଳିଯାଉଛି। ଚିକିତ୍ସା ପାଇଁ ଟଙ୍କା କୁଆଡୁ ଆଣିବୁ ବୋଲି କହିଛନ୍ତି। ପୁଅର ଖାଇବା ଧୀରେ ଧୀରେ କମିବା ସହ ଦୁର୍ବଳ ହୋଇପଡୁଛି। ଉଠି ପାରୁ ନ ଥିବା ପୁଅକୁ ଦୈନିକ ବିଛଣାରୁ ଟେକିକି ଉଠାଇବା, ଝାଡ଼ା ପରିସ୍ରା ସଫାଠାରୁ ଅନ୍ୟ କାର୍ଯ୍ୟ ଏହି ବୟସରେ କରିବାକୁ କଷ୍ଟକର ହୋଇପଡିଛି। ତେବେ ପୁଅ ମୁହଁକୁ ଚାହିଁଦେଲା ମାତ୍ରେ ସବୁ କଷ୍ଟ ଦୂରେଇ ଯାଉଛି ବୋଲି ଲୁହକୁ ଲୁଗା କାନିରେ ପୋଛି ରଜନୀ କହିଥିଲେ। ବାର୍ଦ୍ଧକ୍ୟ ଭତ୍ତା ବାବଦରେ ପାଉଥିବା ୫ ଶହ ଓ ଭିକ୍ଷାମାଗି ସେଥିରୁ ୧୦୦ ଟଙ୍କା ସଞ୍ଚୟ କରି ଘର ମାଲିକକୁ ଭଡ଼ା ବାବଦ ଟଙ୍କା ଦେଉଛନ୍ତି। ଅପରପକ୍ଷରେ ଘର ଛାଡ଼ିବାକୁ ମଧ୍ୟ ମାଲିକ ଅନେକଥର ତାଗିଦ କଲାଣି। ହେଲେ ରୋଗଣା ପୁଅକୁ ଧରି କୁଆଡ଼େ ଯିବି କେଉଁଠି ମୁଣ୍ଡ ଗୁଞ୍ଜିବି ତାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଭୂମିହୀନ ଗରିବ ଲୋକଙ୍କ ପାଇଁ ଜାଗା ମିଶନଠାରୁ ଆରମ୍ଭ କରି ସରକାର ଅନେକ ଯୋଜନା କରିଛନ୍ତି। ହେଲେ ତାଙ୍କ ନିକଟରେ ଏହା ପହଞ୍ଚି ନ ଥିବା ରଜନୀ କହିଛନ୍ତି। ଏଣୁ ପ୍ରଶାସନର ସହାୟତା ଅପେକ୍ଷାରେ ରଜନୀ ରହିଛନ୍ତି। ଏ ନେଇ ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ରବୀନ୍ଦ୍ର ପ୍ରସାଦ ମିଶ୍ର କୁହନ୍ତି, ତାଙ୍କ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଯାଇଛି। ଶୀଘ୍ର ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି ବୋଲି ସେ କହିଛନ୍ତି।



ଭଙ୍ଗାଘରେ ମା ଓ ପୁଅ ।

## ଗାୟତ୍ରୀ ମହାଯଜ୍ଞରେ ଆଲୋଚନାଚକ୍ର



**ଖୋର୍ଦ୍ଧା ଅଫିସ,୧୦।୧୧:**

ସ୍ଥାନୀୟ ବିଡିଏ କଲୋନୀସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ପଞ୍ଚ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ଭାବେ ଆରାଧନା ଶତପଥୀ, ଉପସନା ଶତପଥୀ ଯୋଗଦେଇ ଗାୟତ୍ରୀ ସତ୍‌ସାହିତ୍ୟ, ଜ୍ଞାନ ଓ ଜୀବନଦର୍ଶନ ଉପରେ ଆଲୋଚନା କରିଥିଲେ। ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ମହାଯଜ୍ଞରେ ଉପସ୍ଥିତ ଥିଲେ। ଏହି ଅବସରରେ ବେଦଜ୍ଞ ପଣ୍ଡିତ ଶ୍ରୀରାମ ଶର୍ମାଆଚାର୍ଯ୍ୟଙ୍କ ଦ୍ୱାରା ଲିଖିତ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସମସ୍ୟା, ଆଧ୍ୟାତ୍ମିକତା ସମ୍ବଳିତ ବିଭିନ୍ନ ଉପାଦେୟ ପୁସ୍ତକ ଉପଲବ୍ଧ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୧ ନଭେମ୍ବର, ୨୦୧୯



ନିଜର ପାପ କର୍ମ ପାଇଁ ମନୁଷ୍ୟକୁ ଜନ୍ମଜନ୍ମାନ୍ତର କଷ୍ଟ ଭୋଗ କରିବାକୁ ପଡ଼େ।
-ମହାବୀର ଜୈନ



## ସଂକ୍ଷେପରେ

### ଯୁବକଙ୍କୁ କଟୁରିରେ ହାଣିଲେ

ପୁରୀ ଅଫିସ, ୧୦।୧୧ : ସମୁଦ୍ରକୂଳ ଥାନା ଅଧୀନ ବାଲିନୋଳିଆ ସାହିର ଜଣେ ଯୁବକଙ୍କୁ ଜନୈକ ଦୁର୍ବୃତ୍ତ ପୂର୍ବ ଶତ୍ରୁତାରୁ କଟୁରିରେ ଗୋଡାଇ ହାଣିଛନ୍ତି। ଯୁବକ ଜଣକ ହେଲେ ବି.ଶିବା(୨୩)। ରକ୍ତଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ରବିବାର ଅପରାହ୍ନ ସାଢେ ୨ଟାରେ ଏହି ଘଟଣା ଘଟିଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ହିନ୍ଦୁ ମହାସଭାର ସ୍ୱାଗତ

ପୁରୀ ଅଫିସ, ୧୦।୧୧: ଅଯୋଧ୍ୟା ଶ୍ରୀରାମଜନ୍ମଭୂମି ଉପରେ ସୁପ୍ରିମକୋର୍ଟରେ ରାୟ ପ୍ରକାଶ ପାଇବା ପରେ ଏହାକୁ ଅଖିଳ ଭାରତ ହିନ୍ଦୁ ମହାସଭା ସ୍ୱାଗତ କରିଛି। ମହାସଭା ରାଜ୍ୟ ଉପସଭାପତି ସୂର୍ଯ୍ୟ ନାରାୟଣ ରଥ କୁହନ୍ତି, ପ୍ରଭୁ ଶ୍ରୀରାମ ହେଉଛନ୍ତି କୋଟି କୋଟି ଭାରତୀୟଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ। ଏହି ରାୟ ପରେ ଭାରତରେ ଅଖଣ୍ଡତା ବଜାଏ ରହିବ। ଭାରତୀୟ ସଂସ୍କୃତି ହେଉଛି ପ୍ରାଚୀନ ସଂସ୍କୃତି। ଏହାର କଳା,ସଂସ୍କୃତି, ପରମ୍ପରା ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। ବିଶ୍ୱକୁ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇ ଆସିଛି।

### ଯୁବିଏସ୍ଏସ୍ ତରଫରୁ ନଡ଼ିଆ ଚାରା ବଣ୍ଟନ

ପୁରୀ ଅଫିସ, ୧୦।୧୧ : ଉତ୍କଳ ବିପନ୍ନ ସହାୟତା ସମିତି ତରଫରୁ ବାତ୍ୟା ପ୍ରଭାବିତ ଅଞ୍ଚଳରେ ୧୫ହଜାରରୁ ଊର୍ଦ୍ଧ୍ୱ ନଡ଼ିଆ ଚାରା ପ୍ରଦାନ କରାଯାଇଛି। ପୁରୀ ସଦର, ବ୍ରହ୍ମଗିରି, କୃଷ୍ଣପ୍ରସାଦ, ସତ୍ୟବାଦୀ, କାକଟପୁର, ଅସ୍ତରଙ୍ଗ ପ୍ରଭୃତି ଅଞ୍ଚଳରେ ଏହି ଚାରା ବଣ୍ଟନ କରାଯାଇଥିବା ସମିତି ଜିଲା ସଂଯୋଜକ ବାମଦେବ ନାୟକ ସୂଚନା ଦେଇଛନ୍ତି। ଆନ୍ଧ୍ରପ୍ରଦେଶରୁ ନଡ଼ିଆ ଚାରା ଅଣାଯାଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସ୍ୱୟଂସେବକଙ୍କ ଜରିଆରେ ଏହା ବଣ୍ଟନ କରାଯାଇଥିଲା। ଏଥିରେ ରଞ୍ଜନ ମହାରଣା, ହୃଷିକେଷ ମହାରଣା, ଇନ୍ଦ୍ରମଣି ମିସ୍ତ୍ରୀ, ହୃଷିକେଷ ନାୟକ, ପ୍ରିୟରଞ୍ଜନ ଜେନା, ସର୍ବେଶ୍ୱର ବିଶୋଇ, ଲକ୍ଷ୍ମୀଧର ପ୍ରଧାନ, ସୁକାନ୍ତ ଦଳାଇ, ସତ୍ୟ ବିଶୋଇ, କୁନି ସିଂ ପ୍ରମୁଖ ସହଯୋଗ କରିଥିଲେ। ଏକ ମାସ ଧରି ଏହି ଅଭିଯାନ ଜାରି ରହିଥିବା ନାୟକ କହିଛନ୍ତି।

### ବିଜୁ ଯୁବ ଜନତା ଦଳର ପ୍ରଶିକ୍ଷଣ କର୍ମଶାଳା

ପୁରୀ ଅଫିସ, ୧୦।୧୧:ପୁରୀ ବିଜୁ ଯୁବ ଜନତା ଦଳ ପକ୍ଷରୁ ନରେନ୍ଦ୍ରକୋଣସ୍ଥିତ କାର୍ଯ୍ୟାଳୟଠାରେ ରବିବାର ସାମାଜିକ ଗଣମାଧ୍ୟମ ସମ୍ବନ୍ଧରେ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ସହରର ପ୍ରତ୍ୟେକ ୱାର୍ଡର ୫ ଜଣ ଲେଖାଏ ଯୁବ କର୍ମକର୍ତ୍ତାଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ତଥା ବିଜେଡି ଆଇଟି ବିଭାଗ ରାଜ୍ୟ ସଭାପତି ଡ. ଅମର ପଟ୍ଟନାୟକ ଯୋଗଦେଇ କହିଲେ ଯେ, ଶ୍ରୀକ୍ଷେତ୍ର ପୁରୀରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୪୭ଟି ଯାକ ନିର୍ବାଚନମଣ୍ଡଳୀରେ କରାଯିବ। ବିଜୁ ଯୁବ ଜନତା ଦଳର ଜିଲା ସଭାପତି ରାମଚନ୍ଦ୍ର ଗଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳାକୁ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଅମରେଶ ପତ୍ରୀ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ଦିବାକର ପାତ୍ର, ନଗର ସଭାପତି ଭକ୍ତ ଚରଣ ଦାଶ, ଉପସଭାପତି ନାରାୟଣ ପଟ୍ଟନାୟକ, କୋଷାଧକ୍ଷ ପ୍ରସନ୍ନ ମହାପାତ୍ର ଓ ବିଜୁ ଶ୍ରମିକ ସଙ୍ଗଠନ ସଭାପତି ପ୍ରଶାନ୍ତ ପଟ୍ଟନାୟକ ଉପସ୍ଥିତ ଥିଲେ। ବିଜୁ ଯୁବ ଜନତା ଦଳର ଉପଦେଷ୍ଟା ରାଧାରମଣ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉପଦେଷ୍ଟା ଏନ୍. ବଳରାମ ରେଡ୍ଡୀ, ଉପସଭାପତି ଅରୁଣ ମିଶ୍ର, ସମ୍ପାଦକ ବାଲୁଙ୍କେଶ୍ୱର ସାହୁ, ସାଗରିକା ମହାପାତ୍ର, ବନୀତା ଦାଏ ସରସ୍ୱତୀ ଦାଶ, ଭାରତୀ ମହାପାତ୍ର, ନିତୁ ପ୍ରିୟଦର୍ଶିନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ବିଜେଡି ଆଇଟି ୱିଙ୍ଗର ସଂଯୋଜକ ପ୍ରସନ୍ନଜିତ ପତି ତାଲିମ ପ୍ରଦାନ କରିଥିଲେ।

### ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ

ଡେଲାଙ୍ଗ, ୧୦।୧୧(ଡି.ଏନ୍.ଏ.): ଫନୀ ସହାୟତାରେ ଅନିୟମିତତା ଅଭିଯୋଗକୁ ନେଇ ଜିଲା ପ୍ରଶାସନ ତରଫରୁ ରବିବାର ଡେଲାଙ୍ଗ ବ୍ଲକର ସୃଜନପୁର ଓ ରେଞ୍ଚ ପଞ୍ଚାୟତର ଗାଁ କୁ ଗାଁ ବୁଲି ଆଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ହୋଇଛି। ପୁରୀ ଜିଲାପାଳ ଏହି ଘଟଣାକୁ ପୁରା ଧ୍ୟାନ ଦେଇଛନ୍ତି। ଏହି ତଦନ୍ତ ପ୍ରକ୍ରିୟାରେ କୋଠାଘର ଥିବା ଲୋକ ଓ ଗୋଟିଏ ପରିବାରର ଏକାଧିକ ଲୋକ ଘର ହାତେଇ ଥିଲେ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

■ ୫-ଟି ସଚିବଙ୍କ ତାଗିଦ୍ ପରେ ବି

# ମରାମତି ହୋଇନି ଲିଫ୍ଟ, ସୁଧୁରୁନି ସମସ୍ୟା

ପୁରୀ ଅଫିସ, ୧୦।୧୧

ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଭିତ୍ତିଭୂମି ସୁଧାରିବା ଓ ଦଲାଲମୁକ୍ତ କରିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସମସ୍ୟା ଓ ଭିତ୍ତିଭୂମି ସ୍ଥିତି ପରଖିବା ପାଇଁ 'ମୋ ସରକାର' କାର୍ଯ୍ୟକ୍ରମରେ ୫-ଟି ସଚିବ ବିଭିନ୍ନ ଡାକ୍ତରଖାନା ପରିଦର୍ଶନ କରୁଛନ୍ତି। କିଛିଦିନ ତଳେ ୫ଟି ସଚିବ ଭି.କେ. ପାଣ୍ଡିଆନ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନରେ ଆସି ଭିତ୍ତିଭୂମି ପରଖି ଥିଲେ। ଏହି ସମୟରେ ଲିଫ୍ଟ ଅଚଳ ଥିବାରୁ ଗର୍ଭବତୀ ଓ ପ୍ରସୂତିମାନେ ଶିଡ଼ି (ପାହାଚ) ଚଢୁଥିବା ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଲିଫ୍ଟ ମରାମତି କରିବାକୁ କର୍ତ୍ତୃପକ୍ଷଙ୍କୁ ତାଗିଦ କରିଥିଲେ। ହେଲେ ଏପର୍ଯ୍ୟନ୍ତ ଲିଫ୍ଟ ମରାମତି କରାଯାଇ ନାହିଁ। ଫଳରେ ଗର୍ଭବତୀ ଓ ପ୍ରସୂତିମାନଙ୍କୁ ପାହାଚ ଚଢି କଷ୍ଟରେ ଯାତାୟାତ କରିବାକୁ ପଡୁଛି। ସେହିପରି ଚିକିତ୍ସା ଅବହେଳାରୁ ବ୍ରହ୍ମଗିରିର ଜଣେ ନାବାଳକ ଏବଂ ପୁରୀ ଚନ୍ଦନପୁର ଦଣ୍ଡାସାହିର ଜଣେ ଶିଶୁକନ୍ୟାର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲେ ମଧ୍ୟ ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷେ କିଛିଦିନ ତଳେ ମେଡିସିନ୍ ୱାର୍ଡରେ ଡ୍ୟୁଟି କର୍ମଚାରୀ ଅନୁପସ୍ଥିତ ଥିବା ଓ ଡାକ୍ତରଙ୍କ ସିଟ୍‌ରେ ରୋଗୀ ବିଶ୍ରାମ ନେଉଥିବା ସୋସିଆଲ ମିଡିଆରେ ଭିଡିଓ ଭାଇରାଲ ହୋଇଥିଲା। ଭାଜପା ଯୁବମୋର୍ଚ୍ଚା ଜୟନ୍ତ କୁମାର ଦାଶ କହିଛନ୍ତି, ରୋଗୀମାନେ ଟିକେଟ ପାଇଁ ଘଣ୍ଟା ଘଣ୍ଟା ଧରି କାଉଣ୍ଟରରେ ଛିଡ଼ା ହେଉଛନ୍ତି। ଅଧିକ କାଉଣ୍ଟର ବ୍ୟବସ୍ଥା କରାଯାଉନାହିଁ। ମେଡିକାଲରେ ବିଶୁଦ୍ଧ ପାନୀୟଜଳ, ଶୌଚାଳୟ ଏବଂ ଲୋ-ଭୋଲଟେଜ ସମସ୍ୟା ଲାଗିରହିଛି। ଓପିଡିରେ ଆଶୁ ଚିକିତ୍ସା କେନ୍ଦ୍ରର ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଉନାହିଁ। ଏ ସମ୍ପର୍କରେ ସେ ସିଡିଏମଓଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଚିକିତ୍ସାଳୟ ଆଗରେ ଧାରଣା ଦିଆଯିବ। ସାମାଜିକ କର୍ମୀ ସତ୍ୟକାମ ସାହୁ କହିଛନ୍ତି, ନିଦାନ କେନ୍ଦ୍ରକୁ ଠିକ୍ ସମୟରେ କର୍ମଚାରୀ ଆସୁନାହାନ୍ତି। ବ୍ରହ୍ମଗିରିରୁ ଆସିଥିବା ଜନୈକ ରୋଗୀଙ୍କ ସମ୍ପର୍କୀୟ ସୁଜିତ ପ୍ରଧାନ କହିଛନ୍ତି, ନିୟମିତ ୱାର୍ଡ ଶୌଚାଳୟ ସଫେଇ କରାଯାଉ ନାହିଁ।

**ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ: ଭାଜପା ଯୁବମୋର୍ଚ୍ଚା**

ଶବ ବ୍ୟବଚ୍ଛେଦ ଗୃହରେ ଥିବା ଫ୍ରିଜର ୫ମାସ ହେଲା ଅଚଳ ରହିଛି। ମେଡିକାଲ ପରିସରରେ ପାର୍କିଂ ସୁବିଧା ନ ଥିବାରୁ ଓପିଡି ଆଗରେ ଶହ ଶହ ଗାଡ଼ି ରଖାଯାଉଛି। ଫଳରେ ଯାତାୟତରେ ଅସୁବିଧା ହେଉଛି। ଏ ନେଇ ଭାରପ୍ରାପ୍ତ ସିଡିଏମ୍‌ଓ ବିରଜା ରଥ କହିଛନ୍ତି, ଲିଫ୍ଟ ମରାମତି କରିବା ଲାଗି ସମ୍ପୃକ୍ତ କମ୍ପାନୀକୁ ଚିଠି ଲେଖାଯାଇଛି। ମେଡିକାଲ ଭିତ୍ତିଭୂମିର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ପର୍ଯ୍ୟାୟ କ୍ରମେ ସମସ୍ତ ସମସ୍ୟାର ସମାଧାନ କରାଯିବ।

■ରାଜ୍ୟସ୍ତରୀୟ ଆଲୋଚନାଚକ୍ର

# ଭାବଭକ୍ତି ଈଶ୍ୱରଙ୍କ ନିକଟତର କରାଏ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ସଦସ୍ୟମାନେ।

ପୁରୀ ଅଫିସ, ୧୦।୧୧ :

ଶ୍ରୀ ଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଶ୍ରୀକ୍ଷେତ୍ର ପରମ୍ପରା ଓ କାର୍ତ୍ତିକ ମାହାତ୍ମ୍ୟ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆଲୋଚନା ଚକ୍ରରେ ବରିଷ୍ଠ ସାମାଜିକ କର୍ମୀ ପ୍ରଭାକର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ତ୍ତିକ ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଅଧ୍ୟାପକ ଡ.ପ୍ରମୋଦ କୁମାର ଦଳାଇ କହିଲେ ଯେ, ବେଦ ଉପନିଷଦର ମାର୍ଗରେ ପରିଚାଳିତ ହୁଅନ୍ତୁ। ସମର୍ପିତ ଭାବ ରହିଲେ, ଈଶ୍ୱରତ୍ୱ ପ୍ରାପ୍ତି ହୋଇପାରିବ। ଗୋପାଙ୍ଗନାମାନେ ଭାବଭକ୍ତିରେ ଶ୍ରୀକୃଷ୍ଣଙ୍କ ସାନ୍ନିଧ ଲାଭ କରିଥିଲେ। ଅଧ୍ୟାପକ ଡ. ବଳରାମ ଦାଶ କାର୍ତ୍ତିକ ବ୍ରତ ଓ ଶେଷ ପାଞ୍ଚ ଦିନର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା କରି କହିଲେ ଯେ, ଶେଷ ପାଞ୍ଚ ଦିନରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଦର୍ଶନ କଲେ ପୂଣ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି ବୋଲି କହିଥିଲେ। ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର ଶ୍ରୀକ୍ଷେତ୍ର ସଂସ୍କୃତି, ପରମ୍ପରା ସମ୍ପର୍କରେ କହିଥିଲେ। ଟ୍ରଷ୍ଟ ଉପାଧକ୍ଷ ବିନୋଦ ପଣ୍ଡା, ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୋଚନା ଚକ୍ରରେ ଏସ୍‌ସିଏସ୍ କଲେଜ ଉପାଧକ୍ଷ ପ୍ରଫେସର ଶଙ୍କର୍ଷଣ ଦାଶ, ଚାରୁଲତା ମିଶ୍ର, ହଟ୍ଟକିଶୋର ମଲ୍ଲିକ, ଅଧାପକ ପ୍ରଭାତ ଚନ୍ଦ୍ର ସାହୁ, ଜଗନ୍ନାଥ ବସ୍ତିଆ, ଶଙ୍କର୍ଷଣ ବେହେରା, କୃଷ୍ଣଚନ୍ଦ୍ରରଥ, ପ୍ରବଚକ ଲକ୍ଷ୍ମୀଧର ଦାସ, ଡ.ରମାକାନ୍ତ କର, ଲିଙ୍ଗରାଜ ଦାଶ, ଡା.ଶରତଚନ୍ଦ୍ର ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରି ନିଜ ବକ୍ତବ୍ୟ ରଖିଥିଲେ। ସଦସ୍ୟ ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ସ୍ୱାଗତ ଭାଷଣ, ଅଶୋକ ଆଢ୍ୟ ଅତିଥି ପରିଚୟ ଓ କ୍ରିଷ୍ଣା ଦେବୀ ଧନ୍ୟବାଦ ପ୍ରଦାନ କରିଥିଲେ। ଭବାନୀ ପ୍ରସାଦ ବଳିଆର ସିଂ, ପ୍ରତୀମା ମହାନ୍ତି, ତ୍ରିନାଥ ରଣା ପ୍ରମୁଖ ପରିଚାଳନା କରିଥିଲେ।

# ଡାକ୍ତରଖାନାରେ ପହଞ୍ଚି ତାଗିଦ୍ କଲେ ମନ୍ତ୍ରୀ

ଗୋପ, ୧୦।୧୧(ଡି.ଏନ୍.ଏ.)



ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କର୍ମଚାରୀମାନଙ୍କୁ ତାଗିଦ କରୁଛନ୍ତି।

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ରବିବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପଚାରିବା ସହ ଉପସ୍ଥିତ ସାଧାରଣ ଲୋକଙ୍କ ଅଭିଯୋଗକୁ ନେଇ କର୍ମଚାରୀମାନଙ୍କୁ ତାଗିଦ୍ ମଧ୍ୟ କରିଥିଲେ। କିନ୍ତୁ ଅନ୍ଧାରରେ ସ୍ୱାସ୍ଥ୍ୟସେବା ପ୍ରସଙ୍ଗ କେତେକ ଗଣମାଧ୍ୟମରେ ପ୍ରକାଶିତ ପରେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନେରେଟର ଲଗାଇବା ଲାଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡା.ଶିବପ୍ରସାଦ ମଙ୍ଗରାଜଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଟି ଅତି ପୁରାତନ ହୋଇଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୈନନ୍ଦିନ ଦୁଇ ହଜାରରୁ ଅଧିକ ରୋଗୀ ନିର୍ଭର କରିଥାନ୍ତି। କିନ୍ତୁ ଏଠାରେ ଥିବା କର୍ମଚାରୀମାନେ ଠିକ୍ ଭାବରେ ଡ୍ୟୁଟି ନ କରିବା, ଡାକ୍ତରଖାନାକୁ ସଫା ସୁତରା ନ ରଖିବା, ଅନାବନା ଘାସକୁ ସଫା ନ କରିବା ସହିତ ଅନ୍ୟାନ୍ୟ କାର୍ଯ୍ୟଗୁଡ଼ିକୁ ଠିକ୍ ଭାବରେ କରିବାକୁ ମନ୍ତ୍ରୀ ଦାଶ ପରାମର୍ଶ ଦେଇଥିଲେ। ଜନୈକ ସ୍ୱାସ୍ଥ୍ୟ କର୍ମଚାରୀ ରୋଗୀଙ୍କୁ ଠିକ୍ ଭାବରେ ସେବା ନ ଦେବା ଅଭିଯୋଗ ଆସିବା ପରେ ତାଙ୍କର ଗୋଟିଏ ମାସର ଦରମା ବନ୍ଦ କରିବା ସହିତ କାରଣ ଦର୍ଶାଅ ନୋଟିସ ମାଗିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ମହିଳା ଫାର୍ମାସିଷ୍ଟଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ତାଙ୍କୁ ଅନ୍ୟତ୍ର ବଦଳି କରାଯିବ ବୋଲି ଅଭିଯୋଗକାରୀ ମାନଙ୍କୁ ମନ୍ତ୍ରୀ ଦାଶ ପ୍ରତିଶ୍ରୁତି ଦେଇଥିଲେ।

## ବୀରରାମଚନ୍ଦ୍ରପୁର ଧବଳେଶ୍ୱର ପୀଠରେ ଭକ୍ତ ସମାବେଶ

ସାକ୍ଷୀଗୋପାଳ, ୧୦।୧୧(ଡି.ଏନ୍.ଏ.)

ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର ଗ୍ରାମର ଚତୁର୍ଥ ଖଣ୍ଡିରେ ପୂଜା ପାଉଥିବା ଧବଳେଶ୍ୱରଙ୍କ ପୀଠରେ ରବିବାର ଭକ୍ତ ସମାବେଶ ହୋଇଛି। ପଞ୍ଚୁକ ବ୍ରତ ଓ ବଡ଼ଓଷା କରିଥିବା ଶ୍ରଦ୍ଧାଳୁ ଓ ସାଧାରଣ ଭକ୍ତମାନେ ଠାକୁରଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ଭିଡ଼ ଯୋଗୁ ଧାଡିବାନ୍ଧି ଶ୍ରଦ୍ଧାଳୁମାନେ ମନ୍ଦିର ମଧ୍ୟକୁ ଯାଇଥିଲେ। ମାନସିକ ପୁରଣ ପାଇଁ ବେଲପତ୍ର, ଫୁଲ, ଚନ୍ଦନ, କର୍ପୁର, କେଶର ସହ ଭକ୍ତମାନେ ସୁଗନ୍ଧିତ ଜଳ ଠାକୁରଙ୍କୁ ଲାଗି କରିଥିଲେ। ଭୋର ସମୟରେ ମନ୍ଦିର ଦ୍ୱାର ଉନ୍ମୋଚନ ପରେ ମଙ୍ଗଳ ଆଳତି, ଅବକାଶ ଓ ବାଳଭୋଗ ସମାପନ କରାଯାଇ ଦିନତମାମ ସାହଣମେଳା ଦର୍ଶନ ଚାଲିଥିଲା। ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ଗ୍ରାମର ତୃତୀୟ ଓ ଚତୁର୍ଥ ଖଣ୍ଡି ମହାଜନ କୋଠ କମିଟିର ସଦସ୍ୟ ଓ ଯୁବ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ରହିଥିଲେ।

# ବିଧାୟକଙ୍କୁ ଠିକାଦାର ସଂଘର ଦାବିପତ୍ର

ପୁରୀ ଅଫିସ, ୧୦।୧୧:

ଠିକାଦାରମାନେ ରାଜ୍ୟ ତଥା ରାଷ୍ଟ୍ରର ଭିତ୍ତିଭୂମି ନିର୍ମାଣ, ରାସ୍ତା, କୋଠାବାଡି, ସେତୁ, ଡ୍ରେନେଜ ଏବଂ କଳକାରଖାନା ଆଦି ତିଆରିରେ ମୁଖ୍ୟ ଭୂମିକା ନେଇଥାନ୍ତି। ସରକାରଙ୍କ ଦ୍ୱାରା ପ୍ରଣୀତ ଆଇନ ଅନୁଯାୟୀ ସେମାନେ କାମ କରିଥାନ୍ତି। ମାତ୍ର ଦୀର୍ଘବର୍ଷ ଧରି ସରକାର ଶୋଷଣ କରିବା ସହିତ ସେମାନଙ୍କ ଯୁକ୍ତିଯୁକ୍ତ ଓ ନ୍ୟାୟ ସମ୍ବଳିତ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। ଫଳରେ ଓଡ଼ିଶାର ୫୦ ହଜାରରୁ ଊର୍ଦ୍ଧ୍ୱ ଠିକାଦାରଙ୍କ ଜୀବନ ଜୀବିକା ପ୍ରତି ଆସନ୍ନ ବିପଦ ସୃଷ୍ଟି ହୋଇଛି। ତେଣୁ ଓଡ଼ିଶା କଣ୍ଟ୍ରାକ୍ଟର୍ସ ଆସୋସିଏଶନ ଆହ୍ୱାନକ୍ରମେ ସମଗ୍ର ରାଜ୍ୟରେ ଠିକାଦାରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ପୁରୀ ଜିଲା ଠିକାଦାର ସଂଘ ସଦସ୍ୟମାନେ ରବିବାର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ସାକ୍ଷାତ୍ କରି ସେମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ଜଣାଇବା ସହ ୧୦ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ୨୦୧୪ ମସିହାରେ ସ୍ଥିରୀକୃତ ମୂଲ୍ୟ ସୂଚୀର ପୁନଃ ଆକଳନ, ଭାରତ ସରକାରଙ୍କ ଷ୍ଟାଣ୍ଡାର୍ଡ ଡାଟା ବୁକ୍‌ର ତୁରନ୍ତ ପ୍ରଚଳନ, ଭାରତ ସରକାରଙ୍କ ଟେଣ୍ଡର ନିୟମାବଳୀ କାର୍ଯ୍ୟକାରୀ କରିବା, ବିଭିନ୍ନ କାର୍ଯ୍ୟରେ ରାଜ୍ୟ ସରକାରଙ୍କ ୧୪.୯୯ ପ୍ରତିଶତର ପ୍ରତ୍ୟାହାର, ହାଇକୋର୍ଟଙ୍କ ବର୍ଦ୍ଧିତ ମୂଲ୍ୟ ନିର୍ଦ୍ଧାରଣ ସମ୍ପର୍କିତ ରାୟର ଅନୁପାଳନ ଓ ପ୍ରାପ୍ୟ ପ୍ରଦାନ, ତେଲେଙ୍ଗାନା ସରକାରଙ୍କ ଢାଞ୍ଚାରେ ଜିଏସ୍‌ଟି ପାଇଁ ଅଧିକ ୧୦ ପ୍ରତିଶତ ପ୍ରାପ୍ୟ ପ୍ରଦାନ, କୌଣସି ବାହ୍ୟ ସର୍ତ୍ତ ବ୍ୟତୀତ କେବଳ ଲାଇସେନ୍ସ କ୍ଷମତା ଅନୁଯାୟୀ କାର୍ଯ୍ୟାଦେଶ, ପୂର୍ବ ବ୍ୟବସ୍ଥା ଅନୁସାରେ ବିଭିନ୍ନ ସଞ୍ଚୟ ପତ୍ର ମାଧ୍ୟମରେ ସିକ୍ୟୁରିଟି ପ୍ରଦାନ ଭଳି ୧୦ଟି ଦାବି ରହିଥିଲା। ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରିବା ସମୟରେ ଜିଲା ସଭାପତି ବୀରେନ୍ଦ୍ର କୁମାର ମହାନ୍ତି, ପୁରୀ-ସତ୍ୟବାଦୀ ଜୋନ ସଭାପତି ସୁବ୍ରତ କୁମାର ମହାନ୍ତି, ଜୋନ ଉପସଭାପତି ଅଶୋକ ମିଶ୍ର, ଜୋନ ସମ୍ପାଦକ ଲୋକନାଥ ପଣ୍ଡାଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।



ଠିକାଦାର ସଂଘ ପକ୍ଷରୁ ପୁରୀ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଅମଳା କ୍ଲବର ଭଲିବଲ, କୁଇଜ୍ ପ୍ରତିଯୋଗିତା

ପୁରୀ ଅଫିସ, ୧୦।୧୧ :

ପୁରୀ ଅମଳା କ୍ଲବର ପ୍ଲାଟିନମ ଜୁବୁଲି ବାର୍ଷିକୋତ୍ସବ ଉପଲକ୍ଷେ ଅମଳା କ୍ଲବ ପରିସରରେ ବିଭିନ୍ନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଥିଲା। ସ୍କୁଲସ୍ତରୀୟ ଭଲିବଲ୍ ଓ କଲେଜ ସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭଲିବଲ୍ ପ୍ରତିଯୋଗିତାରେ ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। କାର୍ତ୍ତିୟାନୀ ବିଦ୍ୟାପୀଠ, ଚାଳିଶିବାଡିଆ ବିଜୟୀ ହୋଇଥିବାବେଳେ ରାମହରି ବିଦ୍ୟାପୀଠ ପୁରୀ ସଦର ରନର୍ସଅପ ହୋଇଥିଲା। ସେହିକରି କୁଇଜ୍ ପ୍ରତିଯୋଗିତାରେ ୧୮ଜଣ ଅଂଶଗ୍ରହଣ କରିଥିଲେ। ଏଥିସହିତ ଅଫିସରସ୍ ମ୍ୟାଚ୍‌ରେ କଲେକ୍ଟରେଟ ଚମ୍ପିୟାନ ହୋଇଥିବାବେଳେ ରେଭିନ୍ୟୁ ଓ ଉପଜିଲାପାଳଙ୍କ ମିଳିତ ଟିମ୍ ରନର୍ସ ଅପ ହୋଇଥିଲେ। ଏଥିରେ ସନ୍ତୋଷ ମହାନ୍ତି ଶ୍ରେଷ୍ଠ ଖେଳାଳୀ ହୋଇଥିଲେ।

ମୁଖ୍ୟ ଅତିଥି ଭାବେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ଦାଶ, ଜିଲା କ୍ରୀଡାଧିକାରୀ ଚନ୍ଦନ ସାହୁ, କ୍ଲବ ସଭାପତି ଦିଲୀପ କୁମାର ନାୟକ, ସମ୍ପାଦକ ଦୁର୍ଗା ପ୍ରସନ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନାରେ କ୍ରୀଡା ସଙ୍ଗଠକ ସବ୍ୟସାଚୀ ରଥ, କ୍ରୀଡା ଶିକ୍ଷକ ରାଜକିଶୋର ମହାନ୍ତି, ଅଧାପକ ରଞ୍ଜିତ ମିଶ୍ର, ଗୋପାଳ ଚନ୍ଦ୍ର ପରିଡା, ଲକ୍ଷ୍ମୀପ୍ରିୟା ନାଥ, ରବିନାରାୟଣ ମିଶ୍ର, ଜୟକୃଷ୍ଣ ସୁବୁଦ୍ଧି ଓ ପ୍ରମୋଦ ଚନ୍ଦ୍ର ରଥ ପ୍ରମୁଖ ସହଯୋଗ କରିଥିଲେ। ନଭେମ୍ବର ୧୭ତାରିଖରେ ସ୍କୁଲସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଏବଂ ଡିସେମ୍ବର ୧୫ତାରିଖରେ ବାର୍ଷିକୋତ୍ସବ ଅନୁଷ୍ଠିତ ହେବ।



ଅମଳା ସଂଘ ପକ୍ଷରୁ ଆୟୋଜିତ ଭଲିବଲ୍ ପ୍ରତିଯୋଗିତା।

## ପିପିଡବ୍ଲୁଓ ପକ୍ଷରୁ ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ

ନିମାପଡ଼ା,୧୦।୧୧(ଡି.ଏନ୍.ଏ.):

ନିମାପଡ଼ାସ୍ଥିତ ପିଙ୍ଗଳାକ୍ଷୀ ପବ୍ଲିକ ୱେଲଫେୟାର ଅର୍ଗାନାଇଜେଶନ (ପିପିଡବ୍ଲୁଓ) ପକ୍ଷରୁ ଏକ ଜିଲାସ୍ତରୀୟ ପ୍ରତିଭା ଅନ୍ୱେଷଣ ସମାରୋହ ରବିବାର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ପିପିଡବ୍ଲୁଓର ସଭାପତି ରାଜକିଶୋର ସାପୁତ ଉଦ୍‌ଘାଟନ କରି ଶିଶୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭା, କଳା ଓ ଜ୍ଞାନକୁ ଲୋକଲୋଚନକୁ ଆଣିବା ଅନ୍ୱେଷଣର ମୂଳଲକ୍ଷ୍ୟ ବୋଲି କହିଥିଲେ। ଏଥିରେ ନର୍ସରୀଠାରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା, ଭକ୍ତିସଙ୍ଗୀତ, ନୃତ୍ୟ ଓ ଫ୍ୟାଶନ ଶୋ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ପୁରୀ ଜିଲାର ନିମାପଡ଼ା, ଗୋପ, କାକଟପୁର, ଅସ୍ତରଙ୍ଗ, ପିପିଲି, ପୁରୀ ସଦର ଆଦି ବ୍ଲକର ୪୫ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟର ୫ଶହ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ବାତ୍ୟା ବୁଲ୍‌ବୁଲ ପ୍ରଭାବରେ ଧାନଫସଲ ଧରାଶାୟୀ

ନିମାପଡ଼ା,୧୦।୧୧(ଡି.ଏନ୍.ଏ.):

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ବୁଲବୁଲ ପ୍ରଭାବରେ ଉପକୂଳବର୍ତ୍ତୀ ନିମାପଡ଼ା ଅଞ୍ଚଳରେ ପ୍ରବଳ ବର୍ଷା, ପବନ ଲାଗିରହିଥିଲା। ଯାହାଫଳରେ ସ୍ଥାନୀୟ ବ୍ଲକର ହଜାର ହଜାର ହେକ୍ଟର ଚାଷଜମିରେ ଧାନଫସଲ ଧରାଶାୟୀ ହୋଇପଡିଛି। ଏ ନେଇ ଚାଷୀମାନେ ଚିନ୍ତାରେ ଥିବାବେଳେ ଧାନ ଫସଲ ପଚିସଢ଼ି ଯିବାର ଆଶଙ୍କା ରହିଥିବା ଚାଷୀ ଶରତ ବିଶ୍ୱାଳ, ବାସୁଦେବ ସ୍ୱାଇଁ, ଅଶୋକ ବରାଳ, ପ୍ରକାଶ ପ୍ରଧାନ, ପବିତ୍ର ବରାଳ ପ୍ରମୁଖ କହିଛନ୍ତି। ଶୁକ୍ରବାର ଓ ଶନିବାର ଦିନତମାମ ପବନ, ବର୍ଷା ଲାଗିରହିଥିବାରୁ ବ୍ଲକର ବହୁ ଅଞ୍ଚଳରେ ବିଶେଷ କ୍ଷତି ହୋଇଥିବା ଜଣାପଡିଛି। ଏ ନେଇ ସହକାରୀ କୃଷି ଅଧିକାରୀ ସୁବାସଚନ୍ଦ୍ର ବାରିକ କୁହନ୍ତି, ଆମ କୃଷି କର୍ମଚାରୀମାନେ ବିଭିନ୍ନ ଅଞ୍ଚଳ ବୁଲି ନଷ୍ଟ ଫସଲ ସମ୍ପର୍କର ଅନୁଧ୍ୟାନ କରୁଛନ୍ତି। ସର୍ଭେକ୍ଷଣ ରିପୋର୍ଟ ପ୍ରଦାନ କଲେ ଏହା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ। ଏହି କ୍ଷେତ୍ରରେ କୃଷି ଅଧିକାରୀ ବିହିତ ପଦକ୍ଷେପ ନେବାକୁ ଶତାଧିକ ଚାଷୀ ଦାବି କରିଛନ୍ତି। ଅପରପକ୍ଷେ ଫନୀକୁ ଇତି ମଧ୍ୟରେ ୬ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି ବ୍ଲକର ୨୩ହଜାର ୬୮୭ଜଣ କ୍ଷତିଗ୍ରସ୍ତ ଚାଷୀ ଫସଲହାନି ସହାୟତା ପାଇବାରୁ ବଞ୍ଚିତ ଅଛନ୍ତି।

## ୫୨ୟୁନିଟ ରକ୍ତ ସଂଗ୍ରହ

ପୁରୀ ଅଫିସ, ୧୦।୧୧ :

ସମର୍ପଣ ଏବଂ ପୁରୀ ଓ ଚନ୍ଦନପୁରସ୍ଥିତ ଶ୍ରୀଜଗନ୍ନାଥ ଆଶ୍ରମର ମିଳିତ ଆନୁକୂଲ୍ୟରେ ଦୋଳଗୋବିନ୍ଦପୁର ପ୍ରକଳ୍ପ ବିଦ୍ୟାଳୟ ପରିସରରେ ଏକ ଘରୋଇ ରାଷ୍ଟ୍ରାୟତ ବ୍ୟାଙ୍କ ସହଯୋଗରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୨ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସମାଜସେବା କ୍ଷେତ୍ରରେ ଅବଦାନ ଲାଗି ବସନ୍ତ ସାହୁ, ସହଦେବ ସାହୁ ଓ ସତ୍ୟରଞ୍ଜନ ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ବଂଶୀଧର ମହାନ୍ତି ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ଆଶ୍ରମ ନାରାୟଣ ବାବା ଅଧ୍ୟକ୍ଷ ଡ.ଅଭିମନ୍ୟୁ ଭୂୟାଁ, ଗୀତିକାର ବଦ୍ରି ମିଶ୍ର, ବିଦ୍ୟାଳୟ ପ୍ରଧାନଶିକ୍ଷୟତ୍ରୀ କୁନିମଣି ଦେବୀ, ପ୍ରଶାନ୍ତ ବେହେରା, ବ୍ୟାଙ୍କର ପଦାଧିକାରୀ ସଞ୍ଜୀବ ବିଶ୍ୱାଳ ଓ ଦୁର୍ଗାପ୍ରସାଦ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

■ ସରକାରୀ ସହାୟତା, ଆବାସ ଯୋଜନାରେ ଅନିୟମିତତା

# ବନ୍ଧା ହେବେ ଦୁର୍ନୀତିଗ୍ରସ୍ତ କର୍ମଚାରୀ: ମନ୍ତ୍ରୀ

ଗୋପ, ୧୦।୧୧(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀରେ ବିପନ୍ନମାନଙ୍କୁ ଉପେକ୍ଷା କରାଯାଇଥିବାବେଳେ ଅଯୋଗ୍ୟ ବ୍ୟକ୍ତିମାନେ ସରକାରୀ ସହାୟତା ରାଶି ହାତେଇଥିବା ଓ ଆବାସ ଯୋଜନା ଚଞ୍ଚକତା କରି ସାମିଲ କରାଇଥିବା ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କୁ କ୍ଷମା ଦିଆଯିବ ନାହିଁ। ଦୁର୍ନୀତିରେ ସଂପୃକ୍ତ ଥିବା ସରକାରୀ କର୍ମଚାରୀମାନଙ୍କୁ ବାନ୍ଧିବା ଲାଗି ଖୁବ୍ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ରବିବାର ଗୋପ ଜଳସମ୍ପଦ ବିଭାଗ ଡାକବଙ୍ଗଳାଠାରେ ଆୟୋଜିତ ଜନଶୁଣାଣି ଶିବିରରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି।

ଫନୀରେ ଗୋପ ବ୍ଲକ୍ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥିବାବେଳେ ରାଜସ୍ୱ ବିଭାଗ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ମିଳିତ ଭାବରେ ତଦନ୍ତ କରାଯାଇ ବିପନ୍ନମାନଙ୍କ ତାଲିକା ପ୍ରସ୍ତୁତ କରାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ଦୁଇ ବିଭାଗର ତାଳମେଳ ରହି ନ ଥିଲା। ଏହାର ସୁଯୋଗ ନେଇ କେତେକ ଦଲାଲ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ହାତ କରି ପ୍ରଭାବଶାଳୀ ବ୍ୟକ୍ତି ଏବଂ ଅଯୋଗ୍ୟ ହିତାଧିକାରୀ ସମ୍ପୂର୍ଣ୍ଣ ଘରଭଙ୍ଗା କ୍ଷତିବାବଦ ସହାୟତା ରାଶି ୯୫,୧୦୦ ଟଙ୍କା ପାଇଥିଲେ। ଏ ନେଇ ବିଭିନ୍ନ ସମୟରେ ଯୋଗ୍ୟ ବିପନ୍ନମାନେ ଅଭିଯୋଗ କରୁଥିବାବେଳେ ତହସିଲ ଘେରାଉ କରିବା ସହିତ ତାଲା ପକାଇ ଦେଇଥିଲେ। ସେହିପରି ଫନୀ ପରେ ଗୋପ ବ୍ଲକ୍‌କୁ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଆବାସ ଗୃହ ଆସିଥିବାବେଳେ ଏଥିରେ ଅଯୋଗ୍ୟ ବ୍ୟକ୍ତିଙ୍କୁ ସାମିଲ କରାଯିବାବେଳେ ଜିଓ ଟ୍ୟାଗିଂରେ ବ୍ୟାପକ ଅନିୟମିତତା କରାଯାଇଛି। ଏପରିକି ବିଭିନ୍ନ ସ୍ଥାନରେ ଅର୍ଥ କାରବାର ହୋଇଥିବା ନେଇ ଅଭିଯୋଗ ହାଇଥିଲା। ଏହି ଅବସରରେ ମନ୍ତ୍ରୀ ଜନଶୁଣାଣୀ କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଶୁଣିଥିବାବେଳେ କାର୍ଯ୍ୟକ୍ରମ ଶେଷରେ ଅଣରା ଇଚ୍ଛାପୁର ପଞ୍ଚାୟତର ଭାଜପା ଓ କଂଗ୍ରେସର ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।